# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୩/୨୦୨୪ (୨୦ ପୃଷ୍ଠା) | Bhubaneswar, Wednesday, January 3/2024 | Page 20 | ₹ 7.00

୫୦ଶ ଭାଗ ୪୧ ସଂଖ୍ୟା | www.orissaksshabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 41 | ମୂଲ୍ୟ ₹୭/-



ଆମ ଓଡ଼ିଶା ନବୀନ ଓଡ଼ିଶା | ଓଡ଼ିଶା ସରକାର | 5T

DSPL-500

‘ନବୀନ ଓଡ଼ିଶା’ର ବିକାଶ ଧାରାରେ ଆଜି ବିକଶିତ

# ବଲାଙ୍ଗିର ଜିଲ୍ଲା

## ପରବର୍ତ୍ତୀ ପର୍ଯ୍ୟାୟର ରୂପାନ୍ତରଣ ॥ ଆଗଧାଡ଼ିର ବିକାଶ

## ଲୋକାର୍ପଣ

## ୨୭୨୩ କୋଟି ଟଙ୍କା ବ୍ୟୟରେ ନିର୍ମିତ
## ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ

- ୫୨୮୪ କି.ମି. ଦୀର୍ଘ ଜଳସେଚନ ବ୍ୟବସ୍ଥା
- ୧ ଲକ୍ଷ ଏକର ସେଚ୍ୟାଞ୍ଚଳ
- ସୁବର୍ଣ୍ଣପୁର ସମେତ ବଲାଙ୍ଗିର ଜିଲ୍ଲାର ୨୦୦ରୁ ଅଧିକ ଗ୍ରାମର ୮୦ ହଜାରରୁ ଅଧିକ କୃଷକଙ୍କ ପାଇଁ ଜଳସେଚନ ସୁବିଧା
- ବଲାଙ୍ଗିର ଜିଲ୍ଲାର ୨ଟି ସହରାଞ୍ଚଳର ୭୦ ହଜାର ଜନସଂଖ୍ୟା ପାଇଁ ପାନୀୟ ଜଳ ବ୍ୟବସ୍ଥା

### ଉଦ୍‌ଘାଟନ
୩୦୫ କୋଟି ଟଙ୍କାର
୬୯ଟି ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ

### ଭିତ୍ତିପ୍ରସ୍ତର
୨୨୨୦ କୋଟି ଟଙ୍କାର
୧୧୨ଟି ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ





କୃଷି, ଜଳସେଚନ, ଜୀବିକା, ପାନୀୟ ଜଳ ଯୋଗାଣ ସହିତ
ଭିତ୍ତିଭୂମି ଉନ୍ନୟନ କ୍ଷେତ୍ରରେ ଆଜି ବିକାଶର ଆଗ ଧାଡ଼ିରେ ବଲାଙ୍ଗିର





LOWER SUKTEL DAM

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**ଙ୍କ
ଦ୍ୱାରା
**ଶୁଭାରମ୍ଭ**
୩ ଜାନୁଆରୀ ୨୦୨୪

OIPR 32333/13/0007/2324

ଜିଲ୍ଲା ପ୍ରଶାସନ, ବଲାଙ୍ଗିର

# ଏୟାରପୋର୍ଟରେ ୨ ବିମାନ ଧକ୍କା: ୫ ମୃତ

**ଟୋକିଓ,୨।୧**

ଟୋକିଓର ହାନେଡା ଏୟାରପୋର୍ଟରେ ଜାପାନ ଏୟାରଲାଇନ୍ସର ଏକ ବିମାନ ମଙ୍ଗଳବାର ତଟସୁରକ୍ଷା ବାହିନୀ ବିମାନକୁ ଧକ୍କାଦେଇ ଜଳିଯାଇଛି। ଏହି ଦୁର୍ଘଟଣାରେ ତଟସୁରକ୍ଷା ବାହିନୀର ୫ ଯବାନଙ୍କ ମୃତ୍ୟୁ ଘଟିଛି। ତେବେ ଏୟାରବସ୍ ବିମାନରେ ଥିବା ସମସ୍ତ ୩୬୭ ଯାତ୍ରୀ ଏବଂ ୧୨ କର୍ମଚାରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ତଟସୁରକ୍ଷା ବିମାନର ଜଣେ ଯବାନ ସୁରକ୍ଷିତ ଥିବା ଜଣାପଡ଼ିଛି। ତେବେ ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ।

ମିଳିଥିବା ରିପୋର୍ଟ ଅନୁଯାୟୀ, ଜାପାନର ଭୂକମ୍ପ ଦୁର୍ଗତମାନଙ୍କୁ ସହାୟତା କରିବା ନିମନ୍ତେ ତଟସୁରକ୍ଷା ବିମାନ ହାନେଡ଼ା ଏୟାରପୋର୍ଟରୁ ଯିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଜାପାନ ଏୟାରଲାଇନ୍ସ ବିମାନ ଏହାକୁ ଧକ୍କା ଦେଇଥିଲା। ତଟସୁରକ୍ଷା ବାହିନୀ ଘଟଣାର ସବିଶେଷ ତଦନ୍ତ ଚଳାଇଛି। ଏୟାରବସ୍ ବିମାନଟି ଜଳୁଥିବାବେଳେ ଏହାର କ୍ୟାବିନ୍ ଧୂଆଁରେ ଭର୍ତ୍ତି ହୋଇଥିବାର ଫଟୋ ଜଣେ ଯାତ୍ରୀ ସୋସିଆଲ ମିଡିଆରେ ଛାଡ଼ିଛନ୍ତି। ବିମାନ ଜଳୁଥିବା ଦୃଶ୍ୟ ଟେଲିଭିଜନରେ ମଧ୍ୟ ଦେଖିବାକୁ ମିଳିଛି। ରନ୍‌ୱେରେ ମଧ୍ୟ ବିମାନର ଜଳନ୍ତା ଅଂଶ ପଡ଼ିରହିଛି। ନିଆଁଲିଭା କାର୍ଯ୍ୟରେ ୭୦ଟି ଦମକଳକୁ ନିୟୋଜିତ କରାଯାଇଛି। ଘଟଣାର ତଦନ୍ତ କରାଯାଉଥିବା ଭିତ୍ତିଭୂମି, ପରିବହନ ଓ ପର୍ଯ୍ୟଟନ ମନ୍ତ୍ରଣାଳୟ କହିଛି। ସୂଚନାଯୋଗ୍ୟ, ୧୯୮୫ରେ ଜାପାନରେ ବିଶ୍ୱର ସବୁଠୁ ମର୍ମନ୍ତୁଦ ବିମାନ ଦୁର୍ଘଟଣା ଘଟିଥିଲା। ଟୋକିଓରୁ ଓସାକା ଯାଉଥିବା ଏକ ଜୁମ୍ବୋ ବିମାନ କେନ୍ଦ୍ରୀୟ ଗୁନ୍‌ମା ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୫୨୦ ଯାତ୍ରୀ ଓ ବିମାନ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା।



ଟୋକିଓର ହାନେଡା ଏୟାରପୋର୍ଟରେ ତଟସୁରକ୍ଷା ବାହିନୀ ବିମାନକୁ ଧକ୍କାଦେବା ପରେ ଜାପାନ ଏୟାରଲାଇନ୍ସର ବିମାନ ଜଳିଯାଇଛି।

# ସିଇସି, ଇସି ନିଯୁକ୍ତି ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ,୨।୧(ପି.ଟି.)**

ଦେଶର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର(ଇସି) ନିଯୁକ୍ତି ପାଇଁ ସରକାର ଆଣିଥିବା ନୂଆ ଆଇନକୁ ନେଇ ରାଜନୈତିକ ବିବାଦ ଲାଗି ରହିଥିବାବେଳେ ଏହାର ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ସିଇସି ଏବଂ ଇସି ନିଯୁକ୍ତି ପାଇଁ ଗଠନ ହେବାକୁ ଥିବା ଚୟନ କମିଟିରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ବାଦ୍ ଦିଆଯାଇଥିବାରୁ ଏହାକୁ ନେଇ ରାଜନୈତିକ ବିବାଦ ଦେଖାଦେଇଛି। ନିର୍ବାଚନ ଆୟୁକ୍ତମାନଙ୍କୁ ନିଯୁକ୍ତି ଦେବାରେ କେନ୍ଦ୍ର ସରକାର କ୍ଷମତା ହାତମୁଠାକୁ ନେବାକୁ ଉଦ୍ୟମ କରିଛନ୍ତି। ତେଣୁ ନୂଆ ଆଇନକୁ ରଦ୍ଦ କରାଯିବାକୁ ଆଇନଜୀବୀ ଗୋପାଳ ସିଂ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଛନ୍ତି। ନିରପେକ୍ଷ ଓ ସ୍ୱଚ୍ଛ ଚୟନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆଇନଜୀବୀ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ସିଇସି ଏବଂ ଇସି ନିଯୁକ୍ତି ପାଇଁ ଗଠନ ହେବାକୁ ଥିବା ଚୟନ କମିଟିରେ ପ୍ରଧାନମନ୍ତ୍ରୀ ଅଧ୍ୟକ୍ଷ ଥିବାବେଳେ ଗୃହର ବିରୋଧୀ ଦଳ ନେତା ଓ ଜଣେ କେନ୍ଦ୍ରମନ୍ତ୍ରୀ ସଦସ୍ୟ ରହିବେ। ଚୟନ କମିଟିରୁ ସିଜେଆଇଙ୍କୁ ବାଦ୍ ଦେଇ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ବିରୋଧୀ ଦଳ ଅଭିଯୋଗ କରିଛନ୍ତି। ଚୟନ କମିଟିରେ ପ୍ରଧାନମନ୍ତ୍ରୀ, ଲୋକ ସଭାର ବିରୋଧୀ ଦଳ ନେତା ଏବଂ ସିଜେଆଇଙ୍କୁ ରଖିବା ନିମନ୍ତେ ସୁପ୍ରିମକୋର୍ଟ ୨୦୨୩ ମାର୍ଚ୍ଚରେ ନିର୍ଦ୍ଦେଶ ଦେଇଥିଲେ।









































































# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୩/୨୦୨୪ | Bhubaneswar, Wednesday, January 3/2024




**ଆଜିର ମନ୍ତବ୍ୟ**

ଭାରତୀୟ ହିନ୍ଦୁ ଓ ମୁସଲମାନମାନଙ୍କ ଡିଏନ୍ଏ ସମାନ। ଅଯୋଧ୍ୟା ରାମମନ୍ଦିରର କେହି ଯେପରି କ୍ଷତି କରିପାରିବେ ନାହିଁ, ଯୁବପିଢ଼ି ସେନେଇ ଶପଥ ନିଅନ୍ତୁ। –ଗିରିରାଜ ସିଂ, କେନ୍ଦ୍ରମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥିଲେ ବାଘର ଆହାର
ନ ଥିଲେ ପବନ ଆହାର।**

ନିଜର ଆର୍ଥିକ ଅବସ୍ଥାକୁ ବୁଝି ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଥିବା ଦରିଦ୍ର ଲୋକର ଚରିତ୍ର ଏପରି ହୋଇଥାଏ। ପାଖରେ ଅର୍ଥ ଥିଲାବେଳେ ସେ ମହା ଆନନ୍ଦରେ ଖାଇପିଇ ଚଳିଥାଏ। ସେହିପରି ଅର୍ଥ ଅଭାବ ସମୟରେ ସେ ଭୋକ ଉପାସରେ ପଡ଼ି ରହିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଥଲଥଲିଆ ଥନ୍ତଲ ପେଟା
ଏମାନଙ୍କ ବୁଦ୍ଧି ସବୁଠୁଁ ମୋଟା।**

ଥନ୍ତଲ ପେଟ ଥିବା ବ୍ୟକ୍ତି ବା ପେଟୁଆ ବ୍ୟକ୍ତିଙ୍କୁ ସମାଲୋଚନା। ଏପରି ବ୍ୟକ୍ତି ସାଧାରଣତଃ ମୋଟା ବୁଦ୍ଧିଆ ହୋଇଥାନ୍ତି ବୋଲି ଏଠାରେ ଚିତ୍ରଣ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ





ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଘନ କୁହୁଡ଼ି: ବସ୍–ଟ୍ରକ୍ ମୁହାଁମୁହିଁ, ୩ ମୃତ

କଟକ/ନିଶ୍ଚିନ୍ତକୋଇଲି,୨।୧ (ଶିଳ୍ପା ପ୍ରିୟଦର୍ଶିନୀ/ ଅଶୋକ କୁମାର ମହାପାତ୍ର/ ରମାକାନ୍ତ ମହାନ୍ତି)

ଘନ କୁହୁଡ଼ି ଯୋଗୁ କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟକ–ଚାନ୍ଦବାଲି ରାସ୍ତାର କଟରପଡ଼ାଛକ ନିକଟରେ ମଙ୍ଗଳବାର ସକାଳେ ଯାତ୍ରୀବାହୀ ବସ୍ ଏବଂ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୧ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୧୫ଜଣଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିବାବେଳେ ଅନ୍ୟ ଆହତଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଦୁର୍ଘଟଣା ଖବର ପାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ନିକଟତମ ଆତ୍ମୀୟଙ୍କ ପାଇଁ ୩ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଦୁର୍ଘଟଣାରେ ଗୁରୁତର ଓ ଆହତଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଖବର ପାଇ ସ୍ଥାନୀୟ ବିଧାୟକ, କଟକ ଜିଲାପାଳ,ଏସ୍‌ପି ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଡାକ୍ତରଖାନାରେ ଆହତ ଓ ମୃତକଙ୍କ ପରିବାରଙ୍କ ସହ ଆଲୋଚନା କରିଛନ୍ତି। ମିଳିଥିବା ସୂଚନା ଅନୁସାରେ, ମନୋରମା (ନଂ. ଓଡି ୨୯–ବି–୪୭୬୬) ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ମଙ୍ଗଳବାର ସକାଳେ ଚାନ୍ଦବାଲିରୁ ପ୍ରାୟ ୬୦ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଘନ କୁହୁଡ଼ି ହୋଇଥିବାରୁ ସକାଳ ପ୍ରାୟ ସାଢ଼େ ୭ଟାରେ କଟକ–ଚାନ୍ଦବାଲି ରାସ୍ତାର କଟରପଡ଼ାଛକ ନିକଟ କଳାପୋଲଠାରେ ବିପରୀତ ଦିଗରୁ ଅର୍ଥାତ୍ କଟକରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ମାଲ୍‌ବୋଝେଇ ଟ୍ରକ୍(ନଂ. ଆର୍‌ଜେ୧୭–ଜିବି–୦୦୨୨) ସହ ବସ୍‌ଟି ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଆହତଙ୍କ କରୁଣ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗି ପଡ଼ିଥିଲେ। ଖବରପାଇ ନିଶ୍ଚିନ୍ତକୋଇଲି ଥାନା ପୋଲିସ ଓ ଅଗ୍ନିଶମ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି ଯୋଗେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଦୀର୍ଘ ୪ ଘଣ୍ଟା ଅକ୍ଲାନ୍ତ ପରିଶ୍ରମ ପରେ ଉଭୟ ବସ୍ ଓ ଟ୍ରକ୍‌ରେ ଚାପି ହୋଇ ରହିଥିବା ଆଳି ଥାନା ବଡ଼ଅଙ୍କ ଗ୍ରାମର ଅନସୂୟା ବାରିକ(୨୧), ରାଜକନିକା ଥାନା ଓଡ଼ିଗିରିଆ ଗ୍ରାମର ନଳିନୀକାନ୍ତ ଗାହାଣ(୨୨) ଓ ଟ୍ରକ୍ ଚଳାଉଥିବା ରାଜସ୍ଥାନର ମୋହନ ଲାଲ୍‌ଙ୍କୁ କଟର ସାହାଯ୍ୟରେ ଗାଡ଼ିକୁ କଟାଯାଇ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଗୁରୁତର ଅଜୟ ମହାନ୍ତି, ସେକ୍ ସବିର, ନିରୁପମା ସାହୁ, ସଙ୍ଘମିତ୍ରା ରାଉତ, ଆଶୀର୍ବାଦ ଦାସ, ରୋଶନ କୁମାର ସାହୁ, ସ୍ୱରୂପାନନ୍ଦ ଦଳେଇ, ଶୁଭ୍ରଜିତ ଦଳେଇ, ରାଜକିଶୋର ବାରିକଙ୍କୁ ପ୍ରଥମେ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା। ପରେ ଅନ୍ୟ ୬ଜଣଙ୍କୁ ମଧ୍ୟ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ କଟକ ଏସ୍‌ସିବିରୁ ୧୦ଜଣ ଡିସ୍‌ଚାର୍ଜ ହୋଇଥିବାବେଳେ ୫ଜଣ ଚିକିତ୍ସାଧୀନ ଅଛନ୍ତି। ଉଦ୍ଧାର କାର୍ଯ୍ୟରେ ୩ ଦମକଳ ବାହିନୀର କର୍ମଚାରୀ ଓ ୪ଟି ୧୦୮ ଆମ୍ବୁଲାନ୍ସ ସାମିଲ ହୋଇଥିଲେ।



## ■ ଶୋକବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ
## ■ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ସହାୟତା ଘୋଷଣା

ଖବର ପାଇ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ କୁମାର ଓଝା, କଟକ ଜିଲାପାଳ ନରହରି ସେଠୀ, ଉପଜିଲାପାଳ କମଳଜିତ୍ ଦାସ, ସିଡିଏମ୍‌ଓ ମକରନ୍ଦ ବେଉରା, କଟକ ଜିଲା ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକାରୀ କୃଷ୍ଣଚନ୍ଦ୍ର ପଟ୍ଟନାୟକ,ଏସ୍‌ଡିପିଓ ନୀହାର ରଞ୍ଜନ ପ୍ରଧାନ, ନିଶ୍ଚିନ୍ତକୋଇଲି ତହସିଲ୍‌ଦାର ଦିଲୀପ କୁମାର ନାୟକ, ବିଡିଓ ଧର୍ମରଞ୍ଜନ ପଣ୍ଡା ପ୍ରମୁଖ ବହୁ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ଯୋଗୁ କଟକ–ଚାନ୍ଦବାଲି ରାସ୍ତାରେ ବାଧାପ୍ରାପ୍ତ ହୋଇଥିବା ଗମନାଗମନ ପ୍ରାୟ ୪ଘଣ୍ଟା ପରେ ସ୍ୱାଭାବିକ ହୋଇଥିଲା। ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ ନିଜଆଡୁ ଏକ ମାମଲା(ନଂ.୧/୨୦୨୪) ରୁଜୁ କରିଥିଲେ। ୨ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଯାଇଥିବାବେଳେ ଟ୍ରକ ଚାଳକ ବାହାର ରାଜ୍ୟର ହୋଇଥିବାରୁ ତାଙ୍କ ପରିବାର ସଦସ୍ୟ ଆସିଲେ ମୃତଦେହ ଚିହ୍ନଟ ପରେ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ବୋର୍‌ୱେଲରୁ ଉଦ୍ଧାର ଶିଶୁକନ୍ୟାର ମା’ଙ୍କ ପରିଚୟ ମିଳିଲା

ସମ୍ବଲପୁର,୨।୧ (ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଙ୍ଗାଲି ଅଞ୍ଚଳର ଏକ ବୋର୍‌ୱେଲରୁ ଗତ ୧୨ରେ ଉଦ୍ଧାର ହୋଇ ଭିମ୍‌ସାରରେ ଚିକିତ୍ସାଧୀନ ଥିବା ଶିଶୁକନ୍ୟା ‘ବିଜୟିନୀ’ର ମା’ଙ୍କ ପରିଚୟ ମିଳିଛି। ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ କହିଛନ୍ତି, ଶିଶୁକନ୍ୟା ଉଦ୍ଧାର ହେବାର ତିନିଦିନ ମଧ୍ୟରେ ମା’ଙ୍କୁ ଚିହ୍ନଟକରି ପଚରାଉଚରା ପାଇଁ ଥାନାକୁ ଅଣାଯାଇଥିଲା। ସେତେବେଳେ ଶିଶୁକନ୍ୟା ତାଙ୍କର ବୋଲି ସେ ସ୍ୱୀକାର କରିଥିଲେ। ସେ ସ୍ଥାନୀୟ ଅଞ୍ଚଳର ଓ ବିବାହିତା। ହେଲେ ସେ ତାଙ୍କ ସଦ୍ୟ ଜନ୍ମିତ ଶିଶୁକନ୍ୟାକୁ ବୋର୍‌ୱେଲରେ ପକାଇବାର କାରଣ ନେଇ କହିପାରି ନ ଥିଲେ। ଶାରୀରିକ ଓ ମାନସିକ ଭାବେ ଅସୁସ୍ଥ ଥିବାରୁ ତାଙ୍କୁ ଚିକିତ୍ସା ପାଇଁ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଡାକ୍ତରଖାନାରୁ ଫେରିବା ପରେ ଅଧିକ ତଦନ୍ତ କରାଯିବ। ଘଟଣାର ତିନିଦିନ ପରେ ଶିଶୁର ମା’ ଚିହ୍ନଟ ହୋଇଥିବାବେଳେ ଦୀର୍ଘ ୨୦ଦିନ ପରେ ଏ ସମ୍ପର୍କରେ ପୋଲିସର ପ୍ରଘଟ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହିଳା ଜଣକ ଯଦି ଶିଶୁକୁ ଆପଣେଇବାକୁ ଚାହିଁବେ ତା’ହେଲେ କ’ଣ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପଚରାଯିବାରେ ସେ କହିଥିଲେ, କାହିଁକି ଓ କେଉଁ ପରିସ୍ଥିତିରେ ଶିଶୁକନ୍ୟାକୁ ସେ ବୋର୍‌ୱେଲ ମଧ୍ୟରେ ପକାଇଲେ ତାହା ଜଣାପଡ଼ିବା ପରେ ପୋଲିସ ଆବଶ୍ୟକ ପଦକ୍ଷେପ ନେବ। ବର୍ତ୍ତମାନ ମା’ ଓ ଶିଶୁ ପରସ୍ପର ପାଇଁ ଆବଶ୍ୟକ। ଆପରାଧିକ ମନୋଭାବରେ ଏହି ଘଟଣାକୁ ରୂପ ଦିଆଯାଇଥିବା ପ୍ରମାଣିତ ହେଲେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ୨୦ ଫୁଟ୍ ତଳକୁ ଖସି ଯୁବକ ମୃତ

**ବାଇକ୍‌କୁ ଧକ୍କା ଦେଲା କାର୍**

ଭଦ୍ରକ,୨।୧ (ସନାତନ ରାଉତ)

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଚରମ୍ପା ଓଭରବ୍ରିଜରେ ମଙ୍ଗଳବାର ଏକ କାର୍ ଧକ୍କା ଦେବାରୁ ବାଇକ୍ ସହ ୨୦ ଫୁଟ୍ ତଳକୁ ଖସପଡ଼ିଲେ ଯୁବକ। ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଧାମନଗର ବ୍ଲକ ପାଳସାହି ଗ୍ରାମର ଆଲୋକ ମହାନ୍ତି(୨୭)। ତାଙ୍କ ସହ ଥିବା ଉକ୍ତ ଗାଁର ଜଣେ ଯୁବତୀ ମଧ୍ୟ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଦିନ ପ୍ରାୟ ଗୋଟାଏ ବେଳେ ସେମାନେ ବାଇକ୍‌ରେ ଚରମ୍ପା ଆଡ଼କୁ ଯାଉଥିବା ବେଳେ ପୁରୀରୁ କୋଲକାତା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କାର୍ (ଡବ୍ଲୁବି ୨୪ବିଜି ୬୦୩୩) ଓଭରବ୍ରିଜ୍ ଉପରେ ବାଇକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ପଛରେ ବସିଥିବା ଯୁବତୀ ରାସ୍ତା ଉପରେ ଖସି ପଡ଼ିଥିବା ବେଳେ ବାଇକ୍ ସହ ଆଲୋକ ଓଭରବ୍ରିଜର ୨୦ ଫୁଟ ତଳକୁ ଖସିପଡ଼ିଥିଲେ। ଗୁରୁତର ଯୁବତୀଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା କାର୍‌କୁ ଅଟକ ରଖିଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କାର୍ ଡ୍ରାଇଭର ଥାନାରେ ଅଟକ ଅଛନ୍ତି।

# ନିଖୋଜ ଶିଶୁପୁତ୍ରର ମୃତଦେହ ପୋଖରୀରୁ ଉଦ୍ଧାର

ସୋର, ୨।୧(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ସୋର ମ୍ୟୁନିସପାଲିଟି ଅଧୀନ ରାଇପୁର ଗ୍ରାମର ମୋହନ ସାହୁଙ୍କ ୩ବର୍ଷର ପୁଅ ଶୋଭମ ସୋମବାର ପୂର୍ବାହ୍ନ ୧୦ଟା ବେଳେ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ତାଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରାଯାଇଛି। ଶୋଭମ ତାଙ୍କ ଭଉଣୀଙ୍କ ସହିତ ଖେଳୁଥିବା ବେଳେ ଭଉଣୀ ଭାଇକୁ ଛାଡିଦେଇ ଘରକୁ ପଳାଇ ଆସିଥିଲେ। ତେବେ ପରିବାର ଲୋକ ହଠାତ୍ ପିଲାକୁ ସାମ୍ନାରେ ନ ପାଇବାରୁ ସ୍ଥାନୀୟ ଗାଡିଆ ପୋଖରୀରେ ଖୋଜାଖୋଜି କରିଥିଲେ। ପରେ ସୋର ଥାନାରେ ଅଭିଯୋଗ କରିବା ସହିତ ଦମକଳବାହିନୀକୁ ଖବର ଦେଇଥିଲେ। ସୋର ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ମଙ୍ଗଳବାର ସକାଳେ ସ୍ଥାନୀୟ ପୋଖରୀରୁ ଦମକଳ ବାହିନୀ ଶିଶୁର ମୃତଦେହ ଜବତ କରିଥିଲେ। ସୋର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି।

# ଦେବ୍ରିଗଡ଼ ଅଭୟାରଣ୍ୟ, ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ ସ୍ୱଦେଶ ଦର୍ଶନ ଯୋଜନାରେ ସାମିଲ

ଭୁବନେଶ୍ୱର,୨।୧(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରଗଡ଼ ଜିଲାରେ ଅବସ୍ଥିତ ଦେବ୍ରିଗଡ଼ ଅଭୟାରଣ୍ୟ ସମେତ ଦେଶର ମହାନ୍ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ସମ୍ବଲପୁର ଜିଲା ଖିଣ୍ଡା ଗ୍ରାମାଞ୍ଚଳର ବିକାଶ ପାଇଁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜି.କିଷାନ ରେଡ୍ଡୀଙ୍କୁ ଚିଠି ଲେଖିଥିଲେ। ଏହାପରେ ଏହି ଦୁଇ ସ୍ଥାନକୁ ଭାରତ ସରକାରଙ୍କ ସ୍ୱଦେଶ ଦର୍ଶନ ଯୋଜନା ୨.୦ରେ ସାମିଲ କରାଯାଇଛି। ଓଡ଼ିଶାର ଦେବ୍ରିଗଡ଼ ସମେତ ଖିଣ୍ଡା ଗ୍ରାମକୁ ବିଶେଷ ଆକର୍ଷଣୀୟ ସ୍ଥାନ ଭାବେ ସ୍ୱଦେଶ ଦର୍ଶନ ୨.୦ରେ ସାମିଲ କରାଯାଇଛି ବୋଲି ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଚିଠି ପ୍ରକାଶ ପାଇଛି। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଭାଗୀୟ ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଧର୍ମେନ୍ଦ୍ର ଗତ ଡିସେମ୍ବର ୧୧ରେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଏ ସମ୍ପର୍କରେ ଚିଠି ଲେଖି ଦେବ୍ରିଗଡ଼ ଓ ଖିଣ୍ଡା ଗ୍ରାମରେ ପର୍ଯ୍ୟଟନ ଭିତ୍ତିଭୂମି ଏବଂ ସୁବିଧାର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ମଞ୍ଜୁର ନିମନ୍ତେ ଅନୁରୋଧ କରିଥିଲେ। ସେ ଚିଠିରେ ଦର୍ଶାଇଥିଲେ , ବରଗଡ଼ ଜିଲାରେ ଅବସ୍ଥିତ ଦେବ୍ରିଗଡ଼ ଅଭୟାରଣ୍ୟ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ। ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡିକରେ ହୀରାକୁଦ, ହୁମା ମନ୍ଦିର ଭଳି ପର୍ଯ୍ୟଟନ ସ୍ଥଳ ଥିବାବେଳେ ସମ୍ବଲପୁର ଜିଲା ଦେଶ ଏବଂ ଦେଶ ବାହାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ଯଥାର୍ଥ ସମ୍ଭାବନା ରଖୁଛି। ସେହିପରି ଖିଣ୍ଡା ହେଉଛି ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମସ୍ଥାନ। ୧୮୫୭ ମସିହା ବ୍ରିଟିଶ ବିରୋଧୀ ଲଢ଼େଇରେ ସୁରେନ୍ଦ୍ର ସାଏ ନେତୃତ୍ୱ ନେଇଥିଲେ ଏବଂ ୪୦ ବର୍ଷ ଧରି ଅଧିକ ସମୟ ଜେଲରେ ବନ୍ଦୀ ହୋଇ ରହିଥିଲେ। ତାଙ୍କ ସ୍ମୃତିରେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ବିମାନବନ୍ଦରକୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ନାମିତକରି ଏହି ମହାନ୍ ସଂଗ୍ରାମୀଙ୍କୁ ସମ୍ମାନ ଦେଇଛନ୍ତି। ଏହି ଗ୍ରାମର ବିକାଶ ହେଲେ ତାଙ୍କ ଜନ୍ମସ୍ଥାନକୁ ଆସି ଲୋକମାନେ ସୁରେନ୍ଦ୍ର ସାଏଙ୍କ ଜୀବନୀ ଓ ସଂଘର୍ଷର କାହାଣୀ ଜାଣିପାରିବେ। ଏହାଦ୍ୱାରା ରୋଜଗାର ସୃଷ୍ଟିହେବା ସହ ସ୍ଥାନୀୟ ଅଞ୍ଚଳର ସଂସ୍କୃତି ଓ ଐତିହ୍ୟର ପ୍ରସାର ହୋଇପାରିବ ବୋଲି ଧର୍ମେନ୍ଦ୍ର ଚିଠିରେ ଉଲ୍ଲେଖ କରିଥିଲେ। ଉଲ୍ଲେଖଯୋଗ୍ୟ, ଗତବର୍ଷ ଅକ୍ଟୋବର ୨୩ରେ ଧର୍ମେନ୍ଦ୍ର ଖିଣ୍ଡା ଗସ୍ତରେ ଥିବାବେଳେ ଏହି ଗ୍ରାମର ସୌନ୍ଦର୍ଯ୍ୟକରଣ ସହ ଏହାକୁ ଏକ ଦର୍ଶନୀୟ କେନ୍ଦ୍ରରେ ପରିଣତ କରିବା ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ।

**କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ଧର୍ମେନ୍ଦ୍ର**



# ବଡ଼ଭାଇ ଗୁଳି ମାଡ଼ରେ ସାନଭାଇ ମୃତ

ରାଉରକେଲା/ବିଶ୍ରା,୨।୧ (ସଙ୍ଗୀତା ଜେନା/ବଟକୃଷ୍ଣ ସ୍ୱାଇଁ)

ରାଉରକେଲା ବିଶ୍ରା ଥାନା ଅଧୀନ କୋଏଲନଦୀ କୂଳ ତେତରକେଲା ଗ୍ରାମରେ ସୋମବାର ନୂଆବର୍ଷ ଭୋଜି ଚାଲିଥିବା ବେଳେ ବଡ଼ଭାଇ ଗୁଳି ମାଡ଼ରେ ସାନଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କ୍ଷୀରୋଦ୍ଧର ସିଂ ଓରଫ୍ ସୂର୍ଯ୍ୟ ସିଂ(୨୬)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ତଦନ୍ତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଅନ୍ୟ ଜଣେ ଫେରାର ଅଛନ୍ତି। ପୋଲିସ ଏ ନେଇ ଏକ ହତ୍ୟା ମାମଲା (ନଂ.୧/୨୪) ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନା ଅନୁସାରେ, ନୂଆବର୍ଷ ପାଇଁ ସୋମବାର ସନ୍ଧ୍ୟାରେ କ୍ଷୀରୋଦ୍ଧର, ତାଙ୍କ ବଡ଼ ଭାଇ ଓ ଅନ୍ୟ ୫ଜଣ ତେତରକେଲା ଗ୍ରାମରେ ଭୋଜି କରିଥିଲେ। ଏହି ସମୟରେ କୌଣସି କାରଣରୁ ସେଠାରେ ଗୁଳି ଫୁଟିଥିଲା। ସ୍ଥାନୀୟ ଲୋକେ କ୍ଷୀରୋଦ୍ଧରଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ସକାଳେ ଡିଏସ୍‌ପି ଅନୀଲ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ଆଇଜିଏଚ୍ ମର୍ଗରେ ମୃତଦେହର ପଞ୍ଚନାମା ହୋଇଥିଲା। ତେବେ ଗୁଳିକାଣ୍ଡରେ ବ୍ୟବହୃତ ପିସ୍ତଲ ଜବତ ହୋଇନାହିଁ। ଏହା ମିଳିବା ପରେ କେମିକାଲ ଓ ବାଲେଷ୍ଟିକ ଟେଷ୍ଟ ରିପୋର୍ଟ ଆଧାରରେ ସୂଚନା ପ୍ରଦାନ କରାଯିବ। ସେହିପରି ଭୋଜିରେ ନିଶାସକ୍ତ ହୋଇ ଏପରି ଅଘଟଣ ଘଟିଥିବା ଡିଏସ୍‌ପି ପ୍ରଧାନ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ସପ୍ତମାଧିପତି ବଳହୀନ ଯୋଗୁ କର୍ମକ୍ଷେତ୍ରରେ ବିରୋଧୀ ପକ୍ଷ ଦୁର୍ବଳ ରହିବେ। ଯାତ୍ରା, ବାଣିଜ୍ୟ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ମଙ୍ଗଳ ଉଚ୍ଚାଂଶରେ ରହିଥିବାରୁ ଶାରୀରିକ ଅସୁସ୍ଥତା ଦୂରହେବ ଏବଂ ଆରୋଗ୍ୟଲାଭ କରିବେ। ପାପଗ୍ରହଯୁକ୍ତ ଚନ୍ଦ୍ର ହେତୁ ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ନାହିଁ।

**ବୃଷ** ଶନି ସ୍ୱଗୃହ କର୍ମସ୍ଥାନରେ ରହିଥିବାରୁ କାର୍ଯ୍ୟଦକ୍ଷତାଜନିତ ସାମାଜିକସ୍ତରରେ ପ୍ରଶଂସିତ ହେବେ। ରବି ଅଷ୍ଟମସ୍ଥ ଯୋଗୁ ସାମାନ୍ୟ ବଚସା କାରଣରୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କିନ୍ତୁ ସମାଧାନ ସକାଶେ ଦ୍ରୁତ୍ ପଦକ୍ଷେପ ନେଲେ ହଇରାଣ ହେବେ। ମୃଗଶିରା ନକ୍ଷତ୍ର କୌଣସି ବି ପରିସ୍ଥିତି ଜଟିଳ ହେବନାହିଁ।

**ମିଥୁନ** ଧନାଧିପ କେତୁ ଯୁକ୍ତ ହୋଇ ଚତୁର୍ଥଭାବସ୍ଥ ହେତୁ ଧନହାନିଜନିତ ମନସ୍ତାପ କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରତିଷ୍ଠା ଓ ସମ୍ମାନ ଅତୁଟ ରହିବା ସହ କର୍ମ ପ୍ରେରଣା ବୃଦ୍ଧି ପାଇବ। ନିଜର ଫାଇଦା ହାସଲ ପାଇଁ ପଡ଼ୋଶୀ ଫନ୍ଦିଫିକର କରିବା ଲାଗି ମନ ବଳାଇବେ।

**କର୍କଟ** ଶୁକ୍ରଯୁକ୍ତ ବୁଧ ପ୍ରଭାବରେ ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଯାହା କରୁଛନ୍ତି ଭାବି ଚିନ୍ତି କରନ୍ତୁ, ନଚେତ୍ ଗୋଡାଣିଆମାନେ ଗୋଡ଼ଟାଣି ଅପଦସ୍ଥ କରିବାର ମଉକା ଖୋଜିବେ। ଦୂରଯାତ୍ରା ସମୟରେ ଅଜଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ସମସ୍ୟା ଲାଗିରହିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ସିଂହ** ଶନିଙ୍କ ଦୃଷ୍ଟି ଗୁରୁଙ୍କ ଉପରେ ଥିବାରୁ ବିଭିନ୍ନ କାରଣରୁ ନିଜର ପରିବେଶ ଶାନ୍ତିପ୍ରଦ ହୋଇ ନ ପାରେ। ଘରଭଡ଼ାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ଆଶଙ୍କା ଦେଖାଦେବ। ବନ୍ଧୁଙ୍କ ଦ୍ୱାରା ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଏବଂ କାର୍ଯ୍ୟଦକ୍ଷତା ହେତୁକ ପ୍ରଶଂସା ପାଇପାରନ୍ତି।

**କନ୍ୟା** କେନ୍ଦ୍ରସ୍ଥ ରାହୁ ଯୋଗୁ ସୁବିଧା ସୁଯୋଗ ହାସଲ କରି କାମ କରିବା ପାଇଁ ବ୍ୟସ୍ତ ହୋଇପଡ଼ିବେ। ବ୍ୟବସାୟ କ୍ଷେତ୍ରରେ ଠକାମିର ଶିକାର ହୋଇ ଅନୁଶୋଚନା କରିପାରନ୍ତି। ସାମାଜିକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ପରୋକ୍ଷଶତ୍ରୁତା କାରଣରୁ ଚିନ୍ତା କରିଥିବା କାମଗୁଡ଼ିକ ବାସ୍ତବରେ ଓଲଟା ହେବ।

**ତୁଳା** ଦ୍ୱାଦଶରେ ଚନ୍ଦ୍ର ଓ କେତୁ ପ୍ରଭାବରୁ ବେହିସାବୀ ଖର୍ଚ୍ଚରୁ ମନସ୍ତାପ କରିବେ। ରୋଗପୀଡ଼ା ବୃଦ୍ଧି ପାଉଥିବାରୁ କୌଣସି କାମରେ ମନ ଲାଗିବନାହିଁ। ଆଜି ବାକ୍‌ସଂଯମ ନ କରିପାରିଲେ ସାଧାରଣ କଥାରେ ବିବାଦର ସମ୍ମୁଖୀନ ହେବେ। ବିଶିଷ୍ଟ ବ୍ୟକ୍ତିଙ୍କ ବାହୁଛାୟାତଳେ ଆଶ୍ରୟନେବା ହେତୁ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ।

**ବିଛା** ବୃହସ୍ପତି ଷଷ୍ଠସ୍ଥାନରେ ରହିଥିବାରୁ ଧନ ସନ୍ତାନଙ୍କ ସକାଶେ ମନସ୍ତାପ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବା ଯୋଗୁ ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବ। ବକେୟା ପାଇବାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ କଳହ କିମ୍ବା ସମସ୍ୟା ଉପୁଜିପାରେ। ତଥାପି ଆପଣଙ୍କ କାର୍ଯ୍ୟଦକ୍ଷତା କାରଣରୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ଧନୁ** ରାଶିରେ ରବି ଓ ମଙ୍ଗଳଙ୍କ ସଂଯୋଗ ହେତୁ ଯେଉଁ କାମରେ ହାତ ଦେବେ ସେଥିରେ କୃତକାର୍ଯ୍ୟ ହେବେ। ବିବାଦୀୟ ପରିବେଶର ପରିଣାମ ବିଷୟରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ। ନିଜ ଚତୁଃପାର୍ଶ୍ୱସ୍ଥ ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ପାପଗ୍ରହମଧ୍ୟସ୍ଥ ଗୁରୁଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ।

**ମକର** ଆଜି ଅଷ୍ଟମଚନ୍ଦ୍ର ହେତୁ ପରିବାରରେ କଳହଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ହଠାତ୍ ପରିବାରରୁ କେହି ଅସୁସ୍ଥ ହେବା କାରଣରୁ ସାମୟିକ ଦୁଶ୍ଚିନ୍ତା ବଢ଼ିପାରେ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ, ଏଣୁ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**କୁମ୍ଭ** ଶନିଙ୍କ ପ୍ରଭାବରୁ ସାମାନ୍ୟ ବିଳମ୍ବରେ କାର୍ଯ୍ୟ ସାଧିତ ହେବ। ଅନ୍ଧକାର ମଧ୍ୟରେ ଆଶାର ଆଲୋକ ଦେଖିପାରିବେ। ପାରିବାରିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ସଭାସମିତି, କଳା, ସାହିତ୍ୟ, ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଭଲ। ମାଙ୍ଗଳିକ କାର୍ଯ୍ୟ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମୀନ** ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ରହିଥିବାରୁ ଶିକ୍ଷା, ସନ୍ତାନ, ଲେଖାପଢ଼ା ଏବଂ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରରେ ସଫଳତା ପାଇବେ। ପରିବାର ଭିତରେ ଘଟିଯାଉଥିବା ଘଟଣାଗୁଡ଼ିକ ଅସାଧାରଣ ମନେହେବ। ଦିନଭରି ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଗୁରୁତ୍ୱପୂର୍ଣ୍ଣ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରି ବିଚଳିତ ରହିବେ।

ଆଜି ଜାନୁଆରୀ ୩ ତାରିଖ, ପୌଷ କୃଷ୍ଣ ସପ୍ତମୀ ବୁଧବାର, ରାଶି, ନକ୍ଷତ୍ର–ଉତ୍ତରାଫାଲଗୁନୀ/କନ୍ୟା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୫ ମି. ଗତେ ଘ.୦୮.୩୫ମି. ମଧ୍ୟେ, ଘ.୧୦.୪୫ମି. ଗତେ ଘ.୧୧.୫୦ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୦ମି. ଗତେ ଘ.୦୧.୧୨ମି. ମଧ୍ୟେ ରାହୁକାଳ।

DHARITRI
50 Years

ଭୁବନେଶ୍ୱର, ବୁଧବାର, ଜାନୁଆରୀ ୩/୨୦୨୪ | Bhubaneswar, Wednesday, January 3/2024 | ପୃଷ୍ଠା-୧




## ଲିଚ୍‌ଫିଲ୍ଡଙ୍କ ଶତକରେ ଅଷ୍ଟ୍ରେଲିଆର କ୍ଲିନ୍‌ସୁଇପ୍

ଫିବ୍ ଲିଚ୍‌ଫିଲ୍ଡଙ୍କ ଦ୍ୱିତୀୟ ଶତକ ବଳରେ ଭାରତ ବିପକ୍ଷ ଦିନିକିଆ ସିରିଜ କ୍ଲିନ୍ ସୁଇପ୍ କରିଛି ଅଷ୍ଟ୍ରେଲିଆ ମହିଳା ଦଳ।

୧୩

୧୦

## ଫେବୃଆରୀ ୨୨ରେ ବିବାହ କରିବେ ରକୁଲ

ଅଭିନେତ୍ରୀ ରକୁଲ ପ୍ରୀତ ସିଂ ଚଳିତବର୍ଷ ଫେବୃଆରୀ ୨୨ରେ ତାଙ୍କ ବୟଫ୍ରେଣ୍ଡ ତଥା ନିର୍ଦ୍ଦେଶକ ଓ ଅଭିନେତା ଜ୍ୟାକି ଭଗ୍ନାନୀଙ୍କୁ ବିବାହ କରିବେ।



# ପ୍ରଜ୍ଞାପନ ମେଢ଼: ଚିଠି ଆସିଲାନି

ଭୁବନେଶ୍ୱର, ୨।୧(ସୁନିତ୍ ମିଶ୍ର)

ପ୍ରତ୍ୟେକ ବର୍ଷ ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ନୂଆଦିଲ୍ଲୀସ୍ଥିତ ରାଜପଥରେ ହେଉଥିବା ପରେଡ୍‌ରେ ବିଭିନ୍ନ ରାଜ୍ୟର ପ୍ରଜ୍ଞାପନ ମେଢ(ଟାବ୍‌ଲୋ) ପ୍ରଦର୍ଶିତ ହୋଇଥାଏ। ପ୍ରତିବର୍ଷ କେଉଁସବୁ ରାଜ୍ୟର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯିବ ସେନେଇ ପ୍ରତିରକ୍ଷା ଏବଂ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଚୟନ କରିଥାଆନ୍ତି। ହେଲେ ଗତ ୩ବର୍ଷ ଅର୍ଥାତ୍ ୨୦୨୧, ୨୦୨୨ ଏବଂ ୨୦୨୩ ସାଧାରଣତନ୍ତ୍ର ଦିବସରେ ଓଡ଼ିଶା ଚୟନ ତାଲିକାରୁ ବାଦ୍ ପଡିଆସୁଛି। ଶେଷଥର ଲାଗି ୨୦୨୦ ଜାନୁଆରୀ ୨୬ରେ ଓଡ଼ିଶା ପ୍ରଜ୍ଞାପନ ମେଢ଼କୁ ପ୍ରଦର୍ଶନ କରିବାର ସୁଯୋଗ ମିଳିଥିଲା। ଚଳିତ ବର୍ଷ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ସୁଯୋଗ ମିଳିବ ନା ନାହିଁ ସେନେଇ ଏ ପର୍ଯ୍ୟନ୍ତ ବିଧିବଦ୍ଧ ଭାବେ କୌଣସି ସୂଚନା ଆସିନାହିଁ। କେବଳ ଯାହା ମୌଖିକ ଭାବେ ଏଥର ଓଡ଼ିଶାକୁ ସୁଯୋଗ ମିଳିବ ବୋଲି କେନ୍ଦ୍ରର ଯେଉଁ କମିଟି ଚୟନ କରୁଥିଲେ ସେମାନେ କହିଛନ୍ତି। ଜାନୁଆରୀ ୨ତାରିଖ ସୁଦ୍ଧା କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିଠି ଆସିବ ବୋଲି ରାଜ୍ୟ ସରକାରଙ୍କୁ କୁହାଯାଇଥିଲା। ୩ତାରିଖ ଅର୍ଥାତ୍ ବୁଧବାର ରାଜ୍ୟ ସରକାରଙ୍କ ଅଧିକାରୀମାନେ ନୂଆଦିଲ୍ଲୀ ଗସ୍ତ କରିବେ ଏବଂ ଗୁରୁବାର ସେମାନଙ୍କୁ ମେଢ଼ ପ୍ରସ୍ତୁତି ଲାଗି ଆବଶ୍ୟକ ଟ୍ରାକ୍ଟର ଏବଂ ଟ୍ରଲର ଯୋଗାଇ ଦିଆଯିବ ବୋଲି କେନ୍ଦ୍ର କହିଥିଲେ ମଧ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା କୌଣସି ଚିଠି ନ ଆସିବା ଯୋଗୁ ଗତ ୩ ବର୍ଷ ଭଳି ଏଥର ମଧ୍ୟ ସମାନ ସ୍ଥିତି ସୃଷ୍ଟି ହେବା ସମ୍ଭାବନା ଉପୁଜିପାରେ ବୋଲି ସନ୍ଦେହ କରାଯାଉଛି। ସାଧାରଣତନ୍ତ୍ର ଦିବସରେ ପ୍ରଜ୍ଞାପନ ମେଢ ପ୍ରଦର୍ଶନ ଲାଗି ଗତ ଡିସେମ୍ବରରେ ୪ଟି ବୈଠକ ସରିଛି। ପ୍ରଥମେ ଭାରତକୁ ମୋଟ ୬ଟି ଜୋନ୍‌ରେ ଭାଗ କରାଯାଇଥିଲା। ପୂର୍ବ, ପଶ୍ଚିମ, ଉତ୍ତର ଦକ୍ଷିଣ, କେନ୍ଦ୍ର ଓ ଉତ୍ତରପୂର୍ବ ଜୋନ୍। ଏହି ସବୁ ଜୋନ୍‌ରୁ ମୋଟ ୧୪ଟି ଟାବ୍‌ଲୋ ଏଥର ପ୍ରଦର୍ଶିତ ହେବାର ଅଛି। ପୂର୍ବ ଜୋନ୍‌ରୁ ପଶ୍ଚିମବଙ୍ଗ, ବିହାର, ଓଡ଼ିଶା ଏବଂ ଝାଡ଼ଖଣ୍ଡ ଅଛନ୍ତି। ସେଥିରୁ ପଶ୍ଚିମବଙ୍ଗ ଏବଂ ବିହାରକୁ କେନ୍ଦ୍ର କାଟି ସାରିଛି। ଓଡ଼ିଶାର ବିକଶିତ ମହିଳା ସଶକ୍ତୀକରଣ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରିବା ନେଇ ୪ଟି ପର୍ଯ୍ୟାୟ ବୈଠକରେ ଚୂଡ଼ାନ୍ତ ହୋଇଥିବା କୁହାଯାଉଛି। ହେଲେ ଯେଉଁ ସମୟ ସୁଦ୍ଧା ଓଡ଼ିଶା ସରକାରଙ୍କୁ ଖବର ଦେବା ଲାଗି କେନ୍ଦ୍ର କହିଥିଲା, ସେହି ସମୟ ଅତିକ୍ରମ ହୋଇସାରିଥିବାରୁ ଏନେଇ ବର୍ତ୍ତମାନ ସନ୍ଦେହ ସୃଷ୍ଟି ହୋଇଛି। ତେବେ କେନ୍ଦ୍ର କୌଣସି କାରଣ ନ ଜଣାଇ ଗତ ୩ ବର୍ଷ ଧରି ରାଜ୍ୟର ପ୍ରଜ୍ଞାପନ ମେଢ଼କୁ ପ୍ରତ୍ୟାଖାନ କରିଆସୁଛି। ଲଗାତର ଗତ ୩ ବର୍ଷକୁ ଦେଖିଲେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଭାବେ ହେୟଜ୍ଞାନ କରାଯାଉଛି। ଫଳରେ ଓଡ଼ିଶାର ଉଭୟ ପଶ୍ଚିମ ଓ ଉପକୂଳବର୍ତ୍ତୀ ଅଞ୍ଚଳର କଳା, ସଂସ୍କୃତି, ସଙ୍ଗୀତ, ସ୍ଥପତିକୁ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଉପସ୍ଥାପନ କରାଯାଇ ପାରୁନାହିଁ। ସ୍ୱୀକାର କରିବାକୁ ହେବ ଯେ, ୨୬ ଜାନୁଆରୀ ଦିନ ଦିଲ୍ଲୀର ରାଜପଥରେ ବୁଲି ଆସୁଥିବା ପ୍ରଜ୍ଞାପନ ମେଢ଼ରୁ ଓଡ଼ିଶା ବାଦ୍ ☞ପୃଷ୍ଠା-୧୪



କେନ୍ଦ୍ର ସରକାର ଦ୍ୱାରା ବାଦ୍ ପଡ଼ିଥିବା ୨୦୨୩ ମସିହାର ପ୍ରସ୍ତାବିତ ଓଡ଼ିଶା ପ୍ରଜ୍ଞାପନ ମେଢ଼ ନମୁନା।

**ଆଜିର ସମ୍ପାଦକୀୟ**

**ଆଧାର ବ୍ୟବସ୍ଥା ହଟୁ**

# ନ୍ୟାୟ ସଂହିତାରେ 'ଅନ୍ୟାୟ'

## ହିଟ୍ ଆଣ୍ଡ୍ ରନ୍: ଅଧିକ ଦଣ୍ଡ ବିରୋଧରେ ଟ୍ରକ୍ ଧର୍ମଘଟ

**ଦେଶରେଦରଦାମବୃଦ୍ଧିପାଉଛି।ଏଭଳିସ୍ଥିତିରେକୃଷକଆନ୍ଦୋଳନଭଳିଟ୍ରକ୍‌ଡ୍ରାଇଭରଙ୍କଆନ୍ଦୋଳନବିରାଟରୂପନେଇଛି।ଇଣ୍ଡିଆନ ପେନାଲ କୋଡ୍ (ଆଇପିସି) ବଦଳରେ କେନ୍ଦ୍ର ସରକାର ଗତମାସରେ ଆଣିଥିବା ନୂଆ ଆଇନ ଭାରତୀୟ ନ୍ୟାୟ ସଂହିତାରେ 'ହିଟ୍ ଆଣ୍ଡ୍ ରନ୍' ଅପରାଧ ପାଇଁ କରାଯାଇଥିବା କଠୋର ଦଣ୍ଡବିଧାନ ପ୍ରତିବାଦରେ ମୁଣ୍ଡଟେକିଛି ଏହି ଆନ୍ଦୋଳନ। ଏଥିଯୋଗୁ ଯାନବାହନ ଚଳାଚଳ ବନ୍ଦ ହୋଇ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ୧୦ରୁ ଅଧିକ ରାଜ୍ୟରେ ଅତିଆବଶ୍ୟକ ସାମଗ୍ରୀଗୁଡ଼ିକର ଅଭାବ ଅନୁଭୂତ ହେଲାଣି। ଏହାର ପ୍ରଭାବରେ ସାମଗ୍ରୀ କିଣିବା ପାଇଁ ପ୍ରତିଯୋଗିତା ବଢୁଥିବାରୁ ଲୋକେ ମୂଲ୍ୟବୃଦ୍ଧିର ଶିକାର ହେଉଛନ୍ତି। ତେବେ ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ସରକାର ନୂଆ ଆଇନରେ ପରିବର୍ତ୍ତନ ଆଣିପାରନ୍ତି ବୋଲି କୁହାଯାଉଛି।**

ନୂଆଦିଲ୍ଲୀ/ଭୁବନେଶ୍ୱର,୨।୧
(ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର/ଅନିଲ ଦାସ)

ନିକଟରେ ସମାପ୍ତ ସଂସଦର ଶୀତ ଅଧିବେଶନରେ କେନ୍ଦ୍ର ସରକାର ଦୁଇତୃତୀୟାଂଶ ବିରୋଧୀ ସଦସ୍ୟଙ୍କୁ ନିଲମ୍ବନ କରିଥିଲେ। ସେମାନଙ୍କ ଅନୁପସ୍ଥିତିରେ ବିନା କୌଣସି ବିତର୍କରେ ତିନୋଟି ବିବାଦୀୟ ବିଲ୍‌କୁ ଗୃହୀତ କରାଇଥିଲେ। ତନ୍ମଧ୍ୟରୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଅନ୍ୟତମ। ଡିସେମ୍ବର ୨୫ରେ ଏହା ଉପରେ ରାଷ୍ଟ୍ରପତି ମୋହର ଦେବା ପରଠୁ ବିଏନ୍‌ଏସ୍-ଦ୍ୱିତୀୟ ବିଲ୍ ଆଇନରେ ପରିଣତ ହୋଇଛି। ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି), ୧୮୬୦ ପରିବର୍ତ୍ତେ ଏହି ନୂଆ ଆଇନ ଦେଶରେ ପ୍ରଚଳିତ ହୋଇଛି। 'ହିଟ୍ ଆଣ୍ଡ୍ ରନ୍' ମାମଲାରେ ଦୁର୍ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହେଲେ ତାଙ୍କୁ ୧୦ ବର୍ଷ ଜେଲ ଓ ୭ ଲକ୍ଷ ଟଙ୍କା ଜରିମାନା ଦଣ୍ଡବିଧାନ ଉକ୍ତ ଆଇନରେ କରାଯାଇଛି। ପୂର୍ବରୁ ଏଭଳି ମାମଲା(ଆଇପିସସି ଦଫା ୩୦୪ଏ) ବଳରେ ବେପରୁଆ ଗାଡ଼ି ଚାଳକଙ୍କୁ ସର୍ବାଧିକ ୨ ବର୍ଷ ଜେଲ କିମ୍ବା ମାମୁଲି ଜରିମାନା ବ୍ୟବସ୍ଥା ରହିଥିଲା। ବିଏନ୍‌ଏସ୍‌ର ନୂଆ ନିୟମ ଆସିବା ପରେ ଏହାକୁ ଦେଶବ୍ୟାପୀ ବିରୋଧ କରାଯାଇଛି। କାରଣ ଡ୍ରାଇଭରମାନେ ଭୁଲ୍ ବା ଅସାବଧାନତାବଶତଃ ଦୁର୍ଘଟଣା ଘଟାଇଥିଲେ ଏତେ ଦଣ୍ଡ ଦିଆଯିବା ଓ ଜରିମାନା କରାଯିବା 'ଅନ୍ୟାୟ' ବୋଲି ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାର ପ୍ରତିବାଦରେ ଚାଳକମାନେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରୁଛନ୍ତି। ୧୦ରୁ ଊର୍ଦ୍ଧ୍ୱ ରାଜ୍ୟରେ ଟ୍ରକ୍ ଡ୍ରାଇଭରଙ୍କ ଅଘୋଷିତ ହରତାଳ ଯୋଗୁ ଯାନବାହନ ଚଳାଚଳ ଠପ୍ ହୋଇଗଲାଣି। ଫଳରେ ରାସ୍ତାରେ ଅନେକ ହଜାର ଛିଡ଼ାହୋଇ ରହିଛି। ଉକ୍ତ ଆଇନକୁ ପ୍ରତ୍ୟାହାର କରା ନ ଯିବା ପର୍ଯ୍ୟନ୍ତ ହରତାଳରୁ ଓହରିବେ ନାହିଁ ବୋଲି ଟ୍ରକ୍ ଚାଳକ ସଂଘଗୁଡ଼ିକ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ଉତ୍ତର ପ୍ରଦେଶ, ଜମ୍ମୁ-କଶ୍ମୀର, ବିହାର, ପଞ୍ଜାବ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼, ହିମାଚଳ ପ୍ରଦେଶ, ତେଲଙ୍ଗାନା ଓ ହରିୟାଣା ସମେତ ଆହୁରି ଅନେକ ରାଜ୍ୟରେ ଟ୍ରକ୍ ଡ୍ରାଇଭରମାନେ ସୋମବାରଠାରୁ ☞ପୃଷ୍ଠା-୧୪



ମହାରାଷ୍ଟ୍ରର ନଭି ମୁମ୍ବାଇ ନିକଟସ୍ଥ ଏକ ଟର୍ମିନାଲରେ ଟ୍ରକ୍‌ଗୁଡ଼ିକ ଛିଡ଼ା ହୋଇ ରହିଛି।

### ଦଫା ୧୦୬(୨): ୧୦ ବର୍ଷ ଜେଲ, ୭ ଲକ୍ଷ ଜରିମାନା

ପାର୍ଲାମେଣ୍ଟରେ ବିଲ୍ ଗୃହୀତ ହେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱାକ୍ଷର କରିଥିବା ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ର ଦଫା ୧୦୬(୨) ଅନୁସାରେ ଯେଉଁ ଗାଡ଼ି ଚାଳକଙ୍କ ଅବହେଳା ଯୋଗୁ ଜଣଙ୍କ ମୃତ୍ୟୁ ଘଟିବ, ସମ୍ପୃକ୍ତ ଡ୍ରାଇଭର ଦୁର୍ଘଟଣାସ୍ଥଳରୁ ଖସି ପଳାଇଲେ ଏବଂ ପୋଲିସ କିମ୍ବା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ରିପୋର୍ଟ ନ କଲେ ତାଙ୍କୁ ୧୦ ବର୍ଷ ଜେଲ ସହ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା କରାଯାଇଛି। ଏହାକୁ ଦେଶର ଡ୍ରାଇଭରମାନେ ବିରୋଧ କରୁଛନ୍ତି।







"କୌଣସି ମାନୁଷୀପ୍ରୟାସ ବା ତପସ୍ୟା ନୁହେଁ- କେବଳ ଦିବ୍ୟଜନନୀଙ୍କର ଶକ୍ତି ହିଁ ଆବରଣ ଛିନ୍ନ କରିଦେଇ ପାରେ - ଆଧାରକୁ ଗଠନ କରିପାରେ। ଏହି ତ ମିଥ୍ୟା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣିପାରେ ସତ୍ୟ, ଜ୍ୟୋତି, ଦିବ୍ୟଜୀବନ ଓ ଅମର ଆନନ୍ଦ। -ଶ୍ରୀଅରବିନ୍ଦ



# ଆଧାର ବ୍ୟବସ୍ଥା ହଟୁ

ଆଧାର ନମ୍ବର ଏବେ ସବୁଠି ଖୋଜାପଡୁଛି। ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ)ଦ୍ୱାରା ପ୍ରସ୍ତୁତ ଏହି ୧୨ ଅଙ୍କ ବିଶିଷ୍ଟ ନମ୍ବରରେ ଜଣେ ବ୍ୟକ୍ତିର ସବୁ ତଥ୍ୟ ରହେ। ଏହାକୁ ୨୮ ଜାନୁଆରୀ ୨୦୦୯ରେ ଆରମ୍ଭ କରାଯାଇଥିଲା। ଏହି ସମୟରେ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଶାସନ କରୁଥିଲା। ଉଲ୍ଲେଖଯୋଗ୍ୟ ଯେ, ସେତେବେଳେ ଆଧାର ଆରମ୍ଭ ହୋଇଥିବା ସତ୍ତ୍ୱେ କଡ଼ାକଡ଼ି ଲାଗୁ କରାଯାଇ ନ ଥିଲା। ୨୦୧୪ ନିର୍ବାଚନରେ କଂଗ୍ରେସର ପରାଜୟ ଘଟିଲା ଏବଂ ଭାଜପା ସରକାର ଗଢ଼ିଲା। ତା'ପରେ ପୁନର୍ବାର ଆଧାର ନିୟମାବଳୀକୁ ବଦଳାଇ ଆଧାରକୁ ମୋଦି ସରକାର ଜୁଲାଇ ୨୦୧୬ରେ ଆଉ ଥରେ ଲାଗୁ କଲେ। ଦେଶବ୍ୟାପୀ ଶିକ୍ଷିତ ନାଗରିକମାନେ ଆଧାରକୁ ବିରୋଧ କଲେ। ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ସେହି ଆଇନକୁ ସୀମିତକରି କେବଳ ସରକାରୀ ଅର୍ଥ ସମ୍ପୃକ୍ତ ଥିବା ଦେଣନେଣରେ ଆଧାରର କାର୍ଯ୍ୟକାରିତାକୁ ସୀମିତ କରିଥିଲେ। କିନ୍ତୁ ସରକାରଙ୍କ ଜିଦି ଏବେ ନକାରାତ୍ମକ ରୂପ ଧାରଣ କରିଛି। ଆଧାରକୁ ବିଭିନ୍ନ ସେବା ଓ ଯୋଜନାରେ ଯୋଡ଼ିବା ବିଷୟ ବିତର୍କ କେନ୍ଦ୍ର ପାଲଟିଛି। ଏପରିକି ଗତବର୍ଷ ମାର୍ଚ୍ଚରେ ଅତ୍ୟାବଶ୍ୟକ ସରକାରୀ ସେବାରେ ଆଧାର ନମ୍ବର ବ୍ୟବହାର ଜରୁରୀ ନୁହେଁ ବୋଲି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଥିଲେ ମଧ୍ୟ ଏହାର ଗୁରୁତ୍ୱକୁ ସରକାର ବୁଝିଥିବା ମନେହେଉ ନାହିଁ। ଦେଶରେ ଫେବୃଆରୀ ୨୦୦୬ରେ ଲାଗୁ କରାଯାଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମ(ଏମ୍‌ଜିଏନ୍‌ଆର୍‌ଇଜିଏ)ରେ ମିଳୁଥିବା ମଜୁରି ପୈଠ ଲାଗି ଆଧାରଭିତ୍ତିକ ବ୍ୟବସ୍ଥା(ଏବିପିଏସ୍) ଉଦ୍ଦିଷ୍ଟ ଥିଲା ଓ ଏହାକୁ ବାଧ୍ୟତାମୂଳକ କରାଯାଇଥିଲା। ବଡ଼ କଥା ହେଉଛି କେନ୍ଦ୍ର ସରକାର ୩୦ ଜାନୁଆରୀ ୨୦୨୩ରେ ଏ ସମ୍ବନ୍ଧିତ ନିର୍ଦ୍ଦେଶ ଜାରି କରିଥିଲେ ଓ ଏହାର ସମୟସୀମାକୁ ୪ ଥର ପରିବର୍ତ୍ତନ କରିସାରିଛନ୍ତି। ଶେଷ ସମୟସୀମା ରଖାଯାଇଥିଲା ୩୧ ଡିସେମ୍ବର ୨୦୨୩। ଏଭଳି ତାରିଖ ଘୁଞ୍ଚାଇ ଚାଲିବାରୁ ସ୍ପଷ୍ଟ ବୁଝାପଡୁଛି ଯେ,ଆଧାର ଯୋଡ଼ିବା ପ୍ରକ୍ରିୟାରେ ବିଭିନ୍ନ ସମସ୍ୟା ରହୁଛି। ସରକାର ସେହିସବୁ ସମସ୍ୟାକୁ ସାମ୍ନାକୁ ନ ଆଣିଲେ ମଧ୍ୟ ସବୁ ଶ୍ରମିକଙ୍କୁ ଏଥିରେ ସାମିଲ କରିବାରେ ସକ୍ଷମ ହୋଇନାହାନ୍ତି ବୋଲି ତଥ୍ୟ ସ୍ପଷ୍ଟ କରୁଛି। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ତଥ୍ୟ ମୁତାବକ ଦେଶରେ ମୋଟ ୨୫.୬୯ କୋଟି ଏମ୍‌ଜିଏନ୍‌ଆର୍‌ଇଜିଏ ଶ୍ରମିକ ଅଛନ୍ତି। ଡିସେମ୍ବର ୨୭ ସୁଦ୍ଧା ମୋଟ ପଞ୍ଜୀକୃତ ଶ୍ରମିକଙ୍କ ମଧ୍ୟରୁ ୩୪.୮ ପ୍ରତିଶତ(୮.୯କୋଟି) ଓ ୧୪.୩୩ କୋଟି ସକ୍ରିୟ ଶ୍ରମିକଙ୍କ ମଧ୍ୟରୁ ୧୨.୭%( ୧.୮ କୋଟି) ଏବିପିଏସ୍‌ରେ ମଜୁରି ପାଇବାକୁ ଯୋଗ୍ୟ ହୋଇ ନ ଥିବା ଜଣାପଡ଼ିଛି। ଉଦ୍‌ବେଗର ବିଷୟ ହେଉଛି, ଏପ୍ରିଲ ୨୦୨୨ରୁ ଏଯାବତ ସିଷ୍ଟମରୁ ୭.୬ କୋଟି ପଞ୍ଜୀକୃତ ଶ୍ରମିକଙ୍କ ନାମ କାଟିଦିଆଗଲାଣି। କେବଳ ଏହି ଘଟଣା ନୁହେଁ, ଆଧାର ଲିଙ୍କ୍‌କୁ ନେଇ ପୂର୍ବରୁ ବ୍ୟାଙ୍କ, ରାଶନ, ବିଭିନ୍ନ ସେବା କିମ୍ବା ଯୋଜନାରେ ସମସ୍ୟା ଦେଖାଯାଇଛି ଏବଂ ହିତାଧିକାରୀ ମାନେ ସେମାନଙ୍କ ପ୍ରାପ୍ୟ ଓ ସେବାରୁ ବଞ୍ଚିତ ହେବା କାହାକୁ ଅଛପା ନାହିଁ। ଦୁର୍ନୀତି ହଟାଇବା ନାମରେ ସବୁକିଛି ଡିଜିଟାଇଶନ କରିବାକୁ ହେଲେ ଭାରତ ଭଳି ବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶରେ ସବୁ ଦିଗକୁ ବିଚାରକୁ ନେବା ଦରକାର। ବିଶେଷକରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କ ଶିକ୍ଷା, ସକ୍ଷମତା, ସଚେତନତା ଓ ପରିପାର୍ଶ୍ୱିକ ସ୍ଥିତିକୁ ନେଇ କାର୍ଯ୍ୟ କରାଯିବ ଆବଶ୍ୟକ। କାରଣ ଏମାନଙ୍କ ମଧ୍ୟରୁ ସଂଖ୍ୟାଧିକ ନିରକ୍ଷର ଓ ଆଧାର ଲିଙ୍କ୍ ବ୍ୟବସ୍ଥା ସମ୍ପର୍କରେ ସଚେତନ ନୁହନ୍ତି। ଅନେକ ଦୁର୍ଗମ ଗାଁରେ ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ହୋଇପାରି ନ ଥିବା ଯୋଗୁ ସେଠାକାର ଶ୍ରମିକ ଶ୍ରେଣୀର ଲୋକେ ଆଧାର ବ୍ୟବସ୍ଥା ପାଇଁ ମଧ୍ୟସ୍ଥଙ୍କ ସାହାଯ୍ୟ ଲୋଡ଼ନ୍ତି ଏବଂ ଲାଞ୍ଚ ଦେଉଥିବା ଅଭିଯୋଗ ଶୁଣିବାକୁ ମିଳେ। ଏଥିସହ ଏହା ମଧ୍ୟ ଉଲ୍ଲେଖ କରିବାକୁ ହେବ ଯେ, ଆଧାର ଆଳରେ କରାଯାଉଥିବା ବ୍ୟାପକ 'ଡିଜିଟାଲ ଭାରତ'ରେ ଏବେ ଅନେକ ସ୍କମ୍ ବା ଠକେଇ ପଦାକୁ ଆସୁଛି। ବିଶେଷକରି କ୍ଷୁଦ୍ର ବ୍ୟବସାୟୀ ଏବଂ ଜମାକାରୀଙ୍କ ଅର୍ଥ ହରିଲୁଟ ହେଉଛି, ଯାହାର ତଥ୍ୟ ପୋଲିସ ପାଖରେ ରହୁନାହିଁ। ତାହାର କାରଣ ହେଉଛି, ଭାରତର ସବୁ ରାଜ୍ୟରେ ଥିବା ପୋଲିସ କର୍ମଚାରୀମାନେ 'ଡିଜିଟାଲ ଠକେଇ' ବା ସାଇବର କ୍ରାଇମ ସମ୍ପର୍କରେ କୌଣସି ତାଲିମ ପାଇପାରୁ ନ ଥିବା ହେତୁ ସେହିସବୁ ଠକେଇର ବିଧିବଦ୍ଧ ଯାଞ୍ଚ କରାଯାଇପାରୁନାହିଁ। ଯାହାର ପଇସା ଗଲା ସିଏ ଦୁଆର ପଛରେ କାନ୍ଦୁଛି। ଯିଏ ପଇସା ମାରିନେଇପାରିଲା ତା' ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

କୌଣସି କାରଣରୁ ଯଦି ଅଧାର ଲିଙ୍କ୍ ନାକଚ ହୋଇଯାଏ ସେ ସମ୍ପର୍କରେ ଶ୍ରମିକମାନେ ବିଳମ୍ବରେ ଜାଣିବାକୁ ପାଉଛନ୍ତି। ପୁନଶ୍ଚ କାଗଜପତ୍ର ଦାଖଲ କରିବାକୁ ସମୟ ଗଡ଼ିଚାଲେ। ଦାଖଲ କଲେ ମଧ୍ୟ ଶେଷ ଫଳାଫଳ ପାଇବାକୁ ଅନେକ ମାସ ଅପେକ୍ଷା କରିବାକୁ ହୁଏ। ଏଥିପାଇଁ ଉତ୍ତରଦାୟୀ ମଧ୍ୟ କେହି ରହୁନାହାନ୍ତି। ଅଭିଯୋଗ କଲେ ତାହାର ଉତ୍ତର ପ୍ରାୟତଃ ସେମାନେ ପାଇପାରୁ ନାହାନ୍ତି। ଅନ୍ୟ ପକ୍ଷରେ ଏବେ ଆଧାର ତଥ୍ୟ ଚୋରିହେବା ଖବର ଚିନ୍ତାର କାରଣ ହୋଇଛି। ନିକଟରେ ଡାର୍କ ୱେବ୍ ୦୦୦୧ ନାମକ ଏକ ସଂସ୍ଥା ତା'ପାଖରେ ୮୧ କୋଟି ଭାରତୀୟଙ୍କ ଆଧାର ଓ ପାସ୍‌ପୋର୍ଟ ତଥ୍ୟ ରହିଥିବା ଦାବି କରିବା ସହ ତାହାକୁ ବିକ୍ରି କରିବାକୁ ଘୋଷଣାକରିଥିଲା। ଏଥିରୁ ବୁଝାପଡୁଛି , ସରକାର ଲୋକଙ୍କର ବ୍ୟକ୍ତିଗତ ତଥ୍ୟ ଗୁପ୍ତ ରଖିବାରେ ବିଫଳ ହେଉଛନ୍ତି। ଅନେକ ସମୟରେ ବହୁ ବ୍ୟକ୍ତି ଡିଜିଟାଲ ଠକେଇର ଶିକାର ହେଉଥିବା ଯୋଗୁ ଆଧାର ସଂଯୋଗର ସୁରକ୍ଷା ଗ୍ୟାରେଣ୍ଟି ଦେବାକୁ କେହି ନ ଥିବା ମନେହେଉଛି। ସେଥିପାଇଁ ଆଧାରକୁ ଖୋଲାଖୋଲି ଭାବେ କାହାକୁ ନ ଦେବା କଥା ସରକାର କହିଲେଣି । 'ମାସ୍କଡ ଆଧାର' ଉପରେ ଗୁରୁତ୍ୱ ଦେଲେଣି। କିନ୍ତୁ ଏହା ଅନେକ ବିଳମ୍ବରେ କରାଯାଇଛି। ଏଭଳି ସ୍ଥିତିରେ ଗରିବ ଶ୍ରମିକମାନଙ୍କୁ ମଜୁରି ପାଇଁ ଆଧାରଭିତ୍ତିକ ବ୍ୟବସ୍ଥା ବାଧ୍ୟତାମୂଳକ କରିବାରେ ସେମାନଙ୍କ ତଥ୍ୟର ସୁରକ୍ଷା ଗ୍ୟାରେଣ୍ଟି ଦେବା ଆବଶ୍ୟକ। ନ ହେଲେ ଆଧାର ବ୍ୟବସ୍ଥା ହଟାଇନେବା ଦରକାର।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 3 | 5 | 1 | | |
| | | | | 8 | | | | |
| | | | 6 | | 7 | 5 | 4 | |
| | | | 2 | | | | | |
| 8 | | 1 | | 4 | 3 | 6 | | |
| | | | | | | | 1 | 8 |
| | 3 | | | | | | 2 | |
| | | 4 | | 6 | | | 5 | |
| 6 | | 8 | | 5 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 8 | 7 | 9 | 5 | 3 | 4 | 2 |
| 5 | 2 | 4 | 3 | 6 | 8 | 9 | 7 | 1 |
| 9 | 3 | 7 | 2 | 1 | 4 | 8 | 6 | 5 |
| 3 | 6 | 9 | 4 | 7 | 1 | 2 | 5 | 8 |
| 1 | 8 | 2 | 5 | 3 | 6 | 7 | 9 | 4 |
| 4 | 7 | 5 | 9 | 8 | 2 | 1 | 3 | 6 |
| 2 | 9 | 6 | 8 | 4 | 7 | 5 | 1 | 3 |
| 8 | 4 | 3 | 1 | 5 | 9 | 6 | 2 | 7 |
| 7 | 5 | 1 | 6 | 2 | 3 | 4 | 8 | 9 |

ଗତକାଲିର ଉତ୍ତର

# ଅର୍ଟିକିଲ ୫୧-କ(ଏଚ୍)



ଅଧ୍ୟାପକ ଗୋପବନ୍ଧୁ

ବିଜ୍ଞାନ ଓ ପ୍ରଗତି ପରସ୍ପରର ପରିପୂରକ। ଯେଉଁଠାରେ ବିଜ୍ଞାନ ଅଛି ସେଠାରେ ପ୍ରଗତି ଅଛି ଓ ଯେଉଁଠାରେ ପ୍ରଗତି ଅଛି ସେଠାରେ ବିଜ୍ଞାନ ଅଛି। ବିଜ୍ଞାନ କେବଳ ଆର୍ଥିକ ପ୍ରଗତି ଆଣିଛି ତାହା ନୁହେଁ, ଏହା ସହିତ ସାମାଜିକ ବିକାଶ କ୍ଷେତ୍ରରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଯେଉଁ ରାଷ୍ଟ୍ରମାନେ ଆଜି ବିକଶିତ, ସେମାନଙ୍କ ବିକାଶ ପଛରେ ରହିଛି ବିଜ୍ଞାନ। ଯେଉଁ ସମାଜ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଡେଇଁ ଏକ ନୈତିକତାପୂର୍ଣ୍ଣ ବୌଦ୍ଧିକ ସମାଜ ଆଡ଼କୁ ଅଗ୍ରସର ହୋଇଛି ତା'ପଛରେ ବୈଜ୍ଞାନିକ ବିଚାରଧାରାର ପ୍ରଚ୍ଛନ୍ନ ହାତ ରହିଛି ବୋଲି ଧରିନେବାକୁ ହେବ। ଅନେକେ ବିଜ୍ଞାନ କହିଲେ କୌଣସି ନୂତନ ଉଦ୍ଭାବନକୁ ବୁଝନ୍ତି। ଏହା କୌଣସି ନୂତନ ଉପାଦେୟ ବସ୍ତୁର ଉଦ୍ଭାବନ ଅଥବା କୌଣସି ବସ୍ତୁ ପ୍ରତିକ୍ରିୟା ସୂତ୍ରର ଆବିଷ୍କାରକୁ ବୁଝିଥାନ୍ତି। ପ୍ରକୃତରେ ଏହା ବିଜ୍ଞାନର ଏକ ଆଂଶିକ ପ୍ରତିଫଳନ। ପ୍ରକୃତ ବିଜ୍ଞାନ ହେଉଛି ସେହି ମାନସିକତା ଯାହା ମାଧ୍ୟମରେ ଜଣେ ନୂତନ ଉଦ୍ଭାବନ ବା ସୂତ୍ରଗତ ଆବିଷ୍କାର ପାଇଁ ପ୍ରେରିତ ହୁଏ। ସମାଜ ବ୍ୟବସ୍ଥା କ୍ଷେତ୍ରରେ ଯାହା ଉତ୍କୃଷ୍ଟତାର ଭାବନାକୁ ଅଙ୍କୁରିତ କରେ।

ଆମ ସମ୍ବିଧାନର ପ୍ରଣେତାମାନେ ଏକ ବିକଶିତ ଓ ସମୃଦ୍ଧ ଭାରତବର୍ଷର ପରିକଳ୍ପନା କରିଥିଲେ। ସେମାନେ ଜାଣିଥିଲେ ଏଦିଗରେ ବିଜ୍ଞାନର ଅବଦାନକୁ ଅଣଦେଖା କରିହେବ ନାହିଁ। ତେଣୁ ସେମାନେ ସମସ୍ତ କ୍ଷେତ୍ରରେ ପ୍ରଗତିଶୀଳ ଭାବନାକୁ ପ୍ରତିଫଳିତ କାରିବାକୁ ଚାହିଁଛନ୍ତି। ବିକଶିତ ରାଷ୍ଟ୍ରମାନଙ୍କ ସହିତ ତାଳଦେଇ ଭାରତ କିପରି କ୍ଷିପ୍ରଭାବେ ଆଗକୁ ବଢ଼ିପାରିବ ସେ ବିଷୟରେ ସମ୍ବିଧାନର ପ୍ରଣେତାମାନେ ଚିନ୍ତା କରିଥିଲେ। ସେମାନେ ସମ୍ବିଧାନର ପ୍ରସ୍ତାବନାରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ରଖିଛନ୍ତି ତାହା ବୈଜ୍ଞାନିକ ବିଚାରରେ ଆସ୍ଥା ସ୍ଥାପନ ବିନା ପ୍ରାପ୍ତ ହେବା ସମ୍ଭବପର ନୁହେଁ। ପ୍ରସ୍ତାବନା ଅନୁଯାୟୀ ଭାରତୀୟ ଗଣରାଜ୍ୟରେ ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଓ ଭ୍ରାତୃତ୍ୱଭାବ ସ୍ଥାପନ ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ପ୍ରଗତିଶୀଳ ଭାବନା ବିନା ସମ୍ଭବ ନୁହେଁ ଓ ପ୍ରଗତିଶୀଳ ଭାବନା ବିଜ୍ଞାନ ବିନା ସମ୍ଭବପର ନୁହେଁ। ଯେଉଁମାନେ ସମ୍ବିଧାନ ରଚନା ଦାୟିତ୍ୱରେ ଥିଲେ ସେମାନଙ୍କ ମଧ୍ୟରୁ




ଅନେକେ ବୈଜ୍ଞାନିକ ବିଚାରର ଅନୁଗାମୀ ଥିଲେ। ସେମାନଙ୍କ ଉଚ୍ଚଶିକ୍ଷା ବିଦେଶରେ ହୋଇଥିଲା। ବିଶ୍ୱ ଜନସମୁଦାୟ ଓ ବିଶ୍ୱ ରାଜନୈତିକ ପରିସ୍ଥିତି ସମ୍ବନ୍ଧରେ ତାଙ୍କ ନିକଟରେ ଯଥେଷ୍ଟ ଜ୍ଞାନ ଥିଲା।

ସମ୍ବିଧାନର ପଶ୍ଚାତରେ ଲୁକ୍କାୟିତ ଥିବା ବିଜ୍ଞାନ ପ୍ରତି ଆଗ୍ରହ ବିଧିବଦ୍ଧଭାବେ ୧୯୭୬ରେ ୪୨ତମ ସଂଶୋଧନ ମାଧ୍ୟମରେ ସମ୍ବିଧାନରେ ସ୍ଥାନିତ ହେଲା ଆର୍ଟିକିଲ ୫୧-କ(ଏଚ୍) ରୂପରେ। ଏହା ସମ୍ବିଧାନର ନିର୍ଦ୍ଦେଶିତ ନିୟମରେ ମୌଳିକ କର୍ତ୍ତବ୍ୟ ରୂପେ ସୂଚିତ ହୋଇଛି ; ଯେଉଁଥିରେ କୁହାଯାଇଛି ଯେ ପ୍ରତ୍ୟେକ ନାଗରିକର ମୌଳିକ କର୍ତ୍ତବ୍ୟ ହେଉଛି ବୈଜ୍ଞାନିକ ଆଭିମୁଖ୍ୟର ବିକାଶ ଘଟାଇବା। ଏହା ସହିତ ଆନୁଷଙ୍ଗିକ ଭାବେ ମାନବିକତାର ବିକାଶ, ଅନୁସନ୍ଧାନ ପ୍ରତି ଆଗ୍ରହର ବିକାଶ ଓ ସଂସ୍କାରମୂଳକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ଏହାର ଅନ୍ତର୍ଗତ କରାଯାଇଛି। ଏହା ଏକ କ୍ରାନ୍ତିକାରୀ ପଦକ୍ଷେପ ଭାରତବର୍ଷକୁ ଆଧୁନିକତାର ମାର୍ଗରେ ପରିଚାଳିତ କରିବା ପାଇଁ। ସମସ୍ତ ନାଗରିକ ବିଜ୍ଞାନର ଅନୁଗାମୀ ହେବା ଓ ଜୀବନର ପ୍ରତ୍ୟେକ ସୋପାନରେ ବିଜ୍ଞାନକୁ ପ୍ରତିଫଳିତ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ଅନ୍ୟ ଯେଉଁ ଆନୁଷଙ୍ଗିକ ବିଷୟଗୁଡ଼ିକ ଜଡ଼ିତ ହୋଇ ରହିଛି, ସେଗୁଡ଼ିକ ବିଜ୍ଞାନ ପ୍ରତି ଅଙ୍ଗୀକାରବଦ୍ଧତାରୁ ନିସୃତ। ବିଜ୍ଞାନସମ୍ମତ ସାମାଜିକ ବ୍ୟବସ୍ଥାକୁ ବିଜ୍ଞାନ ସଂସ୍ଥାପନ କରେ। ଏପରି ସମାଜର ମୂଳ ଆଧାର ହେଉଛି ମାନବିକତା। ମନୁଷ୍ୟ କୌଣସି ବିଷୟକୁ ଅନ୍ଧଭାବେ ଅନୁସରଣ ନ କରି ତା' ଭିତରର ଗୂଢ଼ ରହସ୍ୟକୁ ଭେଦ କରିବା ଉଚିତ। ଏଥିପାଇଁ ତା' ଭିତରେ ଥିବା ଜାଣିବାର ଆଗ୍ରହ ଜାତ ହେବା ଆବଶ୍ୟକ। ଏହା ହିଁ ବୈଜ୍ଞାନିକ ଅନୁସନ୍ଧାନ। ଏହା ମଧ୍ୟ ତାକୁ ସଂସ୍କାରବାଦୀ କରାଏ। ପୁରାତନ ନିକୃଷ୍ଟତାରୁ ନୂତନ ଉତ୍କୃଷ୍ଟତାକୁ ବାଟ କଢ଼ାଏ। ଏହା ହିଁ ସାମାଜିକ ପରିବର୍ତ୍ତନର ମୂଳ ଆଧାର।

ଭାରତୀୟ ସମାଜ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ହୋଇଛି ବୋଲି କୁହାଯାଇପାରିବ ନାହିଁ। ଏବେ ବି ଗାଁ ଗହଳିରେ ଗୁଣି-ଗାରେଡ଼ି ଡାହାଣୀ-ଚିରଗୁଣୀ, ତୁଟକା-ଛଡ଼ାଣ ପରି ଅନେକ ପ୍ରକାରର ଅନ୍ଧବିଶ୍ୱାସ ପରିବ୍ୟାପ୍ତ। ଦୈନନ୍ଦିନ ଖବରକାଗଜରେ ଡାହାଣୀ ସନ୍ଦେହରେ ହତ୍ୟା, ଗୁଣିଆ ସନ୍ଦେହରେ ହତ୍ୟା, ଝଡ଼ାଫୁଙ୍କା ଉପରେ ବିଶ୍ୱାସ କରି ମୃତ୍ୟୁବରଣ କରିବା ପରି ବିଷୟ ପ୍ରସାରିତ ହେଉଛି। ସେହିପରି ଅନେକ ପ୍ରକାର କୁସଂସ୍କାର ସମାଜରେ ରହିଛି। ବାଲ୍ୟବିବାହ, ଅନରକିଲିଙ୍ଗ, ପଶୁବଳି ଏପରି କି ନରବଳି ପରି ଅନେକ କୁସଂସ୍କାର ସମାଜରେ ରହିଛି। ଅନେକ ଉଚ୍ଚଶିକ୍ଷିତ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ନୁହନ୍ତି। ପରିତାପର ବିଷୟ ଯେ ଏମାନଙ୍କ ଭିତରୁ କେତେଜଣ ଏଗୁଡ଼ିକର ଯଥାର୍ଥତା ସପକ୍ଷରେ ଯୁକ୍ତି ବାଢ଼ନ୍ତି। ଭାରତୀୟ ସମାଜରେ ଥିବା ଜାତିବ୍ୟବସ୍ଥା ଉଭୟ ଅନ୍ଧବିଶ୍ୱାସ ଓ କୁସଂସ୍କାରର ମିଳିତ ପରିପ୍ରକାଶ। ବୈଜ୍ଞାନିକ ଚେତନାର ବିକାଶ ଓ ମାନବୀୟ ମୂଲ୍ୟବୋଧର ପ୍ରସାର ମାଧ୍ୟମରେ ଏହାକୁ ହଟାଯାଇ ପାରିବ। ସେହିପରି ଧର୍ମୀୟ ମୌଳବାଦ ବାରମ୍ବାର ଆତ୍ମପ୍ରକାଶ କରୁଛି। ସାମଗ୍ରିକ ଭାବେ ସମାଜ ବିଜ୍ଞାନର ଅନୁଗାମୀ ହେଲେ ଓ ବୈଜ୍ଞାନିକ ଚେତନାର ବଶବର୍ତ୍ତୀ ହେଲେ ଯେଉଁ ସଂକୀର୍ଣ୍ଣତାରୁ ମୌଳବାଦ ଜାତହୁଏ, ତାହା ଆପେ ଦୂରେଇଯିବ।

ସମ୍ବିଧାନରେ ସଂଯୋଜିତ ଏହି ମୌଳିକ କର୍ତ୍ତବ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚିତ କରେ। ଏହାର ପାଳନ ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନର ମାର୍ଗକୁ ଉନ୍ମୁକ୍ତ କରେ। ଦେଶକୁ ତଥା ସମାଜକୁ ମଧ୍ୟଯୁଗୀୟ ସଂକୀର୍ଣ୍ଣ ଭାବନାରୁ ବାହାର କରି ଆଧୁନିକତା ଆଡ଼କୁ ନେଇ ଯିବାର ଅଭିପ୍ରାୟ ରଖେ। ଏକ ଐକ୍ୟବଦ୍ଧ, ନ୍ୟାୟପୂର୍ଣ୍ଣ, ସମତାଭିତ୍ତିକ ଓ ଭ୍ରାତୃତ୍ୱଭାବ ଉପରେ ପ୍ରତିଷ୍ଠିତ ଏକ ନୂଆ ସମାଜର ପରିକଳ୍ପନା କରେ। ଉଚ୍ଚତର ବୈଜ୍ଞାନିକ ଚେତନାର ସ୍ଥାପନ ଦ୍ୱାରା ଏହା ସମ୍ଭବପର। ଏ ମୌଳିକ କର୍ତ୍ତବ୍ୟ କେବଳ ନାମକୁ ନୁହେଁ, ଏହା କାମକୁ। ସମ୍ବିଧାନରେ ସ୍ଥାନିତ ଏହି ନିର୍ଦ୍ଦେଶନାମାକୁ ପ୍ରତ୍ୟେକ ନାଗରିକ ଆନ୍ତରିକତାର ସହିତ ପାଳନ କରିବା ଉଚିତ ଓ ଦେଶକୁ ଏକ ଉନ୍ନତ ଶିଖରକୁ ନେଇଯିବା ପାଇଁ ପ୍ରଚେଷ୍ଟା କରିବା ଉଚିତ। ଧାରା ୫୧-କ(ଏଚ୍)ର ବ୍ୟାପକ ପ୍ରଚାର ଓ ପ୍ରସାର ସମୟର ଆବଶ୍ୟକତା।

**ଦର୍ଶନ ବିଭାଗ (ଅବସରପ୍ରାପ୍ତ)**
**ବାରିପଦା, ମୟୂରଭଞ୍ଜ**
**ମୋ:୭୦୦୮୯୭୬୧୮୦**

# ବଡ଼ଦିଦିଙ୍କ ପତି



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ଶିକ୍ଷୟିତ୍ରୀ ଥିଲା ଭଲ ଥିଲା। ପ୍ରଧାନଶିକ୍ଷୟିତ୍ରୀ ହୋଇଗଲା ବଡ଼ ବିଜାର! କିଲିବିଲି ହୋଇଗଲା ପ୍ରାଣ। ନିଜେ ଛଟପଟ ହେଉଛି। ସାରା ପରିବାରକୁ ଘାଣ୍ଟି ଦେଉଛି ! ଦେଖୁ ଦେଖୁ କହିଲେ ସମୀରବାବୁ। ଗତବର୍ଷ ସମୀରବାବୁଙ୍କ ଧର୍ମପତ୍ନୀ ପଦୋନ୍ନତି ପାଇ ପ୍ରଧାନଶିକ୍ଷୟିତ୍ରୀ ହୋଇଛନ୍ତି। ଷ୍ଟାଟସ ଟିକେ ବଦଳିଥିବା ଖୁସିରେ ଗହଗହ ହେଉଥିଲେ। ଆଜି ଦେଖୁ ଦେଖୁ ବାୟା ବାୟା ଜଣାପଡୁଥିଲେ ସେ। ବୃତ୍ତିରେ ଓକିଲ ଥିବା ସମୀରବାବୁ ସହରର ଜଣେ ନାମକରା ବ୍ୟକ୍ତି। ପଚାରିଲି - ''କ'ଣ ଏମିତି ଅସୁବିଧା ହୋଇଗଲା ଯେ ଏତେ ବିସ୍ତୁକୁ ହୋଇଯାଉଛନ୍ତି!'' ଏଥର କହିଲେ, ତାଙ୍କ ଦୁଃଖଭରା କାହାଣୀ। ପ୍ରଧାନଶିକ୍ଷୟିତ୍ରୀ ହେବା ଭାରି କଷ୍ଟ। ଯଦି ତାଙ୍କୁ ଗାଡ଼ି ଚଲେଇବା ଆସୁ ନ ଥିବ ତେବେ କଥା ସରିଲା। ପ୍ରାଥମିକ ବିଦ୍ୟାଳୟରେ ହଜାରେ କାମ। ପାଠ ଅପେକ୍ଷା ଆନୁଷଙ୍ଗିକ କାମର ତାଲିକା ଲମ୍ବା। ସକାଳ ଉଠୁ ଉଠୁ ଠାକୁର ମୁହଁ ଦେଖିବା ଆଗରୁ ମୋବାଇଲ ମୁହଁ ଦେଖିବାକୁ ହେବ। ସିଆରସି ଆଜ୍ଞାଙ୍କ ହ୍ୱାଟ୍‌ସଅପ୍ ଗ୍ରୁପରେ ଆସିଥିବା ନିର୍ଦ୍ଦେଶନାମା। ଗୋଟେ ନାହିଁ। ଏକାବେଳକେ ଦି' ତିନିଟା ଚିଠି କିମ୍ବା ନିର୍ଦ୍ଦେଶ ଥିବ। ସେସବୁ ଗୋଟେ ଦିନ ଭିତରେ ସାରି ସେଇ ଗ୍ରୁପରେ ସଫ୍ଟ କପି ପଠେଇବାକୁ ପଡ଼ିବ। ଯଦି ମୋବାଇଲ ପରିଚାଳନା ଓ କମ୍ପ୍ୟୁଟର ପରିଚାଳନା ଜାଣି ନ ଥିବ ପୁଣି ଘରର ମରଦ ମଲା। ତାଙ୍କୁ ଥୟକୂଳ ରଖେଇ ଦେବେନି ମାଡାମ୍। ଦେଖୁ ଦେଖୁ ହୋସ ଉଡ଼ିଯିବ ସକାଳୁ ସକାଳୁ। ବୁଦ୍ଧି ବାମ ହୋଇଯିବ। ଆଉ ଶୋଇବାକୁ ଦେବେନି ପତିଦେବଙ୍କୁ। ଥରକୁ ଥର ଡାକି ଡାକି ପାହାନ୍ତା ପହରରୁ ଉଠେଇ ଦେବେ। ମୋବାଇଲଟେ ହାତକୁ ବଢ଼େଇ ଦେଇ କାମ ବରାଦ କରିଦେବେ। ତେଣିକି ବିଚରା ପତିଦେବଙ୍କ ସକାଳୁଆ ଭ୍ରମଣ ମର୍ଡର ହୋଇଯିବ। ଏତେ ବ୍ୟସ୍ତ କରିଦେବେ ଯେ ଦାନ୍ତପତ୍ର ନ ଘଷି କମ୍ପ୍ୟୁଟରରେ ବସିବେ ପତିଦେବ।

ମାଡାମ୍ ପାଖରେ ବସି ବିଦ୍ୟାଳୟର ପିଲା ଓ ଭିତ୍ତିଭୂମିର ତଥ୍ୟ ଦେବେ। ସ୍ୱାମୀସ୍ତ୍ରୀ ଦୁହେଁ କମ୍ପ୍ୟୁଟର କାମ ସାରିଲାବେଳକୁ ସୂର୍ଯ୍ୟ ସାମାନ୍ୟ ଉପରକୁ ଉଠି ସାରିଥିବେ। ଘରେ ଯଦି ଛୋଟ ପାଠ ପଢୁଆ ପିଲା ଥିଲେ ତାକୁ ପ୍ରସ୍ତୁତ କରିବାକୁ ମହାଶୟା ଏପଟେ ସେପଟେ ଧନ୍ଦି ହେଉଥିବେ। ଏ ସମୟରେ କିଛି ତଥ୍ୟ ପଚାରିଲେ ଓଲଟି ଗାଳି ଶୁଣିବାକୁ ବାଧ୍ୟ। ବରଂ ନିଜେ କମ୍ପ୍ୟୁଟର ପାଖରୁ ଉଠି ମେଶିନ ଭଳି କାମ କରୁଥିବା ଧର୍ମପତ୍ନୀଙ୍କ ନିକଟକୁ ଯାଇ କଅଁଳ ବଚନରେ ଉତ୍ତର ଆଦାୟ କରିବାକୁ ପଡ଼ିବ। ସେଇ କାମତକ ସାରି ନିଜକୁ ପ୍ରସ୍ତୁତ ହେଲାବେଳକୁ ରନ୍ଧାବଢ଼ା ପରେ ସ୍କୁଲ ପାଇଁ ପ୍ରସ୍ତୁତ ହୋଇଥିବେ ମହାଶୟା। ତରବର ହୋଇ ଯାହାକିଛି ଉଦରସ୍ଥ କରି ନିଜକୁ ପ୍ରସ୍ତୁତ ହେବାକୁ ପଡ଼ିବ ପତିଦେବଙ୍କୁ। ଗାଡ଼ିରେ ନେଇ ଛକରେ ଛାଡ଼ିବାକୁ ହେବ। ଯଦି ବିଶେଷକାମ ଥିବ ତେବେ ଛକ ନାହିଁ ସିଧା ସ୍କୁଲରେ ଛାଡ଼ିବାକୁ ହେବ। ଏକକ ଶିକ୍ଷୟିତ୍ରୀସମ୍ପନ୍ନ ବିଦ୍ୟାଳୟ ହୋଇଥିଲେ କଥା ସରିଲା। ବଡ଼ଦିଦିଙ୍କ



ଅଘୋରି କାହାଣୀ। କଡ଼ା ଦୁଃଖ। ତାକୁ ବ୍ୟକ୍ତ କରିହେବନି। କେବଳ ଘାଣ୍ଟିହେଉ ନ ଥିବେ ଦଳି ଚକଟି ହେଉଥିବେ। ସହକର୍ମୀ ଥିଲେ ଟିକେ ରକ୍ଷା। ତାଲା ଖୋଲି ପ୍ରାର୍ଥନା ପରେ ପ୍ରଥମେ ଉପସ୍ଥାପନ ପକାଇ ମଧ୍ୟାହ୍ନଭୋଜନ ଧନ୍ଦା। ସେଥିରେ ପୁଣି ବଡ଼ ଝମେଲା। ମୋବାଇଲ ଯୋଗେ ଉପରକୁ ଉପସ୍ଥାପନ ବାର୍ତ୍ତା ଦେବାକୁ ହେବ। ଏପଟେ ଚାଉଳ ତ ଯାହା ଆସିଥିବ, ସେଥିକୁ ପିଲା ସଂଖ୍ୟା ହିସାବରେ ଠିକ ମାପ କରି ଡାଲି ଚାଉଳ ସହ ଆନୁଷଙ୍ଗିକ ସାମଗ୍ରୀ ଦେଲାବେଳକୁ ବିଦ୍ୟାଳୟର ସବୁ ଶିକ୍ଷକଶିକ୍ଷୟିତ୍ରୀଙ୍କ ଅବସ୍ଥା ବାରଣ୍ଡା ଦି' କଡ଼ା। ଅଣ୍ଡା ପୁଣି ଝମେଲା। ବଜାରରେ ଦର ହାଉ ହାଉ। ମିଳିବ କେଞ୍ଚେ ଦେବାକୁ ପଡ଼ିବ ମେଞ୍ଚେ। ଟିକେ ଏପଟସେପଟ ହେଲେ ବିଦ୍ୟାଳୟ ମଧ୍ୟାହ୍ନଭୋଜନକୁ ନେଇ ତିଆରି ହେବ ନୂଆ ନୂଆ କାହାଣୀ। ଏତିକି କହି ଭାରି କରୁଣ ଦିଶୁଥିଲେ ସମୀରବାବୁ। ଦୁଃଖକୁ କହିଦେଲେ ମନ ହାଲକା ହେବ ଭାବି ଅପେକ୍ଷା ନ କରି ପୁଣି କହିଲେ। ତା'ପରେ ସହକର୍ମୀଙ୍କୁ ଦାୟିତ୍ୱ ଦେଇ ବଡ଼ଦିଦି ଅଲଗା କାମରେ ବାହାରିବାକୁ ହେବ। ଆଦିବାସୀ ଇଲାକାରେ ନିଜ କାମଦାମରେ ଲାଗିଥିବେ ବିଦ୍ୟାଳୟ ପରିଚାଳନା କମିଟି ମୁଖିଆ। ସେଠୁ ଚାଲିଚାଲି ତାଙ୍କ ଡଙ୍ଗର କିମ୍ବା ବିଲ ନିକଟକୁ ଯାଇ ଚାଲିବ ଗୌରଚନ୍ଦ୍ରିକା। ଦସ୍ତଖତ କାମ ତୁଟେଇ ପୁଣି ମହାଶୟାଙ୍କୁ ନେଇ ଏ ଅଫିସ ସେ ଅଫିସ ଭ୍ରମଣ। ବ୍ୟାଙ୍କ ଭିଡ଼କୁ କାଟି ପିଏଫ୍‌ଏମ୍‌ଏସ୍ କାଗଜ ପୈଠ କରିବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା। ସେତିକି କାମ ସରିଲା ପରେ ବିଦ୍ୟାଳୟ ପାଇଁ ଅନୁଦାନ ବ୍ୟୟ ଲାଗି ହରେକ ଦୋକାନ ଓ ଏଜେନ୍ସି ପାଖକୁ ପହଞ୍ଚିବାକୁ ହେବ। ଖାଲି ପହଞ୍ଚିଗଲେ ହେବନି। ସେମାନଙ୍କୁ କୁହାପୁଛା କରି ବିଦ୍ୟାଳୟର କାମ ଆଦାୟ କରିବାକୁ ଦି' ଚାରିଥର ଦୌଡ଼ିବାକୁ ହେବ। ଏସବୁ ଭିତରେ ଥରକୁ ଥର ବିଦ୍ୟାଳୟ ଖବର ବୁଝିବାକୁ ବାଧ୍ୟ ବଡ଼ଦିଦି। 'ମନ ସେଠି ପ୍ରାଣ ଏଠି' ନ୍ୟାୟରେ କାମ ଚାଲିଥିବ।

ଏଇକ୍ରମରେ ଅଫିସରୁ ପୁଣି ଘନ ଘନ ଫୋନ। ଏଇଟା ଦେଇ ନାହାନ୍ତି, ସେଇ କାମ ଆପଣଙ୍କର ସରିନି କାହିଁକି , ଆଜି ତୁରନ୍ତ ସାରି ରିପୋର୍ଟ କରନ୍ତୁ। ଅଖିଆଅପିଆ ହୋଇ ଘରକୁ ଫେରିଲା ବେଳକୁ ଦି'ଟା କି ତିନିଟା। ଫେରିବା ବାଟରେ ମେମ୍ ଏଥର କହିବେ - ଆଉ ମୁଁ ପାରୁନି, ଏଣିକି ଚାକିରି ଛାଡ଼ିଦେବି। ଏତିକି ଶୁଣୁ ଶୁଣୁ ସ୍ୱାମୀଙ୍କ ଅଧେ ରକ୍ତ ଶୁଖିଯିବ। ଚାକିରି ଛାଡ଼ିଦେଲେ ପରିବାର ପିଲାକୁଟୁମ୍ବ ଚାଲିବ କେମିତି? ପୁଣି ରାସ୍ତାସାରା ବୁଝାଶୁଝା କରି ଘରକୁ ଆଣି ଶାନ୍ତିରେ ରହିବାକୁ କାକୁତିମିନତି। କ'ଣ ଟିକେ ଖାଇ ପୁଣି ବଳକା ଥିବା ବିଦ୍ୟାଳୟ ତଥ୍ୟ ପରିଚାଳନାରେ ପେଷି ହେବାକୁ ପଡ଼ିବ। ଏସବୁ ବାଦେ ପୁଣି ତାଲିମ। କିସମ କିସମର ଶିକ୍ଷକ ତାଲିମ। ସହକର୍ମୀ ଗଲେ ବିଦ୍ୟାଳୟ ପରିଚାଳନା ଦାୟିତ୍ୱ। ସେ ଅମଙ୍ଗ ହେଲେ ବଡ଼ଦିଦି ତାଲିମ ଯିବାକୁ ବାଧ୍ୟ। ମହାଶୟା ତାଲିମରେ ଯୋଗଦାନ କଲେ ବିଦ୍ୟାଳୟ ଓ ଘର ବାବଦକୁ ଏକାଧିକ କାମ ବରାଦ ହୋଇଥିବ ପତିଦେବଙ୍କୁ। ସେତକ ସାରିବାକୁ ହେବ। ନ ହେଲେ ଆରମ୍ଭ ହେବ ମହାଭାରତ। ବର୍ଷକର ଅର୍ଦ୍ଧାଧିକ ସମୟ ଏମିତି ଛନ୍ଦି ହୋଇ କାମ କରିବା ଭିତରେ ଧର୍ମପତ୍ନୀଙ୍କୁ ସମସ୍ତ ଅଫିସର ଚିହ୍ନି ସାରିଥିବେ। ତେଣିକି କାମ ଆଦାୟ ଲାଗି ଆଉ ବଡ଼ଦିଦିଙ୍କୁ ନୁହେଁ ସିଧା ପତିଦେବଙ୍କୁ ଆସିବ ଫୋନ - 'ଆଜ୍ଞା ! ଦିଦିଙ୍କ ସ୍କୁଲ କାମ ବହୁତ ରହିଯାଇଛି। ଖରାପ ଭାବିବେନି। ଟିକେ ଆପଣ ଲାଗି ସରେଇ ଦେଲେ ଭଲ ହୁଅନ୍ତା।' ସେତିକିବେଳେ ଲାଗିବ - ବଡଦିଦିଙ୍କ ସହ ପତିଦେବ ବି ଚାକିରି କରୁଛନ୍ତି।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା**
**ମୋ- ୯୪୩୭୦୯୦୯୬୭୧**

## ଏଇ ଭାରତରେ

ଛତିଶଗଡ଼ର ବସ୍ତର ଅଞ୍ଚଳ ମାଓପ୍ରବଣ ଓ ଏହାର ଘଞ୍ଚ ଜଙ୍ଗଲିଆ କ୍ଷେତ୍ରରେ ରହୁଥିବା ଆଦିବାସୀଙ୍କ ଜୀବନଜୀବିକା ଅତ୍ୟନ୍ତ କଷ୍ଟକର। ସେଭଳି ଏକ ଅଞ୍ଚଳରେ ସତ୍ୟେନ୍ଦ୍ର ସିଂ ଲିହାରେ ଆଦିବାସୀଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛନ୍ତି। 'ବସ୍ତର ସେ ବଜାର ତକ୍' ବିଜ୍‌ନେସ ଆରମ୍ଭ କରି ତା' ମାଧ୍ୟମରେ ବିଭିନ୍ନ ଉତ୍ପାଦକୁ ସିଧାସଳଖ ମାର୍କେଟରେ ବିକିବାର ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ମଧ୍ୟସ୍ଥଙ୍କ ଆବଶ୍ୟକତା ପଡୁନାହିଁ, ଫଳରେ ଚାଷୀମାନେ ଅଧିକ ଲାଭ ପାଇପାରୁଛନ୍ତି। ବିଶେଷକରି ଆତ, ଜାମୁକୋଳି, ତେନ୍ତୁଳି,ପନିପରିବା, ମାଛ ଓ ଔଷଧୀୟ ଗଛ ଆଦି ବିକ୍ରି କରାଯାଉଛି। ଏହାକୁ ସେ ମୁମ୍ବାଇ,ହାଇଦ୍ରାବାଦ, ପୁଣେ, ରାୟପୁର ଆଦି ସହରରେ ବିକ୍ରି କରୁଛନ୍ତି। ଏଥିରୁ ମଧ୍ୟ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରାଯାଉଛି। ଏହି କାର୍ଯ୍ୟରେ ସେ ୧୫୫୦ ଆଦିବାସୀ ମହିଳାଙ୍କୁ ନିଯୁକ୍ତ କରି ସେମାନଙ୍କୁ ଆତ୍ମନିର୍ଭର କରିବାରେ ସକ୍ଷମ ହୋଇପାରିଛନ୍ତି। ସତ୍ୟେନ୍ଦ୍ରଙ୍କ ପିଲାଦିନ ବହୁ କଷ୍ଟରେ କଟିଛି। ସେ ଅର୍ଥାଭାବରେ ରହି ଶିକ୍ଷା ଶେଷ କରି ଆଦିବାସୀଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ୨୦୨୦ରେ 'ବସ୍ତର ସେ ବଜାର ତକ୍' ବିଜ୍‌ନେସ ଆରମ୍ଭ କରିଥିଲେ। ଦୀର୍ଘଦିନର ସଂଘର୍ଷମୟ ଅଧ୍ୟାୟ ଅତିକ୍ରମ କରି ସେ ସଫଳ ହୋଇଛନ୍ତି। ବର୍ଷକୁ ଏଥିରୁ ୧ କୋଟି ଟଙ୍କା ଆୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩ ଜାନୁଆରୀ ୧୯୭୫**

- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପୂର୍ବତନ ମୁଖ୍ୟ ସେକ୍ରେଟାରୀ ପି.ଏନ୍. ହକ୍‌ସାର ଯୋଜନା କମିଶନର ଡେପୁଟି ଚେୟାରମ୍ୟାନ୍ ନିଯୁକ୍ତ।
- ଭାରତକୁ ଆସନ୍ତା ପାଞ୍ଚ ବର୍ଷ ପାଇଁ ସୁବିଧାଜନକ ହାରରେ ଅଶୋଧିତ ତୈଳ ଯୋଗାଇଦେବାକୁ ସଂଯୁକ୍ତ ଆରବ ଏମିରେଟ୍‌ସ (ୟୁଏଇ)ର ସମ୍ମତି ପ୍ରଦାନ।
- ପର୍ତ୍ତୁଗାଲ ସହିତ ଭାରତର ବାଣିଜ୍ୟ କାରବାର ସଂକ୍ରାନ୍ତ ନିଷେଧାଦେଶ ଉଠାଇ ଦିଆଯିବା ନେଇ ଭାରତ ସରକାରଙ୍କ ପକ୍ଷରୁ ଘୋଷଣା।

## ଚିରନ୍ତନୀ

ଦୁନିଆ ବୁକୁରେ ଜାଳିଦେଇ ହୁତାଶନ
ସେହି ସେ ଆଘାତ ବାଜିଉଠେ ଘନ ଘନ
ସେହି ସେ ଆଘାତ ବାଜଇ ଜନନୀ ବୁକେ
ଚାହିଁ ଅନାହାର- ପୀଡିତ ତନୟ ମୁଖେ।
-(ତୁମେଟି ଚାଲିବା ଜାଣ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଖାଉଟି କଲବଲ ହେଉଛନ୍ତି

ମହାଶୟ,

ଖାଉଟି ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ, ପନିପରିବା ଦରବୃଦ୍ଧି ଏବେ ଆକାଶଛୁଆଁ। ଦରଦାମ୍‌ର ସର୍ବାଧିକ ଚାପ ଯଦି କୌଣସି ରାଜ୍ୟ ଉପରେ ରହିଛି, ତାହା ଉପରେ ଓଡ଼ିଶା। ଦେଶର ଅନ୍ୟ କୌଣସି ରାଜ୍ୟରେ ଏଭଳି ସ୍ଥିତି ନାହିଁ। ପନିପରିବାଠାରୁ ଆରମ୍ଭ କରି ରେଶନ ସାମଗ୍ରୀ ପର୍ଯ୍ୟନ୍ତ ସବୁକିଛି ନିୟନ୍ତ୍ରଣ ବାହାରେ। ଖାଦ୍ୟ ସାମଗ୍ରୀ ମୂଲ୍ୟ ଏବେ ବଜାରରେ ଯାହା, ଦୋକାନୀ ମଧ୍ୟ ଗ୍ରାହକଙ୍କୁ ପ୍ରତି ସାମଗ୍ରୀର କେଜି ମୂଲ୍ୟ ବଢ଼ାଇବାକୁ ସର୍ବୋଚ୍ଚ ମନେକରୁଛି ଏବଂ ସେଥିପାଇଁ ଗ୍ରାହକଙ୍କୁ (ଡାଲି, ଚିନି ଓ ଚାଉଳ) ପ୍ରତିଟି ସାମଗ୍ରୀର ୨୫୦ ଗ୍ରାମର ଦାମ ବଢ଼ାଇବାକୁ ଉଚିତ ମଣୁଛି। ଚଳିତବର୍ଷ ନଭେମ୍ବରରେ ସର୍ବଭାରତୀୟ ସ୍ତରରେ ମୁଦ୍ରାସ୍ଫୀତି ହାର ଓଡ଼ିଶାଠାରୁ ଯଥେଷ୍ଟ କମ୍ ୫.୫୫ ରହିଛି। ଖାଦ୍ୟ ସାମଗ୍ରୀ ଓ ପନିପରିବା ଦର ବୃଦ୍ଧି ପ୍ରଭାବରେ ରାଜ୍ୟର ସମସ୍ତ ଜିଲାରେ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଛି। ଏହା ଭାରତୀୟ ରିଜର୍ଭ ବ୍ୟାଙ୍କ ଧାର୍ଯ୍ୟ କରିଥିବା ୬ ପ୍ରତିଶତର ସହନଶୀଳ ସ୍ତରଠାରୁ ମଧ୍ୟ ଅଧିକ। ଦେଶର ଅନ୍ୟ କୌଣସି ରାଜ୍ୟରେ ଏଭଳି ସ୍ଥିତି ନାହିଁ। ଗ୍ରାମାଞ୍ଚଳରେ ଡାଲି, ତେଲ, ଅଟା, ଚିନି, ମସଲା କେହି ବୋଲ ମାନୁନାହାନ୍ତି। ଏବେକାର ମୁଦ୍ରାସ୍ଫୀତିକୁ ଆଖି ଆଗରେ ରଖି ବ୍ୟବସାୟିକ ନେଣଦେଣର ମାପକ କେଜି ପରିବର୍ତ୍ତେ ଗ୍ରାମ୍ ଅବଲମ୍ବନ କରାଯିବାର ଯଥେଷ୍ଟ ଯଥାର୍ଥତା ରହିଛି। ତଥାପି ସରକାର ଗତାନୁଗତିକ ରୀତିରେ ପୁରୁଣା କ୍ୟାସେଟ୍ ବଜାଇ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି ବୋଲି ପ୍ରକାଶ କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଆକାଶଛୁଆଁ ଦରବୃଦ୍ଧି ଯୋଗୁ ରାଜ୍ୟର ଖାଉଟି କଲବଲ ହେଉଛନ୍ତି।

**-ଦେବବ୍ରତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଅଯୋଧ୍ୟାରୁ ମହାପ୍ରଭୁଙ୍କୁ ଆସିଲା ନିମନ୍ତ୍ରଣ

**ପୁରୀ,୨।୧(ଅଜିତ୍ ମହାନ୍ତି)**

ଜାନୁଆରୀ ୨୨ରେ ଉତ୍ତର ପ୍ରଦେଶର ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସହ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ନେଇ ସାରାଦେଶ ଉତ୍ସବ ମୁଖର ହୋଇଉଠିଛି। ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଏକ ପର୍ବ ଭାବରେ ପାଳନ କରିବା ପାଇଁ ସରକାରଙ୍କଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହେଲାଣି। ପବିତ୍ର କାର୍ଯ୍ୟରେ ଯୋଗ ଦେବାପାଇଁ ଦେଶର ବିଭିନ୍ନ ଦେବପୀଠ, ସାଧୁସନ୍ଥ , ରାଜନେତାଙ୍କୁ ନିମନ୍ତ୍ରଣ କରାଯାଉଛି। ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ପାରମ୍ପରିକ ରୀତିନୀତିରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ନିମନ୍ତ୍ରଣ ପତ୍ର ମହାପ୍ରଭୁଙ୍କୁ ପ୍ରଦାନ କରାଯାଇଛି। କମିଟି ପକ୍ଷରୁ ପରମ୍ପରା ଅନୁଯାୟୀ ଏକ ମାଟି ସରାରେ ଅରୁଆ ଚାଉଳ, ଗୁଆ, ପାନ, ପଇତା, ନଡ଼ିଆ ସହ ନିମନ୍ତ୍ରଣ ପତ୍ର ରଖାଯାଇ ମହାପ୍ରଭୁଙ୍କୁ ଅର୍ପଣ କରାଯାଇଛି। ମହାପ୍ରଭୁ ଉକ୍ତ କାର୍ଯ୍ୟରେ ସ୍ୱୟଂ ଉପସ୍ଥିତ ରହି ପ୍ରଭୁ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଓ ରାମମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ସଫଳ କରନ୍ତୁ ବୋଲି ପ୍ରାର୍ଥନା କରାଯାଇଛି। ମହାପ୍ରଭୁଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିବା ପରେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ମଧୁସୂଦନ ସିଂହାରୀ ମହାପ୍ରଭୁଙ୍କ ଗୁଣା (ମହାପ୍ରଭୁ ପରିଧାନ କରୁଥିବା ଫୁଲର ଅଳଙ୍କାର)କୁ ଟ୍ରଷ୍ଟକୁ ପ୍ରଦାନ କରିଥିଲେ। ଏହାକୁ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଲଗାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି କି ପ୍ରଭୁ ରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ



ମହାପ୍ରଭୁ ଶ୍ରୀଜଗନ୍ନାଥ ସପରିବାର ପହଞ୍ଚି କାର୍ଯ୍ୟ ଯେପରି ନିର୍ବିଘ୍ନରେ ସମ୍ପନ୍ନ ହେବ ସେ ନେଇ ପ୍ରାର୍ଥନା କରିବା ସହ ନିମନ୍ତ୍ରଣ ମାଧ୍ୟମରେ ଜଣାଇଲୁ। ସେହିପରି ପବିତ୍ର ଉତ୍ସବର ଉକ୍ତ ଦିନରେ ଓଡ଼ିଶାବାସୀ ନିଜ ଘରେଘରେ ପ୍ରଦୀପ ଲଗାଇ ପ୍ରାର୍ଥନା କରିବା ସହ ଘର ନିକଟରେ ଥିବା ଦେବାଳୟରେ ଭଜନ କୀର୍ତ୍ତନ କରି ଏହି ଉତ୍ସବକୁ ପାଳନ କରିବାକୁ କମିଟି ପକ୍ଷରୁ କୁହାଯାଇଛି।

# ଆଜି ୪ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

**ପୁରୀ,୨।୧(ଅଜିତ୍ ମହାନ୍ତି):** ପୌଷମାସ କୃଷ୍ଣପକ୍ଷ ସପ୍ତମୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଉକ୍ତ ଗୁପ୍ତନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପକ୍ଷରୁ ସୂଚନା ଦିଆଯାଇଛି। ଦତ୍ତମହାପାତ୍ର ସେବକମାନେ ଏହି ଗୁପ୍ତ ବନକ ଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ

## ଶ୍ରୀମନ୍ଦିରରେ ହେବ ବନକଲାଗି

ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୁଏ। ଦତ୍ତ ମହାପାତ୍ର ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ବଢିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହେବ। ବନକଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ।




# ଫେବୃଆରୀ ୩ରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

**ଭୁବନେଶ୍ୱର,୨।୧ (ଅନିଲ ଦାସ)**

ଆସନ୍ତା ଫେବୃଆରୀ ୩ରୁ ରାଜ୍ୟରେ ପ୍ରଥମ ଥର ପାଇଁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯିବ। ଏହା ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚାଲିବ। ଏହି ସମ୍ମିଳନୀ ଆୟୋଜନ କରିବା ନିମନ୍ତେ ୨୦୨୩ ଡିସେମ୍ବର ୧୯ ତାରିଖରେ ଅନୁଷ୍ଠିତ ଐତିହ୍ୟ କ୍ୟାବିନେଟରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସମ୍ମିଳନୀ ଯେପରି ବିପୁଳ ସଫଳତା ହାସଲ କରିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ସମସ୍ତ ସମ୍ପୃକ୍ତ ବିଭାଗ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହିତ ସମନ୍ୱୟ ରକ୍ଷାକରି କାମ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଭାଷା ସମ୍ମିଳନୀ ଓଡ଼ିଆ ଅସ୍ମିତାର ପରିଚୟ ହେବ। ଶାସ୍ତ୍ରୀୟ ଭାଷା ଓଡ଼ିଆକୁ ଆହୁରି କିପରି ଲୋକପ୍ରିୟ କରାଯିବ ଏ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରାଯିବ। ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତି ଓ ପ୍ରଯୁକ୍ତିବିଦ୍ୟା ଯୁଗରେ ଏହି ଭାଷା ସମ୍ମିଳନୀ ଯୁବପିଢ଼ିଙ୍କୁ ଓଡ଼ିଆ ଭାଷା ପ୍ରତି ଆକର୍ଷିତ କରିବ। ଏହି ସମ୍ମିଳନୀରେ ଓଡ଼ିଆ ଭାଷାର ପ୍ରାଚୀନତା ଓ ଭବିଷ୍ୟତର ପ୍ରାସଙ୍ଗିକତା ଉପରେ ଅନେକ ତର୍କଭିତ୍ତିକ ଓ ମାର୍ମିକ ତର୍ଜମା କରାଯିବ। ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଷାବିତ୍‌ମାନେ ଯୋଗଦେଇ ଓଡ଼ିଆ ଭାଷାର ସର୍ବପ୍ରାଚୀନତା ଓ ନିରନ୍ତରତା ସମ୍ପର୍କରେ ବିଭିନ୍ନ ପର୍ଯ୍ୟାୟଭିତ୍ତିକ ଆଲୋଚନା କରିବେ। ଏଥିରେ ଓଡ଼ିଆ ଭାଷାର ଉତ୍ପତ୍ତି, କ୍ରମବିକାଶ ଓ ଲୋକପ୍ରିୟତା ଉପରେ ସାରଗର୍ଭକ ଆଲୋଚନାମାନ ଅନୁଷ୍ଠିତ ହେବ। ଏଥିସହ ବିଶେଷଜ୍ଞମାନେ ଏହି ୩ ଦିନରେ ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ରୂପରେଖ ଉପରେ ତଥ୍ୟଭିତ୍ତିକ ଉପସ୍ଥାପନ କରିବେ।

ସମ୍ମିଳନୀରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ବୁଦ୍ଧିଜୀବୀ ତଥା ସବୁ ବର୍ଗର ବ୍ୟକ୍ତିବିଶେଷ ଯୋଗଦେବେ। ଓଡ଼ିଆ ଭାଷାକୁ ଅଭିନବ ଭାବେ କିଭଳି ଶିଖି ହେବ ଏ ସମ୍ପର୍କରେ ମଧ୍ୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହି ସମ୍ମିଳନୀ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଷାଭାଷୀମାନଙ୍କ ନିମନ୍ତେ ଏକ ନୂତନ ଆଲୋକବର୍ତ୍ତିକା ହେବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଡ୍ରାଇଭର/ପିଅନ
ଆବଶ୍ୟକ। ମାଗଣା ରହିବା ଖାଇବା ସହିତ ଦରମା।
ଯୋଗାଯୋଗ: 7008432414

See Career Appointment on every Wednesday & Saturday

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**
**ପ୍ଲମ୍ବର**
ପ୍ରାର୍ଥୀ ପ୍ଲମ୍ବିଂରେ ଆଇ.ଟି.ଆଇ. କିମ୍ବା ଡିପ୍ଲୋମା ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତି କମ୍‌ରେ ୨ ବର୍ଷରୁ ଅଧିକ ଅଭିଜ୍ଞତା ଥିବ ଓ ତାଙ୍କ ବୟସ ୪୦ ବର୍ଷରୁ କମ୍ ହୋଇଥିବା ବାଞ୍ଛନୀୟ । ସେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ଫିଟ୍ ଥିବା ଆବଶ୍ୟକ ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ
ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

**NEEDS MEDICAL PROFESSIONALS**

**National Aluminium Company Limited (NALCO),** the Navratna PSU is one of the largest integrated Alumina-Aluminium complexes in Asia with its Corporate Office at Bhubaneswar, Odisha. The company is looking for Medical professionals for its production units / offices in different locations, as per the details below:

| Name of the Post / Grade | Total no. of Posts* |
|---|---|
| Specialist /E02 grade (Orthopedic:01,Pediatric:02, Radiology:01) | 04 (UR-01, OBC (NCL)01, EWS-01, SC-01) |
| Specialist/E03 grade (Orthopedic:01, Pediatric:02, Radiology:01, Medicine :01, Ophthalmology:01) | 06 (UR-03,OBC(NCL)-02, EWS-01) |

**Important Dates :**

| | |
|---|---|
| Opening of online Submission of application | 18/12/2023 (10:00 AM) |
| Last date of Submission of online application | 16/01/2024 (06:00 AM) |

For details and to apply online please visit the Career Section of Company's website at www.nalcoindia.com

Advt. No. 10230401 Date: 12/12/2023

# ଆଜି ଲୋୟର ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନ

**ବଲାଙ୍ଗୀର, ୨।୧ (ବୀରେନ୍ଦ୍ର କୁମାର ଝାଙ୍କର)**

## ୨୭୨୩ କୋଟି ଟଙ୍କାରେ ତିଆରି ହୋଇଛି ପ୍ରକଳ୍ପ

ବୁଧବାର ବଲାଙ୍ଗୀର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୭୨୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ବହୁ ପ୍ରତୀକ୍ଷିତ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ କରିବେ। ଏହା ସହିତ ୩୦୫କୋଟିର ଅନ୍ୟାନ୍ୟ ପ୍ରକଳ୍ପ ଉଦ୍‌ଘାଟନ ଏବଂ ୨୨୨୦କୋଟି ଟଙ୍କା ପ୍ରକଳ୍ପ ଶିଳାନ୍ୟାସ କରିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି କରାଯାଇଛି। ବଲାଙ୍ଗୀର ସହରଠାରୁ ୨୨କିଲୋମିଟର ଦୂର ସଦର ବ୍ଲକ ଅନ୍ତର୍ଗତ ମାଗୁରବେଡାଠାରେ ନିର୍ମିତ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ସମ୍ମୁଖରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ ଜନସାଧାରଣଙ୍କୁ ସମ୍ବୋଧିତ କରିବେ। ବୁଧବାର ପୂର୍ବାହ୍ନ ୧୧ଟା ୨୦ରେ ବିମାନରେ ତୁଷରା ଏୟାର ଷ୍ଟ୍ରିପ୍‌ରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ସେଠାରୁ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଲୋୟର ସୁକ୍‌ତେଲ ଡ୍ୟାମ୍ ସାଇଟ୍‌କୁ ଯିବେ। ଡ୍ୟାମ୍ ସମ୍ମୁଖ ହେଲିପ୍ୟାଡ୍‌ରେ ପହଞ୍ଚିବା ପରେ ୧୧ଟା ୫୦ରେ ସୁକ୍‌ତେଲ ପ୍ରକଳ୍ପ ଉଦ୍‌ଘାଟନ କରିବେ। ଏହାପରେ ସାଧାରଣ ସଭାରେ ଯୋଗଦେବେ। ୧୨ଟା ୩୫ରେ କାର୍ଯ୍ୟକ୍ରମ ସାରି ସେଠାରୁ ତୁଷରା ଏୟାର ଷ୍ଟ୍ରିପ୍‌କୁ ଫେରି ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି।

# ନାମଲେଖାବେଳେ ପିଲା ଦେବେ ନିଶାମୁକ୍ତ ଘୋଷଣାନାମା

**ଭୁବନେଶ୍ୱର,୨।୧(ଅସମାପିକା ସାହୁ)**

ଏଣିକି ନାମଲେଖା ସମୟରେ ଛାତ୍ରୀଛାତ୍ରମାନେ ନିଶାମୁକ୍ତ ଘୋଷଣାନାମା ଦେବେ। ଏ ନେଇ କେନ୍ଦ୍ର ସରକାରଙ୍କ ଚିଠି ପରେ ସାମାଜିକ ସୁରକ୍ଷା ସଚିବ ଶିକ୍ଷା ବିଭାଗକୁ ଚିଠି ଲେଖିଛନ୍ତି। ଛାତ୍ରୀଛାତ୍ରଙ୍କୁ ନିଶାଠାରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଏହି ପ୍ରୟାସ କରିଛନ୍ତି। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଏବଂ ଉଚ୍ଚଶିକ୍ଷା ବିଭାଗର ମିଳିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ନିଶାମୁକ୍ତ ଭାରତ ଗଠନ ପାଇଁ ପ୍ରଥମେ ଯୁବପିଢ଼ିଙ୍କୁ ବଦଳାଇବା ନିମନ୍ତେ ଚିନ୍ତା କରାଯାଉଛି। ତେଣୁ ନାମଲେଖା ସମୟରେ ପିଲାଙ୍କଠାରୁ ନିଶାମୁକ୍ତ ଘୋଷଣାନାମା ରଖିବା ସକାଶେ କୁହାଯାଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଫର୍ମ ପ୍ରସ୍ତୁତ ହୋଇଛି। ଏ ନେଇ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଚିଠି କରାଯାଇଛି। ଉଚ୍ଚଶିକ୍ଷାନୁଗୁଡ଼ିକ କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ନିମନ୍ତେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଷ୍ଟୁଡେଣ୍ଟ୍ସ କ୍ଲବ ମାଧ୍ୟମରେ ବିଭିନ୍ନ ପଦକ୍ଷେପ ନେବା ଲାଗି କୁହାଯାଇଛି। ଏ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସଚିବ ବିଷ୍ଣୁପଦ ସେଠୀ ଉଚ୍ଚଶିକ୍ଷା ବିଭାଗ, ଗଣଶିକ୍ଷା ବିଭାଗ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଏହି ଚିଠି ପାଇବା ପରେ ଉଚ୍ଚଶିକ୍ଷା ବିଭାଗ ସମସ୍ତ ବିଶ୍ୱବିଦ୍ୟାଳୟ କୁଳସଚିବ, ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛି।



ଧରିତ୍ରୀ 50 Years
ଭୁବନେଶ୍ୱର, ବୁଧବାର,
୩ ଜାନୁଆରୀ, ୨୦୨୪



## ସଂକ୍ଷେପରେ

### ରେଲ୍‌ୱେର ଦୁର୍ଘଟଣା ନିରୋଧୀ ବ୍ୟବସ୍ଥା ବିବରଣୀ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨।୧

ଟ୍ରେନ୍ ଦୁର୍ଘଟଣା ରୋକିବା ପାଇଁ ରେଲ୍‌ୱେର ଦୁର୍ଘଟଣା ନିରୋଧୀ ବ୍ୟବସ୍ଥା ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ବିବରଣୀ ମାଗିଛନ୍ତି। ଭାରତରେ ଟ୍ରେନ୍ ଦୁର୍ଘଟଣା ବଢୁଥିବାରୁ 'କବଚ' ଯୋଜନା କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ବିଶାଲ ତିୱାରୀ ସର୍ବୋଚ୍ଚ ଅଦାଲତ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ଟ୍ରେନ୍‌ଗୁଡ଼ିକ ସମ୍ମୁଖୀନ ହେବାକୁ ଥିବା ସମ୍ଭାବ୍ୟ ବିପଦ ଉପରେ ଅନୁଧ୍ୟାନ ପାଇଁ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ବୈଷୟିକ ସଦସ୍ୟମାନଙ୍କୁ ନେଇ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ସେ ନିବେଦନ କରିଥିଲେ। ଦେଶରେ ଟ୍ରେନ୍ ଦୁର୍ଘଟଣା ରୋକିବାରେ କିଭଳି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବା କାର୍ଯ୍ୟକାରୀ କରିବା ଯୋଜନା ରହିଛି, ଜଣାଇବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀଙ୍କୁ କହିଛନ୍ତି।

### ବିସ୍ଫୋରଣରେ ହମାସ୍ ନେତା ନିହତ



ସାଲେହ ଅରୌରୀ

ବିରୁଟ୍,୨।୧

ଲେବାନନ୍ ରାଜଧାନୀ ବିରୁଟ୍‌ରେ ମଙ୍ଗଳବାର ବିସ୍ଫୋରଣ ଘଟି ହମାସ୍ ଆତଙ୍କବାଦୀ ସଂଗଠନର ଅନ୍ୟତମ ପ୍ରତିଷ୍ଠାତା ତଥା ଏହାର ଉପମୁଖ୍ୟ ସାଲେହ ଅରୌରୀ ନିହତ ହୋଇଛନ୍ତି। ସେ ୱେଷ୍ଟବ୍ୟାଙ୍କରେ ହମାସ୍‌ର ନେତୃତ୍ୱ ନେଉଥିଲେ। ଗତବର୍ଷ ଅକ୍ଟୋବର ୭ରେ ଇସ୍ରାଏଲ୍ ହମାସ୍ ଉପରେ ଆକ୍ରମଣ କରିବା ପୂର୍ବରୁ ଅରୌରୀଙ୍କୁ ହତ୍ୟା କରିବା ପାଇଁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଧମକ ଦେଇଥିଲେ। ଇସ୍ରାଏଲ୍ ଡ୍ରୋନ୍ ଦ୍ୱାରା ହୋଇଥିବା ବିରୁଟ୍ ଦକ୍ଷିଣ ଭାଗରେ ହୋଇଥିବା ଏହି ବିସ୍ଫୋରଣରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଅରୌରୀଙ୍କୁ ହତ୍ୟା ସତ୍ତ୍ୱେ ହମାସ୍ ଗାଜାରେ ଇସ୍ରାଏଲୀ ସେନାର ମୁକାବିଲା ଜାରି ରଖିବ ବୋଲି କହିଛି।

### ଜାତି ସର୍ଭେ ତଥ୍ୟ ଉପରେ ନିଷ୍ପତ୍ତି ଅଟକାଇବାକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୨।୧(ପି.ଟି.)

ଜାତିଗତ ଜନଗଣନାରେ ତଥ୍ୟ ଆଧାରରେ ବିହାର ସରକାର ନେବାକୁ ଥିବା ନିଷ୍ପତ୍ତି ଅଟକାଇବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ମନା କରିଦେଇଛନ୍ତି। ଏହି ସର୍ଭେ ଫଳାଫଳ ଗତବର୍ଷ ଅକ୍ଟୋବରରେ ପ୍ରକାଶ ପାଇଥିଲା। ତେବେ ସର୍ବସାଧାରଣରେ ପ୍ରକାଶ ପାଇଥିବା ତଥ୍ୟରେ ବିଭାଜନକୁ ନେଇ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। ବିହାର ସରକାରଙ୍କ ଜାତି ଜନଗଣନାକୁ ପାଟନା ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଅଦାଲତ ସରକାରଙ୍କ ନିଷ୍ପତ୍ତିକୁ କାଏମ ରଖିଥିଲେ। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଏହା ଉପରେ ଅନ୍ତରୀଣ ନିର୍ଦ୍ଦେଶ ଦେବା ପାଇଁ ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ ମନା କରିଦେଇଛନ୍ତି। ହାଇକୋର୍ଟଙ୍କ ରାୟ କେତେଦୂର ଠିକ୍ ଥିଲା ଏବଂ ଜାତି ଜନଗଣନାର ବୈଧତାକୁ ଯାଞ୍ଚ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ରାଜ୍ୟ ସରକାର ସର୍ଭେ ରିପୋର୍ଟ ଆଧାରରେ ଅନୁସୂଚିତ ଜାତି, ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ଅତ୍ୟନ୍ତ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀ (ଇଡବ୍ଲ୍ୟୁଏସ୍)ଙ୍କ ପାଇଁ ୭୫ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରିବାକୁ ଯାଇଥିବା ଆବେଦନକାରୀଙ୍କ ଓକିଲ କହିବା ପରେ ଏହାର ସବିଶେଷ ଶୁଣାଣିର ଆବଶ୍ୟକତା ରହିଛି ବୋଲି ଖଣ୍ଡପୀଠ କହିଥିଲେ।

## ମଣିପୁରରେ ମ୍ୟାନ୍ମାର ଉଗ୍ରପନ୍ଥୀ

# ସୁରକ୍ଷାବଳଙ୍କୁ ପୁଣି ଟାର୍ଗେଟ

### ୭ ଯବାନ ଆହତ
### ସୀମାରୁ ଏଫ୍‌ଏମ୍‌ଆର୍ ହଟାଇବାକୁ ଯୋଜନା

ନୂଆଦିଲ୍ଲୀ,୨।୧(ପି.ଟି.)



ମଣିପୁରର ଥୋଉବଲ ଜିଲାରେ ସୋମବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟି ୩ ଜଣଙ୍କ ମୃତ୍ୟୁ ପରେ ବ୍ୟାପକ ପୋଡ଼ାଜଳା ହୋଇଥିଲା। ହିଂସାକାଣ୍ଡ ପରେ ୫ ଉପତ୍ୟକା ଜିଲାରେ ପୁଣିଥରେ କର୍ଫ୍ୟୁ ଜାରି କରାଯାଇଥିଲା। ମଙ୍ଗଳବାର ସକାଳେ ଟେଙ୍ଗନୌପାଲ ଜିଲାର ମୋରେହ ଜିଲାରେ ସୁରକ୍ଷା ବଳ ଏବଂ ଉଗ୍ରପନ୍ଥୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଇମ୍ଫାଲଠାରୁ ୧୦୭ କି.ମି. ଦୂର ଚାଭଙ୍ଗଫାଇରେ ଗୁଳିବିନିମୟ ଆରମ୍ଭ ହୋଇଥିଲା। ଏଥିରେ ୭ ଜଣ ସୁରକ୍ଷା ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ବିମାନ ଯୋଗେ ଇମ୍ଫାଲ ନିଆଯାଇଛି। ସୁରକ୍ଷା ବଳ ଉପରେ ଆକ୍ରମଣ କରିଥିବା ୨ ଜଣଙ୍କୁ ପୋଲିସ ଅଟକ ରଖିଥିବାବେଳେ ସେମାନଙ୍କୁ ଛାଡ଼ିଦେବା ପାଇଁ ସ୍ଥାନୀୟ ମହିଳା ଉଦ୍ୟମ ଚଳାଇଛନ୍ତି। ମ୍ୟାନ୍ମାର ସୀମାକୁ ଲାଗିଥିବା ମୋରେହ ସହରରେ ଗତ ୩୦ ତାରିଖରୁ ଉଗ୍ରପନ୍ଥୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି। ରାଜ୍ୟରେ ଅସ୍ଥିରତା ସୃଷ୍ଟି ପାଇଁ ମ୍ୟାନ୍ମାରର ଉଗ୍ରପନ୍ଥୀମାନେ ଆକ୍ରମଣରେ ସମ୍ପୃକ୍ତ ଥିବା ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଅଭିଯୋଗ କରିବା ସହ ଏହା ଜାତୀୟ ନିରାପତ୍ତା ପ୍ରତି ଗୁରୁତର ବିପଦ ବୋଲି କହିଛନ୍ତି। ଏନେଇ ରାଜ୍ୟର ଏକ ପ୍ରତିନିଧି ଦଳ ଦିଲ୍ଲୀ ଯାଇ କେନ୍ଦ୍ରୀୟ ନେତୃତ୍ୱଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ମ୍ୟାନ୍ମାରରୁ ଉଗ୍ରପନ୍ଥୀମାନେ ପ୍ରବେଶ କରି ମଣିପୁରରେ ଅସ୍ଥିରତା ସୃଷ୍ଟି କରୁଥିବାରୁ ୨ ଦେଶ ମଧ୍ୟରେ ରହିଥିବା ମୁକ୍ତ ଗତିବିଧି ବ୍ୟବସ୍ଥା (ଏଫ୍‌ଏମ୍‌ଆର୍) ଖୁବ୍‌ଶୀଘ୍ର ବନ୍ଦ କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଭାରତ-ମ୍ୟାନ୍ମାର ସୀମାର ଉଭୟ ପାର୍ଶ୍ୱ ମଧ୍ୟକୁ ୧୬ କିଲୋମିଟର ପର୍ଯ୍ୟନ୍ତ ବିନା ଭିଜାରେ ପ୍ରବେଶ କରିବା ପାଇଁ ଏଫ୍‌ଏମ୍‌ଆର୍ ଦୁଇଦେଶର ନାଗରିକଙ୍କୁ ଅନୁମତି ଦେଇଥିଲା। ଭାରତ ଓ ମ୍ୟାନ୍ମାର ମଧ୍ୟରେ ୧,୬୪୩ କିଲୋମିଟରର ସୀମା ରହିଛି। ସୀମାରେଖାକୁ ଲାଗି ମିଜୋରାମ, ମଣିପୁର, ନାଗାଲାଣ୍ଡ ଓ ଅରୁଣାଚଳପ୍ରଦେଶ ରହିଛି।

ଭାରତର ପ୍ରାଚ୍ୟ ନୀତି ଅନୁଯାୟୀ ୨୦୧୮ରେ ଏଫ୍‌ଏମ୍‌ଆର୍ କାର୍ଯ୍ୟକାରୀ ହୋଇଥିଲା। ଏହାକୁ ବନ୍ଦ କରାଯିବ ବୋଲି ଜଣେ କେନ୍ଦ୍ର ପ୍ରଶାସନିକ ଅଧିକାରୀ ମଙ୍ଗଳବାର କହିଛନ୍ତି।

ମଣିପୁରରେ ସାନି ହିଂସାରେ ସାଧାରଣ ନାଗରିକଙ୍କ ମୃତ୍ୟୁକୁ ନେଇ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛନ୍ତି। ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ କେନ୍ଦ୍ର ସରକାର ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କ ସହ ଆଲୋଚନା କରି ବଳିଷ୍ଠ ପଦକ୍ଷେପ ନେବାକୁ ପ୍ରିୟଙ୍କା ଆହ୍ୱାନ ଦେଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମେ' ୩ରୁ ମଣିପୁରରେ ଜାତିଆଣ ହିଂସାକାଣ୍ଡ ଲାଗିରହିବା ଫଳରେ ୧୮୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୬୦ ହଜାର ଲୋକ ଘରଦ୍ୱାର ଛାଡ଼ି ପଳାଇଯାଇଥିଲେ।

### ରାମମନ୍ଦିରରେ ସ୍ଥାପନ ପାଇଁ ମୂର୍ତ୍ତି ଚୂଡ଼ାନ୍ତ ହୋଇନି

ଅଯୋଧ୍ୟା,୨।୧

ଅଯୋଧ୍ୟାର ରାମମନ୍ଦିରରେ ସ୍ଥାପନ ପାଇଁ ରାମଲାଲାଙ୍କ ମୂର୍ତ୍ତି ଚୟନ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ ନ ଥିବା ମନ୍ଦିର ଟ୍ରଷ୍ଟ ମଙ୍ଗଳବାର ସ୍ପଷ୍ଟ କରିଛି। ରାମଲାଲାଙ୍କ ୩ଟି ବିଗ୍ରହ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ସେଥିରୁ ଗୋଟିଏକୁ ଚୟନ କରାଯିବ। କର୍ଣାଟକର ଖ୍ୟାତନାମା କାରିଗର ଅରୁଣ୍ ଯୋଗୀରାଜଙ୍କ ଦ୍ୱାରା ନିର୍ମିତ ରାମଲାଲା ମୂର୍ତ୍ତି ରାମମନ୍ଦିରରେ ସ୍ଥାପନ ପାଇଁ ଚୟନ ହୋଇଥିବା ସୋମବାର ଖବର ପ୍ରକାଶ ପାଇଥିଲା। ଏଥିପାଇଁ କର୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ବି.ଏସ୍. ୟେଦୁରପ୍ପା ସନ୍ତୋଷ ବ୍ୟକ୍ତ କରିବା ସହ କାରିଗର ଯୋଗୀରାଜଙ୍କୁ ଅଭିନନ୍ଦନ ଜଣାଇଥିଲେ। ତେବେ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ମୂର୍ତ୍ତି ଚୟନ ସମ୍ପର୍କରେ ନିଷ୍ପତ୍ତି କାହାକୁ ଜଣାଇ ନ ଥିବା କହିଛି। ପ୍ରାଣପ୍ରତିଷ୍ଠା ପୂର୍ବରୁ ମନ୍ଦିରର କାଷ୍ଠ ପ୍ରତିକୃତିର ଚାହିଦା ବଢ଼ିବାରେ ଲାଗିଛି। ଆମେରିକା, ନ୍ୟୁଜିଲାଣ୍ଡ ଆଦି ଦେଶରୁ ଏଥିପାଇଁ ଅର୍ଡର ଆସିଥିବା ଏକ ନିର୍ମାଣ ସଂସ୍ଥା କହିଛି।

### ସ୍ୱାମୀଙ୍କ ବିରୋଧରେ ମିଥ୍ୟା ବ୍ୟଭିଚାର ଅଭିଯୋଗ ଅତ୍ୟନ୍ତ ନିଷ୍ଠୁରତା: ହାଇକୋର୍ଟ

ନୂଆଦିଲ୍ଲୀ,୨।୧(ପି.ଟି.)

ସ୍ୱାମୀଙ୍କ ବିରୋଧରେ ପରକୀୟା ପ୍ରୀତିର ନିରାଧାର ଅଭିଯୋଗ ଆଣି ତାଙ୍କୁ ସର୍ବସାଧାରଣରେ ବ୍ୟଭିଚାରୀ ଦର୍ଶାଇବା ଅତ୍ୟନ୍ତ ନିଷ୍ଠୁରତା ଏବଂ ବିବାହ ବିଚ୍ଛେଦ ପାଇଁ ଏହା ଯଥେଷ୍ଟ କାରଣ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ନିଷ୍ଠୁରତା ଅଭିଯୋଗ ଆଣିଥିବା ଜଣେ ସ୍ୱାମୀଙ୍କ ଛାଡ଼ପତ୍ର ଆବେଦନକୁ ପରିବାର ଅଦାଲତ ମଞ୍ଜୁରୀ ପ୍ରଦାନ କରିଥିବାବେଳେ ଜଷ୍ଟିସ୍ ସୁରେଶ କୁମାର କୈତ୍‌ଙ୍କ ଖଣ୍ଡପୀଠ ଏହାକୁ କାଏମ ରଖିଛନ୍ତି। ସ୍ୱାମୀ ଓ ସ୍ତ୍ରୀ ପରସ୍ପରଠାରୁ ସମ୍ମାନ ଏବଂ ଆବଶ୍ୟକ ସମୟରେ ସୁରକ୍ଷା ଚାହିଁଥାନ୍ତି। ତେବେ କ୍ରମାଗତ ଭାବେ ଜଣକର ଚରିତ୍ର ଓ ସତ୍ୟନିଷ୍ଠାର ଛିଦ୍ର ଅନ୍ୱେଷଣ କରିବା ମାନସିକ ଯନ୍ତ୍ରଣା ବୋଲି ଖଣ୍ଡପୀଠ କହିଛନ୍ତି।

## କଂଗ୍ରେସରେ ଯୋଗଦେବେ ୱାଇ.ଏସ୍. ଶର୍ମିଳା

ନୂଆଦିଲ୍ଲୀ,୨।୧

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀଙ୍କ ଭଉଣୀ ତଥା ୱାଇଏସ୍‌ଆର୍ ତେଲଙ୍ଗାନା ପାର୍ଟି (ୱାଇଏସ୍‌ଆର୍‌ଟିପି) ଅଧ୍ୟକ୍ଷା ୱାଇ.ଏସ୍. ଶର୍ମିଳା ଖୁବ୍‌ଶୀଘ୍ର କଂଗ୍ରେସରେ ଯୋଗଦେବାକୁ ଯାଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଗତ ନଭେମ୍ବରରେ ତେଲଙ୍ଗାନା ବିଧାନସଭା ନିର୍ବାଚନ ପୂର୍ବରୁ ଶର୍ମିଳା ତାଙ୍କ ଦଳକୁ କଂଗ୍ରେସରେ ସାମିଲ କରାଇବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ତାହା ସଫଳ ହୋଇ ନ ଥିଲେ ମଧ୍ୟ କଂଗ୍ରେସ ଭୋଟ ନ ଭାଙ୍ଗିବା ପାଇଁ ଶର୍ମିଳା ନିର୍ବାଚନରୁ ଦୂରେଇ ରହିଥିଲେ। ଶର୍ମିଳାଙ୍କୁ ୱାଇଏସ୍‌ଆର୍‌ସିପିରେ ସାମିଲ କରିବା ପାଇଁ ଜଗନ ଦଳୀୟ ଏମ୍‌ପି ୱାଇ.ଭି. ସୁବାରେଡ୍ଡୀଙ୍କୁ କଥାବାର୍ତ୍ତା ପାଇଁ ପଠାଇଥିଲେ। ଗତ ରବିବାର ଓ ସୋମବାର ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ଶର୍ମିଳା ୱାଇଏସ୍‌ଆର୍‌ସିପିରେ ଯୋଗଦେବାକୁ ମନା କରି ଦେଇଥିଲେ। ଆଲୋଚନା ବିଫଳ ହେବା ପରେ ଶର୍ମିଳା କଂଗ୍ରେସରେ ଯୋଗଦେବାକୁ ନିଷ୍ପତ୍ତି ନେଇଛନ୍ତି। ତେଲଙ୍ଗାନାରେ ଶର୍ମିଳା ନିଜର ଦଳ ଗଢ଼ିବା ପରେ ୨୦୨୧ ଜୁଲାଇରୁ ସେ ଜଗନଙ୍କଠାରୁ ଦୂରେଇ ଯାଇଥିଲେ। ଲୋକ ସଭା ନିର୍ବାଚନ ସହ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଭାଇ ଭଉଣୀଙ୍କ ମଧ୍ୟରେ ଲଢ଼େଇ ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ କୁହାଯାଉଛି।



## ଦେଶରେ ୩୧୨ ଜେଏନ୍.୧ ସଂକ୍ରମିତ

ନୂଆଦିଲ୍ଲୀ,୨।୧(ପି.ଟି.)



ଦେଶରେ ମୋଟ ୩୧୨ ଜଣ କୋଭିଡ୍-୧୯ର ସବ୍‌ଭାରିଆଣ୍ଟ ଜେଏନ୍.୧ରେ ସଂକ୍ରମିତ ଥିବା ଚିହ୍ନଟ ହୋଇଛନ୍ତି। ସେଥିରୁ ୪୭ ପ୍ରତିଶତ କେରଳରୁ ବୋଲି ଆଇଏନ୍‌ଏସ୍‌ଏସିଓଜି ତଥ୍ୟରୁ ଜଣାପଡ଼ିଛି। କେରଳରେ ୧୪୭ ଜଣ ଜେଏନ୍.୧ରେ ଆକ୍ରାନ୍ତ ହୋଇଥିବାବେଳେ ଗୋଆ ୫୧, ଗୁଜରାଟ ୩୪, ମହାରାଷ୍ଟ୍ର ୨୬, ତାମିଲନାଡୁ ୨୨, ଦିଲ୍ଲୀ ୧୬, କର୍ଣାଟକ ୮, ରାଜସ୍ଥାନ ୫, ତେଲଙ୍ଗାନା ୨ ଏବଂ ଓଡ଼ିଶାରେ ଜଣେ ସଂକ୍ରମିତ ହୋଇଛନ୍ତି। ଦେଶରେ କୋଭିଡ୍ ସଂକ୍ରମଣ ବଢ଼ିଚାଲିଥିବାରୁ ହସ୍ପିଟାଲଗୁଡ଼ିକରେ ମହାମାରୀ ପ୍ରସ୍ତୁତି ଏବଂ ସର୍ଭିଲାନ୍ସ ଉପରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଗୁରୁତ୍ୱ ଦେଇଛନ୍ତି। ରୋଗରୁ ଲୋକଙ୍କ ସୁରକ୍ଷା ପାଇଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସେମାନଙ୍କ ପାଖରେ ପହଞ୍ଚିବା ଜରୁରୀ ବୋଲି ମାଣ୍ଡବ୍ୟ ଏନ୍‌ସିଡିସି ଶାଖାର ଶିଳାନ୍ୟାସ ଅବସରରେ କହିଛନ୍ତି। ଏନ୍‌ସିଡିସିର ଆଞ୍ଚଳିକ ଶାଖା ଆସାମରେ ଖୋଲିବାକୁ ଥିବାବେଳେ ୬ଟି ରାଜ୍ୟ ଶାଖା ଓଡ଼ିଶା, ହରିୟାଣା, ତାମିଲନାଡୁ, କର୍ଣାଟକ, ପଶ୍ଚିମବଙ୍ଗ ଏବଂ ମିଜୋରାମରେ ପ୍ରତିଷ୍ଠା କରାଯିବ। ସେହିପରି ହିମାଚଳପ୍ରଦେଶ ଓ ଝାଡ଼ଖଣ୍ଡରେ ବିଏସ୍‌ଏଲ୍-୩ ଲାବ୍ ନିର୍ମାଣ ହେବ। ଏହି ଏନ୍‌ସିଡିସି ଶାଖାଗୁଡ଼ିକ ଦେଶର ମହାମାରୀ ପ୍ରସ୍ତୁତି ଏବଂ ସର୍ଭିଲାନ୍ସ ସାମର୍ଥ୍ୟ ବଢ଼ାଇବ ବୋଲି ମାଣ୍ଡବ୍ୟ କହିଛନ୍ତି।

## ଜାପାନ ଭୂକମ୍ପ ମୃତ୍ୟୁସଂଖ୍ୟା ୫୫

ଟୋକିଓ,୨।୧



ଭୂକମ୍ପରେ ଭୁଶୁଡ଼ି ପଡ଼ିଥିବା ଏକ ଘର ।

ନୂଆବର୍ଷର ପ୍ରଥମ ଦିନରେ ଜାପାନରେ ୭.୬ ତୀବ୍ରତାର ଭୂକମ୍ପ ସାଙ୍ଗକୁ କ୍ରମାଗତ ୧୫୫ ଥର କମ୍ପନ ହେବା ଫଳରେ ୫୫ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୧୬ ଜଣ ଗୁରୁତର ଆହତ ହୋଇଛନ୍ତି। ଘରଗୁଡ଼ିକର ଭଗ୍ନାବଶେଷ ତଳୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ୨୧ଟି କମ୍ପନର ତୀବ୍ରତା ୪ରୁ ଅଧିକ ରହିଥିଲା। ଭୂକମ୍ପ ଯୋଗୁ ହଜାର ହଜାର ଘର ମାଟିରେ ମିଶିଯାଇଛି। ବହୁସଂଖ୍ୟାରେ ଗାଡ଼ି, ବୋଟ୍ ଓ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଛି। ୩୩,୦୦୦ରୁ ଊର୍ଦ୍ଧ୍ୱ ଲୋକ ବିଜୁଳି ସଂଯୋଗରୁ ବଞ୍ଚିତ ହୋଇଛନ୍ତି। ଅଧିକ ଶକ୍ତିଶାଳୀ ଭୂକମ୍ପ ହେବା ଆଶଙ୍କା କରି ଅନେକ ଲୋକ ମଙ୍ଗଳବାର ମଧ୍ୟ ସେମାନଙ୍କ ଘରକୁ ଫେରିନାହାନ୍ତି। ଇଶିକାୱାରେ ପଶ୍ଚାତ୍ କମ୍ପନ ଜାରି ରହିଛି। କ୍ଷୟକ୍ଷତି ଆକଳନ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଛି।



ତୁର୍କୀର ଇସ୍ତାନବୁଲସ୍ଥିତ ଗଲଟା ବ୍ରିଜ୍‌ରେ ନବବର୍ଷ ପାଳନ ଅବସରରେ ପାଲେଷ୍ଟିନୀୟଙ୍କ ସମର୍ଥନରେ ପ୍ରାର୍ଥନା ପାଇଁ ଏକତ୍ରିତ ହୋଇଛନ୍ତି ଲୋକେ।

## କଲରାଡୋ ସୁପ୍ରିମକୋର୍ଟରେ ଭଙ୍ଗାରୁଜା

ନୂଆଦିଲ୍ଲୀ,୨।୧

ଆମେରିକାର କଲରାଡୋ ସୁପ୍ରିମକୋର୍ଟ ବିଲ୍ଡିଂରେ ମଙ୍ଗଳବାର ଜଣେ ଦୁର୍ବୃତ୍ତ ପ୍ରବେଶ କରି ଭଙ୍ଗାରୁଜା କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିର୍ବାଚନ ଲଢ଼ିବାରୁ ଉକ୍ତ ଅଦାଲତ ଅଯୋଗ୍ୟ ଘୋଷଣା କରିଥିବାବେଳେ ଉକ୍ତ ମାମଲା ସହ ଭଙ୍ଗାରୁଜାର ସମ୍ପର୍କ ନ ଥାଇପାରେ ବୋଲି କୁହାଯାଉଛି। ୨୦୨୧ର ୟୁଏସ୍ କ୍ୟାପିଟୋଲ ବିଦ୍ରୋହ ମାମଲାରେ କଲୋରାଡୋ ସୁପ୍ରିମକୋର୍ଟ ଗତ ମାସରେ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ପାଇଁ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ। ଦେଶର ରିପବ୍ଲିକାନ ରାଷ୍ଟ୍ରପତୀୟ ପ୍ରାଇମେରି ବାଲଟ୍‌ରୁ ତାଙ୍କ ନାଁ ହଟାଇଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଟ୍ରମ୍ପ୍ ଉକ୍ତ ରାୟକୁ ଆମେରିକା ସୁପ୍ରମକୋର୍ଟରେ ଚ୍ୟାଲେଞ୍ଜ କରିବା ଆଶା କରାଯାଉଛି। ଉକ୍ତ ରାୟ ଦେବା ପରଠାରୁ କଲରାଡୋ ସୁପ୍ରିମକୋର୍ଟଙ୍କ ବିଚାରପତିମାନଙ୍କୁ ଧମକ ମିଳିଥିଲା। ସିଏସ୍‌ପି ଏବଂ ଡିପିଡି ଭଙ୍ଗାରୁଜା ଘଟଣାକୁ ଗୁରୁତର ସହ ନେଇଥିଲେ ମଧ୍ୟ ପୂର୍ବ ଧମକ ସହ ଏହାର ସମ୍ପର୍କ ନ ଥିବା ବିଶ୍ୱାସ କରୁଛନ୍ତି।

## ୟୁକ୍ରେନ୍‌ର ୨ ସହରରେ କ୍ଷେପଣାସ୍ତ୍ର ମାଡ଼: ୫ ମୃତ



**କିଭ୍,୨।୧:** ୟୁକ୍ରେନ୍‌ର ଦୁଇଟି ବୃହତ୍ ସହର ଉପରେ ମଙ୍ଗଳବାର ରୁଷିଆ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ଅନ୍ୟୂନ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ଯୁଦ୍ଧକୁ ଦୁଇବର୍ଷ ପୂରିବାକୁ ଯାଉଥିବାବେଳେ କ୍ରେମ୍‌ଲିନ୍ ୟୁକ୍ରେନ୍ ସହରାଞ୍ଚଳ ଉପରେ ଆକ୍ରମଣ ବଢ଼ାଇଛି। ରାଜଧାନୀ କିଭ୍‌ରେ ୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହେବା ସହ ୯୨ ଜଣ ଆହତ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ରୁଷିଆ ସୈନ୍ୟ କିଞ୍ଝାଲ କ୍ଷେପଣାସ୍ତ୍ରରେ ଆକ୍ରମଣ କରିଥିଲେ। ସେହିପରି ଖର୍‌କିଭ୍ ସହରରେ କ୍ଷେପଣାସ୍ତ୍ର ମାଡ଼ ଯୋଗୁ ଜଣେ ପ୍ରାଣ ହରାଇଛନ୍ତି। ରୁଷିଆ ୧୦ଟି ହାଇପରସୋନିକ ମିଶାଇଲ ସମେତ ପ୍ରାୟ ୧୦୦ଟି କ୍ଷେପଣାସ୍ତ୍ର ଛାଡ଼ିଥିଲା। ୧୦ଟି ଯାକ ହାଇପରସୋନିକ୍ କ୍ଷେପଣାସ୍ତ୍ରକୁ ଖସାଇ ଦିଆଯାଇଥିବା ୟୁକ୍ରେନ୍ ସେନାମୁଖ୍ୟ ଭାଲେରି ଜାଲୁଝ୍‌ନି କହିଛନ୍ତି। ଗତ ଶୁକ୍ରବାରଠାରୁ ରୁଷିଆ ଜୋର୍‌ଦାର ଆକ୍ରମଣ ଜାରି ରଖିଥିବାବେଳେ ଏଥିରେ ୪୧ ନାଗରିକଙ୍କ ମୃତ୍ୟୁ ଘଟିଲାଣି।

## ଆଜି ଆସିବ ଆଦାନୀ ରାୟ

ନୂଆଦିଲ୍ଲୀ,୨।୧(ପି.ଟି.)

ଆଦାନୀ-ହିଣ୍ଡେନ୍‌ବର୍ଗ ବିବାଦ ମାମଲାର ରାୟ ବୁଧବାର ସୁପ୍ରିମକୋର୍ଟରେ ପ୍ରକାଶ ପାଇବ। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ ଏ ସମ୍ପର୍କିତ ୪ଟି ଆବେଦନର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି, ଯାହାକୁ ପୂର୍ବାହ୍ନ ୧୦ଟା ୩୦ରେ ପ୍ରକାଶ କରିବେ। ଗତବର୍ଷ ଜାନୁଆରୀରେ ଆମେରିକୀୟ ଶର୍ଟ ସେଲର ନାଥନ୍ ଆଣ୍ଡର୍ସନଙ୍କ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା। ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ଆଦାନୀ ଗ୍ରୁପ୍‌ର ୧୦ଟି କମ୍ପାନୀ କିପରି ଷ୍ଟକ୍ସ ମୂଲ୍ୟ ବଢ଼ାଇବା ସହ ଆକାଉଣ୍ଟ ହେରଫେର କରିଥିଲା, ତାହା ଉକ୍ତ ରିପୋର୍ଟରେ ପ୍ରଘଟ ହୋଇଥିଲା। ଉକ୍ତ ରିପୋର୍ଟ ଆସିବା ପରେ ଆଦାନୀଙ୍କ କମ୍ପାନୀଗୁଡ଼ିକର ଶେୟାର ଭାଲ୍ୟୁ ଖସିଯାଇଥିଲା। ଫଳରେ ଆଦାନୀଙ୍କ ସମେତ ଭାରତୀୟ ନିବେଶକମାନଙ୍କୁ ବିପୁଳ କ୍ଷତି ସହିବାକୁ ପଡ଼ିଥିଲା। ଏଭଳି ସ୍ଥିତିକୁ ଏଡ଼ାଇବା ପାଇଁ ନିଶ୍ଚିତ କରିବା ସକାଶେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)କୁ ନିର୍ଦ୍ଦେଶ ଦେବା ସକାଶେ ୪ଟି ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଥିଲା। ଖଣ୍ଡପୀଠ ଗତ ନଭେମ୍ବର ୨୪ରେ ଏହାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।

## ସଂକ୍ଷେପରେ

### କରିଡର ପ୍ରତିଷ୍ଠାରେ ପୁରୀରେ ହେବ ନୀରବ ସମାବେଶ

ପୁରୀ,୨।୧(ଅଜିତ୍ ମହାନ୍ତି)

ସବୁ ଦେବତା ଭଜନପ୍ରିୟ। ତେଣୁ ଭାରତବର୍ଷର ପ୍ରତି ମନ୍ଦିର ସମ୍ମୁଖରେ ରହିଛି ଭଜନ ମଣ୍ଡପ। ସେଥିପାଇଁ ପୂର୍ବରୁ ପୁରୀ ଶ୍ରୀମନ୍ଦିର ସମ୍ମୁଖ ଏମାରମଠ ଚକଡ଼ାରେ କେଉଁ ଯୁଗରୁ ଚାଲିଥିଲା ଭଜନ -କୀର୍ତ୍ତନ। କରିଡର ପାଇଁ ତାହା ଭାଙ୍ଗିବା ପରଠାରୁ ପ୍ରଶାସନଠାରେ ପ୍ରଥମରୁ ଭଜନମଣ୍ଡପ ନିର୍ମାଣ ଦାବି ହୋଇଛି। ମାତ୍ର ପ୍ରଶାସନ ନୀରବଦ୍ରଷ୍ଟା। ଭଜନ ମଣ୍ଡପ ନେଇ ୨୪ ଫେବୃଆରୀ ୨୦୨୨ରୁ ଏପର୍ଯ୍ୟନ୍ତ ୭ଥର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ହୋଇଛି। ସାରା ଭାରତର ଶହଶହ ଅନୁଷ୍ଠାନ ଏକ ଲକ୍ଷ ପୋଷ୍ଟ ମାଧ୍ୟମରେ ସରକାରଙ୍କୁ ନିବେଦନ କରିଛନ୍ତି। ଅପରପକ୍ଷରେ ୮ଥର ଜିଲା ପ୍ରଶାସନ ଖଣ୍ଡୋଲାଇଟ ପଥରରେ ଭଜନ ମଣ୍ଡପ ନିର୍ମାଣର ଘୋଷଣା କରିଛି। ଅଥଚ କରିଡର ପ୍ରତିଷ୍ଠାକୁ ମାତ୍ର ୧୫ଦିନ ଥିବାବେଳେ ସରକାର ବା ପ୍ରଶାସନ ନିଜ କଥା ରଖି ନାହାନ୍ତି। କୋଟି କୋଟି ଭକ୍ତ ଜାଣନ୍ତି, ଭଜନପ୍ରିୟ ମାଧବ। ଯେଉଁଠି ଭଜନ ନାହିଁ, ସେଠାରେ ଠାକୁର ନାହାନ୍ତି। ସରକାରଙ୍କ ଏହି ଉଦାସୀନତା ବିରୋଧରେ କରିଡର ପ୍ରତିଷ୍ଠା ଦିନ ଓଡ଼ିଶାର ୬୦ଜଣ କଣ୍ଠଶିଳ୍ପୀ, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ଓ ଅନୁଷ୍ଠାନର କର୍ମକର୍ତ୍ତା ପୁରୀ ବଡ଼ଦାଣ୍ଡରେ ନୀରବ ସମାବେଶ କରିବେ ବୋଲି ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିବା ସୂଚନା ଦେଇଛନ୍ତି।

### ଫାଷ୍ଟଫୁଡ୍ ଦୋକାନ ଜଳିଗଲା

ପିପିଲି,୨।୧(ଦୁର୍ଗାମାଧବ ମିଶ୍ର)

ପୁରୀ- ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ମଙ୍ଗଳପୁର ବଜାରରେ ଥିବା ଫାଷ୍ଟଫୁଡ୍ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ୍ଣ ଜଳିଯାଇଛି। ୨ଟି ଏଲପିଜି ସିଲିଣ୍ଡର ବିସ୍ଫୋରଣ ହେବା ସହ ସବୁ ସାମଗ୍ରୀ ନଷ୍ଟ ହୋଇଛି। ସୂଚନା ମୁତାବକ, ପାଖ ଅଳିଆ ଗଦାରୁ ନିଆଁ ଲାଗି ଏପରି ଅଗ୍ନିକାଣ୍ଡ ଘଟିଥିବା ସ୍ପଷ୍ଟ ହୋଇଥିବାବେଳେ ପିପିଲି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

### ଜିଲାପରିଷଦ ସଭ୍ୟଙ୍କ ପିତୃ ବିୟୋଗ

ବୋଲଗଡ଼,୨।୧(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଅନ୍ତର୍ଗତ ଖୋର୍ଦ୍ଧା ଜିଲା ୨୬ନଂ. ଜୋନର ଜିଲାପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁଙ୍କ ବାପା ସଦାଶିବ ରାୟଗୁରୁଙ୍କ ରବିବାର ରାତିରେ ସାଗରଗୁଆଁସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା। ସାଗରଗୁଆଁ ପଞ୍ଚାୟତରୁ ସଦାଶିବ ୩ଥର ସରପଞ୍ଚଭାବେ ନିର୍ବାଚିତ ହୋଇ କାର୍ଯ୍ୟଭାର ତୁଲାଇଥିଲେ। ଦୀର୍ଘ ୧୫ବର୍ଷ ଗ୍ରାମ ସଭାପତି ଭାବେ ମନୋନୀତ ହୋଇଥିଲେ। ସେହିପରି ଉତ୍କଳ ନ୍ୟାୟବିତ୍ ସଂଘର ରାଜ୍ୟ ସଭାପତି ଥିବାବେଳେ ବୋଲଗଡ ଅଞ୍ଚଳରେ ଅନେକ ସମସ୍ୟାର ସମାଧାନ ପାଇଁ ତାଙ୍କର ସହଯୋଗ ଲୋଡ଼ା ଯାଇଥାଏ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବ୍ୟକ୍ତି ତାଙ୍କ ସାଗରଗୁଆଁ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ସୁରେନ୍ଦ୍ର ରାୟଗୁରୁ ମୁଖାଗ୍ନି ଦେଇଥିଲେ।

# ଏକତା, ସଂହତି ଭାରତର ପରିଚୟ

ପୁରୀ, ୨।୧(ଅଜିତ୍ ମହାନ୍ତି)

ସମୃଦ୍ଧ, ପ୍ରଗତିଶୀଳ ଭାରତବର୍ଷ ଗଠନ ପାଇଁ ସେବା, ସମନ୍ୱୟ ଓ ସମର୍ପଣ ଦରକାର ଓ ବିକଶିତ ଭାରତ ପରିକଳ୍ପନା ଦିଗରେ ସମସ୍ତଙ୍କ ସହଭାଗିତା ଜରୁରୀ। ବିବିଧତା ଭରା ଭାରତବର୍ଷର ଏକତା, ସଂହତି ହେଉଛି ଏହାର ପରିଚୟ। ଭାରତ ୨୦୪୭ ସ୍ୱାଧୀନତାର ଶତାବ୍ଦୀ ବର୍ଷରେ ପଦାର୍ପଣ କରିବ। ନିଜ ମାଟି, ଗାଁ, ସହର, ପ୍ରଦେଶକୁ ବିକଶିତ କରିବାକୁ ହେବ। ବିଶ୍ୱବନ୍ଦନୀୟ, ତଥା ବିକଶିତ ରାଷ୍ଟ୍ର ନିର୍ମାଣରେ ସମସ୍ତଙ୍କ ଆବଶ୍ୟକତା ରହିଛି ବୋଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ହରିହର ହୋତା କହିଛନ୍ତି। ବଡ଼ଶଙ୍ଖସ୍ଥିତ ତ୍ରିମୂର୍ତ୍ତି ହାଇଟ୍ସ ହୋଟେଲ ସମ୍ମିଳନୀ କକ୍ଷରେ ଭାରତ ବିକାଶ ପରିଷଦ ପୂର୍ବ ପ୍ରାନ୍ତର ଶ୍ରୀକ୍ଷେତ୍ର ଶାଖା ଏବଂ ଖୋର୍ଦ୍ଧା ବରୁଣେଇ ଶାଖା ଉଦ୍‌ଘାଟିତ ହୋଇଯାଇଛି। ପୂର୍ବପ୍ରାନ୍ତ ରାଜ୍ୟ ସଭାପତି ଶିକ୍ଷାବିତ୍ ସତ୍ୟବାଦୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହୋତା କହିଲେ ଯେ, ସେବା ପାଇଁ ସଂକଳ୍ପ ନେବା ସମୟ ଆସିଛି। ନିଜ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପରିଷଦର ପୂର୍ବକ୍ଷେତ୍ର ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଲୋକଙ୍କ ନିକଟରେ ସେବାମୂଳକ କାର୍ଯ୍ୟ ପହଞ୍ଚାଇବା ଲକ୍ଷ୍ୟ ନେଇ ଅଧିକରୁ ଅଧିକ ଶାଖା ଖୋଲାଯିବା ଉଦ୍ଦେଶ୍ୟ ରହିଛି ବୋଲି କହିଥିଲେ। ସଂଗଠନ ସଚିବ ସୌମେନ୍ଦ୍ର ଦାସ କହିଲେ, ଭାରତ ବିକାଶ ପରିଷଦ ସମାଜରେ ସମ୍ପର୍କ, ସହଯୋଗ, ସଂସ୍କାର, ସେବା ଓ ସମର୍ପଣ ଭାବରେ କାର୍ଯ୍ୟ କରୁଛି। ୧୬ଟି ଜିଲାକୁ ନେଇ ଓଡ଼ିଶା ପୂର୍ବପ୍ରାନ୍ତ ଗଠିତ ହୋଇଛି। ଏହା ସମର୍ପିତ ଭାବରେ ରାଷ୍ଟ୍ରର ଜନକଲ୍ୟାଣ ଦିଗରେ ଅନବରତ କାର୍ଯ୍ୟ ଜାରି ରଖିଛି। ଏହି ଅବସରରେ ନୂତନ ଶାଖା କର୍ମକର୍ତ୍ତାଙ୍କୁ ପ୍ରାନ୍ତୀୟ ଅଧ୍ୟକ୍ଷ ଶପଥପାଠ କରାଇଥିଲେ। ଶ୍ରୀକ୍ଷେତ୍ର ଶାଖାର ଅଧ୍ୟକ୍ଷ ଭାବେ କମଳେଶ ପ୍ରଧାନ, ବିଶ୍ୱଶାନ୍ତି ତ୍ରିପାଠୀ ସମ୍ପାଦକ ଏବଂ ସୌରଭ ଦାସ ଅର୍ଥ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ବରୁଣେଇ ଶାଖାର ସଭାପତି ଭାବେ ପ୍ରାଧ୍ୟାପକ ଅଜୟ ମିଶ୍ର, ସଚିବ ଭାବେ ଅଧ୍ୟାପିକା ପ୍ରବୀଣା ପଟ୍ଟନାୟକ ଏବଂ ଅର୍ଥ ସଚିବ ଭାବେ ରୋଜାଲିନ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ମହିଳା ଓ ବାଲ୍ ସଂସ୍କାର ବିଭାଗ କ୍ଷେତ୍ରୀୟ ସଚିବ ସୁପ୍ରୀତି ରଥ, ପ୍ରଫେସର ପ୍ୟାରିମୋହନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସାମାଜିକ କର୍ମୀ ଜୟନ୍ତୀ ମହାପାତ୍ର, ନିମାଇ ଚରଣ ସାହୁ, ସନ୍ତୋଷ ମହାନ୍ତି, ପତିତପାବନ ସାମନ୍ତରାୟ, ତପସ୍ୱିନୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ରାମଚନ୍ଦ୍ର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଶ୍ରମିକ

ଖୋର୍ଦ୍ଧା,୨।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ଏକ କାରଖାନା ତୁରନ୍ତ ଚାଲୁ କରିବା ଦାବିରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଶ୍ରମିକମାନଙ୍କ ଦାବି ମୁତାବକ, ଏହି କାରଖାନା ଅଧୀନରେ ଏକ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ଦୀର୍ଘବର୍ଷ ହେବ କାମ କରୁଥିଲେ। ତେବେ ଶ୍ରମିକମାନେ ୩ମାସ ହେବ ଦରମା ନ ପାଇ କାରଖାନାରେ କାର୍ଯ୍ୟ ଜାରି ରଖିଥିବା ବେଳେ କର୍ତ୍ତୃପକ୍ଷ ବିନା ଆଲୋଚନାରେ ହଠାତ୍ ୭ଶହ ଶ୍ରମିକଙ୍କୁ ଛଟେଇ କରାଯାଇଥିବା ନେଇ ନୋଟିସ ଜାରି କରିଛନ୍ତି। କାରଖାନାରେ କାମ କରି ପରିବାର ପ୍ରତିପୋଷଣ କରୁଥିବା ଶ୍ରମିକ କ'ଣ ଖାଇବେ, ପରିବାର କିପରି ଚଳାଇବେ ବୋଲି ଶ୍ରମିକ ସଂଘ ପ୍ରଶ୍ନ ଉଠାଇଛି। ଜିଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରିବା ଆବଶ୍ୟକ ବୋଲି ସିଆଇଟିୟୁ ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ନାୟକ କହିଛନ୍ତି। ଏହି ବିକ୍ଷୋଭରେ ସୁଦର୍ଶନ ସେନାପତି, ସିପିଆଇ(ଏମ) ଜିଲା ସମ୍ପାଦକ ଅନନ୍ତ ମଙ୍ଗରାଜ, ଧୀର ରଞ୍ଜନ ପଣ୍ଡା, ସିପିଆଇ(ଏମ) ନେତା କିଶୋର ଚନ୍ଦ୍ର ପରମଗୁରୁ, ସିଆଇଟିୟୁ ଜିଲା ଉପସଭାପତି ଗିରିଶ ଚନ୍ଦ୍ର ମହାରଣାଙ୍କ ସମେତ ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସଂଘର ସଦସ୍ୟମାନେ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ସିପିଆଇ(ଏମ) ଜିଲା ସମ୍ପାଦକ ମଙ୍ଗରାଜ ସୂଚନା ଦେଇଛନ୍ତି। ଏନେଇ ରାଜ୍ୟ ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ପାତ୍ର କହିଛନ୍ତି, ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ଗୁରୁତ୍ୱ ଦିଆଯାଉଛି। ବୁଧବାର ସମ୍ପୃକ୍ତ ଠିକା ସଂସ୍ଥା ଓ ଶ୍ରମିକ ସଂଘ ସହ ମଣ୍ଡଳ ଶ୍ରମ ଆୟୁକ୍ତ(ଡିଏଲସି) ଆଲୋଚନା କରିବା ପାଇ ଧାର୍ଯ୍ୟ କରାଯାଇଛି। ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ମୋବାଇଲ ଚୋରି କରି ନାବାଳକ ଧରାପଡ଼ିଲେ

ବାରଙ୍ଗ,୨।୧(ଲିଙ୍ଗରାଜ ରାଉତ)

ନୂଆବର୍ଷରେ ନନ୍ଦନକାନନରେ ପ୍ରବଳ ଗହଳିର ସୁଯୋଗ ନେଇ ପକେଟମାର କରୁଥିବା ଜଣେ ନାବାଳକଙ୍କୁ ବାରଙ୍ଗ ଥାନା ପୋଲିସ ମଙ୍ଗଳବାର କାବୁ କରିଛି। ଏନେଇ ପୋଲିସ ୧/୨୪ରେ ଏକ ମାମଲା ରୁଜୁ କରି ନାବାଳକଙ୍କୁ ଖୋର୍ଦ୍ଧାଙ୍କ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜିର କରିଛି। ଛାନ୍‌ଭିନ ସମୟରେ ପୋଲିସ ନାବାଳକଙ୍କ ନିକଟରୁ ଏକ ଚୋରା ମୋବାଇଲ ଫୋନ ଜବତ କରିଛି। ନନ୍ଦନକାନନଠାରେ ପ୍ରବଳ ଗହଳିରେ ପର୍ଯ୍ୟଟକଙ୍କ ନିକଟରୁ ମୋବାଇଲ ଚୋରି କରୁଥିବା ସମୟରେ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ କାବୁ କରିଥିବାବେଳେ ଅନ୍ୟ କିଛି ବ୍ୟକ୍ତି ଘଟଣାସ୍ଥଳରୁ ଖସିଯିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ସମୟରେ ସେ ଏହି ମୋବାଇଲ ଫୋନ ଚୋରି କରିଥିବା ସ୍ୱୀକାର କରିଛନ୍ତି।

# 'ବହି ଜୀବନର ସର୍ବକାଳୀନ ଉତ୍ତମ ବନ୍ଧୁ'




ପୁସ୍ତକମେଳାରେ ଅତିଥିମାନେ କବିତା ସଂକଳନ ପୁସ୍ତକ 'ସମର୍ପିତା' ଉନ୍ମୋଚନ କରୁଛନ୍ତି।

ପୁରୀ,୨।୧(ଅଜିତ୍ ମହାନ୍ତି):

ଶ୍ରୀକ୍ଷେତ୍ର ପୁସ୍ତକ ମେଳା ମଞ୍ଚରେ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ଆମ ସାମାଜିକ ଜୀବନରେ ପୁସ୍ତକର ଭୂମିକା ଶୀର୍ଷକ ଆଲୋଚନା ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଓ ଆଲୋଚକ ଭାବରେ ରୋଟାରୀ କ୍ଲବ୍ ଶ୍ରୀଜଗନ୍ନାଥ ଧାମର ସଭାପତି ଦେବଦତ୍ତ ପଡଙ୍ଗୀ, ଅଧ୍ୟାପକ ଅଶୋକ କୁମାର ମିଶ୍ର, ଭାରତୀ ଭୂଷଣ ଦାସ, ପ୍ରିୟପତ୍ର ସମ୍ପାଦକ ବିପିନ୍ ବିହାରୀ ଦନେଇ, ଶ୍ରୀକ୍ଷେତ୍ର ସାହିତ୍ୟ ସଂପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ, ପୂର୍ବତନ ଶିକ୍ଷା ମଣ୍ଡଳ ଅଧିକାରୀ ବିଜୟଲକ୍ଷ୍ମୀ ଦାଶ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଆଶାଲତା ପ୍ରଧାନ ପ୍ରମୁଖ ଯୋଗଦେଇ ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଓ ସାମାଜିକ ବିକାଶ ଓ ଅନ୍ଧ ବିଶ୍ୱାସ ଦୂର କରିବାରେ ପୁସ୍ତକ ସଦା ମାର୍ଗଦର୍ଶକ, ପ୍ରେରଣାଦାୟକ ଓ ଉପଯୋଗୀ ବନ୍ଧୁ ଭାବରେ ବାଟ ଦେଖାଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରି କହିଥିଲେ। ଏହି ଅବସରରେ କବୟିତ୍ରୀ କାଞ୍ଚନବାଳା ଦଳେଇଙ୍କ କବିତା ସଙ୍କଳନ 'ସମର୍ପିତା' ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଉନ୍ମୋଚିତ ହାଇଥିଲା। ପରେ କବି କ୍ରିଷ୍ଣା ମହାପାତ୍ରଙ୍କ ସଭାପତିତ୍ୱ ଏବଂ କବି ସୁରେଶ ପଟ୍ଟନାୟକ, ସୁନନ୍ଦା ମହାନ୍ତି ଓ ରୋଜାଲିନ ପଣ୍ଡାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ।

## ୧୪ରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୦୨ ତମ ଆଗମନ ସମାବେଶ

ପୁରୀ,୨।୧(ଅଜିତ୍ ମହାନ୍ତି)

ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପୁଣ୍ୟ ଉତ୍କଳ ଆଗମନର ୧୦୨ତମ ଶୁଭ ମହୋତ୍ସବ ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବ। ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଏହାକୁ ଭବ୍ୟ ଭାବେ ଆୟୋଜନ କରିବାକୁ ଉତ୍କଳ ଆଗମନୀ ସ୍ମୃତି ଉତ୍ସବ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସ୍ମୃତି ଉତ୍ସବ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ପ୍ରତି ଋତିକ ତଥା ଦେଓଘର ସତ୍‌ସଙ୍ଗର ସହ ସମ୍ପାଦକ ବିନାୟକ ମହାପାତ୍ର ସୂଚନା ଦେଇଛନ୍ତି। ଏସମ୍ପର୍କରେ ମଙ୍ଗଳବାର ଚକ୍ରତୀର୍ଥ ରୋଡ୍‌ସ୍ଥିତ ସତସଙ୍ଗ ଠାକୁର ବାଡ଼ି ପରିସରରେ ଖରବଦାତା ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୂଚନାଦେଇ ଉତ୍ସବ କମିଟିର ଯୁଗ୍ମ ସମ୍ପାଦକ ନିରଞ୍ଜନ ବେହେରା ବିଭିନ୍ନ ସ୍ଥାନରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁମାନେ ଯେପରି ଉତ୍ସବ ସ୍ଥଳରେ ସୁନ୍ଦର ଓ ଶୃଙ୍ଖଳିତ ଦର୍ଶନ ସହ କାର୍ଯ୍ୟକ୍ରମକୁ ଶ୍ରଦ୍ଧାର ସହ ଉପଭୋଗ କରିବେ ସେନେଇ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ତିନୋଟି ଷ୍ଟେଜ ମାଧ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୪ ତାରିଖ ବ୍ରାହ୍ମମୁହୂର୍ତ୍ତେ ବେଦ ମାଙ୍ଗଳିକୀ ଓ ନହବତ, ପ୍ରତ୍ୟୁଷେ ଉଷା କୀର୍ତ୍ତନରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ସକାଳ ୬.୨୨ ମିନିଟରୁ ଉଷାବିନତି, ଦର୍ଶନ, ପ୍ରଣାମ ଓ ପରେ ପୁଣ୍ୟ ଉତ୍ସବର ଶୁଭ ଉଦ୍‌ଘାଟନ କରାଯିବ। ୮.୩୦ ରେ ଶ୍ରୀ ବିଗ୍ରହ ଶୋଭାଯାତ୍ରା, ସଂଗୀତାଞ୍ଜଳି ଓ ନୃତ୍ୟ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ପୂର୍ବାହ୍ନ ୧୧ ଘଟିକାରେ ସାଧାରଣ ସଭା, ମଧ୍ୟାହ୍ନ ୧୨.୩୦ରୁ ସ୍ୱ ଅନୁଭୂତିର ଗଳ୍ପ, ଅପରାହ୍ନ ୨ ଟାରେ ଚିକିତ୍ସକ ସମ୍ମିଳନୀ, ୩.୩୦ ମିନିଟରେ ମାତୃ ସମ୍ମିଳନୀ, ସନ୍ଧ୍ୟା ୫.୨୩ ରେ ସନ୍ଧ୍ୟା ବିନତି, ପ୍ରଣାମ, ଗ୍ରନ୍ଥ ପାଠ, ୭ ଟାରେ ସତ୍‌ସଙ୍ଗ, ସଦାଲୋଚନା ଏବଂ ରାତ୍ର ୮.୩୦ ମିନିଟରେ ଆକାଶଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ।



ରାଜ୍ୟପାଳ ରଘୁବର ଦାସଙ୍କୁ ମଙ୍ଗଳବାର ନବନିଯୁକ୍ତ ଡିଜିପି ଅରୁଣ ଷଡ଼ଙ୍ଗୀ ଭେଟୁଛନ୍ତି।

# ଓଡ଼ିଶା ଜିମ୍ନାଷ୍ଟିକ ଦଳ ଚୟନରେ ଅନିୟମିତତା

ପୁରୀ,୨।୧(ଅଜିତ୍ ମହାନ୍ତି)

ଜାତୀୟ ଜୁନିୟର ଓ ସିନିୟର ଜିମ୍ନାଷ୍ଟିକ ଦଳ ଚୟନରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। କାହାକୁ ନ ଜଣାଇ ଏହି ଚୟନ ପକ୍ରିୟା କରାଯାଇଛି। ଏପରି କି କାହାରି କି ଚିଠି ମଧ୍ୟ କରାଯାଇ ନାହିଁ। ନିୟମ ଅନୁଯାୟୀ ଚୟନ ପ୍ରକ୍ରିୟାରେ ୫ରୁ ୬ଜଣ ବିଚାରକ ରହିବା କଥା। ମାତ୍ର ଜଣେ ବିଚାରକ ରହିଥିଲେ। ସେ ତାଙ୍କ ମନ ଇଚ୍ଛା ଚୟନ କରିଛନ୍ତି। ବାହାର ରାଜ୍ୟର ୧୧ ଜଣ ଖେଳାଳିଙ୍କୁ ଆଣି ଓଡ଼ିଶା ଦଳରେ ଭର୍ତ୍ତି କରାଯାଇଛି। ଫଳରେ ରାଜ୍ୟର ଯୋଗ୍ୟ ଖେଳାଳି ଏଥିରେ ସାମିଲ ହୋଇନାହାନ୍ତି। ପୂର୍ବରୁ ୧୦ରୁ ୧୧ଥର ଜାତୀୟସ୍ତରରେ ପ୍ରତିଭା ପ୍ରଦର୍ଶନ କରି ସାରିଥିବା ଓଡ଼ିଶାର ଖେଳାଳିଙ୍କ ଅଭିଭାବକମାନେ ଏନେଇ ରାଜ୍ୟ ଜିମ୍ନାଷ୍ଟିକ୍ ସଂଘ ନିକଟରେ ଅଭିଯୋଗ ଜଣାଇଛନ୍ତି। ତାଙ୍କର ଅଭିଯୋଗ ମୁତାବକ, ଓଡ଼ିଶାର ଦଳ ଚୟନ ସମୟରେ କାହାକୁ ଅବଗତ କରନଯାଇ ଗୁପ୍ତ ଭାବେ ବିଚାର ପ୍ରକ୍ରିୟା ହୋଇଥିଲା। ବାହାର ରାଜ୍ୟର ଖେଳାଳିଙ୍କୁ ଖେଳାଇ ପଦକ ଆଣିବା ଲକ୍ଷ୍ୟରେ ଏଭଳି ଜାଲିଆତି ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତେଣୁ ଯୋଗ୍ୟ ବିବେଚିତ ଓଡ଼ିଶା ଖେଳାଳିଙ୍କୁ ଦଳରେ ସାମିଲ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି।

# ଯୁବ ବିକାଶ ସମାରୋହ

ବେଗୁନିଆ,୨।୧(ହର ପ୍ରସନ୍ନ ପଣ୍ଡା)

ରମାମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବଡବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗଙ୍ଗାଧର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଯୁବ ବିକାଶ ସମାରୋହରେ ଯୌତୁକ ଏକ ସାମାଜିକ ବ୍ୟାଧି ଏବଂ ବରିଷ୍ଠ ନାଗରିକଙ୍କୁ କିପରି ସମ୍ମାନିତ କରିବା ସେ ସମ୍ପର୍କରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ଦିଲୀପ କୁମାର ସାଥୁଆଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନେ ନାଟକ ପରିବେଷଣ କରିଥିଲେ। ଶିକ୍ଷାବିତ୍ ରାଧାମୋହନ ପଣ୍ଡା, ଅବସରପ୍ରାପ୍ତ ସଂସ୍କୃତ ପ୍ରାଧ୍ୟାପକ ଡ.ଅଖିଳେଶ ପ୍ରସାଦ ପଣ୍ଡା, ଚିକିତ୍ସକ ଭୀମସେନ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସଦାସର୍ବଦା ନିଜର ବ୍ୟବହାର ଓ ସଂଯମତା ରକ୍ଷା କର। ଶାଳୀନତା ବଜାୟ ରଖିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଭଜନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପକ ଶ୍ରୀନିବାସ ସାହୁ, ରଘୁନାଥ ଦାସ, ହୃଷିକେଶ ମାର୍ଥା, ବାଉରି ବନ୍ଧୁ ଦଳେଇ, ଇନ୍ଦୁ ଭୂଷଣ ହରିଚନ୍ଦନ, ଶ୍ୟାମାପ୍ରସାଦ ଶତପଥୀ, ଶଶାଙ୍କ ମହାପାତ୍ର, ଅଧ୍ୟାପିକା ସୋମ୍ୟା ଷଡ଼ଙ୍ଗୀ, ପ୍ରଜ୍ଞାରାଣୀ ବେହେରା, ବିନ୍ଦୁଶ୍ରୀ ମହାନ୍ତି, ଧରିତ୍ରୀ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ପୀର ଜାହାନିଆଁ ବେଳାଭୂମି ଚଳଚଞ୍ଚଳ



ଅସ୍ତରଙ୍ଗ,୨।୧(ମମତା ଜେନା)

ପର୍ଯ୍ୟଟନ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଅସ୍ତରଙ୍ଗ ବ୍ଲକର ପୀର ଜାହାନିଆଁ ବେଳାଭୂମି ନବବର୍ଷ ଉପଲକ୍ଷେ ଚଳଚଞ୍ଚଳ ହୋଇପଡ଼ିଛି। ହଜାର ହଜାର ପର୍ଯ୍ୟଟକ ପୁରୁଣା ବର୍ଷକୁ ବିଦାୟ ଦେଇ ନୂତନ ବର୍ଷକୁ ଅଭିନନ୍ଦନ ଜଣାଇ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲରେ ବଣଭୋଜି କରିବା ସହ ନାଚ ଗୀତରେ ମସଗୁଲ ହେଉଥିବା ଦେଖିବାକୁ ମିଳିଛି। ସମୁଦ୍ର ଜଳର ଢେଉ ରାଶିରେ ଡଲଫିନଙ୍କ ଲୁଚକାଳି ଖେଳ ସହ ରଙ୍ଗ ବେରଙ୍ଗର କଙ୍କଡା, ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦିଆ ସ୍ଥାନ ସହ ଅଣ୍ଡା ସଂଗୃହିତ ଅସ୍ଥାୟୀ ହେଚେରିର ପର୍ଯ୍ୟଟକ ମଜା ନେଉଛନ୍ତି। ସମୁଦ୍ର ଜଳ ରାଶିରେ ଗାଧୋଇ ଠାକୁର ପୀରବାବାଙ୍କୁ ଦର୍ଶନ କରିବା ପରମ୍ପରା ରହିଛି। ବେଳାଭୂମିର ଉତ୍ତର ଦିଗକୁ ଯାହାକି ଦେବୀ ମାଉଥ ନିକଟ ଗଙ୍ଗାଦେବୀ ଠାକୁରାଣୀଙ୍କ ନିକଟରେ ବହୁ ପର୍ଯ୍ୟଟକ ପରିବାର ସହ ବଣଭୋଜି ନଦୀ ଓ ସମୁଦ୍ରରେ ବୋଟିଂ କରି ଚଳିତ ଜଳ ଯାନରେ ବୁଲାବୁଲି କରି ପ୍ରାକୃତିକ ଶୋଭା ରାଶି ଉପଭୋଗ କରିଥାନ୍ତି। ରାଜ୍ୟ ସରକାର କୋଣାର୍କ ରାମଚଣ୍ଡୀ ମୁହାଣ ନିକଟରେ ଅସ୍ଥାୟୀ ଇକୋରିଟ୍ରିକ୍ ପର୍ଯ୍ୟଟକଙ୍କ ନିମନ୍ତେ ଖୋଲିଥିବାବେଳେ ଅସ୍ତରଙ୍ଗ ବେଳାଭୂମିରେ ପ୍ରାୟ ୧୦କୋଟି ଟଙ୍କା ବିନିମୟରେ ପର୍ଯ୍ୟଟକଙ୍କ ରାତ୍ରି ରହଣି ପାଇଁ ସ୍ଥାୟୀ ଇକୋ ରିଟ୍ରିକ୍ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି।

# ଗୋଲାପ ଚାଷ କରି ସ୍ୱାବଲମ୍ବୀ

ଖୋର୍ଦ୍ଧା,୨।୧(ପ୍ରଭାତ ପାଣିଗ୍ରାହୀ)

ଫୁଲ ସମସ୍ତଙ୍କର ଅତି ପ୍ରିୟ। ଏଥିପ୍ରତି ସମସ୍ତଙ୍କ ବିଶେଷ ଆକର୍ଷଣ ରହିଥାଏ। ଦେବଦେବୀଙ୍କ ପୂଜା ହେଉ କିମ୍ବା ମାଙ୍ଗଳିକ କାର୍ଯ୍ୟରେ ସବୁଠି ଫୁଲ ଖୋଜା ପଡ଼ିଥାଏ। ତେବେ ଫୁଲ ମଧ୍ୟରେ ଗୋଲାପ ଫୁଲର ବେଶ୍ ଚାହିଦା ରହିଛି। ଏହି ଗୋଲାପ ଫୁଲ ଚାଷକରି ଲାଭାନ୍ୱିତ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ବୋଲଗଡ଼ ଅଞ୍ଚଳର ଯୁବଚାଷୀ ଆନନ୍ଦ ଚନ୍ଦ୍ର ସାହୁ। ତାଙ୍କର ଏକର ଏକର ଜମିରେ ଫୁଟିଛି ଧଳା, ହଳଦିଆ ଓ ଲାଲରଙ୍ଗର ଗୋଲାପ ଫୁଲ। ବର୍ଷକୁ ପ୍ରାୟ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସେ ରୋଜଗାର କରୁଛନ୍ତି। ଆଖପାଖ ଅଞ୍ଚଳର ବ୍ୟବସାୟୀ ଗୋଲାପ ଫୁଲ ପାଇଁ ବାହାର ରାଜ୍ୟ ପରିବର୍ତ୍ତେ ଆନନ୍ଦଙ୍କଠାରୁ ଫୁଲ କିଣି ବେପାର କରୁଛନ୍ତି। ଖୋର୍ଦ୍ଧା, କଟକ, ଭୁବନେଶ୍ୱର ସମେତ ବାହାର ଜିଲାକୁ ମଧ୍ୟ ପଠାଉଛନ୍ତି। ନିଜେ ରୋଜଗାରକ୍ଷମ

**ବାର୍ଷିକ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରୁଛନ୍ତି ଆନନ୍ଦ**



ହେବା ସହ ଅନ୍ୟ ପରିବାର ପାଇଁ ରୋଜଗାର ଯୋଗାଉଛନ୍ତି।

ଚାକିରି ପଛରେ ଦୌଡ଼ିବା ଅପେକ୍ଷା ଆନନ୍ଦ ନିଜ ଜମିରେ ଫୁଲଚାଷ କରିବାକୁ ମନସ୍ଥ କରିଥିଲେ। ଉଦ୍ୟାନ ବିଭାଗର ସହାୟତାରେ ୨୦୧୭ରୁ ସେ ଏହି ଚାଷ ଆରମ୍ଭ କରିଥିଲେ। ତାଙ୍କ ଜମିରେ ଲାଗିଛି ୧୫ରୁ ୧୭ ହଜାର ଚାରା। ଥରେ ଚାରା ଲାଗିଲେ ୪ବର୍ଷ ପର୍ଯ୍ୟନ୍ତ ଫୁଲ ବାହାରିଥାଏ ବୋଲି ଆନନ୍ଦ କହିଛନ୍ତି। ବିଭିନ୍ନ ରଙ୍ଗର ଗୋଲାପ ତାଙ୍କ ବଗିଚାର ଶୋଭାବର୍ଦ୍ଧନ କରୁଛି। ଗୋଟିଏ ଗୋଲାପର ଦାମ ୫ରୁ ୧୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଲାଲ ଗୋଲାପର ବେଶ୍ ଚାହିଦା ରହିଛି। ବେପାରୀଙ୍କ ଚାହିଦା ଅନୁସାରେ ସେ ଫୁଲ ଯୋଗାଇଥାନ୍ତି। ଆନନ୍ଦ କୁହନ୍ତି, ଫୁଲଚାଷ କରିବାକୁ ବହୁ ସଂଘର୍ଷ କରିବାକୁ ପଡ଼ିଛି। ଗୋଲାପ ଚାଷ କିପରି କରିବେ, ବେପାର କିପରି ହେବ, ଏପରି ବହୁପ୍ରଶ୍ନ ମନରେ ଉଙ୍କି ମାରିଥିଲା। ଏ ବିଷୟରେ ଉଦ୍ୟାନ ବିଭାଗ ପକ୍ଷରୁ ସମସ୍ତ ତଥ୍ୟ ହାସଲ ପରେ ଚାଷ ଆରମ୍ଭ କରିଥିଲି। ସେ ଏବେ ଜଣେ ସଫଳ ଫୁଲଚାଷୀ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ। ଖୋର୍ଦ୍ଧାର ଜଣେ ଫୁଲ ବ୍ୟବସାୟୀ କହିଛନ୍ତି, ପୂର୍ବରୁ ଗୋଲାପ ପାଇଁ କୋଲକାତା, ବେଙ୍ଗାଲୁରୁ, ଆନ୍ଧ୍ର ଉପରେ ନିର୍ଭର କରିବାକୁ ପଡୁଥିଲା। ଫୁଲ ଆସିବାରେ ବିଳମ୍ବ ହେବା ସହ ଅନେକ ସମୟରେ ଫୁଲ ଝଡ଼ି ନଷ୍ଟ ହେଉଥିଲା। ଏବେ ଗୋଟିଏ ଫୋନ କଲ୍‌ରେ ଆନନ୍ଦଙ୍କ ବଗିଚାର ଫୁଲ ଆସି ପହଞ୍ଚି ଯାଉଛି। ତେବେ ଆନନ୍ଦଙ୍କଠାରୁ ପ୍ରେରଣା ପାଇ ବହୁ ଯୁବଚାଷୀ ଏଥିପ୍ରତି ମନୋନିବେଶ କରିଥିବା ଜଣାପଡ଼ିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୧।୨୦୨୪

| | |
|---|---|
| ୬,୪୯,୨୧୧ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୨୩.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ନିମାପଡ଼ା ଆଥ୍‌ଲେଟିକ କ୍ଲବ ବିଜୟୀ

ବଳଙ୍ଗା,୨।୧(କେଦାରେଶ୍ୱର ନନ୍ଦ): ବଳଙ୍ଗା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ମଙ୍ଗଳବାର ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମହାବୀର କ୍ଲବ ଭୂନୀପୁର ଓ ନିମାପଡ଼ା ଆଥ୍‌ଲେଟିକ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିମାପଡ଼ା ଆଥ୍‌ଲେଟିକ କ୍ଲବ ୩-୦ ଗୋଲରେ ମହାବୀର କ୍ଲବ ଭୂନୀପୁରକୁ ହରାଇ ବିଜୟୀ ହୋଇଛି। ବିଜୟୀ ଦଳକୁ ୨୦ ହଜାର, ଉପବିଜେତା ଦଳକୁ ୧୫ ହଜାର, ତୃତୀୟ ଦଳ ବଳଙ୍ଗା ଲାୟନ୍ସ ଏବଂ ଚତୁର୍ଥ ଦଳ ଭାବେ ପ୍ରଗତି କ୍ଲବ ବିଷ୍ଣୁପୁର ଦଳକୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି କ୍ରୀଡ଼ା ସମ୍ପାଦକ ରଣଜିତ କେଶରୀ ନାୟକ କହିଛନ୍ତି। କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପ୍ରଦୀପ୍ତ କୁମାର ଖଟୋଇ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତିସଭ୍ୟ ପ୍ରକାଶ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରମୋଦ ବରାଳ, ଗୋବିନ୍ଦ ଚନ୍ଦ୍ର ଦାଶ, ଶୁଶାନ୍ତ ରାଉତରାୟ ଓ ରମେଶ ମଲ୍ଲିକ ଖେଳ ପରିଚାଳନା କରିଥିଲେ। ବୁଧବାର କବାଡ଼ି ଏବଂ ଖୋ- ଖୋ ମ୍ୟାଚ ଅନୁଷ୍ଠିତ ହେବ।

### ଏଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ଧାରଣା ସ୍ଥଗିତ

#### କାର୍ଯ୍ୟରତ ଖବରଦାତାଙ୍କୁ ଦୁର୍ବ୍ୟବହାର ଘଟଣା

କୋଣାର୍କ,୨।୧(ଜ୍ୟୋତିରାଜ ମହାନ୍ତି): ଡିସେମ୍ବର ୩୧ରେ ସୂର୍ଯ୍ୟମନ୍ଦିର ପରିସରରେ ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଦୁର୍ବ୍ୟବହାରକାରୀଙ୍କୁ ଗିରଫ ଦାବିରେ ଗଣମାଧ୍ୟମ ପ୍ରତିନିଧିମାନେ କୋଣାର୍କ ଥାନା ଆଗରେ ଧାରଣାରେ ବସିଥିଲେ। ପୁରୀ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଏଏସ୍‌ପି) ବିଷ୍ଣୁ ପ୍ରସାଦ ପତି ମଙ୍ଗଳବାର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ମଙ୍ଗଳବାର ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସମ୍ପାଦକ ବିଶ୍ୱଜିତ୍ ପଟ୍ଟନାୟକ, ପୁରୀ ଜିଲା ପେସାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଖବରଦାତା ସଞ୍ଜୟ ପତି ଓ ମିଳନ ମହାନ୍ତି ପ୍ରମୁଖ ଏସ୍‌ପି ଡ. କନୱାର ବିଶାଲ ସିଂଙ୍କୁ ଭେଟି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୁର୍ବ୍ୟବହାରକାରୀଙ୍କୁ ଗିରଫ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ।

# ‘ଯାନ୍ତ୍ରିକ ମୋଟର ଯାନ ସମାଜକୁ ଗତିଶୀଳ କରିଛି’

### ମୋଟର ଯାନ ଆଇନ ଏବଂ ଜନସଚେତନତା ଶୀର୍ଷକ ଆଲୋଚନାଚକ୍ର




ମୋଟର ଭେଇକିଲ ଆକ୍ଟ ଓ ଜନସଚେତନତା ଶୀର୍ଷକ ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି ।

ପୁରୀ, ୨।୧(ଅଜିତ୍ ମହାନ୍ତି): ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ମୋଟର ଭେଇକିଲ ଆକ୍ଟ ଓ ଜନସଚେତନତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ ବିଭାଗ ପୁରୀ ସହଭାଗିତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିବହନ ଅଧିକାରୀ ରବୀନ ପଟ୍ଟନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ପ୍ରଫେସର ଡ. କାର୍ତ୍ତିକ କୁମାର ଦାସ, ଶିକ୍ଷାବିତ୍ ବିଜୟ ଲକ୍ଷ୍ମୀ ଦାଶ, ପରିଷଦର ସଭାପତି ତଥା ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ପରିଷଦର ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ପଟ୍ଟନାୟକ କହିଲେ, ଯାନ୍ତ୍ରିକ ମୋଟର ଯାନ ସମାଜକୁ ଗତିଶୀଳ କରୁଛି। କିନ୍ତୁ ଏହାର ଉପାଦେୟତା ଅପେକ୍ଷା ମୋଟର ଯାନ ଆଇନ ସଚେତନତା ଅଭାବରୁ ବହୁ ଦୁର୍ଘଟଣା ଘଟି ଅଯଥାରେ ବହୁ ଅମୂଲ୍ୟ ଜୀବନ ନଷ୍ଟ ହେଉଛି। ଏଥିପାଇଁ ରାଜ୍ୟ ସରକାର ଓ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ଫୋରମ୍ ମାଧ୍ୟମରେ ଜନସଚେତନତା ଜାରି ରହିଛି। ସମାଜର ସବୁ ବର୍ଗର ଜନସାଧାରଣ ମୋଟର ଭେଇକିଲ ଆକ୍ଟର ମାର୍ଗଦର୍ଶିକାକୁ ମାନିଲେ ନିଶ୍ଚିତ ଭାବେ ଦୁର୍ଘଟଣା ନିୟନ୍ତ୍ରଣ ହେବ। ଆୟୋଜିତ ଆଲୋଚନାଚକ୍ରରେ ବିଜୟ କୁମାର ପଣ୍ଡା, ଡ. ଅଭିମନ୍ୟୁ ଭୂୟାଁ, ପଣ୍ଡିତ ସଦାଶିବ ମିଶ୍ର, ସୁରେଶ କୁମାର ପଟ୍ଟନାୟକ, ନାରାୟଣ ନନ୍ଦ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ଭବାନୀ ପ୍ରସାଦ ବଳିୟାର ସିଂ, ଆଶାଲତା ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରି ମତ ଉପସ୍ଥାପନ କରିଥିଲେ।

# ‘ବହି ଜୀବନର ସର୍ବକାଳୀନ ଉତ୍ତମ ବନ୍ଧୁ’




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ପୁରୀ,୨।୧(ଅଜିତ୍ ମହାନ୍ତି): ଶ୍ରୀକ୍ଷେତ୍ର ପୁସ୍ତକ ମେଳା ମଞ୍ଚରେ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ତରଫରୁ ଆମ ସାମାଜିକ ଜୀବନରେ ପୁସ୍ତକର ଭୂମିକା ଶୀର୍ଷକ ଆଲୋଚନା ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଓ ଆଲୋଚକ ଭାବରେ ରୋଟାରୀ କ୍ଲବ୍ ଶ୍ରୀଜଗନ୍ନାଥ ଧାମର ସଭାପତି ଦେବଦତ୍ତ ପଡଙ୍ଗୀ, ଅଧ୍ୟାପକ ଅଶୋକ କୁମାର ମିଶ୍ର, ଭାରତୀ ଭୂଷଣ ଦାସ, ପ୍ରିୟପତ୍ର ସମ୍ପାଦକ ବିପିନ୍ ବିହାରୀ ଦନେଇ, ଶ୍ରୀକ୍ଷେତ୍ର ସାହିତ୍ୟ ସଂପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ, ପୂର୍ବତନ ଶିକ୍ଷା ମଣ୍ଡଳ ଅଧିକାରୀ ବିଜୟଲକ୍ଷ୍ମୀ ଦାଶ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଆଶାଲତା ପ୍ରଧାନ ପ୍ରମୁଖ ଯୋଗଦେଇ ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଓ ସାମାଜିକ ବିକାଶ ଓ ଅନ୍ଧ ବିଶ୍ୱାସ ଦୂର କରିବାରେ ପୁସ୍ତକ ସଦା ମାର୍ଗଦର୍ଶକ, ପ୍ରେରଣାଦାୟକ ଓ ଉପଯୋଗୀ ବନ୍ଧୁ ଭାବରେ ବାଟ ଦେଖାଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରି କହିଥିଲେ। ଏହି ଅବସରରେ କବୟିତ୍ରୀ କାଞ୍ଚନବାଳା ଦଳେଇଙ୍କ କବିତା ସଙ୍କଳନ ‘ସମର୍ପିତା’ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଉନ୍ମୋଚିତ ହାଇଥିଲା। ପରେ କବି କ୍ରିଷ୍ଣା ମହାପାତ୍ରଙ୍କ ସଭାପତିତ୍ୱ ଏବଂ କବି ସୁରେଶ ପଟ୍ଟନାୟକ, ସୁନନ୍ଦା ମହାନ୍ତି ଓ ରୋଜାଲିନ ପଣ୍ଡାଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ।

### ଫାଷ୍ଟଫୁଡ୍ ଦୋକାନରେ ଅଗ୍ନିକାଣ୍ଡ

ପିପିଲି,୨।୧(ଦୁର୍ଗାମାଧବ ମିଶ୍ର): ପୁରୀ- ଭୁବନେଶ୍ୱର ୩୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ମଙ୍ଗଳପୁର ବଜାରରେ ଥିବା ଫାଷ୍ଟଫୁଡ୍ ଦୋକାନରେ ଅଗ୍ନିକାଣ୍ଡ ଘଟି ଦୋକାନଟି ଜଳିଯାଇଛି। ୨ଟି ଏଲ୍‌ପିଜି ସିଲିଣ୍ଡର ବିସ୍ଫୋରଣ ହେବା ସହ ସବୁ ସାମଗ୍ରୀ ନଷ୍ଟ ହୋଇଛି। ସୂଚନା ମୁତାବକ, ପାଖ ଅଳିଆ ଗଦାରୁ ନିଆଁ ଲାଗି ଏପରି ଅଗ୍ନକାଣ୍ଡ ଘଟିଥିବା ସ୍ପଷ୍ଟ ହୋଇଥିବାବେଳେ ପିପିଲି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଛି।

### ୪୩ ବର୍ଷର ସ୍ମୃତି ସାଉଣ୍ଟିଲେ

ଚାରିଛକ,୨।୧(ଶିଶିର ସ୍ୱାଇଁ): ଚାରିଛକ ଥାନା ଅଧୀନ ବାହାରଣା ନୀଳମଣି ସ୍ମୃତି ବିଦ୍ୟାପୀଠର ପ୍ରଥମ ବ୍ୟାଚ୍ ଅର୍ଥାତ୍ ୧୯୮୧ ମସିହା ଦଶମ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ୪୩ ବର୍ଷ ପରେ ବାହାରଣାସ୍ଥିତ ଗିରି ବଗିଚାରେ ହୋଇଯାଇଛି। ଏଥିରେ ସେହି ବ୍ୟାଚ୍‌ର ଛାତ୍ର ଦିଲୀପ ବାରିକ୍ ଓ ରମେଶ ପ୍ରଧାନ ନେତୃତ୍ୱ ନେଇଥିଲେ। ଏତେ ବର୍ଷ ପରେ ବନ୍ଧୁମିଳନ ହୋଇଥିବାରୁ ସମସ୍ତେ ତାଙ୍କ ଅତୀତର ସ୍ମୃତି ବାଣ୍ଟି ବହୁତ ଖୁସି ହୋଇଥିଲେ। ଏଥିରେ ଦିଲୀପ ମହାନ୍ତି, ବେଣୁଧର ମହାପାତ୍ର, ଗଙ୍ଗାଧର ରଥ, ଆଦିକନ୍ଦ ମିଶ୍ର, ଅଭୟ ମଲ୍ଲ, ପବିତ୍ର ମୋହନ ମହାନ୍ତି, ଅକ୍ଷୟ ସ୍ୱାଇଁ, ଉମେଶ ରାଉତ, ବାସନ୍ତି ସ୍ୱାଇଁ, ରିତାରାଣୀ ପଟ୍ଟନାୟକ, କେଦାରେଶ୍ୱର ପ୍ରଧାନ, ବ୍ରଜ କିଶୋର ସାହୁ, ପରେଶ ଭୋଳ, ପ୍ରଶାନ୍ତ ଆଚାର୍ଯ୍ୟ, ସଂଯୁକ୍ତା ରଥ, ଅମ୍ବିକା ବାରିକ୍ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସାହାଯ୍ୟ ସହଯୋଗ କରିଥିଲେ।

### କୂଅରେ ଖସିପଡ଼ି ନାବାଳକ ମୃତ

ଟାଙ୍ଗୀ,୨।୧(ରଘୁନାଥ ସାହୁ): କୂଅରେ ଖସିପଡ଼ିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ରତନପୁର ଗ୍ରାମର ଅଜୟ ବେହେରାଙ୍କ ପୁଅ ଆକାଶ(୧୦)। ସୋମବାର ସନ୍ଧ୍ୟାରେ ଆକାଶ ଖେଳୁଥିବା ସମୟରେ ଅସାବଧାନତାବଶତଃ କୂଅରେ ଖସିପଡ଼ିଥିଲେ। ତେବେ ସେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଘର ନିକଟ ଏକ କୂଅରେ ଚପଲ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ କୂଅରେ ପଶି ଆକାଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କରିଡର ପ୍ରତିଷ୍ଠାରେ ପୁରୀରେ ହେବ ନୀରବ ସମାବେଶ

ପୁରୀ,୨।୧(ଅଜିତ୍ ମହାନ୍ତି): ସବୁ ଦେବତା ଭଜନପ୍ରିୟ। ତେଣୁ ଭାରତବର୍ଷର ପ୍ରତି ମନ୍ଦିର ସମ୍ମୁଖରେ ରହିଛି ଭଜନ ମଣ୍ଡପ। ସେଥିପାଇଁ ପୂର୍ବରୁ ପୁରୀ ଶ୍ରୀମନ୍ଦିର ସମ୍ମୁଖ ଏମାରମଠ ଚକଡ଼ାରେ କେଉଁ ଯୁଗରୁ ଚାଲିଥିଲା ଭଜନ -କୀର୍ତ୍ତନ। କରିଡର ପାଇଁ ତାହା ଭାଙ୍ଗିବା ପରଠାରୁ ପ୍ରଶାସନଠାରେ ପ୍ରଥମରୁ ଭଜନମଣ୍ଡପ ନିର୍ମାଣ ଦାବି ହୋଇଛି। ମାତ୍ର ପ୍ରଶାସନ ନୀରବଦ୍ରଷ୍ଟା। ଭଜନ ମଣ୍ଡପ ନେଇ ୨୪ ଫେବୃଆରୀ ୨୦୨୨ରୁ ଏପର୍ଯ୍ୟନ୍ତ ୭ଥର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ ହୋଇଛି। ସାରା ଭାରତର ଶହଶହ ଅନୁଷ୍ଠାନ ଏକ ଲକ୍ଷ ପୋଷ୍ଟ ମାଧ୍ୟମରେ ସରକାରଙ୍କୁ ନିବେଦନ କରିଛନ୍ତି। ଅପରପକ୍ଷରେ ୮ଥର ଜିଲା ପ୍ରଶାସନ ଖଣ୍ଡୋଲାଇଟ ପଥରରେ ଭଜନ ମଣ୍ଡପ ନିର୍ମାଣର ଘୋଷଣା କରିଛି। ଅଥଚ କରିଡର ପ୍ରତିଷ୍ଠାକୁ ମାତ୍ର ୧୫ଦିନ ଥିବାବେଳେ ସରକାର ବା ପ୍ରଶାସନ ନିଜ କଥା ରଖି ନାହାନ୍ତି। କୋଟି କୋଟି ଭକ୍ତ ଜାଣନ୍ତି, ଭଜନପ୍ରିୟ ମାଧବ। ଯେଉଁଠି ଭଜନ ନାହିଁ, ସେଠାରେ ଠାକୁର ନାହାନ୍ତି। ସରକାରଙ୍କ ଏହି ଉଦାସୀନତା ବିରୋଧରେ କରିଡର ପ୍ରତିଷ୍ଠା ଦିନ ଓଡ଼ିଶାର ୬୦ଜଣ କଣ୍ଠଶିଳ୍ପୀ, ଗୀତିକାର, ସଙ୍ଗୀତ ନିର୍ଦ୍ଦେଶକ ଓ ଅନୁଷ୍ଠାନର କର୍ମକର୍ତ୍ତା ପୁରୀ ବଡ଼ଦାଣ୍ଡରେ ନୀରବ ସମାବେଶ କରିବେ ବୋଲି ଓଡ଼ିଶା ଯୁବ ଚେତନା ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିବା ସୂଚନା ଦେଇଛନ୍ତି।

# ଗୋପବନ୍ଧୁ ଓଡ଼ିଆ ଜାତିର ଅଲିଭା ଅଗ୍ନିଶିଖା



ଶ୍ରୀକ୍ଷେତ୍ର ପୁସ୍ତକ ମେଳାରେ ଜୀବନୀ ପୁସ୍ତକ ଉନ୍ମୋଚନ କରାଯାଉଛି ।

ପୁରୀ,୨।୧(ଅଜିତ୍ ମହାନ୍ତି): ଗୋପ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ପ୍ରିୟଦର୍ଶିନୀ ପଲେଇଙ୍କ ରଚିତ ତଥା ‘ବିଜୟିନୀ ପ୍ରକାଶନୀ’ ଦ୍ୱାରା ପ୍ରକାଶିତ ଜୀବନୀ ପୁସ୍ତକ ‘ଉତ୍କଳମଣି ଗୋପବନ୍ଧୁ’ ଶରଧାବାଲିଠାରେ ଆୟୋଜିତ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ପରିସରରେ ଲୋକାର୍ପିତ ହୋଇଯାଇଛି। ସାହିତ୍ୟିକ ହରପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ସାହିତ୍ୟ ସମାଲୋଚକ ଦିଲୀପ କୁମାର ସ୍ୱାଇଁ, ସାହିତ୍ୟିକ ସୁନୀଲ ରଥ, କବି ନିର୍ମଳ ମିଶ୍ର, ସୁଚେତା ମିଶ୍ର ଓ ସନ୍ନ୍ୟାସୀ ନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ପୁସ୍ତକକୁ ଲୋକାର୍ପଣ କରିଥିଲେ। ଗୋପବନ୍ଧୁ ଓଡ଼ିଆ ଜାତିର ଅଲିଭା ଅଗ୍ନିଶିଖା ଓ ଆଜିବି ଓଡ଼ିଆମାନେ ସେମାନଙ୍କ ଜାତୀୟ ବିପତ୍ତି ସମୟରେ ଗୋପବନ୍ଧୁଙ୍କୁ ମନେପକାନ୍ତି ଓ ଗୋପବନ୍ଧୁ ସମାଜସେବା, ତ୍ୟାଗ ଓ ସଭ୍ୟତା ନିର୍ମାଣର ଏକ ମିଥ୍ ଭାବରେ ଯୁବପିଢିକୁ ଉତ୍ସାହିତ କରି ଆସୁଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଣ୍ଠଶିଳ୍ପୀ ଦେବାଂଶୀ ଦାଶ ଭକ୍ତି ସଙ୍ଗୀତ ପରିବେଷଣ କରିଥିବା ବେଳେ ପୁସ୍ତକର ପ୍ରକାଶକ ଦିଲୀପ କୁମାର ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ‘ଅଭିନନ୍ଦନିକା’ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ।

# କଳିଙ୍ଗନଗର ଶହୀଦ ଆଦିବାସୀଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଜିଲା କଂଗ୍ରେସ କମିଟି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ।

ପୁରୀ,୨।୧(ଅଜିତ୍ ମହାନ୍ତି): କଳିଙ୍ଗ ନଗର ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଅନେକ ଆଦିବାସୀ ବିସ୍ଥାପିତ ହୋଇଥିଲେ। ୨୦୦୬ ଜାନୁଆରୀ ୨ରେ ଉକ୍ତ ବିସ୍ଥାପିତ ଆଦିବାସୀମାନେ ଏହାକୁ ବିରୋଧ କରିବାରୁ ପୋଲିସ ସେମାନଙ୍କ ଉପରକୁ ଅମାନୁଷିକ ଗୁଳିଚାଳନା କରିଥିଲା। ଫଳରେ ୧୪ ନିରୀହ ଆଦିବାସୀ ପୁରୁଷ ଓ ମହିଳା ପ୍ରାଣ ହରାଇଥିଲେ। ତାଙ୍କର ସ୍ମୃତିଚାରଣ କରି ମଙ୍ଗଳବାର ଜିଲା କଂଗ୍ରେସ କମିଟି ପକ୍ଷରୁ ଭିଆଇପି ରୋଡ୍‌ସ୍ଥିତ ଇନ୍ଦିରା ଭବନଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। କାର୍ଯ୍ୟକ୍ରମରେ କଂଗ୍ରେସ ନେତା ସୁଜିତ ମହାପାତ୍ର, ଭୀମସେନ ପ୍ରଧାନ, ରାଜେଶ ମିଶ୍ର, ଅମରେନ୍ଦ୍ର ପାଇକରାୟ, ସୁକାନ୍ତ ପ୍ରଧାନ, କାଳୀ ପ୍ରସାଦ ନାୟକ, ଅମିୟ ମହାପାତ୍ର, ବିଦ୍ଯୁ ଲତା ଆଚାର୍ଯ୍ୟ, ରାଜେଶ ସାହୁ, ବିଶ୍ୱରଞ୍ଜନ ଦାସ, ନୂତନ ଦାସମହାପାତ୍ର, ଆଦର୍ଶ ମିଶ୍ର, ପ୍ରମୁଖ କଂଗ୍ରେସ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ୪ ଭକ୍ତନିବାସରେ ଓଟିଡିସିର ନିରାମିଷ ଭୋଜନାଳୟ

ପୁରୀ,୨।୧( ଅଜିତ୍ ମହାନ୍ତି) ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ପୁରୀର ନୀଳାଦ୍ରି ଭକ୍ତନିବାସ, ଗୁଣ୍ଡିଚା ଭକ୍ତନିବାସ, ନୀଳାଚଳ ଭକ୍ତନିବାସ ଏବଂ ପୁରୁଷୋତ୍ତମ ଭକ୍ତନିବାସରେ ନିରାମିଷ ଭୋଜନାଳୟ ବ୍ୟବସ୍ଥା କରାଯିବ। ଏ ନେଇ ସୋମବାର ପୁରୁଷୋତ୍ତମ ଭକ୍ତ ନିବାସରେ ଓଟିଡିସି ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ପୁରୀ ଏକ ପ୍ରସିଦ୍ଧ ଧାର୍ମିକ କ୍ଷେତ୍ର। ଏଠାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ସାତ୍ତ୍ୱିକ ଭୋଜନ ପାଇଁ ଆଗ୍ରହ ରହିଥାଏ। ତେଣୁ ସେମାନଙ୍କ ଚାହିଦା ମେଣ୍ଟାଇବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଓଟିଡିସି ସହଭାଗିତାରେ ଶ୍ରୀମନ୍ଦିରର ୪ଟି ଯାକ ଭକ୍ତନିବାସରେ ନିରାମିଷ ଭୋଜନାଳୟର ବ୍ୟବସ୍ଥା ହୋଇଛି। ଓଡ଼ିଆ ଖାଦ୍ୟ ପରିବେଷଣ ସହ ପାର୍ବଣଗୁଡ଼ିକରେ ପାରମ୍ପରିକ ସୁସ୍ୱାଦୁ ଖାଦ୍ୟ ମଧ୍ୟ ପରିବେଷଣ କରାଯିବ। ସେହିପରି ଟ୍ରାଭେଲ ଡେସ୍କ ମାଧ୍ୟମରେ ପର୍ଯ୍ୟଟନ ପାଇଁ ଟିକେଟ ବ୍ୟବସ୍ଥା ରହିବ, ଫଳରେ ପର୍ଯ୍ୟଟକ ହଇରାଣ ବା ଠକାମିରୁ ବର୍ତ୍ତିପାରିବେ ବୋଲି ଦାସ ପ୍ରକାଶ କରିଥିଲେ। ଓଟିଡିସି ଅଧ୍ୟକ୍ଷ ଡ. ଲେନିନ ମହାନ୍ତି କହିଛନ୍ତି, ଓଟିଡିସି ଓ ଶ୍ରୀମନ୍ଦିର ପ୍ରଶାସନର ମିଳିତ ସହଯୋଗରେ ଯାତ୍ରୀଙ୍କୁ ଭଲ, ସୁସ୍ୱାଦୁ ଓ ଉଚିତ ମୂଲ୍ୟରେ ସାତ୍ତ୍ୱିକ ନିରାମିଷ ଖାଦ୍ୟ ଯୋଗାଇ ଦିଆଯିବ। ଶ୍ରୀମନ୍ଦିର ପ୍ରଶାସନ ଓଟିଡିସି ଉପରେ ଭରସା ରଖିଥିବାରୁ ଧନ୍ୟବାଦ ଦେବା ସହ ଏହି ବିଶ୍ୱାସକୁ ବଜାୟ ରଖିବୁ ବୋଲି ମହାନ୍ତି କହିଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସମହାପାତ୍ର, ମାଧବ ଚନ୍ଦ୍ର ମହାପାତ୍ର, ମାଧବ ଚନ୍ଦ୍ର ପୂଜାପଣ୍ଡା, ଅନନ୍ତ ତିଆଡ଼ି, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଓଟିଡିସି ସାଧାରଣ ପରିଚାଳକ ଡ. ଲଲାଟେନ୍ଦୁ ସାହୁ, ରାଜସ୍ୱ ଉପପ୍ରଶାସକ ପ୍ରମୋଦ କୁମାର ପୃଷ୍ଟି ପ୍ରମୁଖ ଏହି ବ୍ୟବସ୍ଥା ଦ୍ୱାରା ଭକ୍ତମାନେ ବିଶେଷ ଉପକୃତ ହେବେ ବୋଲି କହିଥିଲେ। ପୁରୀ ପାନ୍ଥନିବାସ ପରିଚାଳକ ଚନ୍ଦ୍ରକାନ୍ତ ଦାସ ଓ କର୍ମଚାରୀମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ରୌପ୍ୟ ବିଜୟୀ ଖୋ ଖୋ ଦଳକୁ ସମ୍ବର୍ଦ୍ଧନା

ପୁରୀ, ୨।୧(ଅଜିତ୍ ମହାନ୍ତି): ଛତିଶଗଡ଼ରେ ଅନୁଷ୍ଠିତ ୪୨ତମ ଜାତୀୟ ଜୁନିୟର ଖୋ ଖୋ ଚାମ୍ପିୟନଶିପ୍‌ରେ ଓଡ଼ିଶା ଖୋ ଖୋ ମହିଳା ଦଳ ରୌପ୍ୟ ପଦକ ବିଜୟୀ ହୋଇଛି। ପ୍ରତିଯୋଗିତାରେ ରୌପ୍ୟ ପଦକ ବିଜେତା ଦଳକୁ ସୋମବାର ପୁରୀ ଜିଲା ପ୍ରଶାସନ ଓ କ୍ରୀଡ଼ା ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀଜଗନ୍ନାଥ ଷ୍ଟାଡିୟମ ପରିସରରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଖୋ ଖୋ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ରୌପ୍ୟ ପଦକ ବିଜୟୀ ଖୋ ଖୋ ଦଳକୁ ସମ୍ବର୍ଦ୍ଧିତ କରିବା ସହ ୨୦୨୪ ବର୍ଷ ରାଜ୍ୟ ଖୋ ଖୋ ଦଳ ପାଇଁ ଶୁଭଙ୍କର ଓ ସଫଳତାର ବର୍ଷ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଆକାଶ ରଣା ଓ ସାବିଲା ଖାତୁନ ପ୍ରମୁଖ ଯୋଗଦେଇଥିଲେ।



ଖୋ ଖୋ ମହିଳା ଦଳର ରୌପ୍ୟ ପଦକ ବିଜୟୀ ଖେଳାଳିମାନେ ।

# ୧୪ରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୦୨ ତମ ଆଗମନ ସମାବେଶ

ପୁରୀ,୨।୧(ଅଜିତ୍ ମହାନ୍ତି): ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପୁଣ୍ୟ ଉତ୍କଳ ଆଗମନର ୧୦୨ତମ ଶୁଭ ମହୋତ୍ସବ ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବ। ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଏହାକୁ ଭବ୍ୟ ଭାବେ ଆୟୋଜନ କରିବାକୁ ଉତ୍କଳ ଆଗମନୀ ସ୍ମୃତି ଉତ୍ସବ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସ୍ମୃତି ଉତ୍ସବ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ପ୍ରତି ଋତିକ ତଥା ଦେଓଘର ସତ୍‌ସଙ୍ଗର ସହ ସମ୍ପାଦକ ବିନାୟକ ମହାପାତ୍ର ସୂଚନା ଦେଇଛନ୍ତି। ଏସମ୍ପର୍କରେ ମଙ୍ଗଳବାର ଚକ୍ରତୀର୍ଥ ରୋଡ୍‌ସ୍ଥିତ ସତସଙ୍ଗ ଠାକୁର ବାଡ଼ି ପରିସରରେ ଖରବଦାତା ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୂଚନାଦେଇ ଉତ୍ସବ କମିଟିର ଯୁଗ୍ମ ସମ୍ପାଦକ ନିରଞ୍ଜନ ବେହେରା ବିଭିନ୍ନ ସ୍ଥାନରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁମାନେ ଯେପରି ଉତ୍ସବ ସ୍ଥଳରେ ସୁନ୍ଦର ଓ ଶୃଙ୍ଖଳିତ ଦର୍ଶନ ସହ କାର୍ଯ୍ୟକ୍ରମକୁ ଶ୍ରଦ୍ଧାର ସହ ଉପଭୋଗ କରିବେ ସେନେଇ ସମସ୍ତ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ। ତିନୋଟି ଷ୍ଟେଜ ମାଧ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୪ ତାରିଖ ବ୍ରାହ୍ମମୁହୂର୍ତ୍ତେ ବେଦ ମାଙ୍ଗଳିକୀ ଓ ନହବତ, ପ୍ରତ୍ୟୁଷେ ଉଷା କୀର୍ତ୍ତନରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ସକାଳ ୬.୨୨ ମିନିଟରୁ ଉଷାବିନତି, ଦର୍ଶନ, ପ୍ରଣାମ ଓ ପରେ ପୁଣ୍ୟ ଉତ୍ସବର ଶୁଭ ଉଦ୍‌ଘାଟନ କରାଯିବ। ୮.୩୦ ରେ ଶ୍ରୀ ବିଗ୍ରହ ଶୋଭାଯାତ୍ରା, ସଂଗୀତାଞ୍ଜଳି ଓ ନୃତ୍ୟ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ପୂର୍ବାହ୍ନ ୧୧ ଘଟିକାରେ ସାଧାରଣ ସଭା, ମଧ୍ୟାହ୍ନ ୧୨.୩୦ରୁ ସ୍ୱ ଅନୁଭୂତିର ଗଳ୍ପ, ଅପରାହ୍ନ ୨ ଟାରେ ଚିକିତ୍ସକ ସମ୍ମିଳନୀ, ୩.୩୦ ମିନିଟରେ ମାତୃ ସମ୍ମିଳନୀ, ସନ୍ଧ୍ୟା ୫.୨୩ ରେ ସନ୍ଧ୍ୟା ବିନତି, ପ୍ରଣାମ, ଗ୍ରନ୍ଥ ପାଠ, ୭ ଟାରେ ସତ୍‌ସଙ୍ଗ, ସଦାଲୋଚନା ଏବଂ ରାତ୍ର ୮.୩୦ ମିନିଟରେ ଆକାଶଦୀପ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ଡ. ନନ୍ଦ କିଶୋର ପ୍ରଧାନ, ଅରୁଣ କୁମାର ସାହୁ, ସମିର ରଞ୍ଜନ ବେହେରା, ନଟବର ଓଝା,ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ବିବିଧ ସୂଚନା ପ୍ରଦାନ କରିଥିଲେ। ୧୯୨୩ ଜାନୁଆରୀ ୨ ତାରିଖରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ପୁରୀ ଧାମରେ ପଦାର୍ପଣ କରିଥିଲେ। ସେହି ସ୍ମୃତି ଆଧାରରେ ମଙ୍ଗଳବାର ଠାକୁର ବାଡ଼ିରେ ଅସହାୟ ଲୋକଙ୍କୁ କମ୍ବଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।




ସ୍ମୃତି ଉତ୍ସବ କମିଟି ପକ୍ଷରୁ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପୁଣ୍ୟତିଥି ଅବସରରେ ବୈଠକ ।

## ସଂକ୍ଷେପରେ

### ଦାୟିତ୍ୱ ନେଲେ ନୂଆ ବିଏସ୍ଏଫ୍ ଓଡ଼ିଶା ଆଇଜି



ଭୁବନେଶ୍ୱର,୨।୧(ସତ୍ୟଜିତ୍ ରାଉତ): ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ଓଡ଼ିଶା ଆଇଜି ଭାବେ କୈଳାସ ଚନ୍ଦ୍ର ଜାଟ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ବାଙ୍ଗାଲୋରସ୍ଥିତ ବିଏସ୍ଏଫ୍ ଓଡ଼ିଶା ମୁଖ୍ୟାଳୟରେ ରବିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦାୟୀ ଆଇଜି ଧନେଶ୍ୱର କୁମାର ଶର୍ମା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କୈଳାସ ଏହାପୂର୍ବରୁ ରାଜସ୍ଥାନ ପୋଲିସ ଏକାଡେମୀରେ ଡିଆଇଜି ଭାବେ କାର୍ଯ୍ୟ କରୁଥିଲେ। କୈଳାସଙ୍କ ଯୋଗଦାନ ପରେ ଓଡ଼ିଶାରେ ମାଓବାଦୀ ବିରୋଧୀ ଅଭିଯାନ ଅଧିକ ଜୋରଦାର ହେବ ବୋଲି ଆଶା ରଖାଯାଇଥିବା ବିଏସ୍ଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ବିଏସ୍ଏଫ୍ ଆଇଜି ଥିବା ଧନେଶ୍ୱର କୁମାର ଶର୍ମା ଡିସେମ୍ବର ୩୧ରେ ଅବସର ଗ୍ରହଣ କରିଛନ୍ତି।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ବାରଙ୍ଗ,୨।୧(ଲିଙ୍ଗରାଜ ରାଉତ): ମେଣ୍ଢାଶାଳ ସରକାରୀ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ମଙ୍ଗଳବାର ଭୁବନେଶ୍ୱର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମେଣ୍ଢାଶାଳ ସରପଞ୍ଚ କୌଶଲ୍ୟା ବଳିଆରସିଂ, ବ୍ଲକ ବିଡିଓ ସାଗରପାଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୀପ୍ତିପ୍ରିୟା ନାୟକ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ୫ଦିନ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ବ୍ଲକ ଅଧୀନ ସମସ୍ତ ୨୦ଟି ପଞ୍ଚାୟତରୁ ୨୦ଟି ଦଳ ଯୋଗଦେଇଛନ୍ତି। ଉଭୟ ମହିଳା ଓ ପୁରୁଷଙ୍କୁ ନେଇ ଖୋଖୋ, କବାଡ଼ି, ଭଲିବଲ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

### ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ରାସବିହାରୀ ପଟ୍ଟନାୟକଙ୍କ ପରଲୋକ

ଭୁବନେଶ୍ୱର,୨।୧(ଅନୁରାଧା ମହାରଣା): ରାଜସ୍ୱ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ରାସବିହାରୀ ପଟ୍ଟନାୟକଙ୍କର ୭୧ବର୍ଷ ବୟସରେ ପରଲୋକ ହୋଇଯାଇଛି। ପଲ୍ଲାସପଲ୍ଲୀରେ ରହୁଥିବା ରାସବିହାରୀ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାବେଳେ ସୋମବାର ରାତି ୧ଟାରେ ପରଲୋକ ଗମନ କରିଛନ୍ତି। ସେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦେବା ପୂର୍ବରୁ ସାଲେପୁର ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗର ଅଧ୍ୟାପକ ଥିଲେ। ସେ ପ୍ରଶାସନିକ ସେବାରେ ଟେକ୍ସଟ୍ ବୁକ୍ ପ୍ରେସ୍ ନିର୍ଦ୍ଦେଶକ ତଥା ବାଚସ୍ପତିଙ୍କ ବ୍ୟକ୍ତିଗତ ସଚିବ ରୂପେ କାର୍ଯ୍ୟ କରି ଦୀର୍ଘ ଦଶବର୍ଷ ଧରି କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ତାଙ୍କର ମୃତ୍ୟୁ ସମୟରେ ସହଧର୍ମିଣୀ ଦୀପ୍ତି କାନୁନ୍‌ଗୋ ଓ ବଡ଼ପୁଅ ମୈଥିଲୀ ଶରଣ ପଟ୍ଟନାୟକ ଉପସ୍ଥିତ ଥିଲେ। ରାଜ୍ୟ ବାହାରେ ରହୁଥିବା ଝିଅ ମୂର୍ଚ୍ଛନା, ଜ୍ୱାଇଁ ଠାକୁର ଦାସ, ସାନପୁଅ ମାରୁତି ଶରଣ, ବୋହୂ ଶୁଭଦର୍ଶିନୀ ଆସି ପହଞ୍ଚିବା ପରେ ଗୁରୁବାର ଶେଷକୃତ୍ୟ ସମ୍ପନ୍ନ କରାଯିବ।

# କର୍ମଚାରୀ ଜାଣିନାହାନ୍ତି ଫଗିଂ ମେଶିନ ବ୍ୟବହାର

ଭୁବନେଶ୍ୱର, ୨।୧(ବନ୍ଦନା ସେଠୀ)



■ ବିଏମ୍‌ସିକୁ ଘାରିଛି ଚିନ୍ତା
■ ଜାନୁଆରୀ ଶେଷ ଯାଏ ରହିବ ମଶାଙ୍କ ପ୍ରାଦୁର୍ଭାବ

ଘର ଭିତରେ ଯାହା, ବାହାରେ ସେଇୟା। କୋଉଠି ବି ଶାନ୍ତିରେ ବସେଇ ଉଠେଇ ଦଉନାହାନ୍ତି ମଶା। ଝୁଣା ଧୂଆଁଠାରୁ ଆରମ୍ଭ କରି ମଶାଧୂପ, ଲିକ୍ୟୁଇଡ୍ କି ଅଣ୍ଡାଖୋଳ ଧୂଆଁ କିଛି ମାନୁନାହାଁନ୍ତି। ଦିନରାତି ୨୪ଘଣ୍ଟା କାନ ପାଖରେ ଭଣଭଣ ହେବା ସହ ସବୁଠି ମାଳମାଳ ହୋଇ ବୁଲୁଛନ୍ତି। ମଶା ଦାଉରେ ଏବେ ସ୍ମାର୍ଟସିଟି ବାସିନ୍ଦା କଲବଲ ହେଉଛନ୍ତି। ତେବେ ଏଭଳି ସ୍ଥିତିରେ ବିଏମ୍‌ସି ମଶା ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଛି। କେବଳ କିଛି ଅଞ୍ଚଳରେ ମଶାଧୂଆଁ ଦେଇ ନିଜର ଦାୟିତ୍ୱ ସାରିଦେଉଛି। ପ୍ରାୟ ୬୦ଟି ଫଗିଂ ମେଶିନ ଥିଲେ ମଧ୍ୟ ଏଗୁଡ଼ିକୁ କିପରି ବ୍ୟବହାର କରାଯିବ ସେ କଥା କର୍ମଚାରୀ ଜାଣି ନ ଥିବାରୁ ବିଏମ୍‌ସିକୁ ଚିନ୍ତା ଘାରିଛି। ସେହିପରି ମଶା ମାରିବା ପାଇଁ ବିପୁଳ ଟଙ୍କା ଖର୍ଚ୍ଚ କରି ମେଶିନ କିଣାଯାଇଥିଲେ ବି ଏହାର ବିଶେଷ କିଛି ପ୍ରଭାବ ନଜରକୁ ଆସୁନାହିଁ। ସାଧାରଣତଃ ଶୀତଦିନେ ମଶାଙ୍କ ପ୍ରଭାବ ଅଧିକ ଥାଏ। ତେଣୁ ଜାନୁଆରୀ ଶେଷ ପର୍ଯ୍ୟନ୍ତ ଏପରି ସ୍ଥିତି ରହିବ ବୋଲି ବିଏମ୍‌ସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପାଗ ପରିବର୍ତ୍ତନ ହେଲେ ମଶାଙ୍କ ସଂଖ୍ୟା ଆପେଆପେ କମିଯିବ। ଏବେକାର ମଶା କେବଳ କାମୁଡ଼ିବେ ଏବଂ ଅସ୍ତବ୍ୟସ୍ତ କରିବେ, ମାତ୍ର ରୋଗ ସୃଷ୍ଟି କରିପାରିବେ ନାହିଁ ବୋଲି ସେ କହିଛନ୍ତି।

ବିଏମ୍‌ସି ଗୋଟିଏ ୱାର୍ଡରେ ଫଗିଂ ଓ ମଶାତେଲ ସିଞ୍ଚନ କରିବାର ୨/୩ ସପ୍ତାହ ପରେ ପୁଣି ସେହି ୱାର୍ଡ ପାଳି ପଡୁଛି। ଫଳରେ ଯଥା ପୂର୍ବମ୍ ତଥା ପରମ୍ ସ୍ଥିତି ଦେଖିବାକୁ ମିଳୁଛି। ଅପରପକ୍ଷେ କୋଟି କୋଟି ଟଙ୍କା ବ୍ୟୟରେ ବିଏମ୍‌ସି ମେଶିନ୍ ଆଣୁଛି ସତ, ମାତ୍ର ତାହାର କାର୍ଯ୍ୟକାରିତା ଓ ବ୍ୟବହାର ସମ୍ପର୍କରେ କର୍ମଚାରୀ ଜାଣିନାହାନ୍ତି। ତେଣୁ ମେଶିନଗୁଡ଼ିକ କାମରେ ନ ଲାଗି ପଡ଼ିରହୁଛି। ବିଏମ୍‌ସି ଡିସେମ୍ବର ୧୪ରେ ଆସିଥିବା ୩୦ଟି ହ୍ୟାଣ୍ଡ ମାଉଣ୍ଟେଡ୍ ଥର୍ମାଲ ମେଶିନ ଏବେ ମଧ୍ୟ ବ୍ୟବହାର ହୋଇପାରିନାହିଁ। କାରଣ ଏହାକୁ କିପରି ବ୍ୟବହାର କରାଯିବ ତାହା ବିଏମ୍‌ସି କର୍ମୀ ଜାଣିନାହାନ୍ତି। ସେହିପରି ସମ୍ପୃକ୍ତ ମେଶିନ୍ ଡିଜେଲ୍‌ରେ ଚାଲିବ କି ପେଟ୍ରୋଲ୍‌ରେ ଓ କିପରି ସେଥିରୁ ଧୂଆଁ ବାହାରିବ ସେ ନେଇ ମଧ୍ୟ କର୍ମଚାରୀମାନେ ଅବଗତ ନାହାନ୍ତି। ୧୫ ଦିନରୁ ଅଧିକ ସମୟ ହେବ ମେଶିନ୍ କିଣା ସରିଥିବାବେଳେ ଏବେ କର୍ମଚାରୀଙ୍କୁ ଟ୍ରେନିଂ ଦେବା ପାଇଁ ସ୍ୱାସ୍ଥ୍ୟ ଅଧିକାରୀ ଅଣ୍ଟା ଭିଡ଼ିଛନ୍ତି। ମଙ୍ଗଳବାରଠାରୁ ୧୦ଜଣ ଲେଖାଏ କର୍ମଚାରୀଙ୍କୁ ମେଶିନ୍ ଚଳାଇବା ତାଲିମ୍ ଦିଆଯାଉଛି। ଫାଇଲେରିଆ ଇନ୍ସପେକ୍ଟର ଏହି ତାଲିମ୍ ଦେଉଛନ୍ତି। ତେବେ ମଶାଙ୍କ ଉତ୍ପତ୍ତିସ୍ଥଳ ସହରର କୋଣ ଅନୁକୋଣରେ ରହିଥିବାରୁ ଏହାକୁ ନଷ୍ଟ କରିବା ସମ୍ଭବପର ନୁହେଁ ବୋଲି ଅଧିକାରୀ ଜଣକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବିଏମ୍‌ସି ସହରସାରା ମଶାଧୂଆଁ ଦେବା ସହ ମଶାତେଲ ସିଞ୍ଚନ କରୁଛି ବୋଲି ଡିଣ୍ଡିମ ପିଟୁଛି। ପୂର୍ବରୁ ବିଏମ୍‌ସି ପାଖରେ ୨ଟି ଭେହିକିଲ ମାଉଣ୍ଟେଡ୍ ବଡ ଫଗିଂ ମେଶିନ, ୮ଟି ହାଣ୍ଡ ମାଉଣ୍ଟେଡ୍ ଫଗିଂ ମେଶିନ ସମେତ ୨୦ଟି ଅଟୋ ମାଉଣ୍ଟେଡ୍ ଫଗିଂ ମେଶିନ ଥିଲା। ନିକଟରେ ଆଉ ୩୦ଟି ହ୍ୟାଣ୍ଡ ମାଉଣ୍ଟେଡ୍ ଥର୍ମାଲ ମେଶିନ କିଣାଯାଇଛି। ବିଏମ୍‌ସିର ସମସ୍ତ ୱାର୍ଡରେ ପ୍ରତିଦିନ ମଶାଧୂଆଁ ଦିଆଯାଉଥିବା କାଗଜକଲମରେ ଉଲ୍ଲେଖ ହେଉଥିଲେ ବି ବାସ୍ତବରେ ସ୍ଥିତି କିନ୍ତୁ ଭିନ୍ନ।

### ଶ୍ରୀଲିଙ୍ଗରାଜଙ୍କ ମହାସୁଆର ଯୁବ ସେବାୟତ ମଣ୍ଟୁ ପଣ୍ଡାଙ୍କ ପରଲୋକ



ପୁରୁଣା ଭୁବନେଶ୍ୱର,୨।୧(ସୁବାସ ଚନ୍ଦ୍ର ପ୍ରଧାନ): ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାସୁଆର ସେବାୟତ ମଣ୍ଟୁ ପଣ୍ଡାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୩୬ବର୍ଷ ହୋଇଥିଲା। ଗତ ଏକ ମାସ ହେବ ମଣ୍ଟୁ ଯକୃତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପାତ୍ରପଡ଼ାର ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରଲୋକରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର, ମନ୍ତ୍ରୀଙ୍କ ପ୍ରତିନିଧି ଦାଶରଥି ଗରାବଡୁ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଛନ୍ତି।



ସୂଚନା ଭବନଠାରେ ମଙ୍ଗଳବାର 'ବୋଉ ଫାଉଣ୍ଡେଶନ' ପକ୍ଷରୁ ଆୟୋଜିତ 'ମନେପଡ଼େ ବୋଉ' କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ମନେପଡ଼େ ବୋଉ..

ଭୁବନେଶ୍ୱର,୨।୧(ଶର୍ମିଷ୍ଠା ପାଣିଗ୍ରାହୀ)

ସାମାଜିକ ଅନୁଷ୍ଠାନ 'ବୋଉ ଫାଉଣ୍ଡେଶନ' ପକ୍ଷରୁ ମଙ୍ଗଳବାର 'ବୋଉ ଦିବସ'ର ବିଶେଷ କାର୍ଯ୍ୟକ୍ରମ 'ମନେପଡ଼େ ବୋଉ' ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କ ଭିତରେ ବୋଉ ଭାବ, ବୋଉ ଡାକକୁ ଉଜ୍ଜୀବିତ କରି ରଖିବା ନିମନ୍ତେ ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସେହିପରି ଏକାଧିକ କବି ଓ ଗାଳ୍ପିକ ସେମାନଙ୍କ କବିତା ଓ ଗଳ୍ପ ମାଧ୍ୟମରେ ବୋଉଙ୍କ ପ୍ରତି ସେମାନଙ୍କ ଭଲପାଇବା ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରମାକିଙ୍କରୀ ମହାନ୍ତି ସ୍ମାରକୀ ବୋଉ ପ୍ରଣାମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଲେଖକ ଦାଶ ବେନହୁର, ରାଜ୍ୟ ସାମାଜିକ ସୁରକ୍ଷା ବିଭାଗର ସଚିବ ବିଷ୍ଣୁପଦ ସେଠୀ, ବୋଉ ଫାଉଣ୍ଡେଶନର ପ୍ରତିଷ୍ଠାତା ଅତିଶ ମହାନ୍ତି ଏବଂ ଜ୍ଞାନ ହୋତା ଯୋଗଦେଇଥିଲେ। ୧୦ଜଣ ବୋଉଙ୍କୁ ମଞ୍ଚ ଉପରେ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଶେଷ ଅତିଥିଭାବେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡା. ସେବା ମହାପାତ୍ର, କସ୍ତୁରୀ ମହାପାତ୍ର ପ୍ରମୁଖ ବୋଉ ଶବ୍ଦର ମାଧୁର୍ଯ୍ୟ, ସମାଜରେ ମା'ମାନଙ୍କ ଭୂମିକା ଓ ବରିଷ୍ଠ ନାଗରିକମାନଙ୍କ ପ୍ରତି ପୁତ୍ରକନ୍ୟାଙ୍କ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଛନ୍ଦା ମିଶ୍ର ଓ ଜ୍ଞାନ ହୋତା ସଞ୍ଚାଳନ କରିଥିବା ବେଳେ ଫାଉଣ୍ଡେଶନ ପକ୍ଷରୁ ଆତ୍ମଜା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲରେ ଜ୍ଞାନଜ୍ୟୋତି ପର୍ବ

ଭୁବନେଶ୍ୱର,୨।୧(ଅସମାପିକା ସାହୁ)

ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତକ ଜନ୍ମବାର୍ଷିକୀ ଉପଲକ୍ଷେ ଜ୍ଞାନଜ୍ୟୋତି ପର୍ବ ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହର୍ଷି ଦୟାନନ୍ଦଙ୍କ ଜୀବନାଦର୍ଶ ଓ ବିଶ୍ୱଶାନ୍ତି ପ୍ରତିଷ୍ଠା ଲକ୍ଷ୍ୟ ନେଇ ବୈଦିକ ଉପଚାରରେ ଦୁଇଶହ ଯଜ୍ଞକୁଣ୍ଡ ଓ କଳସ ସ୍ଥାପନ କରାଯାଇ ଏକ ବୈଦିକ ଯଜ୍ଞର ଆୟୋଜନ କରାଯାଇଥିଲା। ଉତ୍ସବରେ ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଅନୁଷ୍ଠାନରେ ପ୍ରଥମ କରି ଦୁଇଶହ କୁଣ୍ଡୀୟ ଯଜ୍ଞ ଆୟୋଜନ ଡିଏଭି ପରିବାରକୁ ସମୃଦ୍ଧ କରିବା ସହିତ ଛାତ୍ରୀଛାତ୍ରଙ୍କୁ ସଂଯମ, ବ୍ୟବହାରିକ ଉପଚାର ଓ ଶୃଙ୍ଖଳା ଶିକ୍ଷା ଆଦି ବେଦ ମାର୍ଗ ଅନୁସରଣରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ, ଡିଏଭିର ଅଧକ୍ଷା ଅଧକ୍ଷ, ବିଦ୍ୟାଳୟ ଅଧକ୍ଷା ଈପ୍‌ସିତା ଦାସ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟର ଧର୍ମଶିକ୍ଷକ ସନ୍ତୋଷ ପଟ୍ଟନାୟକ ଯଜ୍ଞ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ଜ୍ଞାନଜ୍ୟୋତି ପର୍ବ ଉପଲକ୍ଷେ ଦୁଇଶହ କୁଣ୍ଡୀୟ ଯଜ୍ଞ କରାଯାଉଛି।

## ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ

### ଫସଲ ନଷ୍ଟ

ନିରାକାରପୁର,୨।୧(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗିରହିଛି। ସନ୍ଧ୍ୟାହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ସୋମବାର ରାତିରେ ଏହି ବନାଞ୍ଚଳର ଭୂଷଣ୍ଡପୁର ଫରେଷ୍ଟର ଅନ୍ତର୍ଗତ ନୂଆଗଡ଼ ପଞ୍ଚାୟତର ମୋରମୋରସିଂ ଗ୍ରାମରେ ହାତୀପଲ ପଶି ଫସଲ ନଷ୍ଟ କରିଛନ୍ତି। ଦୁଷ୍ମନ୍ତ ପାଟଶାଣୀ ଓ ସର୍ବେଶ୍ୱର ମହାପାତ୍ରଙ୍କ ବାରିରେ ଥିବା ନଡ଼ିଆଗଛ ନଷ୍ଟ କରିଛନ୍ତି। ସେହିପରି ଭାସ୍କର ସାମନ୍ତରାୟଙ୍କ ବାରିରେ ପଶି ଫସଲ ଖାଇବା ସହ ନଷ୍ଟ କରିଛନ୍ତି। ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।



ରାଜ୍ୟପାଳ ରଘୁବର ଦାସଙ୍କୁ ମଙ୍ଗଳବାର ନବନିଯୁକ୍ତ ପୋଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ ସାକ୍ଷାତ କରି ଶୁଭେଚ୍ଛା ଜଣାଉଛନ୍ତି।

## ଚୋରା ଆଲୁମିନିୟମ ସାମଗ୍ରୀ ଜବତ, ୪ ଗିରଫ

ବାଲିଅନ୍ତା,୨।୧(ନୀଳମାଧବ ସାହୁ)

ଏକ ପ୍ରୋଜେକ୍ଟ ଅଫିସର ଷ୍ଟୋର ରୁମ୍‌ର ତାଲା ଭାଙ୍ଗି ବହୁ ମୂଲ୍ୟର ଆଲୁମିନିୟମ ସାମଗ୍ରୀ ଚୋରି କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ୪ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା ବାଲେଶ୍ୱର ଜିଲାର ନାରାୟଣ ସିଂ(୨୪), ମୟୂରଭଞ୍ଜର ଭବେଶ ପାତ୍ର (୩୦), ଜଗମୋହନ ବେହେରା (୩୩) ଓ ପଶ୍ଚିମବଙ୍ଗର ଦିପୁ ବାସ୍କେ (୫୦)। ଏହି ଯୁବକମାନେ ଭୁବନପୁରରେ ଥିବା ଟାଟା ପ୍ରୋଜେକ୍ଟରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ଡିସେମ୍ବର ୨୮ ବିଳମ୍ବିତ ରାତ୍ରିରେ ପ୍ରୋଜେକ୍ଟ ଅଫିସର ଷ୍ଟୋର ରୁମ୍ ତାଲା ଭାଙ୍ଗି ଆଲୁମିନିୟମ୍ ତଥା ଇଲେକ୍ଟ୍ରିକ୍ ରସ ଧାତୁର ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଷ୍ଟୋରରୁମ୍‌ର ଇନ୍‌ଚାର୍ଯ୍ୟ ଦେବକାନ୍ତ ପତିଙ୍କ ଅଭିଯୋଗ କ୍ରମେ ଥାନାରେ ୪୫୩/୨୩ ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଗିରଫ ଯୁବକମାନେ ରହୁଥିବା ଇଟାଭାଟିରେ ଚଢ଼ାଉ କରିଥିଲା। ସେମାନେ ଇଟାଭାଟିର ବିଭିନ୍ନ ସ୍ଥାନରେ ଲୁଚାଇ ରଖିଥିବା ଚୋରା ଆଲୁମିନିୟମ ସାମଗ୍ରୀକୁ ପୋଲିସ ଜବତ କରିଥିଲା। ପରେ ସେମାନେ ନିଜର ଦୋଷ ସ୍ୱୀକାର କରିଥିବା ପୋଲିସ କହିଛି।

## ଜାତୀୟକରଣ ପାଠ୍ୟପୁସ୍ତକ ବିତରଣ ଆରମ୍ଭ

### ପ୍ରଥମ ଦିବସରେ ୫ ଜିଲାରେ ବଣ୍ଟାଗଲା

ଭୁବନେଶ୍ୱର, ୨।୧(ଅସମାପିକା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଜାତୀୟକରଣ ପାଠ୍ୟପୁସ୍ତକ ବିତରଣ କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ପାଠ୍ୟଖସଡ଼ା ଅନୁଯାୟୀ ଜାତୀୟକରଣ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର ନିର୍ଦ୍ଦେଶାଳୟଠାରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ରାଜ୍ୟର ସମସ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱଥୀ.ଏସ୍‌ଙ୍କ ତତ୍ତ୍ୱାବଧାନରେ ଜାତୀୟକରଣ ପାଠ୍ୟପୁସ୍ତକ ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ରାଜ୍ୟର ୫ଟି ଜିଲା ପୁରୀ, କେନ୍ଦୁଝର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଯାଜପୁରରେ ପୁସ୍ତକ ବିତରଣ କରାଯାଇଛି। ପ୍ରତ୍ୟେକ ଜିଲାରେ ୨୮ହଜାର ଖଣ୍ଡ ପାଠ୍ୟପୁସ୍ତକ ବିତରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ମୋଟ ୩୧୪ ବ୍ଲକ୍‌ରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ଜାତୀୟକରଣ ପାଠ୍ୟପୁସ୍ତକ ବିତରଣ କରାଯିବ। ଏଥିସହିତ ଚଳିତ ବର୍ଷ ବେସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ଜାତୀୟକରଣ ପାଠ୍ୟପୁସ୍ତକ ମାଗଣାରେ ବିତରଣ କରାଯିବ। ଚଳିତବର୍ଷ ମୋଟ ୨.୫ କୋଟି ପାଠ୍ୟପୁସ୍ତକ, ୫ କୋଟି କାର୍ଯ୍ୟପୁସ୍ତିକା ମାର୍ଚ୍ଚ ଶେଷ ସପ୍ତାହ ସୁଦ୍ଧା ବିତରଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା, ରାଜ୍ୟ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶକ ରଘୁରାମ ଆର୍. ଆୟାରଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ସୂଚନା ଭବନଠାରେ ମଙ୍ଗଳବାର ଅନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ ପରିପ୍ରେକ୍ଷୀରେ ଆୟୋଜିତ ସର୍ବଭାରତୀୟ ଯୁବସମ୍ମିଳନୀରେ ଡ. ସତ୍ୟ ଲେଙ୍କାଙ୍କୁ ଅନ୍ତର୍ଜାତୀୟ କୁମାର ଭାଇ ଶୋଭନୀୟ ଯୁବ ପୁରସ୍କାର ପ୍ରଦାନ କରାଯାଉଛି।

## ପେନ୍‌ସନ ଦାବିରେ ଶିକ୍ଷକଙ୍କ ଆନ୍ଦୋଳନ

ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)




ରାଜ୍ୟରେ ଥିବା ୫୦ଟି ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକଙ୍କୁ ପେନ୍‌ସନ ପ୍ରଦାନ ଦାବିରେ ଗତ ୪ଦିନ ହେଲା ସଂଘ ପକ୍ଷରୁ ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ନେତୃତ୍ୱରେ ଲୋୟର ପିଏମ୍‌ଜିରେ ଆନ୍ଦୋଳନ ଜାରି ରହିଛି। ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପେନ୍‌ସନ ଦିଆଯାଉଥିବାବେଳେ ୨୦୦୫ରୁ ନିଯୁକ୍ତି ପାଇଥିବା ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସୁବିଧା ମିଳିନାହିଁ। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକାରୀମାନେ ଆମରଣ ଅନଶନ କରିବେ ବୋଲି ସ୍ମୃତିରେଖା ମିଶ୍ର, ବଟକୃଷ୍ଣ ବାରିକ୍, ସୀତାରାମ ଡାକୁଆ, ପ୍ରଦୀପ କୁମାର ମାହାପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ମଦ, ବୋଲେରୋ ଜବତ: ଚାଳକ ଗିରଫ

ଚୌଦ୍ୱାର,୨।୧(ଆଶୁତୋଷ ଦାସ)

ଦେଶୀ ମଦ ଚାଲାଣ ଅଭିଯୋଗରେ ଚୌଦ୍ୱାର ଅବକାରୀ ବିଭାଗ ପକ୍ଷରୁ ଏକ ବୋଲେରୋ ଗାଡ଼ିର ଚାଳକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଆଠଗଡ ଥାନା ଅଧୀନ ଲକ୍ଷ୍ମୀନାରାୟଣପୁର ଗ୍ରାମର ଜାମ୍ନେଶ୍ୱର ପ୍ରଧାନ(୩୬)। ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ଆଶୁତୋଷ ଜେନାଙ୍କ ସୂଚନା ଅନୁଯାୟୀ, ଆଠଗଡ କୋରଙ୍ଗା ଗ୍ରାମରୁ ଏକ ବୋଲେରୋରେ ବିପୁଳ ପରିମାଣର ଦେଶୀ ମଦ ଚଣ୍ଡିଖୋଲକୁ ଚାଲାଣ କରାଯାଉଥିଲା। ଖବରପାଇ ଟାଙ୍ଗୀ ଟୋଲ୍ ରେଳ ଫାଟକ ନିକଟରେ ଅବକାରୀ ବିଭାଗ ଟିମ୍ ଜଗି ରହିଥିଲା। ଗାଡିଟି ପହଞ୍ଚିବା ପରେ ଟିମ୍ ଯାଞ୍ଚ କରିବାରୁ ସେଥିରେ ପ୍ରାୟ ୫୧୦ ଲିଟର ମଦ ରହିଥିଲା।

### ଦୁର୍ଘଟଣାରେ ଖବରଦାତାଙ୍କ ମୃତ୍ୟୁ

କଟକ ସଦର,୨।୧(ସୁଶାନ୍ତ କୁମାର ଜେନା)

କଟକ-ପାରାଦୀପ ୧୨ନଂ. ରାଜ୍ୟ ରାଜପଥର କମରପଦା ଛକରେ ମଙ୍ଗଳବାର ଦୁର୍ଘଟଣାରେ ଖବରଦାତା ପ୍ରମୋଦ ଦାସଙ୍କର ମୃତ୍ୟୁ ଘଟିଛି। ସେ ଏକ ବୈଦ୍ୟୁତିକ ଗଣମାଧ୍ୟମରେ କାମ କରୁଥିବାବେଳେ ତାଙ୍କ ଘର ତିର୍ତ୍ତୋଲ ଥାନା ଅନ୍ତର୍ଗତ ମଣିଜଙ୍ଗା ଅଞ୍ଚଳରେ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଭୋର ସମୟରେ ସେ ନିଜ ବାଇକ(ନଂ. ଓଆର୍ ୦୫ଡବ୍ଲ୍ୟୁ-୪୨୭୦)ରେ କଟକ ଅଭିମୁଖେ ଯାଉଥିବାବେଳେ କମରପଦା ବଜାର ହମ୍ପ ନିକଟରେ ଥିବା ଏକ ଟ୍ରକ (ନଂ. ଓଆର୍୦୫ଏକେ-୮୮୭୦) ପଛରେ ଭାରସାମ୍ୟ ହରାଇ ପିଟିହୋଇଯାଇଥିଲେ। ସେଠାରେ କାର୍ଯ୍ୟ କରୁଥିବା ହୋମ୍‌ଗାର୍ଡମାନେ ଆମ୍ବୁଲାନ୍ସରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଅବସରପ୍ରାପ୍ତ ଲାଇବ୍ରେରିଆନ୍‌ଙ୍କ ପରଲୋକ

କଟକ,୨।୧ (କାର୍ତ୍ତିକ ସାହୁ)

ରେଭେନ୍ସା ମହାବିଦ୍ୟାଳୟର ଅବସରପ୍ରାପ୍ତ ଲାଇବ୍ରେରିଆନ୍ ଆର୍ତ୍ତବଲ୍ଲଭ ମହାନ୍ତି (୯୦)ଙ୍କର ଚାଉଳିଆଗଞ୍ଜ ଅଠାରିସାହିସ୍ଥିତ ବାସଭବନରେ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ



ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ପ୍ରମିଳା, ପୁଅ ପ୍ରଶାନ୍ତ, ସୁଶାନ୍ତଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସତ୍କାର କରାଯିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ତାଙ୍କର ବଡ଼ପୁଅ ପ୍ରଶାନ୍ତ ମହାନ୍ତି କଟକରେ ଏକ ଖବରକାଗଜର ଖବରଦାତା ଭାବେ କାର୍ଯ୍ୟରତ ଅଛନ୍ତି।

### ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ

କଟକ,୨।୧ (କାର୍ତ୍ତିକ ସାହୁ)

ଓଡ଼ିଶା ଯୁବ ଶିଳ୍ପୋଦ୍ୟୋଗୀ ସଂଘ (ଓଇଆ)ର ବାର୍ଷିକ ସାଧାରଣ ସଭା ଖପୁରିଆ ଶିଳ୍ପାଞ୍ଚଳସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବାର୍ଷିକ ବିବରଣୀ ପାଠ କରାଯିବା ସହ ବାର୍ଷିକ ଆୟବ୍ୟୟର ହିସାବ ଉପସ୍ଥାପନ କରାଯାଇଥିଲା। ୨୦୨୪ ବର୍ଷ ପାଇଁ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇ ନୂତନ କାର୍ଯ୍ୟକାରୀ କମିଟି ଗଠିତ ହୋଇଥିଲା। ସଂଘ ସଭାପତି ଭାବେ ସୁକାନ୍ତ କୁମାର ମଲ୍ଲିକ ଓ ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ମହାନ୍ତି ପୁନଃ ନିର୍ବାଚିତ ହୋଇଛନ୍ତି। ଏଥିସହ ଉପସଭାପତି ବି. ମହାନ୍ତି, କାର୍ଯ୍ୟନିର୍ବାହୀ ସମ୍ପାଦକ ମହେଶ୍ୱର ପରିଡ଼ା, ସଙ୍ଗଠନ ସମ୍ପାଦକ ଭୈରବ ଚନ୍ଦ୍ର ବେହେରା, ଅର୍ଥ ସମ୍ପାଦକ ବିଜୟ ସାହୁ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରୀ କମିଟିରେ ଶାରଦା ପ୍ରସନ୍ନ ଦାସ, କାଜଲ ପଟ୍ଟନାୟକ, ସୁହେଲ ସାଜଦ ଶରିଫ, ବିଶ୍ୱରଞ୍ଜନ ଦାସ, ସୁରେନ୍ଦ୍ର ପତି, ମୃତ୍ୟୁଞ୍ଜୟ ମହାପାତ୍ର, ସଂଜୀବ ନାୟକ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଦାମୋଦର ନାୟକ ଓ ବିପିନ ବିହାରୀ ମହାନ୍ତି ନିର୍ବାଚନ ଅଧିକାରୀ ଏବଂ ଅଶୋକ ପଟ୍ଟନାୟକ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ।

# ତଦନ୍ତ କଲା ତହସିଲ ପ୍ରଶାସନ

**ଦେବୀନଦୀ ପଠାରୁ ବେଆଇନ ମାଟି ଉଠାଣ ଘଟଣା**

■ ଥାନାରେ ଅଭିଯୋଗ କଲେ ବିଭାଗୀୟ ଅଧିକାରୀ

କଣ୍ଟାପଡା,୨।୧(ସୁରନାରାୟଣ ସାହୁ)

ଗୋବିନ୍ଦପୁର-ମଇଧରପଡା ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ସଂଯୋଗ ପାଇଁ ଦେବୀନଦୀର ଗୋବିନ୍ଦପୁର ନିକଟରେ ନିର୍ମାଣାଧୀନ ବିଜୁସେତୁର ଆପ୍ରୋଚ୍ ରୋଡ୍ ନିମନ୍ତେ ଦେବୀନଦୀର ଦକ୍ଷିଣପାର୍ଶ୍ୱ ପଠାରୁ ବେଆଇନ ଭାବେ ମାଟି ଉଠାଯାଇଛି। ଏନେଇ ପ୍ରତାପ ନଗରୀ ଜଳସେଚନ ବିଭାଗ ପକ୍ଷରୁ ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ସେହିପରି ବିନା ଅନୁମତିରେ ସରକାରୀ ଜମିରୁ ବେଆଇନ ଭାବେ ମାଟି ଉଠାଇବା ନେଇ କଣ୍ଟାପଡା ତହସିଲ ପ୍ରଶାସନ ପକ୍ଷରୁ ମଙ୍ଗଳବାର ତଦନ୍ତ ଆରମ୍ଭ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ସେତୁ ନିର୍ମାଣ କରୁଥିବା ଠିକାଦାର ଆପ୍ରୋଚ ରୋଡ ପାଇଁ ସ୍ଥାନୀୟ ଅଞ୍ଚଳର ଯୁବକଙ୍କ ସହାୟତାରେ ନଦୀପଠାରୁ ମାଟି ଉଠାଉଥିଲେ। ଖବରପାଇ କଣ୍ଟାପଡା ଅଞ୍ଚଳର କେତେଜଣ ଖବରଦାତା ସତ୍ୟାସତ୍ୟ ଜାଣିବା ପାଇଁ ଉକ୍ତ ନଦୀବନ୍ଧ



ନଦୀପଠାରୁ ଜେସିବି ଲଗାଇ ବେଆଇନ ମାଟି ତଡାଯାଇଛି।

ନିକଟକୁ ଯାଇଥିଲେ। ବେଆଇନ ମାଟିତଡା ଓ ନଦୀବନ୍ଧ ପ୍ରତି ବିପଦ ସୃଷ୍ଟି ହେବା ନେଇ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଛି। ପ୍ରତାପନଗରୀ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ଅଜୟ କୁମାର ବେହେରା ଏ ସମ୍ପର୍କରେ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିବାବେଳେ ମଙ୍ଗଳବାର କଣ୍ଟାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ ସମ୍ପୃକ୍ତ ଠିକାଦାରଙ୍କୁ ଜବାବ ତଲବ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ପ୍ରକାଶଥାଉ କି, ୪୬୦.୧୮ ମିଟର ବିଜୁ ସେତୁ ପାଇଁ ୨୬ କୋଟି ୪୮ ଲକ୍ଷ ବ୍ୟୟ ଅଟକଳ କରାଯାଇ ଜଣେ ଠିକାଦାରଙ୍କୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ୧୬।୧।୨୦୧୮ରୁ ୧୬।୧।୨୦୨୧ ମଧ୍ୟରେ କାର୍ଯ୍ୟ ସାରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିବାବେଳେ ଅଦ୍ୟାବଧି ସେତୁର ୪୦ ଭାଗ କାମ ବାକି ରହିଛି। ଏ ସମ୍ପର୍କରେ ପ୍ରତାପନଗରୀ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ବେହେରା କହିଛନ୍ତି, ମାଟିତଡା ଘଟଣା ସମ୍ପର୍କରେ ଗୋବିନ୍ଦପୁର ଥାନାରେ ଅଭିଯୋଗ କରାଯାଇଛି। ଥାନାଧିକାରୀ ରବିନାରାୟଣ ବେହେରା କହିଛନ୍ତି, ଡାକ ମାଧ୍ୟମରେ ଆମ ନିକଟକୁ ଏକ ଅଭିଯୋଗ ଆସିଛି। ତେବେ ଅଭିଯୋଗକାରୀ ଆସି ମାଟିତଡା ହୋଇଥିବା ସ୍ଥାନ ଚିହ୍ନଟ କରିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ।




ହାଇକୋର୍ଟ ବାର୍ ଆସୋସିଏଶନ କନ୍‌ଭେନ୍‌ସନ୍ ହଲରେ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ଅନ୍ୟ ଅତିଥିମାନେ ଡାଏରୀ ଏବଂ କ୍ୟାଲେଣ୍ଡରକୁ ଉନ୍ମୋଚନ କରୁଛନ୍ତି।

## ଅନ୍‌ଲାଇନ ଠକେଇ, ପେଟ୍ରୋଲ ପମ୍ପ ଦଣ୍ଡିତ

କଟକ,୨।୧(କାର୍ତ୍ତିକ ସାହୁ)

ଜଣେ ଗ୍ରାହକଙ୍କଠାରୁ ଅନ୍‌ଲାଇନ୍ ପେମେଣ୍ଟରେ ଠକେଇ କରି ସିଡିଏ-୬ସ୍ଥିତ ବିଶାଳ ପେଟ୍ରୋଲ ପମ୍ପ କଟକ ଜିଲା ଖାଉଟି ଅଦାଲତରେ ଦଣ୍ଡିତ ହୋଇଛି। ଖାଉଟି ଅଦାଲତରେ ରୁଜୁ ମାମଲା ସିସି-୨୨୮ ଓ ୨୩୧/୨୦୨୩ ବିଚାର କରି ବିଶାଳ ପେଟ୍ରୋଲ ପମ୍ପକୁ କ୍ଷତି ପୂରଣ ବାବଦରେ ୫,୦୦୦ ଓ ଅଦାଲତ ଖର୍ଚ୍ଚ ୫,୦୦୦ ମିଶି ମୋଟ ୧୦,୦୦୦ ଟଙ୍କା ଲେଖାଏ ଦୁଇଟି କେସ୍‌ରେ ସର୍ବମୋଟ ୨୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ରାଶି ଆଗାମୀ ୩୦ ଦିନ ମଧ୍ୟରେ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, ୨୦୨୩ ଜୁଲାଇ ୫ରେ ଗ୍ରାହକଙ୍କଠାରୁ ୪୬୪ ଟଙ୍କା ଓ ଜୁଲାଇ ୭ ତାରିଖରେ ୩୬୧ ଟଙ୍କା ଅନ୍‌ଲାଇନ୍ ପେମେଣ୍ଟରେ ଅତିରିକ୍ତ ନେଇ ପେଟ୍ରୋଲ ପମ୍ପ କର୍ମଚାରୀ ଠକେଇ କରିଥିଲେ। ଟ୍ରାଞ୍ଜାକସନ୍ ଫେଲ୍ ରସିଦ ଦେଇ ଗ୍ରାହକଠାରୁ ପୁଣି ଥରେ ନଗଦ ଟଙ୍କା ନିଆଯାଇଥିଲା। ଏହି ଠକାମିର ଶିକାର ହୋଇଥିବା ଗ୍ରାହକ ଡ. ସୁନୀଲ କୁମାର ରଥ ଖାଉଟି ଅଦଲତରେ ଉପରୋକ୍ତ ଦୁଇଟି ମାମଲା ଦାୟର କରିଥିଲେ। ବିଶାଳ ପେଟ୍ରୋଲ ପମ୍ପ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲାବେଳେ କୋର୍ଟ ତାକୁ ଗ୍ରହଣ କରି ନ ଥିଲେ। ଆବେଦନକାରୀ ଡ. ରଥ ନିଜେ ମାମଲା ପରିଚାଳନା କରୁଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ମଙ୍ଗୁଳି-ଜଗତପୁର,୨।୧(ମାନସ ସାମଲ)

ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକସ୍ତରୀୟ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କୋଟସାହି ପଞ୍ଚାୟତସ୍ଥିତ ଟାଙ୍ଗୀ ବିଦ୍ୟାପୀଠ ପରିସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବ୍ଲକ ଚେୟାରମ୍ୟାନ ମୀନାକ୍ଷୀ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଯୁବତୀଯୁବକମାନେ ରାଜ୍ୟ ଓ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ନିଜର ପ୍ରତିଭା ଦେଖିଇବାର ସୁଯୋଗକୁ ହାତ ଛଡା ନ କରନ୍ତୁ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ସେକ୍ ସାହାଜାନ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜନ୍ମଜୟ ଖିଲାର, ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ବ୍ଲକ ବିଜେଡ଼ି ସଭାପତି ଧୀରେନ୍ଦ୍ର କୁମାର ଜେଠୀ, ବିଜେଡି ସଙ୍ଗଠକ ସୁବୋଧ କୁମାର ସାମଲ, ଗୋବିନ୍ଦ ଦାସ ପ୍ରମୁଖ ଯୋଗଦେଇ ଫୁଟ୍‌ବଲ, କ୍ରିକେଟ, କବାଡ଼ି, ଖୋକୋ ଓ ଭଲିବଲ ଖେଳର ବିଜେତା ଦଳକୁ ପୁରସ୍କୃତ କରିଥିଲେ।

## ବିଭିନ୍ନ ଗ୍ରାମରେ ଅକ୍ଷତ କଳସ ଶୋଭାଯାତ୍ରା

ଫୁଲନଖରା,୨।୧
(ସତ୍ୟରଞ୍ଜନ ଦାସମହାପାତ୍ର)

ଅଯୋଧାରେ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଭାରତର ପ୍ରତ୍ୟେକ ଗ୍ରାମରେ ଅକ୍ଷତ କଳସ ଧରି ଶୋଭାଯାତ୍ରା କରାଯାଉଛି। ଏହି ପରିପ୍ରେକ୍ଷୀରେ ବାଲିଅନ୍ତା ମଣ୍ଡଳର ମନ୍ଦିର ପ୍ରତିଷ୍ଠା ସମିତି ସଂଯୋଜକ ସଞ୍ଜୟ କୁମାର ପରିଜା, ସହ ସଂଯୋଜକ ଦେବେନ୍ଦ୍ର ନାଥ ସାହୁଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଜଗନ୍ନାଥପୁର, ବଇଁଚୁଆ, ବାଲିଅନ୍ତା ଓ ବେଣୁପୁର ପଞ୍ଚାୟତକୁ ଅକ୍ଷତ କଳସ ପ୍ରଦାନ କରାଯାଇଛି। ଅପରାହ୍ନରେ ଜଗନ୍ନାଥପୁର ପଞ୍ଚାୟତକୁ ଆସିଥିବା ଅକ୍ଷତ କଳସକୁ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ଲକ୍ଷ୍ମୀଧର ପରିଜା, ପପୁନି ମଲିକ, ଦିଲୀପ ପ୍ରଧାନ ପ୍ରମୁଖ ଯୋଗଦେଇ ଅକ୍ଷତ କଳସକୁ ଘରେ ଘରେ ବୁଲାଇଥିଲେ। ଏହି ସମୟରେ ଅକ୍ଷତ କଳସକୁ ମହିଳାମାନେ ବନ୍ଦାପନା କରିଥିଲେ। ଫଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ଜଗନ୍ନାଥପୁର ଗ୍ରାମରେ ଥିବା ମନ୍ଦିରରେ ଉକ୍ତ କଳସକୁ ସ୍ଥାପନ କରାଯାଇଛି।

## ୭ ଦିନରେ ଡ୍ରେନ୍ ନିର୍ମାଣ ଶେଷ ନ ହେଲେ ଧାରଣା

ମଙ୍ଗୁଳି-ଜଗତପୁର,୨।୧(ମାନସ ସାମଲ)

ଚୌଦ୍ୱାର ପୌରପାଳିକା ୧୯ ନମ୍ବର ୱାର୍ଡ ଅଧୀନ ହାଉସିଂ ବୋର୍ଡ଼ ଫେଜ୍-୨ସ୍ଥିତ ପ୍ରଶାନ୍ତ କରଙ୍କ ଘରଠାରୁ ପି.କେ. ଜେନାଙ୍କ ଘର ପର୍ଯ୍ୟନ୍ତ ପୌରପାଳିକା ପକ୍ଷରୁ ଏକ ଡ୍ରେନ୍ ନିର୍ମାଣ କରାଯାଇଛି। ହେଲେ ଏହି କାର୍ଯ୍ୟ ନିମ୍ନମାନର କରାଯିବା ସହ ଠିକାଦାର ଅଧାପନ୍ତରିଆ କରିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ଯୁବ ସଙ୍ଗଠକ ରାଜୀବ ମହାନ୍ତିଙ୍କ ନେତୃତ୍ୱରେ ୧୦ରୁ ଊର୍ଦ୍ଧ୍ୱ ଯୁବକ ମଙ୍ଗଳବାର ଚୌଦ୍ୱାର ପୌରନିର୍ବାହୀ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି, ନିର୍ମାଣାଧୀନ ଏହି ଡ୍ରେନ୍‌ର ଶେଷ ପଏଣ୍ଟ କୌଣସି ଡ୍ରେନ୍ ସହିତ ମିଶିନାହିଁ। ଫଳରେ ଏହି ଡ୍ରେନ୍‌ର ମଇଳା ପାଣି ରାସ୍ତାରେ ଦୀର୍ଘଦିନ ଧରି ଜମି ରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଏଥିସହ ମଶାବଂଶ ବୃଦ୍ଧି ପାଉଥିବାରୁ ଡେଙ୍ଗୁ ଆଶଙ୍କା ଦେଖାଦେଇଛି। ବାରମ୍ବାର ଏ ସମ୍ପର୍କରେ ଅଞ୍ଚଳବାସୀଙ୍କ ପକ୍ଷରୁ ପୌର ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଆସନ୍ତା ୭ ଦିନ ମଧ୍ୟରେ ଡ୍ରେନ୍ ନିର୍ମାଣ ଶେଷ ନ ହେଲେ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ସ୍ଥାନୀୟ ଯୁବକ ଅଶୋକ ମହାପାତ୍ର, ପ୍ରଶାନ୍ତ କର, ଅକ୍ଷୟ ଭୂୟାଁ, ସୌରଭ ଦାସ, ରବୀନ୍ଦ୍ର ନାୟକ, ଦେବରାଜ ମିଶ୍ର, ଅନନ୍ତ କିଶୋର ମହାପାତ୍ର ଚେତାବନୀ ଦେଇଛନ୍ତି।

## କଟକ ଜିଲା କଂଗ୍ରେସର ମହମବତି ଶୋଭାଯାତ୍ରା

କଟକ,୨।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସଦର ବ୍ଲକ ଅନ୍ତର୍ଗତ ବମ୍ଫୁରୀଠାରେ କଟକ ଜିଲା କଂଗ୍ରେସ ପକ୍ଷରୁ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୨୦୦୬ରେ କଳିଙ୍ଗ ନଗରଠାରେ ୧୩ ଜଣ ନିରୀହ ଆଦିବାସୀଙ୍କୁ ହତ୍ୟା କରାଯାଇଥିଲା। ଏପରି କି ଲୋକଙ୍କୁ ଜବରଦସ୍ତ ବିସ୍ଥାପିତ କରାଯିବା ସହ ଆନ୍ଦୋଳନକାରୀମାନଙ୍କ ହାତ ପାପୁଲି କାଟିଦିଆଯାଇଥିଲା। ସେହି ନିରୀହ ଅଦିବାସୀମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ମହମବତି ଶୋଭାଯାତ୍ରା କରାଯାଇଛି। କଟକ ସଦର ବ୍ଲକ କଂଗେସ ସଭାପତି ରାମଚନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ କଟକ ଜିଲା କଂଗ୍ରେସ ଉପସଭାପତି ଶିଶିର କୁମାର ରଥ, ମନୋଜ ବିଶ୍ୱାଳ, ବରିଷ୍ଠ କଂଗ୍ରସ ନେତା ଆଲୋକ ନନ୍ଦ, ସମ୍ପାଦକ ଉଗ୍ରସେନ ଭୂୟାଁ, ନୀହାର ନନ୍ଦ, ଋଷି କାଣ୍ଡି, ବ୍ରହ୍ମାନନ୍ଦ ରାଉତ, ଅକ୍ଷୟ ରାଉତ, ଦିଲୀପ କୁମାର ମଲ୍ଲିକ, ରଞ୍ଜନ ନାୟକ, ଅକ୍ଷୟ ସାମଲ, ପାଣ୍ଡବ କୁମାର ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ହରେକୃଷ୍ଣ ମହତାବଙ୍କ ପୁଣ୍ୟତିଥିରେ ତିଳତର୍ପଣ



ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ପୁଣ୍ୟତିଥିରେ ଗଡ଼ଗଡିଆ ଘାଟରେ ତିଳତର୍ପଣ।

କଟକ,୨।୧ (କାର୍ତ୍ତିକ ସାହୁ)

ରାଷ୍ଟ୍ରୀୟ ମହତାବ ସେବାଦଳ ପକ୍ଷରୁ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୩୭ତମ ପୁଣ୍ୟତିଥି ମଙ୍ଗଳବାର ପାଳିତ ହୋଇଯାଇଛି। ସେବାଦଳ ପକ୍ଷରୁ ପୂର୍ବାହ୍ନରେ ମହାନଦୀର ଗଡ଼ଗଡିଆ ଘାଟରେ ତିଳତର୍ପଣ କରାଯାଇଥିଲା। ଏହାପରେ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଗଡ଼ଗଡ଼େଶ୍ୱର ମନ୍ଦିର ପରିସରରେ କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ଦାସଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ କରାଯାଇଥିଲା। ପଣ୍ଡିତ ହୃଷୀକେଶ ପଣ୍ଡା ଓ ନିରାକାର ପଣ୍ଡା ମଙ୍ଗଳାଷ୍ଟକ ଆବୃତ୍ତି କରିବା ପରେ ସେବାଦଳର ମହାସଚିବ ଡ. ଜ୍ଞାନଗୁରୁ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ରେଭେନ୍ସା କଲେଜର ପୂର୍ବତନ ସଭାପତି ଆଠମଲ୍ଲିକ ଅଞ୍ଚଳର ତପନ କୁମାର ମିଶ୍ରଙ୍କୁ ଉତ୍କଳକେଶରୀ ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରସନ୍ନ କୁମାର ମହାପାତ୍ର, ବିଶ୍ୱପ୍ରକାଶ ଦାଶ, ବିକ୍ରମ ଦାଶ, ଗଜେନ୍ଦ୍ରନାଥ ସାହୁ, ମହେନ୍ଦ୍ର କୁମାର ମହାପାତ୍ର, ସବିତାବାଳା ଆଚାର୍ଯ୍ୟ, ବିଶ୍ୱଜିତା ଜେନା, ଶକ୍ତିସ୍ୱରୂପା ଦାସ, ଡା. ଅନିନ୍ଦିତା ମହାପାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଙ୍ଗଠନ ସମ୍ପାଦକ ଅଶୋକ କୁମାର ସେନାପତି ଧନ୍ୟବାଦ ଦେଇଥିଲେ।

**ଆଜିଠୁ ୧୫ତମ କଟକ ମହୋତ୍ସବ**

## ଯୋଗଦେବେ ୧୦ ରାଜ୍ୟର କଳାକାର

କଟକ,୨।୧ (କାର୍ତ୍ତିକ ସାହୁ)

ଉତ୍କଳ ଯୁବ ସାଂସ୍କୃତିକ ସଂଘ ପକ୍ଷରୁ ୧୫ତମ କଟକ ମହୋତ୍ସବ ସ୍ଥାନୀୟ କଳାବିକାଶ କେନ୍ଦ୍ରରେ ବୁଧବାରଠାରୁ ଅନୁଷ୍ଠିତ ହେବ। ୫ ଦିନବ୍ୟାପୀ ହେବାକୁ ଥିବା ଆନ୍ତର୍ଜାତିକ ନୃତ୍ୟ ଓ ସଙ୍ଗୀତର ଏହି ମହୋତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତରୁ କଳାକାରମାନେ ଯୋଗଦେବେ। ପ୍ରସିଦ୍ଧ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ଉଦ୍ୟମରେ ଏହା ପ୍ରତିଷ୍ଠା ହୋଇଥିଲା। ତାଙ୍କ ପରଠାରୁ ପୁତ୍ର ଶିଳାଦିତ୍ୟ ରଥ ସଂଘର ସାଧାରଣ ସମ୍ପାଦକ ଦାୟିତ୍ୱ ନେଇ ମହୋତ୍ସବକୁ ପରିଚାଳନା କରୁଛନ୍ତି। ସାଧାରଣ ସମ୍ପାଦକ ରଥଙ୍କ ସୂଚନା ଅନୁସାରେ, ଦେଶର ୧୦ଟି ରାଜ୍ୟର ୪୦୦ ଜଣ କଳାକାର ଯୋଗଦେଇ ସେମାନଙ୍କର ଉଚ୍ଚକୋଟୀର କଳା ପ୍ରଦର୍ଶନ କରିବେ। ଦେଶର ଜାତୀୟତା ସହ ବିଶ୍ୱଭ୍ରାତୃତ୍ୱର ବାର୍ତ୍ତା ପ୍ରଚାର କରୁଥିବା ଏହି ମହୋତ୍ସବ ମାଧ୍ୟମରେ ଓଡ଼ିଶାର କଳା, ସଂସ୍କୃତିର ପ୍ରଚାର, ପ୍ରସାରର ଏକ ଅଭିନବ ପ୍ରୟାସ ହୋଇଚାଲିଛି। ବୁଧବାର ଉଦ୍‌ଘାଟନୀ ଉତ୍ସବରେ କଟକର ତପସ୍ୱିନୀ ପଣ୍ଡା ଓଡ଼ିଶୀ ନୃତ୍ୟ ଓ ଭିଲାଇର ଅପୂର୍ବା ଗୁପ୍ତା କଥକ ନୃତ୍ୟ ପରିବେଷଣ କରିବେ। ଦ୍ୱିତୀୟ ଦିନରେ ପଶ୍ଚିମବଙ୍ଗର ଦେବଶ୍ରିତା ଭଟ୍ଟାଚାର୍ଯ୍ୟଙ୍କ ଭାରତନାଟ୍ୟମ୍, ଦିଓ୍ୱାସର ଈଶା ମଣ୍ଡଳଙ୍କ କଥକ, କଟକର ଆଦ୍ୟାଶା ସାହୁଙ୍କ କଣ୍ଠସଙ୍ଗୀତ ସାଙ୍ଗକୁ ପଶ୍ଚିମବଙ୍ଗର ମିତା ମଣ୍ଡଳ ଓ ମହୁଆ ତାଲୁକଦାରଙ୍କ ଦ୍ୱୈତ ନୃତ୍ୟ ପରିବେଷଣ ହେବ। ପରବର୍ତ୍ତୀ ଦିବସଗୁଡ଼ିକରେ ଭୁବନେଶ୍ୱର, ବିଶାଖାପାଟଣା, କରଞ୍ଜିଆ, ଗାଜିଆବାଦ, ଡିବ୍ରୁଗଡ଼, କାମାକ୍ଷାନଗର, ପଶ୍ଚିମବଙ୍ଗର କଳାକାରମାନେ କଳାନୈପୁଣ୍ୟତା ମଞ୍ଚରେ ପ୍ରଦର୍ଶନ କରିବେ। କଳାନୁରାଗୀମାନେ କାର୍ଯ୍ୟକ୍ରମରୁ ଭରପୁର ମନୋରଞ୍ଜନ କରିବା ପାଇଁ ଆୟୋଜକ ସଂସ୍ଥା ପକ୍ଷରୁ ନିବେଦନ କରାଯାଇଛି।

### ଏମାନେ କୁହନ୍ତି...



"ନୂତନ କଳାକାରଙ୍କ ପ୍ରତିଭା ବିକଶିତ କରିବା କଟକ ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ। ଏହା ମାଧ୍ୟମରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଯୋଗୀମାନେ ପରସ୍ପର ମଧ୍ୟରେ ଭାବ ବିନିମୟ କରିପାରୁଛନ୍ତି। କଳାକାରଙ୍କ ପ୍ରତିଭା ମୂଲ୍ୟାୟନ ହେବାର ଏକ ସୁଯୋଗ ମିଳୁଛି। ୧୫ତମ କଟକ ମହୋତ୍ସବରେ ମୁଖ୍ୟ ବିଚାରକ ଭାବେ କାର୍ଯ୍ୟ କରିବାର ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟ ମନେକରୁଛି।

**ବିନୋଦ ମହାପାତ୍ର, ଅବସରପ୍ରାପ୍ତ ଭିଜିଲାନ୍ସ ଅଧିକାରୀ**



"ଏହା କେବଳ ଏକ ସାଂସ୍କୃତିକ ମହୋତ୍ସବ ନୁହେଁ, ଗୁରୁ-ଶିଷ୍ୟ ପରମ୍ପରାର ଏକ ସୁନ୍ଦର ଅଭିଯାନ। ସାଂସ୍କୃତିକ ଭାବ ଆଦାନପ୍ରଦାନର ଏହା ଏକ ମଞ୍ଚ। ଏହି ମହୋତ୍ସବରେ ଭାରତୀୟ ନୃତ୍ୟଶିଳ୍ପୀମାନେ ୮ଟି ଶାସ୍ତ୍ରୀୟ ଶୈଳୀରେ ନୃତ୍ୟ ପରିବେଷଣ କରିବେ, ଯାହା ଆଉ କୋଉ ମଞ୍ଚରେ ହୁଏ ନାହିଁ। ପ୍ରତିଦିନ ୧୦୦ରୁ ଅଧିକ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିବେ।

**ଅନୁରୂପା ରଥ, କାର୍ଯ୍ୟକ୍ରମ ନିର୍ଦ୍ଦେଶିକା**



କଟକ ଯୋବ୍ରାସ୍ଥିତ ତାଳଦଣ୍ଡା କେନାଲରେ ପର୍ଯ୍ୟାପ୍ତ ପରିମାଣର ପାଣି ନ ଥିବାରୁ ବୋଟ୍ ଚଳାଚଳ ସାମୟିକ ଭାବେ ବନ୍ଦ ରହିଛି।




କଟକ ଇଦ୍‌ଗା ପଡିଆ ରୂପାନ୍ତରଣ ଦାବିରେ ଇଦ୍‌ଗା ପଡିଆସ୍ଥିତ ଉତ୍କଳ ସମ୍ମିଳନୀ ଶତବାର୍ଷିକୀ ସ୍ମୃତିସ୍ତମ୍ଭ ନିକଟରେ ନବ ଉତ୍କଳ ସମ୍ମିଳନୀ ଯୁବଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ସଂକ୍ଷେପରେ

### ନୂତନ ଦୌରାଜଜ୍ଙ୍କୁ ସମ୍ବର୍ଦ୍ଧନା

ନରସିଂହପୁର ୨୧୧ (ନିରଞ୍ଜନ ଦେବକୁମାର )

ନରସିଂହପୁର ବ୍ଲକରେ କୋର୍ଟରେ ଅତିରିକ୍ତ ସିଭିଲ ଜର୍ଜ ସିନିୟର ତଥା ଅତିରିକ୍ତ ଦୌରାଜଜ୍ ଭାବେ ନୂତନ ନିଯୁକ୍ତି ପାଇଥିବା ପ୍ରଥମ ବିଚାରପତି ଚନ୍ଦ୍ରହାସ ବେହେରାଙ୍କୁ ନରସିଂହପୁର ଓକିଲ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଓକିଲ ସଂଘର ସଭାପତି ଆଇନଜୀବୀ ବିଭୁଦତ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଦୌରାଜର୍ଜ ବେହେରା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁହାନି ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ସୂର୍ଯ୍ୟମଣି ପାତ୍ର, ପ୍ରଫୁଲ୍ଲ କୁମାର ପଣ୍ଡା, ଜ୍ଞାନରଞ୍ଜନ ନାୟକ, ସରୋଜ କୁମାର ସାହୁ, ଲଳିତ କୁମାର ବିଶ୍ୱାଳ ପ୍ରମୁଖ ବିଚାରପତିଙ୍କୁ ସ୍ୱାଗତ କରିଥିଲେ। ଆଇନଜୀବୀ ଓ ବିଚାରପତିଙ୍କ ମଧ୍ୟରେ ସମନ୍ୱୟ ରଖିବାକୁ ଆଶା ରଖିଥିଲେ। ଓକିଲ ସଂଘର ସମ୍ପାଦକ ନିଗମାନନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ। ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଦୌରାଜର୍ଜ ନିଜ ଚାକିରି ସମୟର ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରଥିଲେ। ଆଇନଜୀବୀ ଓ ଅଦାଲତ ମଧ୍ୟରେ ସୁସମ୍ପର୍କ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେହିଭଳି ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ନରସିଂହପୁର ଓକିଲ ସଂଘର ସୁସମ୍ପର୍କ ଓ ସହଯୋଗକୁ ଖୁସିବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଦେବଦତ୍ତ ମଳୟ କୁମାର ବରାଳ, ଗୋଲକ ବିହାରୀ ସାହୁ, ନିର୍ମଳେନ୍ଦୁ ମିଶ୍ର ବିଚାରପତିଙ୍କୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

### ସାଇ ମନ୍ଦିର ପରିବାର ପକ୍ଷରୁ ବନ୍ଧୁମିଳନ, ସମ୍ବର୍ଦ୍ଧନା ଉତ୍ସବ

ମାହାଙ୍ଗା, ୨୧୧ (ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ସାଇ ମନ୍ଦିର ପରିବାର ପକ୍ଷରୁ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିଥି ଭାବେ ଶିକ୍ଷାବିତ୍ ଜୟଦେବ ଦାଶ, ସାମାଜିକ କର୍ମୀ ସୁରେଶ ଚନ୍ଦ୍ର ପ୍ରଧାନ, ଧନେନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ନୂତନ ବର୍ଷର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନୁଷ୍ଠାନ ପକ୍ଷରୁ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ,ପୂର୍ଣ୍ଣଚନ୍ଦ୍ର ପାଣି ଓ ପ୍ରମୋଦ ବାରିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗ୍ରାମର ଯୁବ ସମାଜସେବୀ ସ୍ୱର୍ଗତ ଅଶୋକ କୁମାର ସାମଲଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରି ଉକ୍ତ କାର୍ଯ୍ୟକ୍ରମରେ ବହୁ ସାଇ ଭକ୍ତମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# କଳାପୋଲ ପାଖରେ କାଳହେଲା କୁହୁଡ଼ି

## ବସ୍-ଟ୍ରକ୍ ଦୁର୍ଘଟଣା

ନିଶ୍ଚିନ୍ତକୋଇଲି/କଟକ, ୨୧୧ (ଅଶୋକ କୁମାର ମହାପାତ୍ର/ ଶିଳ୍ପା ପ୍ରିୟଦର୍ଶିନୀ):

ନିଶ୍ଚିନ୍ତକୋଇଲି ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତାର କଟରପଡ଼ାଛକ ନିକଟରେ ଏକ ଯାତ୍ରୀବାହୀ ବସ୍ ଏବଂ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୧ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣା ସମୟରେ କଳାପୋଲ ପାଖରେ କୁହୁଡ଼ି କାଳ ହୋଇଛି। କଟକପଡାଠାରୁ ଶୁକରପଡା ମଧ୍ୟରେ ଏହି କଳାପୋଲ ରହିଛି। ଏହା ନିକଟରେ ବାରମ୍ବାର ଦୁର୍ଘଟଣା ହୋଇଥିବା ପୂର୍ବରୁ ନଜିର ମଧ୍ୟ ରହିଛି। ଏହି ନିକାଞ୍ଚନ ରାସ୍ତାରେ କୁହୁଡ଼ି ଯୋଗୁ କିଛି ଦେଖା ନଯିବାରୁ ଉଭୟ ଗାଡ଼ି ପରସ୍ପର ଧକ୍କା ହୋଇଥିବା କୁହାଯାଉଛି।

### ମନୋରମା ପାଇଁ ମଙ୍ଗଳବାର ଅମଙ୍ଗଳ ହେଲା

କଟକ-ଚାନ୍ଦବାଲି ରାସ୍ତାରେ ଦୈନନ୍ଦିନ ମନୋରମା ଏକ୍ସପ୍ରେସ ବସ୍ ଯାତ୍ରୀଙ୍କୁ ନେଇ ଯାତାୟାତ କରିଥାଏ। ସୋମବାର ନୂଆ ବର୍ଷ ପିକ୍ନିକରୁ ଫେରି ମଙ୍ଗଳବାର ସକାଳୁ ଯାତ୍ରୀ ନେଇ ଭୁବନେଶ୍ୱର ଅଭିମୁଖେ ରାଜକନିକାରୁ ବାହାରିଥିଲା। ଗାଡିର ସବୁ ଦିନିଆ ଚାଳକ ନ ଥିବାରୁ ବଦଳିଆ ଭାବେ ଚଳାଉଥିବା ଚାଳକ ଗାଡ଼ି ଦ୍ରୁତ ଗତିରେ ଚଳାଉଥିବା ବେଳେ ଦୁର୍ଘଟଣା ହୋଇଛି। ମଙ୍ଗଳବାର ବସ ପାଇଁ ଅମଙ୍ଗଳ ସାଜିଥିବା ଯାତ୍ରୀମାନେ କହିଛନ୍ତି।

### ମାନବିକତା ଭୁଲିଗଲେ, ମୋବାଇଲ ଟଙ୍କା ନେଇଗଲେ

ଦୁର୍ଘଟଣା ପରେ ଯାତ୍ରୀମାନେ ଅସହ୍ୟ ଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ଜୀବନ ବଞ୍ଚାଇବା ପାଇଁ କରୁଣ ଚିତ୍କାର କରୁଥିଲେ। ନିଜ ନିଜ ଜିନିଷ ତଥା ମୋବାଇଲ ଓ ଟଙ୍କା ପ୍ରତି ସେମାନଙ୍କ ନିଘା ନ ଥିଲା। ଏହାର ସୁଯୋଗ ନେଇ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଉଦ୍ଧାର ଆଳରେ ହିତାହିତ ଜ୍ଞାନ ଭୁଲି ମୋବାଇଲ ଓ ଟଙ୍କା ଗୋଟାଇବାରେ ବ୍ୟସ୍ତ ଥିଲେ। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି।

### ବଡ଼ ଭଉଣୀକୁ ଚିକିତ୍ସା କରିବାକୁ ଯାଇ ସାନ ଆଖି ବୁଜିଲେ

ବଡ଼ ଭଉଣୀକୁ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା କରାଇବା ନିମନ୍ତେ ସାନ ଭଉଣୀ ଗାଡିରେ ସକାଳୁ ବାହାରିଥିଲେ। ତେବେ ଦୁର୍ଘଟଣାରେ ସାନ ଭଉଣୀ ଅଧାବାଟରେ ଆଖି ବୁଜିଛି। ଦୁଇ ଭଉଣୀ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ବାଳକାଟି ପଞ୍ଚାୟତ ବଡ଼ଆଙ୍କୋ ଗାଁର ହୋଇଥିବାବେଳେ ମୃତ ସାନ ଭଉଣୀ ହେଲେ ଅନସୂୟା ବାରିକ। ଏହି ଘଟଣା ଗ୍ରାମରେ ଶୋକର ଛାୟା ଖେଳାଇଦେଇଛି।

### ଗୋଟିଏ ପରିବାରର ୩ ଆହତ



ଜଣେ ଆହତଙ୍କୁ ଗାଡ଼ି ଭିତରୁ ଉଦ୍ଧାର କରାଯାଉଛି।

ରାଜକନିକା ଅଞ୍ଚଳର ଶୁଭ୍ରଜିତ ଦଳେଇ(୧୨) ମଙ୍ଗଳବାର ଏସ୍‌ସିବି ମେଡିକାଲ ଅର୍ଥପେଡିକ ବିଭାଗକୁ ବାମ ଗୋଡ଼ର ପ୍ଲାଷ୍ଟର ଫିଟାଇବାକୁ ୨ ପିଉସୀଙ୍କ ସହ ବସ୍‌ରେ କଟକ ଆସୁଥିଲେ। ହେଲେ ଦୁର୍ଘଟଣାରେ ଶୁଭ୍ରଜିତ ଓ ତାଙ୍କ ପିଉସୀ ସାମାନ୍ୟ ଆହତ ହୋଇଥିବା ଅନ୍ୟଜଣଙ୍କ ଅବସ୍ଥା ଗୁରୁତର ରହିଛି।

### ଅଧା ରହିଲା ବର୍ଷର ପ୍ରଥମଦିନ ପାଠପଢ଼ା

ଚାନ୍ଦବାଲି ଅଞ୍ଚଳର ଲୋସନ କୁମାର ସାହୁ ସାଲେପୁରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସି ଆଣ୍ଡ୍ ଟେକ୍ନୋଲୋଜି କଲେଜର ପ୍ରଥମ ବର୍ଷର ଛାତ୍ର। କଲେଜ ଛୁଟି ଥିଲା। ମଙ୍ଗଳବାର ନୂତନବର୍ଷର ପ୍ରଥମ ଦିନରେ ଚାନ୍ଦବାଲିରୁ ବସ୍‌ରେ କଲେଜ ଆସୁଥିଲେ। ବସ୍‌ର ଆଗପଟେ ବସିଥିବାରୁ ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି।

### ଅଟକିଲା ଅରୁଣାଚଳ ପ୍ରଦେଶ ଯାତ୍ରା

ଅରୁଣାଚଳ ପ୍ରଦେଶର ଏକ ଘରୋଇ ସଂସ୍ଥାରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଜୟ ମହାନ୍ତି କାର୍ଯ୍ୟ କରନ୍ତି। ନୂଆବର୍ଷ ପାଇଁ ୧୫ ଦିନ ଛୁଟି ନେଇ ଗାଁକୁ ଆସିଥିଲେ। ମଙ୍ଗଳବାର ପଟ୍ଟାମୁଣ୍ଡାଇରୁ ବସ୍‌ରେ କଟକ ଆସୁଥିଲେ। କଟକ ରେଳ ଷ୍ଟେଶନରୁ ଟ୍ରେନ୍‌ରେ କର୍ମସ୍ଥଳରୁ ଯାଇଥାନ୍ତେ। ହେଲେ କଟରପଡ଼ା ଛକ ନିକଟରେ ଦୁର୍ଘଟଣା ଘଟିବାରୁ ଆହତ ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି।

### ମିଳିଲାନି କଟରମେଶିନ, ଉଦ୍ଧାର କାର୍ଯ୍ୟ ୪ ଘଣ୍ଟା ବିଳମ୍ବ

ନିଶ୍ଚିନ୍ତକୋଇଲି ଦମକଳ ବାହିନୀ ନିକଟରେ କୌଣସି କଟର ମେଶିନ ନ ଥିଲା। ୪ ଘଣ୍ଟା ବିଳମ୍ବରେ କଟର ମେଶିନ ଆସିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତେବେଳକୁ ୩ ଜଣ ଯାତ୍ରୀଙ୍କ ଜୀବନ ଚାଲିଯାଇଥିଲା। ଦମକଳ ବାହିନୀ ନିକଟରେ କିପରି କଟର ମେଶିନ ନ ଥିଲା ତାହା ତଦନ୍ତସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ଦୁର୍ଘଟଣାରେ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ବସ ଚାଳକ ଗୁରୁତର ଅବସ୍ଥାରେ ୪ ଘଣ୍ଟା ଚାପି ହୋଇ ରହିଥିଲେ।

### ରାସ୍ତାପାର୍ଶ୍ୱରେ ବେଆଇନ ଗାଡ଼ି ପାର୍କିଂକୁ ନେଇ ଅସନ୍ତୋଷ

କଟକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱର ବିଭିନ୍ନ ସ୍ଥାନରେ ବେଆଇନ ଗାଡି ପାର୍କିଂ ଦୁର୍ଘଟଣାର ପ୍ରମୁଖ କାରଣ ସାଜୁଛି ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ କଟକ ଜିଲାପାଳ ନରହରି ସେଠୀ ଘଟଣାସ୍ଥଳକୁ ଆସିଥିବା ବେଳେ ସାଧାରଣ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି।

### ଦୁର୍ଘଟଣାସ୍ଥଳରେ ବିଧାୟକ

ଦୁର୍ଘଟଣା ଘଟିବା କିଛିସମୟ ପରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ପହଞ୍ଚି ଆହତ ଓ ଗୁରୁତରଙ୍କୁ ଦେଖାକରିବା ସହ ସେମାନେ କିଭଳି ସ୍ୱାସ୍ଥ୍ୟସେବା ପାଇପାରିବେ ସେନେଇ ସାହାଯ୍ୟ ସହଯୋଗ କରିଥିଲେ। ମୃତକଙ୍କ ପରିବାର ବର୍ଗଙ୍କ ସହ କଥାହୋଇ ସମବେଦନା ଜଣାଇଥିଲେ।

### ଦାବି ପୂର୍ବରୁ ସହାୟତା ଘୋଷଣା

ଦୁର୍ଘଟଣା କ୍ଷୟକ୍ଷତିର ସହାୟତା ଦାବି କରିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ସହାୟତା ରାଶି ଘୋଷଣା କରିଥିଲେ। ଏଥିସହ ତୁରନ୍ତ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ଜିଲାପାଳ କହିଥିଲେ। ଘଟଣା ଘଟିବାର କିଛି ସମୟ ପରେ ଜିଲାପାଳ, ଏସ୍‌ପିଙ୍କଠାରୁ ଆରମ୍ଭ କରି ସିଡିଏମସ୍ ପର୍ଯ୍ୟନ୍ତ ସମସ୍ତେ ପହଞ୍ଚି ଯାଇଥିଲେ। ସତେ ଯେପରି ନିଶ୍ଚିନ୍ତକୋଇଲିର ସରକାରୀ ଦପ୍ତରଗୁଡ଼ିକ ଚଳଚଞ୍ଚଳ ହୋଇ ଉଠିଥିଲା।

### ଏସ୍‌ସିବିରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ପ୍ରଶାସନିକ ଅଧିକାରୀ

ଦୁର୍ଘଟଣାର ଶିକାର ହୋଇଥିବା ୪୧ ଆହତଙ୍କ ମଧ୍ୟରୁ ୧୫ ଜଣ (୧୧ ପୁରୁଷ, ୩ ମହିଳା, ଜଣେ ନାବାଳକ)ଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ଚିକିତ୍ସାରେ ମେଡିକାଲର ନ୍ୟୁରୋଲୋଜି, ସର୍ଜରି ଓ ଅର୍ଥପେଡିକ ବିଭାଗର ଡାକ୍ତର ନିୟୋଜିତ ହୋଇଛନ୍ତି। ଚିକିତ୍ସା ପରେ ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ମେଡ଼ିକାଲ ପକ୍ଷରୁ ସୂଚନା ରହିଛି। କଟକ ଜିଲାପାଳ ନରହରି ସେଠୀ, ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତି ମାଝୀ, ବିଧାୟକ ସୌଭିକ୍ ବିଶ୍ୱାଳ, ଟ୍ରାନ୍ସପୋର୍ଟ କମିଶନର ଅମିତାଭ ଠାକୁର, ଭାଜପା ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, ଭାଜପା ମୁଖପାତ୍ର ତେଜେଶ୍ୱର ପରିଡା ଏସ୍‌ସିବି ମେଡିକାଲରେ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଅପରପକ୍ଷରେ ଏସ୍‌ସିବି ମେଡିକାଲର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା କହିଛନ୍ତି, ଆହତଙ୍କୁ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ଅବଜରଭେଶନରେ ରଖାଯିବ। ଚିକିତ୍ସା ପରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଲେ ଡିସ୍‌ଚାର୍ଜ କରାଯିବ। ଜିଲାପାଳ ସେଠୀ କହିଛନ୍ତି, ଦୁର୍ଘଟଣା ଘଟିଥିବା ସ୍ଥାନକୁ ଯାଇଥିଲି। ଏସ୍‌ସିବି ମେଡିକାଲରେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛି। ସମସ୍ତ ଆହତଙ୍କୁ ନିଃଶୁଳ୍କ ଚିକିତ୍ସା ପ୍ରଦାନ କରାଯିବ। ଟ୍ରାନ୍ସପୋର୍ଟ କମିଶନର ଠାକୁର କହିଛନ୍ତି, କୁହୁଡି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଦୁର୍ଘଟଣାଗ୍ରସ୍ତ ବସ୍‌ର ଫିଟ୍‌ନେସ୍ ନେଇ ଆରଟିଓ, କ୍ରାସ ଇନ୍‌ଭେଷ୍ଟିଗେଶନ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି। ଟ୍ରକ୍‌ର କାଗଜପତ୍ର ଠିକ୍ ରହିଛି ଏବଂ ଅନ୍ୟାନ୍ୟ କାରଣ ତଦନ୍ତ ପରେ ଜଣାପଡିବ ବୋଲି ସେ କହିଛନ୍ତି।

### ୨ ଜିଲାର ପ୍ରଶାସନକୁ ଦାୟୀ କଲେ ତେଜେଶ୍ୱର

ମେଡିକାଲରେ ଆହତଙ୍କୁ ଭେଟିବା ପରେ ଭାଜପା ମୁଖପାତ୍ର ତେଜେଶ୍ୱର ପରିଡା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, କଟକ ଓ କେନ୍ଦ୍ରାପଡା ଜିଲା ପ୍ରଶାସନ ଏବଂ ପୋଲିସର ଅବହେଳା ଯୋଗୁ ଏଭଳି ଦୁର୍ଘଟଣା ଘଟିଛି। ଚାନ୍ଦବାଲି-କଟକ ସିଙ୍ଗିଲ ରାସ୍ତା ରହିଛି। ରାସ୍ତା ସମ୍ପ୍ରସାରଣ ପାଇଁ ଭାଜପା ଅନେକ ଥର ଦାବି କରିଛି। ହେଲେ ସରକାର ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ଫଳରେ ମଙ୍ଗଳବାର ଦୁର୍ଘଟଣା ଘଟି ଏକାଧିକ ମୃତାହତ ହୋଇଛନ୍ତି। ଚାନ୍ଦବାଲି-କଟକ ରାସ୍ତାରେ ଭାରିଯାନ ଯାତାୟତ ନ କରିବା ପାଇଁ କଟକ ଓ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ସରକାର ତୁରନ୍ତ ନିର୍ଦ୍ଦେଶ ଦେବା ନିମନ୍ତେ ସେ ଦାବି କରିଛନ୍ତି।



ଏସ୍‌ସିବି ମେଡିକାଲରେ ସିଏମ୍‌ସି ମେୟର ସୁବାସ ସିଂ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

### ୨୯ୟୁନିଟ୍ ରକ୍ତ ସଂଗ୍ରହ

ବାଙ୍କୀ, ୨୧୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଗୋପାଳପୁର ପଞ୍ଚାୟତସ୍ଥିତ ପାଟପୁର ଗ୍ରାମର ତ୍ରିନାଥ କ୍ଲବ ପରିସରରେ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରି ରକ୍ତଦାନ ମହତଦାନ ବୋଲି କହିଥିଲେ। ଶିବିରରେ ଅତିଥିଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ ଯୋଗଦେଇଥିଲେ। ଏହି ଅବସରରେ ୨୯ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା। ଶିବିରକୁ ତ୍ରିନାଥ କ୍ଲବର ସମ୍ପାଦକ ସତ୍ୟକୁମାର ସାହୁ, ସଭାପତି ଲକ୍ଷ୍ମୀଧର ସାହୁ ପରିଚାଳନା କରିଥିବା ବେଳେ ସୁନୀଲ କୁମାର ସାହୁ, ବିଶ୍ୱନି ସାହୁ, ରାଜେନ୍ଦ୍ର କୁମାର ସାହୁ, ଅନୀଲ୍ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଚାଷୀଙ୍କଠାରୁ ୧ହଜାର କୁଇଣ୍ଟାଲ ଧାନ କ୍ରୟ



ତିଗିରିଆରେ ଧାନ ମଣ୍ଡିର ଶୁଭାରମ୍ଭ କରାଯାଉଛି।

ବଡମ୍ବା/ ତିଗିରିଆ, ୨୧୧ (ମାୟାଧର ମଲ୍ଲିକ/ ଜାଫର ଖାଁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପମଥୁରା ସେବା ସମବାୟ ସମିତିରେ ମଙ୍ଗଳବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ୫୪ ଜଣ ଚାଷୀ ଟୋକନ ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୬ ଚାଷୀଙ୍କଠାରୁ ୪୦୦ କୁଇଣ୍ଟାଲ ଧାନ କ୍ରୟ କରି ମିଲର ନେଇଛନ୍ତି। ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ପାଢ଼ୀ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ସୁଶାନ୍ତ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମବାୟ ସମିତି ସଭାପତି ପ୍ରଭାତ ରଞ୍ଜନ ବଳିଆରସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ରବି ନାରାୟଣ ସ୍ୱାଇଁ, ସମିତି ନିର୍ଦ୍ଦେଶକ ଆଇନୀଜୀବୀ ପ୍ରିୟଦର୍ଶୀ ଶୁଶ୍ରୁତ, ନିର୍ଦ୍ଦେଶକ ଆଇନଜୀବୀ ପ୍ରଭାତ କୁମାର ନାୟକ, ବିକ୍ରମ କୁମାର ନାୟକ, ଶିବ ନାରାୟଣ ଜେନା, ଶିବ ସେନାପତି, କାଶୀନାଥ ନାୟକ, ଦୟାନିଧି ଲେଙ୍କା, ପ୍ରଭାସ ପୁହାଣ ପ୍ରମୁଖ ଯୋଗ ଦେଇଥିଲେ। ସମିତି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୋନାଲି ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମିତି କର୍ମଚାରୀ ସହଯୋଗ କରିଥିଲେ।

ସେହିପରି ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ମଙ୍ଗଳବାର ଚାଷୀଙ୍କଠାରୁ ଧାନ କ୍ରୟ ପାଇଁ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମିତିର ସଭାପତି ଧ୍ରୁବଚରଣ ଦାସ, ସମ୍ମାନିତ ଅତିଥି ଭାବେ ତିଗିରିଆ ପଞ୍ଚାୟତ ସମିତି ଉପାଧକ୍ଷ ମାନସ ସାହୁ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ ଯୋଗଦେଇଥିଲେ। ପ୍ରଥମ ଦିନରେ ୨୨ ଜଣ ଚାଷୀଙ୍କଠାରୁ ୬୫୦ କୁଇଣ୍ଟାଲ ଧାନ ମିଲର ସିଜଲ ଏଣ୍ଟେର ପ୍ରାଏଜର୍ସ କ୍ରୟ କରିଛି। ଏହି କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ ଚନ୍ଦନ ଜେନା, ଚାଷୀ ପ୍ରକାଶ ଦାସ, ରାମଚନ୍ଦ୍ର ବାରିକ, ରବିନାରାୟଣ ପାଣିଗ୍ରାହୀ,ପ୍ରଦୀପ ବର୍ଦ୍ଧନ ଓ ସୁବାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପରିଚୟ ଦେଇଛି ପଥର କାରୁକାର୍ଯ୍ୟ

ସାଲେପୁର, ୨୧୧ (ଅରବିନ୍ଦ ଭୂୟାଁ)

**ପଥରଶିଳ୍ପୀ ସନ୍ତୋଷ କୁମାର ମହାରଣା**

କଳା ମଣିଷକୁ ପରିଚୟ ଦେଇଥାଏ। ଏନେଇ କାରିଗର ନିଜକୁ ଗର୍ବିତ ମନେ କରିଥାଏ। ଏହିପରି ଜଣେ ପଥରଶିଳ୍ପୀ ହେଉଛନ୍ତି ସନ୍ତୋଷ କୁମାର ମହାରଣା। ତାଙ୍କ ଘର ସାଲେପୁର ବ୍ଲକ ନଇଗୁଆଁ ଗ୍ରାମରେ ହୋଇଥିବାବେଳେ ଭୁବନେଶ୍ୱରରେ ରହି ମାମୁଙ୍କ ପାଖରୁ ପ୍ରସ୍ତର କଳା କାମ ଶିଖିଥିଲେ। ଏବେ ସେ ପଥରରେ ନିଖୁଣ କାରୁକାର୍ଯ୍ୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ନିଜ ଗାଁର ବେକାର ଯୁବତୀଯୁବକମାନଙ୍କୁ ଶିକ୍ଷା ଦେଉଛନ୍ତି। ତାଙ୍କ ହାତତିଆରି ମୂର୍ତ୍ତିର ଚାହିଦା ଖାଲି ଓଡ଼ିଶା ନୁହେଁ, ବାହାର ରାଜ୍ୟରେ ମଧ୍ୟ ରହିଛି।

ପଥରକୁ ନିଜ ହାତରେ ନିହାଣ ଓ ଲୁହା ମୁଗୁର ସାହାଯ୍ୟରେ ବାଡ଼େଇ ସୁନ୍ଦର କାରୁକାର୍ଯ୍ୟ କରୁଛନ୍ତି। ତାଙ୍କ ହାତତିଆରି ନାରାୟଣ, ଲକ୍ଷ୍ମୀ, ହନୁମାନ, ସରସ୍ୱତୀ ଆଦି ମୂର୍ତ୍ତି ଗ୍ରାହକଙ୍କୁ ଆକର୍ଷିତ କରିଥାଏ। ସେ ବିଶେଷକରି ରାଧାକୃଷ୍ଣଙ୍କ ମୂର୍ତ୍ତି ସାଙ୍ଗକୁ ପାର୍ଶ୍ୱଦେବଦେବୀଙ୍କ ମୂର୍ତ୍ତି ତିଆରି କରନ୍ତି। ପ୍ରତି ମୂର୍ତ୍ତି ଗଢ଼ିବାକୁ ୧୫ରୁ ୨୦ଦିନ ଲାଗିଥାଏ ବୋଲି ସେ କୁହନ୍ତି। ଏନେଇ କଞ୍ଚାମାଲ ଖୋର୍ଦ୍ଧାର ଟାପଙ୍ଗ ଅଞ୍ଚଳରୁ ଆସୁଥିବାରୁ ସେଥିପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ଫଳରେ ଅଧିକ ମୂଲ୍ୟ ଦେଇ ପଥର ଓ ମେଶିନ୍ କିଣିବାକୁ ସେ ବାଧ ହେଉଛନ୍ତି। ତେବେ ପରିଶ୍ରମ ଅନୁସାରେ ପାରିଶ୍ରମିକ ଠିକ୍ ଭାବେ ମିଳୁ ନ ଥିଲେ ମଧ୍ୟ ନିଜର କଳାକୁ ବଞ୍ଚାଇ ରଖିବାକୁ ପ୍ରୟାସ ଜାରି ରଖିଛନ୍ତି ବୋଲି ସନ୍ତୋଷ କୁହନ୍ତି। ଯଦି ସରକାରୀ ସହାୟତା ମିଳନ୍ତା, ତେବେ ଏହି କଳାକୁ ସେ ଆଗକୁ ନେବାସହ ଅଧିକ ବେକାର ଯୁବତୀଯୁବକମାନଙ୍କୁ ମୂର୍ତ୍ତି ନିର୍ମାଣର ତାଲିମ୍ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରିପାରନ୍ତେ ବୋଲି ପ୍ରକାଶ କରିଛନ୍ତି।



ସନ୍ତୋଷ କୁମାର ମହାରଣାଙ୍କ ଦ୍ୱାରା ତିଆରି କରାଯାଇଥିବା ପଥର ମୂର୍ତ୍ତି।

# ଧାନ କିଣିବାକୁ ପଞ୍ଜୀକରଣ କରିନାହାନ୍ତି ମିଲର୍ସ

- ମଣ୍ଡି ଖୋଲୁନି, ଚାଷୀ ନିରାଶ
- ପ୍ରଶାସନ-ମିଲର୍ସଙ୍କ ଆଲୋଚନା ବିଫଳ
- ରାଜରାସ୍ତାକୁ ଓହ୍ଲାଇବାକୁ ଚାଷୀଙ୍କ ଚେତାବନୀ

**ଖୋର୍ଦ୍ଧା,୨୧୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାରେ ୨୦୨୩-୨୪ ଖରିଫ ଧାନ କ୍ରୟ ପାଇଁ ଗତ ଡିସେମ୍ବର ୨୯ରେ କଁପୁର ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)ରେ ଧାନମଣ୍ଡି ଉଦ୍‌ଘାଟନ ହୋଇଥିଲା। ଏହା ପରଠାରୁ ଜିଲାର ଆଉ କୌଣସି ସ୍ଥାନରେ ମଣ୍ଡି ଖୋଲିନାହିଁ। ଏପରିକି ଧାନ କିଣିବା ପାଇଁ କୌଣସି ମିଲର୍ସ ପ୍ରଶାସନ ନିକଟରେ ପଞ୍ଜୀକରଣ କରିନାହାନ୍ତି। ଫଳରେ ଜିଲାରେ ଧାନକିଣାରେ ଅନିଶ୍ଚିତତା ଦେଖାଦେଇଛି। ସେପଟେ ସ୍ଥାନୀୟ ଦଲାଲଙ୍କ ସହଯୋଗରେ ବାହାର ରାଜ୍ୟର ବେପାରୀ ଗ୍ରାମରେ ପଶି ଚାଷୀଙ୍କଠାରୁ କମ୍ ଦାମରେ ଧାନ କିଣିନେଉଛନ୍ତି। ମଙ୍ଗଳବାର ବିଭାଗୀୟ କର୍ତ୍ତୃପକ୍ଷ ଏବଂ ମିଲର୍ସଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଥିବା କୁହାଯାଉଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ମିଲର୍ସ ପଞ୍ଜୀକରଣ କରି ନ ଥିବା ଜଣାପଡିଛି।

ସୂଚନାଥାଉ କି, ଜିଲାରେ ୧୫୪ ମଣ୍ଡିରେ ଧାନ ସଂଗ୍ରହ କରାଯିବ। ଖରିଫ ଧାନ ସଂଗ୍ରହ ଲାଗି ୧୩୯ ପ୍ରାଥମିକ ସେବା ସମବାୟ ସମିତି ଏବଂ ୧୫ଟି ଉପକେନ୍ଦ୍ର କରାଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୩ ଲକ୍ଷ ୧୧ହଜାର ୭୬୪ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତବର୍ଷ ଚାଷୀଙ୍କ ପଞ୍ଜୀକରଣ ୬ ପ୍ରତିଶତ ବୃଦ୍ଧି ପାଇଛି। ଗତ ବର୍ଷ ଖରିଫରେ ୪୮ହଜାର ୪୦୮ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଚଳିତ ବର୍ଷ ୫୧ହଜାର ୧୫୧ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଦୈନିକ ୧୨ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ବେଳେ ଚଳିତବର୍ଷ ୧୫ଶହ କୁଇଣ୍ଟାଲ ଧାନ ଉଠାଯିବ। ତେବେ ପଞ୍ଜୀକରଣ କରିଥିବା ଚାଷୀମାନେ ଧାନ ଧରି ଜଗି ରହିଥିବା ବେଳେ ପ୍ୟାକ୍ସ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଜଣାପଡିଛି। ମିଲର୍ସ ପଞ୍ଜୀକରଣ କରି ନ ଥିବାରୁ ମଣ୍ଡିରୁ ଧାନ ଉଠିବା ଅନିଶ୍ଚିତତା ଲାଗି ରହିଛି। ଏନେଇ ଜିଲା ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଆଗାମୀ ଦିନରେ ମଣ୍ଡି ନ ଖୋଲିଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଚାଷୀ ନେତା ସୁରେଶ ମାନସିଂ କହିଛନ୍ତି, ପ୍ରତିବର୍ଷ ଚାଷୀ ପ୍ରତିକୂଳ ପରିସ୍ଥିତି, ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ପେଶି ହୋଇ ଧାନ ଅମଳ କରୁଛନ୍ତି। ଧାନ ବିକ୍ରି ବେଳେ ଅବ୍ୟବସ୍ଥା ଦେଇ ଗତ କରୁଛନ୍ତି। ମଣ୍ଡି ମିଲର୍ସଙ୍କ ମନମାନିରେ ଚାଲୁଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଏହାରି ମଧ୍ୟରେ ପେଶି ହେଉଛନ୍ତି ଚାଷୀ। ତୁରନ୍ତ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ ନ କଲେ, ଚାଷୀ ରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ସଙ୍ଗଠନ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### କୂଅରେ ଖସିପଡ଼ି ନାବାଳକଙ୍କ ମୃତ୍ୟୁ

**ଟାଙ୍ଗୀ,୨୧୧(ରଘୁନାଥ ସାହୁ)**

କୂଅରେ ଖସିପଡ଼ିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ରତନପୁର ଗ୍ରାମର ଅଜୟ ବେହେରାଙ୍କ ପୁଅ ଆକାଶ(୧୦)। ସୋମବାର ସନ୍ଧ୍ୟାରେ ଆକାଶ ଖେଳୁଥିବା ସମୟରେ ଅସାବଧାନତାବଶତଃ କୂଅରେ ଖସିପଡ଼ିଥିଲେ। ତେବେ ସେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଘର ନିକଟ ଏକ କୂଅରେ ଚପଲ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ କୂଅରେ ପଶି ଆକାଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ବ୍ରାଉନ୍‌ସୁଗାର ଜବତ, ୨ ବେପାରୀ ଗିରଫ

**ଝାଁଲା,୨୧୧(ବୁଲା ବାରିକ)**

ଇନ୍‌ଫୋଭ୍ୟାଲି ଥାନା ପୋଲିସର ଏକ ସ୍ପେଶାଲ ଟିମ୍ ମଙ୍ଗଳବାର ପିତାପଲ୍ଲୀ ଅଣ୍ଡରପାସ୍ ନିକଟରେ ଚଢ଼ାଉ କରି ଦୁଇ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ଶ୍ରୀନିବାସ ବେହେରା ଓରଫ ପିନୁ ଏବଂ ସୁଧାଂଶୁ ଶେଖର ସାହୁ ଓରଫ ଅନିଲ। ଏମାନଙ୍କ ନିକଟରୁ ୧୭.୬୧ ଗ୍ରାମ୍ ବ୍ରାଉନ୍‌ସୁଗାର, ଦୁଇଟି ମୋବାଇଲ ଫୋନ୍ ଓ ବୁଲେଟ୍ ଜବତ ହୋଇଛି। ସ୍ଥାନୀୟ ଜନସାଧାରଣଙ୍କୁ ଏହି ବ୍ରାଉନ୍‌ସୁଗାର ବିକ୍ରି କରିବା ପାଇଁ ଆଣିଥିଲେ ବୋଲି ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଥିବା ପୋଲିସ କହିଛି।

### ସମାଜସେବାରେ ବ୍ରତୀ ଥିଲେ ପଦ୍ମଚରଣ

**ବେଗୁନିଆ,୨୧୧(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମର ପଦ୍ମଚରଣ ପାଣିଗ୍ରାହୀଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଣ୍ଟାବାଡ଼ସ୍ଥିତ ପଦ୍ମଚରଣ ପାର୍କ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ନାଏବ ସରପଞ୍ଚ କୁଞ୍ଜବିହାରୀ ମହାପାତ୍ର, ୱାର୍ଡସଭ୍ୟ ଶ୍ରୀବତ୍ସ ପାଣିଗ୍ରାହୀ, ଫାର୍ମାସିଷ୍ଟ ଚିତ୍ତରଞ୍ଜନ ହରିଚନ୍ଦନ, ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, କୁଳମଣି ମିଶ୍ର, ସୁବାସ ମହାପାତ୍ର, ପ୍ରସନ୍ନ ମହାପାତ୍ର, ଲିଙ୍ଗରାଜ ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ବେହେରା, ନିତ୍ୟାନନ୍ଦ ସେନାପତି, ପ୍ରଭାତ ପଣ୍ଡା, ଶ୍ରୀକାନ୍ତ ବାହିନୀପତି, ମାନସ ରଞ୍ଜନ ଦାଶ, ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ପାଣିଗ୍ରାହୀଙ୍କ କୀର୍ତ୍ତି ଓ ସମାଜ ପ୍ରତି ରହିଥିବା ଅବଦାନ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସେହିପରି ରମାମଣି ମହାବିଦ୍ୟାଳୟ ପରିସରରେ ଥିବା ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସୁରେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।



ମଙ୍ଗଳବାର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସବୁଜ ପତାକା ଦେଖାଇ ସଡ଼କ ସୁରକ୍ଷା ରଥର ଶୁଭାରମ୍ଭ କରୁଛନ୍ତି।

# ସତର୍କ ରହିଲେ ସୁରକ୍ଷିତ ରହିବେ

**ସଡ଼କ ସୁରକ୍ଷା ରଥ ଶୁଭାରମ୍ଭ**

**ଖୋର୍ଦ୍ଧା,୨୧୧(ପ୍ରଭାତ ପାଣିଗ୍ରାହୀ)**

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଭୁବନେଶ୍ୱର ଆନୁକୂଲ୍ୟରେ ଓ ଜିଲା ପ୍ରଶାସନ ସହଯୋଗରେ ସଡ଼କ ସୁରକ୍ଷା ରଥ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶୁଭାରମ୍ଭ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସବୁଜ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଭୁବନେଶ୍ୱର ଆର୍‌ଟିଓ-୧ ବିକାଶ ଚୌଧୁରୀ, ଆର୍‌ଟିଓ-୨ ସନାତନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ସପ୍ତାହବ୍ୟାପୀ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସଚେତନ କରିବ। ଏହି ଅବସରରେ ଜିଲାପାଳ ଚକ୍ରବର୍ତ୍ତୀ କହିଥିଲେ, ନିଜ ସୁରକ୍ଷା ନିଜ ହାତରେ ରହିଛି। ବାଇକ୍ ଚଳାଇବା ବେଳେ ହେଲ୍‌ମେଟ ପରିଧାନ କରିବା ସହ ମୋବାଇଲରେ କଥା ହୁଅନ୍ତୁ ନାହିଁ। ଚାରିଚକିଆ ଯାନ ଚଳାଇବା ବେଳେ ସିଟ୍ ବେଲ୍ଟ ପରିଧାନ କରନ୍ତୁ। ଦୈନିକ ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣା ବଢ଼ିଚାଲିଛି। ସତର୍କ ରହିଲେ ସୁରକ୍ଷିତ ରହିବେ ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି। ଆର୍‌ଟିଓ ଚୌଧୁରୀ କହିଥିଲେ, ପ୍ରତିବର୍ଷ ଜାନୁଆରୀ ପହିଲାରୁ ସପ୍ତାହବ୍ୟାପୀ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଚଳିତ ବର୍ଷର ବାର୍ତ୍ତା ରହିଛି ସଡ଼କ ସୁରକ୍ଷା ଜୀବନ ରକ୍ଷା। ଯାନବାହନ ଚଳାଚଳ ବେଳେ ଟ୍ରାଫିକ ନିୟମ ମାନନ୍ତୁ। ରାଜପଥରେ ବଢିଚାଲିଥିବା ଦୁର୍ଘଟଣା ହାର କମାଇବା ପାଇଁ ସମସ୍ତଙ୍କ ସହଯୋଗ ଜରୁରୀ। ସେହିପରି ଆରଟିଓ-୨ ଜେନା କହିଥିଲେ, ଦୁର୍ଘଟଣାର ପ୍ରଥମ ଏକ ଘଣ୍ଟା ମଧ୍ୟରେ ଗୁରୁତର ବ୍ୟକ୍ତିଙ୍କୁ ନିକଟ ଡାକ୍ତରଖାନାରେ ପହଞ୍ଚାଇଲେ ଜୀବନ ବଞ୍ଚିବାର ଆଶା ରହିଛି। ଏଥିଲାଗି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ୨ହଜାର ଟଙ୍କା ଅର୍ଥରାଶି ପୁରସ୍କାର ଦିଆଯିବ। ଆହତ ବ୍ୟକ୍ତିଙ୍କ ନିକଟ ଚିକିତ୍ସାଳୟରେ ସମସ୍ତ ଚିକିତ୍ସା ଖର୍ଚ୍ଚ ପୂରଣ କରାଯିବ। ଜିଲା କିମ୍ବା ରାଜ୍ୟସ୍ତରୀୟ ଉତ୍ସବରେ ଗୁଡ୍‌ସମାରିଟାନ ଭାବେ ପୁରସ୍କୃତ କରାଯାଇଥାଏ। ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ସାହାଯ୍ୟ କରନ୍ତୁ, ଜୀବନ ବଞ୍ଚାଇ ମାନବିକତାର ପରିଚୟ ଦିଅନ୍ତୁ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଏମ୍‌ଭିଆଇ ଭୁବନେଶ୍ୱର-୨ ସୁସ୍ମିତା ବେହେରା, ଏମ୍‌ଭିଆଇ ଖୋର୍ଦ୍ଧା ଦେବାଶିଷ ପାଇକରାୟ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସମେତ ଟ୍ରାଫିକ ଇନ୍‌ସ୍ପେକ୍ଟର ଭୁବନେଶ୍ୱର ଏବଂ ଖୋର୍ଦ୍ଧା, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଭୁବନେଶ୍ୱରରୁ କଳାକାର ଟିମ୍ ସଡ଼କ ସୁରକ୍ଷା ଉପରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ।

# ଘରେ ଘରେ ପହଞ୍ଚିବ ଅକ୍ଷତ କଳସ

**ଟାଙ୍ଗୀ,୨୧୧(ରଘୁନାଥ ସାହୁ)**

ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସ କରପତ୍ର ଟାଙ୍ଗୀ ଖଣ୍ଡର ୩୪ ପଞ୍ଚାୟତର ପ୍ରତ୍ୟେକ ଘରେ ପହଞ୍ଚାଇବାର ଯୋଜନା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୫ତାରିଖ ପୂର୍ବାହ୍ନ ୧୦ଟାରେ ଚାନ୍ଦପୁରସ୍ଥିତ ମା'ରାମଚଣ୍ଡୀ ମନ୍ଦିର ପରିସରରୁ କଳସ ଶୋଭାଯାତ୍ରା ବାହାରି ଟାଙ୍ଗୀ ରଘୁନାଥ ମନ୍ଦିରଠାରେ ପହଞ୍ଚିବ। ସେଠାରେ ପ୍ରବଚନ କାର୍ଯ୍ୟକ୍ରମ ପରେ ପ୍ରତ୍ୟେକ ପଞ୍ଚାୟତର କୌଣସି ଏକ ମଠ ମନ୍ଦିରକୁ କଳସ ପଠାଯିବାର ବ୍ୟବସ୍ଥା କରାଯାଇଛି। ଅକ୍ଷତ କଳସ ପତ୍ର ପ୍ରତ୍ୟେକ ଘରେ ପହଞ୍ଚାଇବା ପାଇଁ ଟୋଲି ଗଠନ କରାଯାଇଛି। ଶୋଭାଯାତ୍ରାରେ ସାଧୁ ସନ୍ଥ ସଂକୀର୍ତ୍ତନ ମଣ୍ଡଳୀ, ବ୍ରାହ୍ମଣ, ବୁଦ୍ଧିଜୀବୀ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗଦେବେ ବୋଲି କମିଟିର ଖଣ୍ଡ ସଂଯୋଜକ ପ୍ରଭାକର ବିଶ୍ୱାଳ ସୂଚନା ଦେଇଛନ୍ତି।

# ଭାଇଚାରାର ଭାବଧାରାକୁ ଯୋଡ଼ିଥାଏ କ୍ଲବ

**ବେଗୁନିଆ,୨୧୧(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଗ୍ରାମ ସ୍ଥିତ ରଘୁନାଥ ଦେବ ୟୁଥ କ୍ଲବର ସପ୍ତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ଯୋଗେଶ୍ୱର ଛୋଟରାୟଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ସାମାଜିକକର୍ମୀ ଅରବିନ୍ଦ ରାୟ ବକ୍ତା ଏବଂ ସମିତିସଭ୍ୟଙ୍କ ପ୍ରତିନିଧି ନରେନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ସାହୁ, ବାବୁଲି ଖାଁ, ଇମ୍ରାନ ଖାଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ବ୍ୟସ୍ତବହୁଳ ଜୀବନରେ ସମସ୍ତେ ନିଜ ଧନ୍ଦାରେ ନିମଗ୍ନ ରହିବାକୁ ପସନ୍ଦ କରନ୍ତି। ହେଲେ ମାନସିକ ମନୋବଳକୁ ଦୃଢ଼ କରିବା ପାଇଁ ଦୈନିକ କ୍ଷଣିକ ସମୟ କ୍ଲବ ପରିସରରେ ଏକାଠି ହୁଅନ୍ତି। ସେଠାରେ ଭାଇଚାରାର ଭାବଧାରା ଯୋଡି ଦେଇଥାଏ ବୋଲି ଅତିଥି ସାହୁ ମତବ୍ୟକ୍ତ କରିଥିଲେ। ସଞ୍ଜୟ କୁମାର ବାହୁବଳେନ୍ଦ୍ର ଉତ୍ସବ ପରିଚାଳନା କରିଥିବା ବେଳେ ଦାଶରଥି ନରେନ୍ଦ୍ର ଧନ୍ୟବାଦ ଦେଇଥିଲେ।

# ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ

**ବୋଲଗଡ଼,୨୧୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତର ତାଳତୁମ୍ବ ଗାନ୍ଧୀ ଛକ ନିକଟରେ ଦୁଇ ବର୍ଷ ହେବ ଶୌଚାଳୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଏହି କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ବ୍ୟବହାର ହୋଇପାରୁ ନ ଥିଲା। ଯାହାକୁ ନେଇ ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ମଙ୍ଗଳବାର ସ୍ଥାନୀୟ ଅଞ୍ଚଳବାସୀ ଓ ଶ୍ରମିକନେତା ଅକ୍ଷୟ ରାଉତରାୟଙ୍କ ଦ୍ୱାରା ଉକ୍ତ ଶୌଚାଳୟଟିକୁ କାର୍ଯ୍ୟକ୍ଷମ କରାଯାଇଛି। ତାଳତୁମ୍ବ ଓ ଅନତାପଲ୍ଲୀ ଗ୍ରାମର ଅଲେଖ ନାୟକ, ପ୍ରଫୁଲ୍ଲ ରଥ, ଆରତ ନାୟକ, ଶ୍ରୀଧର ସାହୁ ଓ ପ୍ରଭାତ ରଥଙ୍କ ଦ୍ୱାରା ଏହାକୁ ଉଦ୍‌ଘାଟନ କରାଯାଇଥିଲା। ଏହି ଶୌଚାଳୟ କାର୍ଯ୍ୟକ୍ଷମ ହେବା ଦ୍ୱାରା ପଥଚାରୀ, ସ୍କୁଲ ଓ ବ୍ୟାଙ୍କକୁ ଆସୁଥିବା ମହିଳା ପୁରୁଷ ଓ ବିଶେଷକରି ଛାତ୍ରୀଛାତ୍ରଙ୍କ ଉପକୃତ ହେବେ।

# ଜମିକୁ ଜଳସେଚନ ଉପରେ ଗୁରୁତ୍ୱ



ବୈଠକରେ ଯୋଗଦେଇଥିବା ଚାଷୀମାନେ।

**ବୋଲଗଡ଼,୨୧୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଶ୍ରୀଚନ୍ଦନପୁର ସେବା ସମବାୟ ସମିତି ଅନ୍ତର୍ଗତ ଚାଷୀମାନଙ୍କ ନୂଆବର୍ଷରେ ପ୍ରଥମ ବୈଠକ ହାଟବସ୍ତ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରକାଶ ରାଉତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ୨ଶହ ଚାଷୀ ଯୋଗଦେଇଥିଲେ। ଶ୍ରୀଚନ୍ଦନପୁର, ଖଲ୍ଲିକୋଟ, ଶ୍ରୀଚନ୍ଦନପୁର ପାଟଣା, ଚିତ୍ରକୋଟ, କନ୍ତାଇଲୋ, ମାଣିକପୁର, ଦୁର୍ଗାପୁର, ହରେକୃଷ୍ଣପୁର ଆଦି ମୌଜାର ଚାଷୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଚାଷୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଧାନମଣ୍ଡି ଖୋଲିବା, କୃଷି ବିଭାଗ ଦ୍ୱାରା ଯୋଗାଇ ଦିଆଯାଉଥିବା ସରକାରୀ ଯୋଜନାକୁ ଚାଷୀଙ୍କ ନିକଟରେ ପହଞ୍ଚାଇବା, ସାର ବିହନ ଓ କୀଟନାଶକ ସୁଲଭ ଦରରେ ଯୋଗାଇଦେବା ନେଇ ଦାବି କରାଯାଇଥିଲା। ବିଶେଷକରି ଜମିକୁ ଜଳସେଚନ ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଥିଲା। ଏ ସମ୍ପର୍କରେ ନିର୍ଦ୍ଦେଶକ ରାଉତରାୟ ଜିଲାସ୍ତରରେ ଦାବି ଉପସ୍ଥାପନା କରି ହାସଲ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଭଗବାନ ମହାରଣା ଓ ଶତ୍ରୁଘ୍ନ ଜେନା ବୈଠକ ପରିଚାଳନା କରିଥଲେ। ବରିଷ୍ଠ ଚାଷୀ ଗଦାଧର ଜେନା ଧନ୍ୟବାଦ ଦେଇଥିଲେ।

# ନୂତନ ସିଭିଲ କୋର୍ଟ କମ୍ପ୍ଲେକ୍ସ ଶିଳାନ୍ୟାସ



**ଗମ୍ଭାରୀମୁଣ୍ଡା,୨୧୧(ଦିଲୀପ ସ୍ୱାଇଁ)**

ବାଣପୁରଠାରେ ନୂତନ ସିଭିଲ କୋର୍ଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ମଙ୍ଗଳବାର ଶିଳାନ୍ୟାସ ତଥା ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ.ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଏବଂ ଅନ୍ୟତମ ବିଚାରପତି ଦେବବ୍ରତ ଦାଶ ସ୍ୱତନ୍ତ୍ର ଅତିଥିଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ବାଣପୁର ବିଚାର ବିଭଗୀୟ ଅଦାଲତର ବରିଷ୍ଠ ଦେଓ୍ୱାନୀ ବିଚାରପତି ମନୋରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲା ଜଜ୍ ନିଶିଥ ନିଶାଙ୍କ, ବାଣପୁର ଜେଏମ୍‌ଏଫସି ସ୍ୱାତକୀ ଦାସ, ଚିଲିକା ଜେଏମଏଫସି ବିକାଶ ଗୋଏଲ, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ବାଣପୁର ବିଡିଓ ଶୀତଲ ଅଗ୍ରୱାଲ, ତହସିଲଦାର ଟି.ପଦ୍ମନାଭ ଦୋରାଙ୍କ ସମେତ ବିଭିନ୍ନ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ। ବାଣପୁର ଓକିଲ ସଂଘ ପକ୍ଷରୁ ଅତିଥିଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ହାତୀ ଉପଦ୍ରବ, ଫସଲ ନଷ୍ଟ

**ନିରାକାରପୁର,୨୧୧(ମାନସ ଚନ୍ଦ୍ର ପଟ୍ଟନାୟକ)**



ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଗାଁ ମୁହାଁ ହେଉଛନ୍ତି। ଲୋକଙ୍କ ବାରିରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ସୋମବାର ରାତିରେ ଏହି ବନାଞ୍ଚଳର ଭୂଷଣ୍ଡପୁର ଫରେଷ୍ଟର ଅନ୍ତର୍ଗତ ନୂଆଗଡ ପଞ୍ଚାୟତର ମୋରମୋରସିଂ ଗ୍ରାମରେ ହାତୀପଲ ପଶି ଫସଲ ନଷ୍ଟ କରିଛନ୍ତି। ଦୁଷ୍ମନ୍ତ ପାଟଶାଣୀ ଓ ସର୍ବେଶ୍ୱର ମହାପାତ୍ରଙ୍କ ବାରିରେ ଥିବା ନଡ଼ିଆ ଗଛ ନଷ୍ଟ କରିଛନ୍ତି। ସେହିପରି ଭାସ୍କର ସାମନ୍ତରାୟଙ୍କ ବାରିରେ ପଶି ଫସଲ ଖାଇବା ସହ ନଷ୍ଟ କରିଛନ୍ତି। ହାତୀ ଘଉଡ଼ାଇବା ପାଇଁ ବନବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଯୁବ ପ୍ରତିଭାଧାରୀଙ୍କୁ ବିକଶିତ କରିଛି ନୂଆ -ଓ

**ବେଗୁନିଆ,୨୧୧(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମା ସ୍ଥିତ ମିନି ଷ୍ଟାଡିୟମରେ ମଙ୍ଗଳବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ସମାରୋହ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଅଧିକାରୀ ଲକ୍ଷ୍ମୀଧର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ବେଗୁନିଆ ସରପଞ୍ଚ ସତ୍ୟନାରାୟଣ ପ୍ରଧାନ, ବ୍ଲକ ଆକାଉଣ୍ଟସ ଅଫିସର ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ପ୍ରାୟୋଜିତ ନୂଆ-ଓ କାର୍ଯ୍ୟକ୍ରମ ଯୁବବର୍ଗଙ୍କ ପ୍ରତିଭାକୁ ବିକଶିତ କରିଛି ବୋଲି ଅତିଥି ସୁବୁଦ୍ଧି ମତବ୍ୟକ୍ତ କରିଥିଲେ। ୧୩ରୁ ୩୫ ବର୍ଷ ବୟସର ଛାତ୍ରୀଛାତ୍ର ଓ ଯୁବବର୍ଗଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ବାଳିକା ବର୍ଗର ୨ଟି ଦଳ ଓ ବାଳକ ବର୍ଗର ୬ଟି ଦଳ କବାଡି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୭ଟି ଦଳକୁ ନେଇ କ୍ରିକେଟ ମ୍ୟାଚ ହୋଇଥିଲା। ୪ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ମାନପତ୍ର ବଣ୍ଟନ ସହିତ ଜିଲାସ୍ତରକୁ ଚୟନ କରାଯିବ। କ୍ରୀଡ଼ା ଶିକ୍ଷକ ଏବଂ ଜିଆରଏସମାନେ ପ୍ରତିଯୋଗିତା ପରିଚାଳନା କରିଥିଲେ। ଦାୟିତ୍ୱରେ ଥିବା ଜିପିଇଓ ନୀଳକଣ୍ଠ ମାନସିଂହଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।



ପ୍ରତିଯୋଗୀଙ୍କ ସହ ଅତିଥି ହାତ ମିଳାଉଛନ୍ତି।

# ଟେମ୍ପୁଲ ସିଟି ୱାରିୟର୍ସ ଚାମ୍ପିୟନ



ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

**ଟାଙ୍ଗୀ,୨୧୧(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁଞ୍ଜୁରୀ ପଞ୍ଚାୟତର ଆଡିଆପଡ଼ାଠାରେ ମା' ବନଦୁର୍ଗା ଡାଇନାମିକ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟରେ ଟେମ୍ପୁଲ ସିଟି ୱାରିୟର୍ସ ଚାମ୍ପିୟନ ହୋଇଛି। ମଙ୍ଗଳବାର ଫାଇନାଲ ମ୍ୟାଚ୍ ଟେମ୍ପୁଲ ସିଟି ୱାରିୟର୍ସ ଓ ରୋଶନ ଚ୍ୟାଲେଞ୍ଜର୍ସ ମଧ୍ୟରେ ହୋଇଥିଲା। ଟସ୍ ଜିତି ଟେମ୍ପୁଲ ସିଟି ଟିମ୍ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ବିନିମୟରେ ୧୬୦ ରନ୍ ସଂଗ୍ରହ କରିଥିଲା। ଜବାବରେ ରୋଶନ ଚ୍ୟାଲେଞ୍ଜର୍ସ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ହରାଇ ୧୪୨ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଟେମ୍ପୁଲ ସିଟି ୱାରିୟର୍ସ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଆଲୋକ ସାମନ୍ତସିଂହାର ଓ ସୁମନ୍ତ ବିଶ୍ୱାଳ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରାଯାଇଛି। ଶୁଭମ୍ ସାମନ୍ତସିଂହାର ମ୍ୟାନ୍ ଅଫ୍ ଦି ମ୍ୟାଚ, ଟିନା ଅରିସଲ ମ୍ୟାନ୍ ଅଫ୍ ଦି ସିରିଜ ଏବଂ ଟୁର୍ନାମେଣ୍ଟରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ରାଜା ମହାପାତ୍ର ଓ ମହେନ୍ଦ୍ର ଅରିସଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜକ କ୍ଲବର ସଭାପତି ପ୍ରକାଶ ରାଉତ, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳଙ୍କ ସମେତ ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ମା'ମଙ୍ଗଳା କ୍ଲବ ବାଙ୍କୀ ସେମିରେ

**ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟ**

**ବେଗୁନିଆ,୨୧୧(ହରପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମ ଖେଳପଡ଼ିଆରେ ଚାଲିଥିବା ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟରେ ବାଙ୍କୀର ମା' ମଙ୍ଗଳା କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଜଟଣୀର କୁସୁମାଟି ଏଫ୍‌ସି କ୍ଲବ ଏବଂ ବାଙ୍କୀର ମା' ମଙ୍ଗଳା କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ମା'ମଙ୍ଗଳା କ୍ଲବର ଖେଳାଳିମାନେ ଦୁଇଟି ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ସୁଦ୍ଧା କୁସୁମାଟି ଏଫ୍‌ସି କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଶିକ୍ଷାବିତ୍ ଯୋଗିନାଥ ସାହୁ, ଭାଗୀରଥି ମାଝି, ନୀଳମଣି ମାଝି, ପୂର୍ବତନ ସର୍ବଭାରତୀୟ ଫୁଟ୍‌ବଲ ଖେଳାଳି ଦୟାନ୍ ଖାଁ, ଗ୍ରାମ୍ୟ କମିଟି ସଭାପତି ଜମ୍ବେଶ୍ୱର ରାଉତରାୟ, ସମ୍ପାଦକ ଅଜୟ କୁମାର ମାର୍ଥା ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

**ସଂକ୍ଷେପରେ**

## ମୋବାଇଲ ଚୋରି ଅଭିଯୋଗରେ ନାବାଳକ ଧରାପଡ଼ିଲେ

ବାରଙ୍ଗ,୨।୧(ଲିଙ୍ଗରାଜ ରାଉତ)

ନୂଆବର୍ଷରେ ନନ୍ଦନକାନନରେ ପ୍ରବଳ ଗହଳିର ସୁଯୋଗ ନେଇ ପକେଟମାର କରୁଥିବା ଜଣେ ନାବାଳକଙ୍କୁ ବାରଙ୍ଗ ଥାନା ପୋଲିସ ମଙ୍ଗଳବାର କାବୁ କରିଛି। ଏନେଇ ପୋଲିସ ୧/୨୪ରେ ଏକ ମାମଲା ରୁଜୁ କରି ନାବାଳକଙ୍କୁ ଖୋର୍ଦ୍ଧାଙ୍କ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜିର କରିଛି। ଛାନ୍‌ଭିନ ସମୟରେ ପୋଲିସ ନାବାଳକଙ୍କ ନିକଟରୁ ଏକ ଚୋରା ମୋବାଇଲ ଫୋନ ଜବତ କରିଛି। ନନ୍ଦନକାନନଠାରେ ପ୍ରବଳ ଗହଳିରେ ପର୍ଯ୍ୟଟକଙ୍କ ନିକଟରୁ ମୋବାଇଲ ଚୋରି କରୁଥିବା ସମୟରେ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ କାବୁ କରିଥିବାବେଳେ ଅନ୍ୟ କିଛି ବ୍ୟକ୍ତି ଘଟଣାସ୍ଥଳରୁ ଖସିଯିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ସମୟରେ ସେ ଏହି ମୋବାଇଲ ଫୋନ ଚୋରି କରିଥିବା ସ୍ୱୀକାର କରିଛନ୍ତି।

## କୂଅରେ ଖସିପଡ଼ି ନାବାଳକଙ୍କ ମୃତ୍ୟୁ

ଟାଙ୍ଗୀ,୨।୧(ରଘୁନାଥ ସାହୁ)

କୂଅରେ ଖସିପଡ଼ିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ରତନପୁର ଗ୍ରାମର ଅଜୟ ବେହେରାଙ୍କ ପୁଅ ଆକାଶ(୧୦)। ସୋମବାର ସନ୍ଧ୍ୟାରେ ଆକାଶ ଖେଳୁଥିବା ସମୟରେ ଅସାବଧାନତାବଶତଃ କୂଅରେ ଖସିପଡ଼ିଥିଲେ। ତେବେ ସେ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଘର ନିକଟ ଏକ କୂଅରେ ଚପଲ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ କୂଅରେ ପଶି ଆକାଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ବ୍ରାଉନ୍‌ସୁଗାର ଜବତ, ୨ ବେପାରୀ ଗିରଫ

ଯାଁଳା,୨।୧(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ପୋଲିସର ଏକ ସ୍ୱେଶାଲ ଟିମ୍ ମଙ୍ଗଳବାର ପିତାପଲ୍ଲୀ ଅଣ୍ଡରପାସ୍ ନିକଟରେ ଚଢ଼ାଉ କରି ଦୁଇ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ଶ୍ରୀନିବାସ ବେହେରା ଓରଫ ପିନୁ ଏବଂ ସୁଧାଂଶୁ ଶେଖର ସାହୁ ଓରଫ ଅନିଲ। ଏମାନଙ୍କ ନିକଟରୁ ୧୭.୬୧ ଗ୍ରାମ୍ ବ୍ରାଉନ୍‌ସୁଗାର, ଦୁଇଟି ମୋବାଇଲ ଫୋନ୍ ଓ ବୁଲେଟ୍ ଜବତ ହୋଇଛି। ସ୍ଥାନୀୟ ଜନସାଧାରଣଙ୍କୁ ଏହି ବ୍ରାଉନ୍‌ସୁଗାର ବିକ୍ରି କରିବା ପାଇଁ ଆଣିଥିଲେ ବୋଲି ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଥିବା ପୋଲିସ କହିଛି।

# ରାଜସ୍ୱ ଲକ୍ଷ୍ୟଠୁ ଦୂରରେ ବିଏମ୍‌ସି

ଭୁବନେଶ୍ୱର, ୨।୧(ବନ୍ଦନା ସେଠୀ)



ରାଜସ୍ୱ ଆଦାୟ ସମ୍ପର୍କିତ ବୈଠକରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ଏବଂ ଅନ୍ୟ ଅଧିକାରୀ।

- ଧାର୍ଯ୍ୟ ଲକ୍ଷ୍ୟ ୧୧୫ କୋଟି, ଆଦାୟ ୨୬%
- ଘରମାଲିକଙ୍କୁ ୧୫ ସୁଦ୍ଧା ଡିମାଣ୍ଡ ନୋଟିସ
- ବିଭିନ୍ନ ସଂସ୍ଥା ଉପରେ ବକେୟା ପଡ଼ିରହିଛି
- ଖିଲାପକାରୀ ସଂସ୍ଥା ନାଁରେ ହେବ ଓପିଡିଆର୍ କେସ୍

ରାଜସ୍ୱ ଆଦାୟକୁ ନେଇ ତନାଘନା ଆରମ୍ଭ କରିଛି ବିଏମ୍‌ସି। ଚଳିତ ଆର୍ଥିକ ବର୍ଷ ରାଜସ୍ୱ ଆଦାୟ ଲକ୍ଷ୍ୟ ୧୧୫ କୋଟି ରହିଥିବାବେଳେ ଡିମାଣ୍ଡ ପ୍ରାୟ ୮୪ କୋଟି ରହିଛି। ସେଥିମଧ୍ୟରୁ ଧାର୍ଯ୍ୟ ଲକ୍ଷ୍ୟର ମାତ୍ର ୨୬ ପ୍ରତିଶତ ଆଦାୟ ହୋଇଥିବାବେଳେ ଏହା ଡିମାଣ୍ଡର ୩୫ ପ୍ରତିଶତ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ହାତରେ ମାତ୍ର ଆଉ ୩ ମାସ ସମୟ ଥିବାବେଳେ ମାର୍ଚ୍ଚ ସୁଦ୍ଧା କେମିତି ଧାର୍ଯ୍ୟଲକ୍ଷ୍ୟ ପୂରଣ ହେବ ସେ ନେଇ ମଙ୍ଗଳବାର ବିଏମ୍‌ସି ମୁଖ୍ୟାଳୟରେ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଯେଉଁ ଗୃହ ମାଲିକ ନିଜ ଘରକୁ ବାସଗୃହଭାବେ ପଞ୍ଜୀକରଣ କରାଇ ବ୍ୟବସାୟିକ ଭାବେ ବ୍ୟବହାର କରୁଥିବେ ଏବଂ ଟ୍ରେଡ୍ ଲାଇସେନ୍ସ ଆଦି କରି ନ ଥିବେ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ଚେତବନୀ ଦେଇଥିଲେ। ସେହିପରି ରାଜସ୍ୱ ବା ହୋଲ୍‌ଡିଂ ଟିକସ ଦେବାରୁ ନିବୃତ୍ତ ରହୁଥିଲେ କାର୍ଯ୍ୟାନୁଷ୍ଠାନ ହେବ। ଏଥିପାଇଁ ଟାଟା ପାୱାରଠାରୁ ତା'ର ଗ୍ରାହକ ତାଲିକା ମଗାଯାଇଛି। ଏହି ତାଲିକାରୁ ଖିଲାପକାରୀଙ୍କୁ ଚିହ୍ନି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଯେଉଁମାନଙ୍କ ଉପରେ ଅଧିକ ରାଜସ୍ୱ ରହିଛି ଆସନ୍ତା ୧୫ ତାରିଖ ପୂର୍ବରୁ ସେମାନଙ୍କୁ ଡିମାଣ୍ଡ ନୋଟିସ ଦେବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ବଜାର ଅଞ୍ଚଳଗୁଡ଼ିକରେ ପ୍ରାଥମିକତା ଭିତ୍ତିରେ ମିସ୍ ସରକାରମାନେ ଟ୍ରେଡ୍ ଲାଇସେନ୍ସ ଏବଂ ରାଜସ୍ୱ ଆଦାୟ କରିବେ। ଅପରପକ୍ଷେ ବହୁ ବଡ଼ବଡ଼ିଆ ତଥା ସରକାରୀ ଓ ବେସରକାରୀ ସଂସ୍ଥା ମଧ୍ୟ ଠିକ୍‌ଭାବେ ଟିକସ ଦେଉନାହାନ୍ତି। ଫଳରେ ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟଠାରୁ ବିଏମ୍‌ସି ବହୁ ଦୂରରେ ରହିଛି। ଇଡ୍‌କୋ, ଉତ୍କଳ ୟୁନିଭର୍ସିଟି, ଭୁବନେଶ୍ୱର ବିମାନ ବନ୍ଦର, ଟିପିସିଓଡିଏଲ୍ ଭଳି ବିଭିନ୍ନ ସଂସ୍ଥା ଉପରେ କୋଟି କୋଟି ଟଙ୍କାର ରାଜସ୍ୱ ବାକି ପଡ଼ିଛି। ସେହିପରି ଡିଏନ୍ ରେଗାଲିଆ ମଲ୍ ଉପରେ ୧କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ପଡ଼ିଛି। ଉକ୍ତ ସଂସ୍ଥା ସମ୍ପୃକ୍ତ ସ୍ଥାନରେ ମଲ୍ କରିବା ପାଇଁ ଇଡ୍‌କୋଠାରୁ ଜମି ନେବାପରେ ବିଏମ୍‌ସିକୁ କାହିଁକି ହୋଲ୍ଡିଂ ଟିକସ ଦେବ ବୋଲି କହିବା ସହ ହାଇକୋର୍ଟରେ ଏନେଇ କେସ୍ କରିଛି। ଏହା ଉପରେ ହାଇକୋର୍ଟ ଷ୍ଟେ' ଅର୍ଡର ଜାରି କରିଥିବାରୁ ବିଏମ୍‌ସି ଟିକସ ଆଦାୟ କରିପାରୁନାହିଁ। ତେବେ ବକେୟା ପକାଇଥିବା ସଂସ୍ଥାକୁ ନୋଟିସ ଦିଆଯିବା ସହିତ ଆବଶ୍ୟକ ହେଲେ ଓଡିଶା ପବ୍ଲିକ ଡିମାଣ୍ଡ ରିକଭରି ଆକ୍ଟ (ଓପିଡିଆର୍)ଅନୁଯାୟୀ ମାମଲା ରୁଜୁ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏମାନଙ୍କୁ ଯଥାଶୀଘ୍ର ଚିହ୍ନଟ କରି ୱାର୍ଡ ଅଫିସରମାନେ ଆସନ୍ତା ଶନିବାର ପୂର୍ବରୁ ଜୋନ୍ ଅଧିକାରୀଙ୍କୁ ଜଣାଇବାକୁ ନିର୍ଦ୍ଦେଶ ରହିଛି। ଅନ୍‌ଲାଇନ୍ ଆଦାୟକୁ ଗୁରୁତ୍ୱ ଦେବା, ୩ଟି ଜୋନ୍‌ରେ ସ୍ୱତନ୍ତ୍ର ରାଜସ୍ୱ ରଥ (ପ୍ରଚାର ଗାଡ଼ି) ବୁଲିବା ସହିତ ପ୍ରତି ୱାର୍ଡର ସଫେଇ ଗାଡ଼ିରେ ଏ ସମ୍ପର୍କିତ ବାର୍ତ୍ତା ପ୍ରଚାର କରାଯିବ। ସେହିପରି ସମସ୍ତ ୱାର୍ଡ ଅଫିସର କ୍ୟୁଆର୍ କୋଡ୍‌ର ଉପଯୋଗ କରି 'ଭୁବନେଶ୍ୱର ଡଟ୍ ମି' ମାଧ୍ୟମରେ ରାଜସ୍ୱ ଆଦାୟ କରିବାକୁ କମିଶନର ତାଗିଦା କରିଥିଲେ।

ତେବେ ୬୭ଟି ୱାର୍ଡ ପାଇଁ ଏବେ ମାତ୍ର ୪୩ଜଣ ୱାର୍ଡ ଅଫିସର ଥିବାବେଳେ ବିଭିନ୍ନ କାମରେ ନିୟୋଜିତ ହେଉଥିବାରୁ ସେମାନେ ଠିକ୍ ଭାବେ ରାଜସ୍ୱ ଆଦାୟ କରିପାରୁନାହାନ୍ତି। ପୁଣି ଏବେ ଭୁବନେଶ୍ୱରର ୩ଟି ଜୋନ୍‌ରେ ଥିବା ଜୋନାଲ୍ ଡେପୁଟି କମିଶନରମାନେ ନୂଆ ହୋଇଥିବାରୁ ଜୋନ୍ ସହିତ ସେମାନେ ଜଡ଼ିତ ହୋଇପାରିନାହାନ୍ତି। ଫଳରେ ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ଦିଗରେ ଆଗେଇ ପାରୁ ନ ଥିବା ମତ ପ୍ରକାଶ ପାଇଛି। ବୈଠକରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ଏବଂ ଡେପୁଟି କମିଶନର ରାଜସ୍ୱ ପ୍ରିୟବ୍ରତ ପାଢ଼ୀ, ସମସ୍ତ ୱାର୍ଡ ଅଫିସର ଏବଂ କମ୍ୟୁନିଟି ଅର୍ଗାନାଇଜର ପ୍ରମୁଖ ଯୋଗଦେଇଥିଲେ।

# ଝାରପଡ଼ାରେ ବିସ୍ଫୋରଣ

ଭୁବନେଶ୍ୱର,୨।୧(ସତ୍ୟଜିତ୍ ରାଉତ)

- ଡିଷ୍ଟ୍ରିବ୍ୟୁଶନ୍ ପଏଣ୍ଟ ଘର ଭାଙ୍ଗିଲା, ମାଲିକ ଆହତ
- ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ

ଭୁବନେଶ୍ୱର ଝାରପଡ଼ା ଦୁର୍ଗାମଣ୍ଡପ ନିକଟ ଷ୍ଟେଜ୍-୩ରେ ସୋମବାର ବିଳମ୍ବିତ ରାତିରେ ଏକ ବିସ୍ଫୋରଣ ଘଟିଛି। ସମ୍ପୃକ୍ତ ସ୍ଥାନରେ ଥିବା 'ମୋଦିକେୟାର' ଡିଷ୍ଟ୍ରିବ୍ୟୁଶନ୍ ପଏଣ୍ଟ (ଡିପି) ଘର ଭାଙ୍ଗିଯାଇଥିବାବେଳେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ବିସ୍ଫୋରଣରେ ମାଲିକ କବିରାଜ ସ୍ୱାଇଁ (୪୭) ଆହତ ହୋଇଛନ୍ତି। ଉକ୍ତ ଡିପିରେ ନଗଦ ଦେଢ଼ଲକ୍ଷ ଟଙ୍କା ସମେତ ୩୧ଲକ୍ଷ ଟଙ୍କାର ସାମଗ୍ରୀ ଜଳିଯାଇଛି। ଡିଷ୍ଟ୍ରିବ୍ୟୁଶନ୍ ପଏଣ୍ଟ ଉପରେ କେହି ଦୁର୍ବୃତ୍ତ ବୋମାମାଡ଼ କରିବାରୁ ଏହି ଘଟଣା ଘଟିଲା ବୋଲି କବିରାଜ ଅଭିଯୋଗ କରିଛନ୍ତି। ଏନେଇ ସେ ମଙ୍ଗଳବାର ଲକ୍ଷ୍ମୀସାଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। କବିରାଜ ବୋମାମାଡ଼ କହୁଥିବାବେଳେ ପୋଲିସ କିନ୍ତୁ ତାଙ୍କ କଥାକୁ ବିଶ୍ୱାସ କରିନାହିଁ। ଶର୍ଟସର୍କିଟ୍ ଯୋଗୁ ଏହି ଘଟଣା ଘଟିଥିବା ପୋଲିସ ସନ୍ଦେହ କରୁଛି। ଏହି ଘଟଣା ପଛରେ ଥିବା ରହସ୍ୟ ଜାଣିବାକୁ ପୋଲିସ ଉଦ୍ୟମ ଜାରି ରଖିଛି।

ସୂଚନା ଅନୁଯାୟୀ, କବିରାଜଙ୍କ ଘର ବାଙ୍କୀ ଅଞ୍ଚଳରେ ହୋଇଥିବାବେଳେ ସେ ଝାରପଡ଼ାରେ ଘର ଭଡ଼ାରେ ନେଇ 'ମୋଦିକେୟାର' ଡିଷ୍ଟ୍ରିବ୍ୟୁଶନ୍ ପଏଣ୍ଟ' ଖୋଲି ବ୍ୟବସାୟ କରୁଥିଲେ। କବିରାଜଙ୍କ ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୧୧ଟା ୪୫ ବେଳେ ସେ ଡିପି ବନ୍ଦ କରୁଥିବାବେଳେ ଏକ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ସେ ଦୌଡ଼ି ବାହାରକୁ ଆସିବା ସମୟରେ ଉକ୍ତ ଘରର ଗ୍ରିଲ୍ ଭାଙ୍ଗି ତାଙ୍କ ଉପରେ ପଡ଼ିଯାଇଥିଲା। ଏହାପରେ ଉକ୍ତ ଘରର କାନ୍ଥ ଭାଙ୍ଗିଯାଇଥିଲା। ପରେ ଡିପିରେ ଅଗ୍ନିକାଣ୍ଡ ଘଟିଥିଲା। ଏପଟେ ଶବ୍ଦ ଶୁଣି ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ରୁଣ୍ଡ ହୋଇଯାଇଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ।


ବିସ୍ଫୋରଣରେ କ୍ଷତିଗ୍ରସ୍ତ ହୋଇଥିବା ଘର।

## କ୍ଲବ୍‌ରେ ପଶି କେୟାରଟେକରଙ୍କୁ ହାଣିଲେ



ସିସିଟିଭି ଫୁଟେଜ୍‌ରେ ଆକ୍ରମଣ ବେଳର ଦୃଶ୍ୟ।

ଭୁବନେଶ୍ୱର,୨।୧(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଶୈଳଶ୍ରୀ ବିହାରସ୍ଥିତ କଳିଙ୍ଗ ୟୁଥ୍ କ୍ଲବ୍‌ରେ କେତେଜଣ ଦୁର୍ବୃତ୍ତ ପଶି କେୟାରଟେକରଙ୍କୁ ଖଣ୍ଡାରେ ହାଣିଛନ୍ତି। ସୋମବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବାବେଳେ ଆକ୍ରମଣରେ କେୟାରଟେକର ସଂଗ୍ରାମ୍ ସିଂ ଗୁରୁତର ହୋଇଛନ୍ତି। ସଂଗ୍ରାମ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଏନେଇ ସଂଗ୍ରାମଙ୍କ ମା'ଙ୍କ ଏତଲାକ୍ରମେ ପୋଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଘଟଣାର ସିସିଟିଭି ଫୁଟେଜ୍ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି। ୫ରୁ ଉର୍ଦ୍ଧ୍ୱ ଯୁବକ ସଂଗ୍ରାମଙ୍କୁ ନିର୍ଘୁକ ଭାବେ ଆକ୍ରମଣ କରୁଥିବା ଦେଖିବାକୁ ମିଳୁଛି।

ସୂଚନା ଅନୁଯାୟୀ, ୨୦୨୨ରେ ରଜ ଉତ୍ସବ ଚାଲିଥିବାବେଳେ ସମ୍ପୃକ୍ତ ଯୁବକମାନେ ଗଣ୍ଡଗୋଳ କରିଥିଲେ। ସେହି ସମୟରେ ସଂଗ୍ରାମଙ୍କ ସମେତ କ୍ଲବ୍‌ର ଅନ୍ୟ ସଦସ୍ୟମାନେ ବିରୋଧ କରି ପୋଲିସକୁ ଖବର ଦେଇଥିଲେ। ପରେ ସେମାନଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। ତେବେ ଏହି ଶତ୍ରୁତାକୁ ନେଇ ସମ୍ପୃକ୍ତ ଯୁବକମାନେ ଆକ୍ରମଣ କରିଥିବା କୁହାଯାଉଛି। ସୋମବାର ରାତିରେ କ୍ଲବ୍‌ରେ ଭୋଜି ହୋଇଥିଲା। ପ୍ରାୟ ୧ଟା ୪୫ରେ ସଂଗ୍ରାମ ଚେୟାରରେ ବସିଥିବାବେଳେ ଯୁବକମାନେ ଖଣ୍ଡା ବୁଲାଇ ଭୟ ଦେଖାଇଥିଲେ। ଏହାପରେ ସେମାନେ ବିୟର୍ ବୋତଲ ଭାଙ୍ଗି ଆତଙ୍କ ଖେଳାଇଥିଲେ। ପରେ ସେମାନେ ସଂଘବଦ୍ଧ ଭାବେ ସଂଗ୍ରାମଙ୍କୁ ଆକ୍ରମଣ କରିଥିଲେ। ଏହି ମାମଲାରେ ପୋଲିସ ଅଭିଯୁକ୍ତ ଯୁବକମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ବାଇକ୍ ରାଲିରେ ଟ୍ରାଫିକ୍ ପୋଲିସର ସଚେତନତା

ଭୁବନେଶ୍ୱର,୨।୧(ସତ୍ୟଜିତ୍ ରାଉତ)

**ସଡ଼କ ସୁରକ୍ଷା ସପ୍ତାହ**

ସଡ଼କ ସୁରକ୍ଷା ସପ୍ତାହ ଅବସରରେ ମଙ୍ଗଳବାର ଭୁବନେଶ୍ୱର ସହରାଞ୍ଚଳ ଟ୍ରାଫିକ୍ ପୋଲିସ ପକ୍ଷରୁ ଏକ ଜନସଚେତନତାଧର୍ମୀ ମହିଳା ମୋଟରସାଇକେଲ ରାଲି ଆୟୋଜିତ ହୋଇଯାଇଛି। ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସବୁଜ ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ପୋଲିସ କମିଶନର ବ୍ରିଜେଶ୍ ରାୟ, ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ, ଟ୍ରାଫିକ୍ ଡିସିପି ପ୍ରଦୀପ କୁମାର ରାଉତ, ଟ୍ରାଫିକ୍ ଏସିପି ଜୟନ୍ତ କୁମାର ଦୋରାଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଯୋଗଦେଇ ବିଭିନ୍ନ ପ୍ରକାର ଟ୍ରାଫିକ ସମସ୍ୟା, ନିରାକରଣ ଏବଂ ସଡ଼କ ସୁରକ୍ଷା ସମ୍ପର୍କରେ ମତ ରଖିଥିଲେ। ଏହି ରାଲିରେ ମହିଳା ବାଇକର ଅମିତା ସିଂହ ଓ ତାଙ୍କ ହେଡ୍ ଆଣ୍ଡ ଟେଲ୍‌ସ ଗ୍ରୁପ୍ ବାଇକିଂ କ୍ଲବ୍‌ର ସଦସ୍ୟାଙ୍କ ସହିତ ଭୁବନେଶ୍ୱରର ସମସ୍ତ ମହିଳା ପୋଲିସ ଅଧିକାରୀ ଏବଂ ଟ୍ରାଫିକ ଥାନାର ମହିଳା କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ରାଲି ପୋଲିସ କମିଶନରଙ୍କ କାର୍ଯ୍ୟାଳୟଠାରୁ ବାହାରି ଜୟଦେବ ବିହାର ଛକରେ ପହଞ୍ଚିଥିଲା। ପରେ ସେଠାରୁ କିଟ୍ ଛକରୁ ବୁଲି ନାଲ୍‌କୋ ଛକ ଦେଇ ଆଚାର୍ଯ୍ୟବିହାର, ବାଣୀବିହାର, ମାଷ୍ଟରକ୍ୟାଣ୍ଟିନ ଛକ, ପିଏମ୍‌ଜି ଛକ ଏବଂ ୧୨୦ ବାଟାଲିଅନ ଛକ ହୋଇ ପୁଣି କମିଶନରଙ୍କ କାର୍ଯ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ସମୟରେ ଲୋକଙ୍କୁ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଯାଇଥିଲା। ସଡ଼କ ସୁରକ୍ଷା ସପ୍ତାହ ଅବସରରେ ଆଗକୁ ବିଭିନ୍ନ କାର୍ଯ୍ୟକ୍ରମ କରାଯିବାର ଯୋଜନା ରହିଛି।



ଭୁବନେଶ୍ୱର ସହରାଞ୍ଚଳ ଟ୍ରାଫିକ୍ ପୋଲିସ ପକ୍ଷରୁ ମଙ୍ଗଳବାର ପୋଲିସ କମିଶନରଙ୍କ କାର୍ଯ୍ୟାଳୟଠାରୁ ବାହାରିଥିବା ସଚେତନତା ବାଇକ ରାଲିରେ ମହିଳା ଟ୍ରାଫିକ୍ କର୍ମଚାରୀ।

# ଦେଢ଼ ଏକର ଜମିରୁ ଜବରଦଖଲ ଉଚ୍ଛେଦ



ଭୁବନେଶ୍ୱର, ୨।୧(ବନ୍ଦନା ସେଠୀ)

ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିଛି ବିଡିଏ। ମଙ୍ଗଳବାର ଚନ୍ଦ୍ରଶେଖରପୁରସ୍ଥିତ ସରସ୍ୱତୀ ବସ୍ତି ଓ ପୁରୁଣା ଟ୍ରାନ୍‌ଜିଟ୍ ହାଉସ୍‌କୁ ବିଡିଏ ମାଟିରେ ମିଶାଇଛି। ସମ୍ପୃକ୍ତ ବସ୍ତି ଓ ଟ୍ରାନ୍‌ଜିଟ୍ ହାଉସ୍‌ରେ ରାଜୀବ ଆବାସ ଯୋଜନା 'ରେ' ରେ ରହୁଥିବା ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ଉତ୍କଳ ହସ୍ପିଟାଲ ନିକଟରେ ଆଫର୍ଡେବୁଲ୍ ହାଉସିଂ ପ୍ରୋଜେକ୍ଟ ଅନ୍ତର୍ଗତ ଘର ପ୍ରଦାନ କରାଯାଇଛି। ତେଣୁ ବସ୍ତିରେ ରହୁଥିବା ୮୨ଟି ରେ' ଘର ଏବଂ ୨୧ଟି ନନ୍ ରେ' ଘରର ପ୍ରାୟ ୨୫୦ ବଖରା ଆଜବେଷ୍ଟସ୍ ଘର ଭଙ୍ଗାଯାଇଛି। ସେହିପରି ପୁରୁଣା ଟ୍ରାନ୍‌ଜିଟ୍ ହାଉସ୍‌ର ୬ଟି ବ୍ଲକ୍‌ରେ ଥିବା ୨ଶହ ବଖରା ଘର ଉଚ୍ଛେଦ କରାଯାଇଛି। ଏହାଦ୍ୱାରା ପ୍ରାୟ ୧.୫୦୦ ଏକର ସରକାରୀ ଜମି ଜବରଦଖଲମୁକ୍ତ କରାଯାଇଛି। ଡିସେମ୍ବର ୩୦ରେ ମଧ୍ୟ ସରସ୍ୱତୀ ବସ୍ତିରେ ଉଚ୍ଛେଦ କରାଯାଇଥିଲା। ବସ୍ତିରେ ରହୁଥିବା ୧୨୫ ହିତାଧିକାରୀଙ୍କ ଘର ଭଙ୍ଗାଯାଇଥିଲା। ଏଥିରେ ୩୫୦ ଆଜ୍‌ବେଷ୍ଟସ୍ ଘର ଏବଂ ୩ଟି ଦୋକାନ ଉଚ୍ଛେଦ କରାଯାଇ ପ୍ରାୟ ୨ ଏକର ସରକାରୀ ଜମିକୁ ଜବରଦଖଲମୁକ୍ତ କରାଯାଇଥିଲା। ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଦେଢ ପ୍ଲାଟୁନ୍ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ ବେଳେ ବିଡିଏ ଯୁଗ୍ମ କମିଶନର (ଆଡମିନ୍) ବିଶ୍ୱରଞ୍ଜନ ରଥ, ବିଡିଏ ଯୁଗ୍ମ କମିଶନର (ଏନ୍‌ଫୋର୍ସମେଣ୍ଟ) ରଞ୍ଜନ କୁମାର ଜେନା, ବିଏସିଏଲ୍ (ଆଡ୍‌ମିନ୍) ଜିଏମ୍ ପୁରନ୍ଦର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

**ବିଏମ୍‌ସିସ୍ତରୀୟ ବିଦ୍ୟାଳୟ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ**

# ୧୦୬ ସ୍କୁଲକୁ ଜମିପଟ୍ଟା ମିଳିଲା

ଭୁବନେଶ୍ୱର,୨।୧(ଅସମାପିକା ସାହୁ)



ଭୁବନେଶ୍ୱର ମହାନିଗମସ୍ତରୀୟ ବିଦ୍ୟାଳୟ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୬ଟି ବିଦ୍ୟାଳୟକୁ ଜମିପଟ୍ଟା ପ୍ରଦାନ କରାଯାଇଛି। ସେଥିମଧ୍ୟରେ ୫୦ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଏବଂ ୫୬ଟି ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ସ୍କୁଲ ରହିଛି। ଏହିଅବସରରେ କ୍ୟାପିଟାଲ ହାଇସ୍କୁଲରେ ଅନୁଷ୍ଠିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ, ବହୁଦିନର ଦାବିକୁ ବିଚାରକୁ ନେଇ ସରକାର ବିଦ୍ୟାଳୟଗୁଡ଼ିକୁ ପଟ୍ଟା ପ୍ରଦାନ କରିଛନ୍ତି। ଏହାଦ୍ୱାରା ବିଦ୍ୟାଳୟ ଜମିକୁ ନେଇ ଥିବା ବିବାଦ ସମାଧାନ ହୋଇପାରିବା ସହ ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ପଣ୍ଡା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏମ୍‌ସି ମେୟର ସୁଲୋଚନା ଦାସ, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟଗୁଡ଼ିକର ନିଜସ୍ୱ ପଟ୍ଟା ଦ୍ୱାରା ଆବଶ୍ୟକ ସମ୍ପ୍ରସାରଣ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହାସଲ ହୋଇପାରିବ। ତ୍ୱରିତ ସେବା ପ୍ରଦାନରେ ବିଭିନ୍ନ ସଂସ୍ଥାଗୁଡ଼ିକୁ କୌଣସି ସମସ୍ୟା ହେବ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ସେମାନଙ୍କ ବିଦ୍ୟାଳୟ ପଟ୍ଟା ଗ୍ରହଣ କରି ଖୁସିବ୍ୟକ୍ତ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଉପଜିଲାପାଳ ଚିନ୍ମୟ ଆଚାର୍ଯ୍ୟ, ଭୁବନେଶ୍ୱର ତହସିଲଦାର ମାନସ କୁମାର ସ୍ୱାଇଁ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର ଧନ୍ୟବାଦ ଦେଇଥିବାବେଳେ ବ୍ଲକ ଶିକ୍ଷାଧିକାରୀ ପ୍ରଜ୍ଞା ପାରମିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଜାତୀୟକରଣ ପାଠ୍ୟପୁସ୍ତକ ବିତରଣ ଆରମ୍ଭ
### ପ୍ରଥମ ଦିବସରେ ୫ ଜିଲାରେ ବଣ୍ଟାଗଲା

ଭୁବନେଶ୍ୱର, ୨।୧(ଅସମାପିକା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଜାତୀୟକରଣ ପାଠ୍ୟପୁସ୍ତକ ବିତରଣ କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ପାଠ୍ୟଖସଡ଼ା ଅନୁଯାୟୀ ଜାତୀୟକରଣ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର ନିର୍ଦ୍ଦେଶାଳୟଠାରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ରାଜ୍ୟର ସମସ୍ତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱଥୀ.ଏସ୍‌ଙ୍କ ତତ୍ତ୍ୱାବଧାନରେ ଜାତୀୟକରଣ ପାଠ୍ୟପୁସ୍ତକ ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ରାଜ୍ୟର ୫ଟି ଜିଲା ପୁରୀ, କେନ୍ଦୁଝର, କେନ୍ଦ୍ରାପଡ଼ା, ଭଦ୍ରକ ଓ ଯାଜପୁରରେ ପୁସ୍ତକ ବିତରଣ କରାଯାଇଛି। ପ୍ରତ୍ୟେକ ଜିଲାରେ ୨୮ହଜାର ଖଣ୍ଡ ପାଠ୍ୟପୁସ୍ତକ ବିତରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ମୋଟ ୩୧୪ ବ୍ଲକ୍‌ରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ଜାତୀୟକରଣ ପାଠ୍ୟପୁସ୍ତକ ବିତରଣ କରାଯିବ। ଏଥିସହିତ ଚଳିତ ବର୍ଷ ବେସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ଜାତୀୟକରଣ ପାଠ୍ୟପୁସ୍ତକ ମାଗଣାରେ ବିତରଣ କରାଯିବ। ଚଳିତବର୍ଷ ମୋଟ ୨.୫ କୋଟି ପାଠ୍ୟପୁସ୍ତକ, ୫ କୋଟି କାର୍ଯ୍ୟପୁସ୍ତିକା ମାର୍ଚ୍ଚ ଶେଷ ସପ୍ତାହ ସୁଦ୍ଧା ବିତରଣ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା, ରାଜ୍ୟ ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶକ ରଘୁରାମ ଆର୍‌. ଆୟାରଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଦାୟିତ୍ୱ ନେଲେ ନୂଆ ବିଏସ୍‌ଏଫ୍ ଓଡ଼ିଶା ଆଇଜି

ଭୁବନେଶ୍ୱର,୨।୧(ସତ୍ୟଜିତ୍ ରାଉତ):

ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଓଡ଼ିଶା ଆଇଜି ଭାବେ କୈଳାସ ଚନ୍ଦ୍ର ଜାଟ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ବାଙ୍ଗାଲୋରସ୍ଥିତ ବିଏସ୍‌ଏଫ୍ ଓଡ଼ିଶା ମୁଖ୍ୟାଳୟରେ ରବିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଦାୟୀ ଆଇଜି ଧନେଶ୍ୱର କୁମାର ଶର୍ମା ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କୈଳାସ ଏହାପୂର୍ବରୁ ରାଜସ୍ଥାନ ପୋଲିସ ଏକାଡେମୀରେ ଡିଆଇଜି ଭାବେ କାର୍ଯ୍ୟ କରୁଥିଲେ। କୈଳାସଙ୍କ ଯୋଗଦାନ ପରେ ଓଡ଼ିଶାରେ ମାଓବାଦୀ ବିରୋଧୀ ଅଭିଯାନ ଅଧିକ ଜୋରଦାର ହେବ ବୋଲି ଆଶା ରଖାଯାଇଥିବା ବିଏସ୍‌ଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ବିଏସ୍‌ଏଫ୍ ଆଇଜି ଥିବା ଧନେଶ୍ୱର କୁମାର ଶର୍ମା ଡିସେମ୍ବର ୩୧ରେ ଅବସର ଗ୍ରହଣ କରିଛନ୍ତି।

# ଏକତା, ସଂହତି ଭାରତର ପରିଚୟ

ପୁରୀ, ୨।୧(ଅଜିତ୍ ମହାନ୍ତି):



ସମୃଦ୍ଧ, ପ୍ରଗତିଶୀଳ ଭାରତବର୍ଷ ଗଠନ ପାଇଁ ସେବା, ସମନ୍ୱୟ ଓ ସମର୍ପଣ ଦରକାର ଓ ବିକଶିତ ଭାରତ ପରିକଳ୍ପନା ଦିଗରେ ସମସ୍ତଙ୍କ ସହଭାଗିତା ଜରୁରୀ। ବିବିଧତା ଭରା ଭାରତବର୍ଷର ଏକତା, ସଂହତି ହେଉଛି ଏହାର ପରିଚୟ। ଭାରତ ୨୦୪୭ ସ୍ୱାଧୀନତାର ଶତାବ୍ଦୀ ବର୍ଷରେ ପଦାର୍ପଣ କରିବ। ନିଜ ମାଟି, ଗାଁ, ସହର, ପ୍ରଦେଶକୁ ବିକଶିତ କରିବାକୁ ହେବ। ବିଶ୍ୱବନ୍ଦନୀୟ, ତଥା ବିକଶିତ ରାଷ୍ଟ୍ର ନିର୍ମାଣରେ ସମସ୍ତଙ୍କ ଆବଶ୍ୟକତା ରହିଛି ବୋଲି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ହରିହର ହୋତା କହିଛନ୍ତି। ବଡ଼ଶଙ୍ଖସ୍ଥିତ ତ୍ରିମୂର୍ତ୍ତି ହାଇଟ୍‌ସ ହୋଟେଲ ସମ୍ମିଳନୀ କକ୍ଷରେ ଭାରତ ବିକାଶ ପରିଷଦ ପୂର୍ବ ପ୍ରାନ୍ତର ଶ୍ରୀକ୍ଷେତ୍ର ଶାଖା ଏବଂ ଖୋର୍ଦ୍ଧା ବରୁଣେଇ ଶାଖା ଉଦ୍‌ଘାଟିତ ହୋଇଯାଇଛି। ପୂର୍ବପ୍ରାନ୍ତ ରାଜ୍ୟ ସଭାପତି ଶିକ୍ଷାବିତ୍ ସତ୍ୟବାଦୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହୋତା କହିଲେ ଯେ, ସେବା ପାଇଁ ସଂକଳ୍ପ ନେବା ସମୟ ଆସିଛି। ନିଜ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ରର ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପରିଷଦର ପୂର୍ବକ୍ଷେତ୍ର ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଲୋକଙ୍କ ନିକଟରେ ସେବାମୂଳକ କାର୍ଯ୍ୟ ପହଞ୍ଚାଇବା ଲକ୍ଷ୍ୟ ନେଇ ଅଧିକରୁ ଅଧିକ ଶାଖା ଖୋଲାଯିବା ଉଦ୍ଦେଶ୍ୟ ରହିଛି ବୋଲି କହିଥିଲେ। ସଂଗଠନ ସଚିବ ସୌମେନ୍ଦ୍ର ଦାସ କହିଲେ, ଭାରତ ବିକାଶ ପରିଷଦ ସମାଜରେ ସମ୍ପର୍କ, ସହଯୋଗ, ସଂସ୍କାର, ସେବା ଓ ସମର୍ପଣ ଭାବରେ କାର୍ଯ୍ୟ କରୁଛି। ୧୬ଟି ଜିଲାକୁ ନେଇ ଓଡ଼ିଶା ପୂର୍ବପ୍ରାନ୍ତ ଗଠିତ ହୋଇଛି। ଏହା ସମର୍ପିତ ଭାବରେ ରାଷ୍ଟ୍ରର ଜନକଲ୍ୟାଣ ଦିଗରେ ଅନବରତ କାର୍ଯ୍ୟ ଜାରି ରଖିଛି। ଏହି ଅବସରରେ ନୂତନ ଶାଖା କର୍ମକର୍ତ୍ତାଙ୍କୁ ପ୍ରାନ୍ତୀୟ ଅଧ୍ୟକ୍ଷ ଶପଥପାଠ କରାଇଥିଲେ। ଶ୍ରୀକ୍ଷେତ୍ର ଶାଖାର ଅଧ୍ୟକ୍ଷ ଭାବେ କମଳେଶ ପ୍ରଧାନ, ବିଶ୍ୱଶାନ୍ତି ତ୍ରିପାଠୀ ସମ୍ପାଦକ ଏବଂ ସୌରଭ ଦାସ ଅର୍ଥ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେହିପରି ବରୁଣେଇ ଶାଖାର ସଭାପତି ଭାବେ ପ୍ରାଧ୍ୟାପକ ଅଜୟ ମିଶ୍ର, ସଚିବ ଭାବେ ଅଧ୍ୟାପିକା ପ୍ରବୀଣା ପଟ୍ଟନାୟକ ଏବଂ ଅର୍ଥ ସଚିବ ଭାବେ ରୋଜାଲିନ ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ମହିଳା ଓ ବାଲ୍ ସଂସ୍କାର ବିଭାଗ କ୍ଷେତ୍ରୀୟ ସଚିବ ସୁପ୍ରୀତି ରଥ, ପ୍ରଫେସର ପ୍ୟାରିମୋହନ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ସାମାଜିକ କର୍ମୀ ଜୟନ୍ତୀ ମହାପାତ୍ର, ନିମାଇ ଚରଣ ସାହୁ, ସନ୍ତୋଷ ମହାନ୍ତି, ପତିତପାବନ ସାମନ୍ତରାୟ, ତପସ୍ୱିନୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ରାମଚନ୍ଦ୍ର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।



୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ମଙ୍ଗଳବାର ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଭେଟି ଶୁଭେଚ୍ଛା ଜଣାଇବା ଅବସରରେ ।

## ଓଡ଼ିଶା ଜିମ୍ନାଷ୍ଟିକ ଦଳ ଚୟନରେ ଅନିୟମିତତା

ପୁରୀ,୨।୧(ଅଜିତ୍ ମହାନ୍ତି):

ଜାତୀୟ ଜୁନିୟର ଓ ସିନିୟର ଜିମ୍ନାଷ୍ଟିକ ଦଳ ଚୟନରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। କାହାକୁ ନ ଜଣାଇ ଏହି ଚୟନ ପକ୍ରିୟା କରାଯାଇଛି। ଏପରି କି କାହାରି କି ଚିଠି ମଧ୍ୟ କରାଯାଇ ନାହିଁ। ନିୟମ ଅନୁଯାୟୀ ଚୟନ ପ୍ରକ୍ରିୟାରେ ୫ରୁ ୬ଜଣ ବିଚାରକ ରହିବା କଥା। ମାତ୍ର ଜଣେ ବିଚାରକ ରହିଥିଲେ। ସେ ତାଙ୍କ ମନ ଇଚ୍ଛା ଚୟନ କରିଛନ୍ତି। ବାହାର ରାଜ୍ୟର ୧୧ ଜଣ ଖେଳାଳିଙ୍କୁ ଆଣି ଓଡ଼ିଶା ଦଳରେ ଭର୍ତ୍ତି କରାଯାଇଛି। ଫଳରେ ରାଜ୍ୟର ଯୋଗ୍ୟ ଖେଳାଳି ଏଥିରେ ସାମିଲ ହୋଇନାହାନ୍ତି। ପୂର୍ବରୁ ୧୦ରୁ ୧୧ଥର ଜାତୀୟସ୍ତରରେ ପ୍ରତିଭା ପ୍ରଦର୍ଶନ କରି ସାରିଥିବା ଓଡ଼ିଶାର ଖେଳାଳିଙ୍କ ଅଭିଭାବକମାନେ ଏନେଇ ରାଜ୍ୟ ଜିମ୍ନାଷ୍ଟିକ୍ ସଂଘ ନିକଟରେ ଅଭିଯୋଗ ଜଣାଇଛନ୍ତି। ତାଙ୍କର ଅଭିଯୋଗ ମୁତାବକ, ଓଡ଼ିଶାର ଦଳ ଚୟନ ସମୟରେ କାହାକୁ ଅବଗତ କରନଯାଇ ଗୁପ୍ତ ଭାବେ ବିଚାର ପ୍ରକ୍ରିୟା ହୋଇଥିଲା। ବାହାର ରାଜ୍ୟର ଖେଳାଳିଙ୍କୁ ଖେଳାଇ ପଦକ ଆଣିବା ଲକ୍ଷ୍ୟରେ ଏଭଳି ଜାଲିଆତି ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ତେଣୁ ଯୋଗ୍ୟ ବିବେଚିତ ଓଡ଼ିଶା ଖେଳାଳିଙ୍କୁ ଦଳରେ ସାମିଲ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି।

# ସେବା ଦ୍ୱାରା ଶାନ୍ତି, ଆନନ୍ଦ ମିଳେ




ଉତ୍ସର୍ଗ ପରିବାରର ୬ଷ୍ଠତମ ବାର୍ଷିକ ଉତ୍ସବ ପାଳନ ।

### ଉତ୍ସର୍ଗ ପରିବାରର ୬ଷ୍ଠତମ ବାର୍ଷିକ ଉତ୍ସବ

ଗୋପ,୨।୧(ଭାରତୀ ଭୂଷଣ ଉପାଧ୍ୟାୟ):

ସେବା କଲେ କେବଳ ମଣିଷ ଆଗକୁ ଯାଏ ନାହିଁ, ସେବା ଦ୍ୱାରା ମଣିଷକୁ ଶାନ୍ତି ଓ ଆନନ୍ଦ ମିଳିଥାଏ ବୋଲି ସୋମବାର ଗୋପ ସନ୍ନିକଟ ମା' ନାରାୟଣୀ ପୀଠରେ ଅନୁଷ୍ଠିତ ଉତ୍ସର୍ଗ ପରିବାର ସେବା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ୬ଷ୍ଠ ବାର୍ଷିକ ଉତ୍ସବ ଏବଂ ଶିକ୍ଷା ମିଶନ ୭ରେ ମୁଖ୍ୟ ଅତିଥି ଭାବେ ଗୋପ ଅଗ୍ନିଶମ ବିଭାଗ ଅଧିକାରୀ ବସନ୍ତ କୁମାର ପାତ୍ର ଯୋଗଦେଇ କହିଛନ୍ତି। କାର୍ଯ୍ୟକ୍ରମରେ ଉତ୍ସବ ପରିବାର ସଭାପତି ଶିକ୍ଷାବିତ୍ ଲକ୍ଷ୍ମୀଧର ବେହେରା ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋପ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ, ହର୍ଷ ଚନ୍ଦ୍ର ଦାଶ, ସମାଜସେବୀ ରାମକୃଷ୍ଣ ମହାନ୍ତି, ଗୋପ ବନବିଭାଗ ଅଧିକାରୀ ରମେଶ ଚନ୍ଦ୍ର ଜାନି, ବ୍ରଜବନ୍ଧୁ ମହାରଣା, ଶିକ୍ଷାବିତ୍ ସୁକାନ୍ତ କୁମାର ଶତୃଶଲ୍ୟ, କବିବର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ସର୍ଗ ପରିବାର ପ୍ରତିଷ୍ଠାତା ଶିକ୍ଷାବିତ୍ ପ୍ରକାଶ କୁମାର ସେନାପତିଙ୍କ ଦେହାନ୍ତ ପରେ ସଙ୍ଗଠନ ବିଭିନ୍ନ କାର୍ଯ୍ୟ ହାତକୁ ନେଇଥିବା କୁହାଯାଇଥିଲା। ମୁକ୍ତ ଶିକ୍ଷାଦାନ ଲାଗି ରେବତୀ ଦାସଙ୍କୁ ମୁକ୍ତ ଶିକ୍ଷାଦାନ ସମ୍ମାନରେ ସମ୍ମାନିତ କରାଯାଇଥିବାବେଳେ ସୁକାନ୍ତ କୁମାର ପ୍ରଧାନ, ଜଗବନ୍ଧୁ ବାରିକ, ତପୁନା ଭୋଇ, ରମେଶ ଚନ୍ଦ୍ର ସାହୁ, ପାପୁନି ଭୋଇ, ଆଲୋକ କୁମାର ଭୋଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିରଞ୍ଚନ ପ୍ରଧାନ ଓ କ୍ଷେତ୍ର ମୋହନ ବେହେରା ପରିଚାଳନା କରିଥିଲେ।

### ଭାସ୍କରଙ୍କ ପୋଷ୍ଟରକୁ ନେଇ ଚର୍ଚ୍ଚା

ସାକ୍ଷୀଗୋପାଳ,୨।୧
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):

୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ କାଳିମାଡ଼ କରିଥିବା ଯୁବକ ଭାସ୍କର ସାହୁଙ୍କ ସତ୍ୟବାଦୀରେ ପୋଷ୍ଟରମରାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ୨୦୨୩ ଅଗଷ୍ଟ ୧୯ରେ ସାକ୍ଷୀଗୋପାଳ କଲେଜ ପରିସରରେ ରାଜ୍ୟ ସରକାରଙ୍କ ଏକ କାର୍ଯ୍ୟକ୍ରମରେ ପାଣ୍ଡିଆନ ଓ ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କୁ ସେ କାଳି ମାଡ଼ କରିଥିଲେ। ଏବେ ଏପରି ପୋଷ୍ଟରକୁ ନେଇ ତାଙ୍କର ରାଜନୀତିରେ ପାଦ ଦେବା ଭଳି ସମ୍ଭାବନା ସୃଷ୍ଟି ହୋଇଛି। କଣାସ ଅଡାଳ ବଡାଳ ଅଞ୍ଚଳର ଯୁବକ ଭାସ୍କର ନୂତନ ବର୍ଷ ୨୦୨୪ ନିମନ୍ତେ ସତ୍ୟବାଦୀର ସମସ୍ତ ପଞ୍ଚାୟତ ସମେତ ପ୍ରମୁଖ ଜନଗହଳି ସ୍ଥାନରେ ତାଙ୍କର ଅନେକ ପୋଷ୍ଟର ଲଗାଇଛନ୍ତି। ସେ ପୋଷ୍ଟରରେ ଅନ୍ୟାୟ, ଅନୀତି, ଦୁର୍ନୀତିକୁ ବିରୋଧ କରିବାକୁ ସ୍ଲୋଗାନ ଦେବା ସହ ଆଗକୁ ଏକ ସଶକ୍ତ ସତ୍ୟବାଦୀ ଗଠନ ନିମନ୍ତେ ଅଞ୍ଚଳବାସୀଙ୍କୁ ଅନୁରୋଧ କରିଛନ୍ତି।

### ବ୍ରାଉନ୍‌ସୁଗାର ଜବତ, ୨ ବେପାରୀ ଗିରଫ

ଯାଜା,୨।୧(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ପୋଲିସର ଏକ ସ୍ପେଶାଲ ଟିମ୍ ମଙ୍ଗଳବାର ପିତାପଲ୍ଲୀ ଅଣ୍ଡରପାସ୍ ନିକଟରେ ଚଢ଼ାଉ କରି ଦୁଇ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖୋର୍ଦ୍ଧା ଅଞ୍ଚଳର ଶ୍ରୀନିବାସ ବେହେରା ଓରଫ ପିନୁ ଏବଂ ସୁଧାଂଶୁ ଶେଖର ସାହୁ ଓରଫ ଅନିଲ। ଏମାନଙ୍କ ନିକଟରୁ ୧୭.୬୧ ଗ୍ରାମ୍ ବ୍ରାଉନ୍‌ସୁଗାର, ଦୁଇଟି ମୋବାଇଲ ଫୋନ୍ ଓ ବୁଲେଟ୍ ଜବତ ହୋଇଛି। ସ୍ଥାନୀୟ ଜନସାଧାରଣଙ୍କୁ ଏହି ବ୍ରାଉନ୍‌ସୁଗାର ବିକ୍ରି କରିବା ପାଇଁ ଆଣିଥିଲେ ବୋଲି ଅଭିଯୁକ୍ତଦ୍ୱୟ ସ୍ୱୀକାର କରିଥିବା ପୋଲିସ କହିଛି।

## ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ବିଧାୟକ




ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୨।୧
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବ୍ଲକ ବିଜେଡି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକ କମିଟି ଓ ପର୍ଯ୍ୟବେକ୍ଷକ ବୈଠକ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସରକାରୀ ବାସ ଭବନଠାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଦଳର ବରିଷ୍ଠ ତୁଙ୍ଗ ନେତା, ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ପର୍ଯ୍ୟବେକ୍ଷକ, ବ୍ଲକ କମିଟି କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ସମାରୋହରେ ନିର୍ବାଚନ ପାଇଁ ଦଳର ରଣନୀତି ଓ ଖସଡ଼ା ପ୍ରସ୍ତୁତ କରାଯାଇଥିବାବେଳେ ମୁଖ୍ୟତଃ ଦଳର କର୍ମକର୍ତ୍ତା, ଆଗ ଧାଡ଼ିର ନେତୃବୃନ୍ଦମାନେ ନିଷ୍ଠାର ସହ ଜୋରଦାର ଭାବେ ନିର୍ବାଚନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଧାୟକ ଦାଶ ପରାମର୍ଶ ଦେଇଥିଲେ। ବୈଠକରେ ନିର୍ବାଚନ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିମାନ ଗ୍ରହଣ କରାଯାଇଛି। ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ଅଧିକ ସଶକ୍ତ ଓ କ୍ରିୟାଶୀଳ କରିବାକୁ ବିଧାୟକ ଦାଶ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ନଗର ବିଜେଡି ସଭାପତି ଜୀବନାନନ୍ଦ ମହାପାତ୍ର, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଦଳର ବରିଷ୍ଠ ନେତା ସତ୍ୟବାଦୀ ମହାପାତ୍ର, ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ ପ୍ରମୁଖଙ୍କ ସମେତ ନିମାପଡ଼ା ବ୍ଲକର ୩୨ଟି ଗ୍ରାମପଞ୍ଚାୟତର ସମସ୍ତ ପର୍ଯ୍ୟବେକ୍ଷକ, ବ୍ଲକ କମିଟିର ସମସ୍ତ ସଦସ୍ୟ ଓ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଛାତ୍ରୀଛାତ୍ରଙ୍କୁ ସଂସ୍କାରିତ ଭାବେ ଗଢ଼ିବା ବିଦ୍ୟାମନ୍ଦିରର ମୁଖ୍ୟ ଲକ୍ଷ୍ୟ

ସାକ୍ଷୀଗୋପାଳ,୨।୧
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସାକ୍ଷୀଗୋପାଳ ପୁରୀର ଚତୁଃବିଂଶ ବାର୍ଷିକ ଉତ୍ସବ ବାସୁକେରାସ୍ଥିତ ମା' ତାରିଣୀ ମନ୍ଦିର ନିକଟରେ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ସଭାପତି ଜୟନ୍ତ ତ୍ରିପାଠୀ ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ସଭାପତି ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗର କୁଳମଣି ମିଶ୍ର, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ପେଣ୍ଠପଡ଼ା ସରପଞ୍ଚ ଚିନ୍ମୟୀ ରାଉତ, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ବିକାଶ ପ୍ରଧାନ, ଯୁଗ୍ମ ସମ୍ପାଦିକା ନମିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ଆଗାମୀ ୧୫ ଦିନ ମଧ୍ୟରେ ୫ ଲକ୍ଷ ଟଙ୍କା ସହାୟତା ଦିଆଯିବା ସହ ବିଦ୍ୟାଳୟ ପକ୍ଷରୁ କ୍ରୟ କରାଯାଇଥିବା ପ୍ରସ୍ତାବିତ ନୂତନ ବିଦ୍ୟାଳୟ ଜମିକୁ ନୂତନ ରାସ୍ତା ଖୁବ୍‌ଶୀଘ୍ର କରାଯିବ ବୋଲି ମୁଖ୍ୟ ଅତିଥି ସାମନ୍ତରାୟ ଘୋଷଣା କରିଥିଲେ। ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ ସଂସ୍କାରିତ କରି ଗଢ଼ିତୋଳିବା ଶିଶୁ ବିଦ୍ୟାମନ୍ଦିରର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥି ପ୍ରକାଶ କରିଥିଲେ। ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ କରାଯାଇ ମଙ୍ଗଳା ଚରଣ ଆବୃତ୍ତି ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ନବୀନ ସେନାପତି ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଆଚାର୍ଯ୍ୟା ସସ୍ମିତା ବିଶ୍ୱାଳ, ପ୍ରିୟଦର୍ଶିନୀ ମିଶ୍ର, ଆରତି ବାହିନୀପତି, କଳ୍ପନା ରଥ, ଆଚାର୍ଯ୍ୟ ଜୟନ୍ତ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ଶରତଚନ୍ଦ୍ର ନନ୍ଦ ଧନ୍ୟବାଦ ଦେଇଥିଲେ। ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ବାନ୍ଧି ରଖିଥିଲେ।




ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାକ୍ଷୀଗୋପାଳର ବାର୍ଷିକ ଉତ୍ସବ ।

# ପୀର ଜାହାନିଆଁ ବେଳାଭୂମି ଚଳଚଞ୍ଚଳ



ନୂଆବର୍ଷ ଅବସରରେ ପୀର ଜାହାନିଆଁ ବେଳାଭୂମିରେ ଲୋକଙ୍କ ଭିଡ ।

ଅସ୍ତରଙ୍ଗ,୨।୧(ମମତା ଜେନା):

ପର୍ଯ୍ୟଟନ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଅସ୍ତରଙ୍ଗ ବ୍ଲକର ପୀର ଜାହାନିଆଁ ବେଳାଭୂମି ନବବର୍ଷ ଉପଲକ୍ଷେ ଚଳଚଞ୍ଚଳ ହୋଇପଡ଼ିଛି। ହଜାର ହଜାର ପର୍ଯ୍ୟଟକ ପୁରୁଣା ବର୍ଷକୁ ବିଦାୟ ଦେଇ ନୂତନ ବର୍ଷକୁ ଅଭିନନ୍ଦନ ଜଣାଇ ବିସ୍ତୀର୍ଣ୍ଣ ଝାଉଁ ଜଙ୍ଗଲରେ ବଣଭୋଜି କରିବା ସହ ନାଚ ଗୀତରେ ମସଗୁଲ ହେଉଥିବା ଦେଖିବାକୁ ମିଳିଛି। ସମୁଦ୍ର ଜଳର ଢେଉ ରାଶିରେ ଡଲଫିନଙ୍କ ଲୁଚକାଳି ଖେଳ ସହ ରଙ୍ଗ ବେରଙ୍ଗର କଙ୍କଡା, ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦିଆ ସ୍ଥାନ ସହ ଅଣ୍ଡା ସଂଗୃହିତ ଅସ୍ଥାୟୀ ହେଚେରିର ପର୍ଯ୍ୟଟକ ମଜା ନେଉଛନ୍ତି। ସମୁଦ୍ର ଜଳ ରାଶିରେ ଗାଧୋଇ ଠାକୁର ପୀରବାବାଙ୍କୁ ଦର୍ଶନ କରିବା ପରମ୍ପରା ରହିଛି। ବେଳାଭୂମିର ଉତ୍ତର ଦିଗକୁ ଯାହାକି ଦେବୀ ମାଉଥ ନିକଟ ଗଙ୍ଗାଦେବୀ ଠାକୁରାଣୀଙ୍କ ନିକଟରେ ବହୁ ପର୍ଯ୍ୟଟକ ପରିବାର ସହ ବଣଭୋଜି ନଦୀ ଓ ସମୁଦ୍ରରେ ବୋଟିଂ କରି ଚଳିତ ଜଳ ଯାନରେ ବୁଲାବୁଲି କରି ପ୍ରାକୃତିକ ଶୋଭା ରାଶି ଉପଭୋଗ କରିଥାନ୍ତି। ରାଜ୍ୟ ସରକାର କୋଣାର୍କ ରାମଚଣ୍ଡୀ ମୁହାଣ ନିକଟରେ ଅସ୍ଥାୟୀ ଇକୋରିଟ୍ରିକ୍ ପର୍ଯ୍ୟଟକଙ୍କ ନିମନ୍ତେ ଖୋଲିଥିବାବେଳେ ଅସ୍ତରଙ୍ଗ ବେଳାଭୂମିରେ ପ୍ରାୟ ୧୦କୋଟି ଟଙ୍କା ବିନିମୟରେ ପର୍ଯ୍ୟଟକଙ୍କ ରାତ୍ରି ରହଣି ପାଇଁ ସ୍ଥାୟୀ ଇକୋ ରିଟ୍ରିକ୍ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି।

# ଶଗଡ଼ଭଙ୍ଗାରେ ଯୁବକଙ୍କୁ ହତ୍ୟା

- ନାଟକରୁ ବନ୍ଧୁତା ଗଢ଼ିଉଠିଥିଲା
- ପୋଲିସ, ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଜାରି

**ଖୋର୍ଦ୍ଧା/ନିରାକାରପୁର,୨।୧(ପ୍ରଭାତ ପାଣିଗ୍ରାହୀ/ମାନସ ଚନ୍ଦ୍ର ପଟ୍ଟନାୟକ)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ଶଗଡ଼ଭଙ୍ଗା ଗ୍ରାମରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଗ୍ରାମର ରଶ୍ମିରଞ୍ଜନ ବଳିଆରସିଂ ଓରଫ ନିଲୁ(୩୦)। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ.୩/୨୪) ରୁଜୁ ହୋଇଛି। ଖୋର୍ଦ୍ଧା ସଦର ଏସ୍‌ଡିପିଓ ଦିଲୀପ ଦାସ, ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞାରିତୁମ୍ବରା କର ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

ଅଭିଯୋଗ ମୁତାବକ, ପୁରୀ ଜିଲା ଚନ୍ଦନପୁର ଥାନା ଅଞ୍ଚଳର ସୋମନାଥ ଲାଠୀ ଶଗଡ଼ଭଙ୍ଗା ଗ୍ରାମରେ ହେଉଥିବା କାଳୀୟଦଳନ ନାଟକରେ ଯଶୋଦା ଭୂମିକାରେ ଅଭିନୟ କରିବାକୁ ଆସୁଥିବାବେଳେ ନିଲୁ ବାଲ୍ମୀକି ଭୂମିକାରେ ଅଭିନୟ କରୁଥିଲେ। ଏହା ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ନିବିଡ଼ ହୋଇଥିଲା। ଏପରିକି ସୋମନାଥଙ୍କୁ ନିଲୁଙ୍କ ମା'ଜୟନ୍ତୀ ଧରମପୁଅ ବୋଲି ସମ୍ବୋଧନ କରିବା ସହ ପୁଅ ଭଳି ବ୍ୟବହାର କରୁଥିଲେ। ଏହାର ସୁଯୋଗରେ ସୋମନାଥ ଅନେକ ସମୟରେ ନିଲୁଙ୍କ ଘରକୁ ଆସିବା ସହ ବିଭିନ୍ନ କାର୍ଯ୍ୟରେ ସହଯୋଗ କରୁଥିଲେ।


ରଶ୍ମିରଞ୍ଜନ ବଳିୟାରସିଂ (ଫାଇଲ୍ ଫଟୋ)

ତେବେ ନାଟକରେ ଅଭିନୟ କରୁଥିବା ଜଣେ ଯୁବତୀଙ୍କ ସହ ନିଲୁଙ୍କ ପ୍ରେମ ସମ୍ପର୍କ ଗଢିଉଠିଥିଲା। କୌଣସି କାରଣକୁ ନେଇ ସେମାନଙ୍କ ସମ୍ପର୍କକୁ ସୋମନାଥ ବିରୋଧ କରୁଥିଲେ। ଏପରିକି ବଚସା ମଧ୍ୟ ହୋଇଥିଲା। ଏହା ପରେ ସୋମନାଥଙ୍କୁ ଘରକୁ ନ ଆସିବା ପାଇଁ ନିଲୁଙ୍କ ପରିବାର ଲୋକେ କହିଥିଲେ। ଫଳରେ ସୋମନାଥ ନିଜ ଗ୍ରାମକୁ ପଳାଇଥିଲା। ଗତ ୩୧ ତାରିଖରେ ସୋମନାଥ ପୁଣି ଶଗଡ଼ଭଙ୍ଗା ଗ୍ରାମରେ ହେଉଥିବା ନାଟକ ଦେଖିବାକୁ ଆସିଥିଲେ। ଏପରିକି ଗତ ୧ତାରିଖରେ (ସୋମବାର) ଚମ୍ପତିପୁରଠାରେ ହେଉଥିବା ନାଟକରେ ଅଭିନୟ କରିବାକୁ ନିଲୁ ଯାଉଥିବାବେଳେ ସୋମନାଥ ମଧ୍ୟ ନାଟକ ଦେଖିବାକୁ ଯାଇଥିଲେ। ଏହା ପରେ ଉଭୟେ ଆସି ଘରେ ଶୋଇଥିଲେ। ତେବେ ନିଲୁଙ୍କ ମା' ଜୟନ୍ତୀ ଜଣେ ଅଙ୍ଗନୱାଡି କର୍ମଚାରୀ ହୋଇଥିବାରୁ ମଙ୍ଗଳବାର ସକାଳେ ନିଜ କାର୍ଯ୍ୟରେ ବାହାରିଯାଇଥିଲେ। କାର୍ଯ୍ୟ ସାରି ସେ ପୂର୍ବାହ୍ନ ୧୦ଟାରେ ଘରକୁ ଫେରିବା ବେଳକୁ ଘର ଆଗ ପଟ ତାଲା ପଡିଥିବା ଦେଖିବାକୁ ପାଇଥିଲେ। କିଛି ସମୟ ଅପେକ୍ଷା କରିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଲା ଭାଙ୍ଗି ଘରେ ପଶିଥିଲେ। ନିଲୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ସହ ମୃତ୍ୟୁ ଘଟିଥିବା ଦେଖିବାକୁ ପାଇଥିଲେ। ଏନେଇ ଜୟନ୍ତୀ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରିଥିଲେ। ତାଙ୍କ ପୁଅକୁ ହତ୍ୟା କରିବା ସହ ଝିଅ ବାହାଘର ପାଇଁ ଥିବା ୫ ଭରି ସୁନାରୂପା ଅଳଙ୍କାର ଓ ୧ ଲକ୍ଷ ଟଙ୍କା ନେଇ ସୋମନାଥ ଫେରାର ହୋଇଯାଇଛି ବୋଲି ଜୟନ୍ତୀ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି।


ନବୀନ ନିବାସଠାରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବାକୁ ଆସିଥିବା ମିଶନ ଶକ୍ତିର ମହିଳାମାନେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ରାଜ୍ୟସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ 'ଗାନ୍ଧୀ ଶିଳ୍ପ ବଜାର', ନୟାପଲ୍ଲୀ ଦୁର୍ଗାପୂଜା ପଡ଼ିଆ, ପୂର୍ବାହ୍ନ ୧୦ଟା।

କଟକ
- ବିଶ୍ୱନାଥ ପଣ୍ଡିତ ସ୍ମୃତି ପରିଷଦ ପକ୍ଷରୁ ବିଶ୍ୱନାଥ ପଣ୍ଡିତଙ୍କ ୧୦୫ତମ ଜୟନ୍ତୀ ସମାରୋହ, ଚାନ୍ଦିନୀଚୌକ ବ୍ରାହ୍ମଣସାହି, ସକାଳ ୯ଟା।
- ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ଐତିହାସିକ ଅଶୋକ କୁମାର ପାଣ୍ଡେଙ୍କ ବଳିଦାନର ୭୫ ବର୍ଷ ପୂର୍ତ୍ତି ଅବସରରେ ଗାନ୍ଧୀ ସ୍ମାରକୀ ବକ୍ତୃତାମାଳା, ଗାନ୍ଧୀ ଭବନ, ବାଖରାବାଦ, ଅପରାହ୍ନ ୫ଟା ୩୦।

## ଆୟୁଷ ଡାକ୍ତର ଛାତ୍ର ସଂସଦ ସହ ସରକାରଙ୍କ ଆଲୋଚନା

**ଭୁବନେଶ୍ୱର, ୨।୧(ଅସମାପିକା ସାହୁ):** ଆୟୁଷ ଡାକ୍ତରଙ୍କ ବିଭିନ୍ନ ଦାବି ନେଇ ରାଜ୍ୟ ସରକାର ଏବଂ ରାଜ୍ୟ ଆୟୁଷ ଡାକ୍ତର ଛାତ୍ର ସଂସଦ ମଧ୍ୟରେ ଆଲୋଚନା ହୋଇଛି। ଲୋକସେବା ଭବନରେ ଅନୁଷ୍ଠିତ ଆନ୍ତଃମନ୍ତ୍ରୀ କମିଟିସ୍ତରୀୟ ବୈଠକରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ଆୟୁଷ ଡାକ୍ତର ଛାତ୍ର ସଂସଦକୁ ସେମାନଙ୍କ ପ୍ରାରମ୍ଭିକ ଅଭିଯୋଗ ରଖିବା ପାଇଁ ସୁଯୋଗ ଦିଆଯାଇଥିଲା। ସଂସଦ ସଭାପତି ଡା. ରାଜେଶ ମିଶ୍ର ଓ ସମ୍ପାଦକ ଡା. ଲୋପାମୁଦ୍ରା ଖଟୋଇ ରାଜ୍ୟରେ ଗତ ୨୧ବର୍ଷ ଧରି ଆୟୁଷ କ୍ଷେତ୍ରରେ ନୂତନ ଡିସ୍‌ପେନସାରି ସୃଷ୍ଟି ହୋଇନାହିଁ ବୋଲି କହିବା ସହ ନୂତନ ଡାକ୍ତର ନିଯୁକ୍ତି ପାଇଁ ଦାବି ରଖିଥିଲେ। ଅନ୍ୟପକ୍ଷରେ ସରକାର ସମସ୍ତ ସରକାରୀ ଆୟୁର୍ବେଦିକ ଓ ହୋମିଓପ୍ୟାଥିକ ଡାକ୍ତରଙ୍କ କ୍ୟାଡର ଓ ଦରମାର ସଂଶୋଧନ କରିଛନ୍ତି। ଏହାଦ୍ୱାରା ଆଗକୁ ଖାଲିପଡ଼ିଥିବା ପଦବୀ ନିମନ୍ତେ ବର୍ତ୍ତମାନ ୧୯୬ଟି ହୋମିଓପ୍ୟାଥିକ ମେଡିକାଲ ଅଫିସର ଓ ୨୨୮ଟି ଆୟୁର୍ବେଦିକ ମେଡିକାଲ ଅଫିସର ପଦବୀ ସୃଷ୍ଟି କରାଯାଉଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି। ଆଗକୁ ବ୍ରହ୍ମପୁର, ବାଲେଶ୍ୱର ଓ ଢେଙ୍କାନାଳରେ ଇଣ୍ଟିଗ୍ରେଟେଡ୍ ଆୟୁଷ ହସ୍ପିଟାଲ ରାଜ୍ୟ ସରକାର ପ୍ରସ୍ତୁତ କରୁଥିବାବେଳେ ୪୦ ଆୟୁଷ ଡାକ୍ତର ନିଯୁକ୍ତି ସୁଯୋଗ ମିଳିବ ବୋଲି ସଚିବ କହିଥିବା ସଂସଦ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ସଂସଦ ପକ୍ଷରୁ କୁହାଯାଇଛି, ପ୍ରତିବର୍ଷ ରାଜ୍ୟର ୬ଶହ ଆୟୁଷ ସ୍ନାତକ ଡିଗ୍ରୀଧାରୀ ଡାକ୍ତର ପାସ୍ କରୁଥିବାବେଳେ ସେମାନଙ୍କ ନିଯୁକ୍ତି, ଆୟୁଷ ହାଉସ ସର୍ଜନ ଭତ୍ତା ବୃଦ୍ଧି, ସମସ୍ତ ଆୟୁଷ କଲେଜ ଭିତ୍ତିଭୂମି ଓ ମାନବ ସମ୍ବଳ ବିକାଶ ପାଇଁ ସରକାରଙ୍କ କ'ଣ ସକାରାତ୍ମକ ପଦକ୍ଷେପ ରହିବ ସେନେଇ କୌଣସି ଆଲୋଚନା ହୋଇନାହିଁ। ବୈଠକରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ମନ୍ତ୍ରୀ ଜଗନ୍ନାଥ ସରକାର, ମନ୍ତ୍ରୀ ପ୍ରତାପ କିଶୋର ଦେବ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସ୍ୱାସ୍ଥ୍ୟ ବିଭାଗ ସଚିବ ଶାଳୀନୀ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ।

## ନବବର୍ଷ ଶୁଭେଚ୍ଛା ପାଇଁ ନବୀନ ନିବାସରେ ଭିଡ଼

**ଭୁବନେଶ୍ୱର,୨।୧(ଅନିଲ ଦାସ):** ନୂତନ ବର୍ଷର ଦ୍ୱିତୀୟ ଦିବସରେ ମଧ୍ୟ ଶୁଭେଚ୍ଛା ଜଣାଇବାକୁ ନବୀନ ନିବାସରେ ଗହଳି ହୋଇଛି। ମଙ୍ଗଳବାର ବହୁ ରାଜନେତା, ସଙ୍ଗଠନ, ବିଭିନ୍ନ ବିଭାଗର ଉପଦେଷ୍ଟା, ଭେଣ୍ଡିଂ ଜୋନ ମହାସଂଘ ସମେତ ସଂଖ୍ୟାଲଘୁ ସଙ୍ଗଠନର ସଦସ୍ୟମାନେ ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି । ଏଥିସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଉପଦେଷ୍ଟାମାନଙ୍କୁ ଆହୁରି ମନଲଗାଇ କାମ କରିବାକୁ ପରାମର୍ଶ ଦିଆଯାଇଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦଙ୍କୁ ମିଳିବ ପରିଚୟପତ୍ର

### ୩୮ତମ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ

**ଭୁବନେଶ୍ୱର,୨।୧(ଶର୍ମିଷ୍ଠା ପାଣିଗ୍ରାହୀ)**

ଦେଶର ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ଅତୁଳନୀୟ। ସେମାନେ ସବୁବେଳେ ଦେଶ ପାଇଁ ପ୍ରେରଣା। ସମୟ ଆସିଛି, ଆମକୁ ସେହି ସ୍ୱାଧୀନତା ସଂଗ୍ରାମୀଙ୍କ ସହିତ ଯୁବପିଢିଙ୍କୁ ପରିଚିତ କରାଇବାକୁ ପଡ଼ିବ। ସେମାନଙ୍କ ଆନ୍ଦୋଳନରୁ ହିଁ ପ୍ରେରଣା ନେଇ ଆମକୁ ୨୦୪୭ର ବିକଶିତ ଭାରତ ଗଢିବାକୁ ହେବ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର, ସଂସ୍କୃତି ଓ ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଛନ୍ତି। ମଙ୍ଗଳବାର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ୩୮ତମ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଘୱାଲ କହିଛନ୍ତି, ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ଓ ପରିବାରକୁ ସମ୍ମାନପତ୍ର ବା ପରିଚୟପତ୍ର ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ଏ ନେଇ ସେ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର କମିଟିକୁ ସୁପାରିସ କରିବେ। ସଂସଦୀୟ କମିଟିରେ ମଧ୍ୟ ଏହା ଉପସ୍ଥାପନ କରାଯିବ।

କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବିଧାୟକ ଦେବୀପ୍ରସାଦ ମିଶ୍ର, ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଏମ୍‌ପି ଭର୍ତ୍ତୃହରି ମହତାବ ପ୍ରାରମ୍ଭିକ ଅଭିଭାଷଣ ଏବଂ ବିଧାୟକ ସୁରେଶ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। କାର୍ଯ୍ୟକ୍ରମକୁ ଯୁବ ସାମ୍ମୁଖ୍ୟ ରାଜ୍ୟ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ସୁଧାଂଶୁ ଶେଖର ମହାପାତ୍ର, ଉପେନ୍ଦ୍ର ପାଢ଼ୀ, ଅଭୟ ବଡଜେନା ଓ ସନ୍ତୋଷ ପତି ପରିଚାଳନା କରିଥିଲେ। ସଂଗ୍ରାମୀଙ୍କ ପେନ୍‌ସନ ବୃଦ୍ଧି ସହ ଅଣବନ୍ଦୀ ଓ ରାଜ୍ୟ ବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କ ମାସିକ ପେନ୍‌ସନ ୨୦ ହଜାର ଟଙ୍କାକୁ ବୃଦ୍ଧି କରିବାପାଇଁ ଅଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବରେ ଦାବି କରାଯାଇଛି।


କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଉଦ୍‌ବୋଧନ ଦେଉଛନ୍ତି।

## ବ୍ୟବସାୟୀଙ୍କ ଗଳା କାଟି ଲୁଟ୍

**ଭୁବନେଶ୍ୱର,୨।୧(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱରରେ ଲୁଟେରାଙ୍କ ଉତ୍ପାତ ବଢୁଛି। ମଙ୍ଗଳବାର ୨ ଲୁଟେରା ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଗାଁ ଭିତରେ ପଶି ଜଣେ ବ୍ୟବସାୟୀଙ୍କ ଗଳା କାଟି ଟଙ୍କା ଲୁଟ୍ କରିଛନ୍ତି। ଏହି ଆକ୍ରମଣରେ ବ୍ୟବସାୟୀ ଶିବାନନ୍ଦ ବାରିକ୍ ଆହତ ହୋଇଛନ୍ତି। ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ଶିବାନନ୍ଦ ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଶିବାନନ୍ଦ ଗାଁଠୁ କିଛି ଦୂରରେ ଥିବା ତାଙ୍କ ଓମ୍‌ଫେଡ୍ ଷ୍ଟଲ୍‌କୁ ଭୋର ପ୍ରାୟ ୩ଟା ବେଳେ ଯାଉଥିଲେ। ଘରୁ ବାହାରି ଯାଉଥିବା ବେଳେ ଦୁଇଜଣ ଲୁଟେରା ତାଙ୍କଠାରୁ ବ୍ୟାଗ୍ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଏହାକୁ ଶିବାନନ୍ଦ ବିରୋଧ କରିବାରୁ ଲୁଟେରାଦ୍ୱୟ ଏକ ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ୬ହଜାର ଟଙ୍କା ଲୁଟିନେଇଥିଲେ। ପରେ ତାଙ୍କ ଅଭିଯୋଗ କ୍ରମେ ପୋଲିସ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ପଚରାଉଚରା କରିବା ସହ ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଦ୍ୱୟଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବଣ୍ଟି


@ ଆଲୋକ


@ ପ୍ରଦୀପ୍ତ


@ ଅଶୋକ


@ କୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ବିଭିନ୍ନ ସଂଗଠନର ସଦସ୍ୟାସଦସ୍ୟମାନେ ମଙ୍ଗଳବାର ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ଭେଟି ନବବର୍ଷର ଶୁଭେଚ୍ଛା ଜଣାଉଛନ୍ତି।


୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ନୟାଗଡ଼ ବିଧାୟକ ଅରୁଣ ସାହୁ ପୁଷ୍ପଗୁଚ୍ଛ ଦେଇ ନୂଆବର୍ଷର ଶୁଭେଚ୍ଛା ଜ୍ଞାପନ କରୁଛନ୍ତି।

# ୮% କମିଲା ଚିନି ଉତ୍ପାଦନ

**ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)**



୨୦୨୩-୨୪ ସିଜନରେ ପ୍ରଥମ ୩ମାସରେ ଦେଶରେ ଚିନି ଉତ୍ପାଦନ ପ୍ରାୟ ୮% (୭.୭%) ହ୍ରାସ ପାଇ ୧୧୩ ଲକ୍ଷ ଟନକୁ ଖସି ଆସିଛି। ଆଖୁ ଉତ୍ପାଦନରେ ହ୍ରାସ ହେତୁ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରେ ଚିନି ଉତ୍ପାଦନରେ ହ୍ରାସ ଘଟିଛି। ତଥ୍ୟ ପ୍ରକାଶ କରି ନ୍ୟାଶନାଲ ଫେଡେରେଶନ ଅଫ୍ କୋଅପରେଟିଭ ଚିନି କାରଖାନା (ଏନ୍‌ଏଫସିଏସ୍‌ଏଫ୍) କହିଛି, ଚଳିତ ସିଜନରେ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ୫୧୧ କାରଖାନା ଏପର୍ଯ୍ୟନ୍ତ ୧୨୨୩ ଲକ୍ଷ ଟନ ଆଖୁକୁ ପେଡ଼ିଛି। ଦେଶର ତିନୋଟି ପ୍ରମୁଖ ଚିନି ଉତ୍ପାଦନକାରୀ ରାଜ୍ୟ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରେ ଉତ୍ପାଦନରେ ହ୍ରାସ ଘଟିଛି। ଆଖୁରସରୁ ଇଥାନଲ ଉତ୍ପାଦନକୁ ସରକାର ସୀମିତ ରଖିଛନ୍ତି। ୨୦୨୩-୨୪ରେ ଦେଶ ଘରୋଇ ବ୍ୟବହାର ପାଇଁ ୩୦୫ ଲକ୍ଷ ଟନ ଚିନି ଉତ୍ପାଦନ କରିବ ବୋଲି ଆଶା କରାଯାଉଛି। ୨୦୨୨-୨୩ରେ ଉତ୍ପାଦନ ପରିମାଣ ୩୩୦.୯୦ ଲକ୍ଷ ଟନ ଥିଲା। ତଥ୍ୟ ଅନୁଯାୟୀ, ଚିନି ଉତ୍ପାଦନ କ୍ଷେତ୍ରରେ ସର୍ବବୃହତ୍ ରାଜ୍ୟ ମହାରାଷ୍ଟ୍ର ଡିସେମ୍ବର ପର୍ଯ୍ୟନ୍ତ ୩୮.୪୦ ଲକ୍ଷ ଟନ ଚିନି ଉତ୍ପାଦନ କରିଥିବାବେଳେ ବର୍ଷ ୨୦୨୨-୨୩, ୪୭.୪୦ ଲକ୍ଷ ଟନ ଉତ୍ପାଦିତ ହୋଇଛି। ସେହିପରି କର୍ଣ୍ଣାଟକରେ ୨୪ ଲକ୍ଷ ଟନ ଚିନି ଉତ୍ପାଦନ ହୋଇଥିବାବେଳେ ଗତ ବର୍ଷ ୨୬.୭୦ ଲକ୍ଷ ଟନ ଉତ୍ପାଦନ କରାଯାଇଥିଲା। ଉତ୍ତରପ୍ରଦେଶରେ, ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ୩୪.୬୫ ଲକ୍ଷ ଟନ ଚିନି ଉତ୍ପାଦନ ହୋଇଛି, ଯାହାକି ୧ ବର୍ଷ ପୂର୍ବରୁ ୩୦.୮୦ ଲକ୍ଷ ଟନ ଥିଲା। ଅଣ୍ଡା ବଢ଼ିଲେ ଚିନି ଉତ୍ପାଦନ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ବର୍ଷ ଶେଷ ସୁଦ୍ଧା ଉତ୍ତରପ୍ରଦେଶରେ ୧୧୫ ଲକ୍ଷ ଟନ ଚିନି ଉତ୍ପାଦନ ହୋଇପାରେ। ମହାରାଷ୍ଟ୍ରରେ ୯୦ ଲକ୍ଷ ଟନ ଚିନି ଏବଂ କର୍ଣ୍ଣାଟକରେ ୪୨ ଲକ୍ଷ ଟନ ଚିନି ଉତ୍ପାଦନ କରାଯାଇପାରିବ। ତାମିଲନାଡୁରେ ଉତ୍ପାଦନ ୧୨ ଲକ୍ଷ ଟନ ଏବଂ ଗୁଜରାଟରେ ୧୦ ଲକ୍ଷ ଟନ ହେବ ବୋଲି ଆକଳନ କରାଯାଇଛି। ଆଗାମୀ ଦିନରେ ଇଥାନଲ ଉତ୍ପାଦନ ଉପରେ ପ୍ରତିବନ୍ଧକ କୋହଳ କରାଯାଇପାରିବ ବୋଲି ଏନ୍‌ଏଫ୍‌ସିଏସ୍‌ଏଫ୍ ଏମ୍‌ଡି ପ୍ରକାଶ ନାୟକାନୱାରେ ଆଶା ପ୍ରକଟ କରିଛନ୍ତି। ସେ କହିଛନ୍ତି, ପୂର୍ବରୁ ଚିନି ଉତ୍ପାଦନ ୨୯୦ ଲକ୍ଷ ଟନ ଥିଲା, ଯାହା ଆହୁରି ୧୫ ଲକ୍ଷ ଟନ ବୃଦ୍ଧି ପାଇପାରେ। ସେ କହିଛନ୍ତି, ଏନ୍‌ଏଫ୍‌ସିଏସଏଫ୍ ଏବଂ ଇଣ୍ଡିଆନ ସୁଗାର ମିଲ୍ସ ଆସୋସିଏସନ କେନ୍ଦ୍ର ସରକାରଙ୍କ ଏନେଇ ଦୃଷ୍ଟି ଆକର୍ଷଣ କରିବ।

# ଖସିଲା ଶେୟାର ବଜାର

**ନୂଆଦିଲ୍ଲୀ,୨।୧**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୮୦ (୩୭୯.୪୬) ପଏଣ୍ଟ ଖସି ୭୧,୮୯୨ (୭୧,୮୯୨.୪୮) ଅଙ୍କରେ କାରବାର ବନ୍ଦ କରିଥିଲା। ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୭୬ (୭୬.୧୦) ପଏଣ୍ଟ ହ୍ରାସ ଘଟି ୨୧,୬୬୬ (୨୧,୬୬୫.୮୦) ଅଙ୍କରେ କାରବାର ବନ୍ଦ କରିଥିଲା। ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ହ୍ରାସ ଘଟିଛି। ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବ୍ୟାଙ୍କ ଅଫ୍ ଇଣ୍ଡିଆ ଏନ୍‌ବିଜି ସ୍ଥାପନା ଦିବସ



**ଭୁବନେଶ୍ୱର,୨।୧(ଅନୁରାଧା ମହାରଣା)**

ବ୍ୟାଙ୍କ ଅଫ୍ ଇଣ୍ଡିଆ, ନ୍ୟାଶନାଲ ବ୍ୟାଙ୍କିଙ୍ଗ୍ ଗ୍ରୁପ୍ (ଏନ୍‌ବିଜି)ର ସ୍ଥାପନା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଓଆଇ, ଏନ୍‌ବିଜିର ଡିଜିଏମ୍ ରବୀନ୍ଦ୍ର ନାଥ ସରକାର କହିଥିଲେ, ୨୦୨୩ ଜାନୁଆରୀରେ ଆରମ୍ଭ ହୋଇଥିବା ଏନ୍‌ବିଜି ବିଭିନ୍ନ କ୍ଷେତ୍ରରୁ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛି। ବ୍ୟାଙ୍କ ୩୫,୦୦୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କୁ ଋଣ ମଞ୍ଜୁର କରି ମହିଳା ବର୍ଗଙ୍କୁ ସାହାଯ୍ୟ କରିବା ସହ ମୁଦ୍ରା ଏବଂ ପିଏମ୍ ସ୍ୱନିଧି ଯୋଜନା ଅଧୀନରେ ଆର୍ଥିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଋଣ ଯୋଗାଇ ସମାଜର ଉନ୍ନତୀକରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବ୍ୟାଙ୍କ ପକ୍ଷରୁ ଉଦ୍ୟୋଗୀମାନଙ୍କ ପାଇଁ ବିଭିନ୍ନ ଷ୍ଟାର୍ଟ ଅପ୍ ଯୋଜନା ଅନ୍ତର୍ଗତ ଏସ୍‌ଏସ୍‌ଏମ୍‌ଇ ଋଣ ଯୋଗାଇ ଦିଆଯାଇଛି। ଜୋନାଲ ମ୍ୟାନେଜର ଏସ୍. ମଳୟ ଦାସ କହିଥିଲେ, ବଡ଼ ବଡ଼ ଶିଳ୍ପଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇବା ପୂର୍ବକ ରିଟେଲ, କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗ ଅଧୀନରେ ୧୦୦୦କୋଟିରୁ ଊର୍ଦ୍ଧ୍ୱ ଋଣ ବିତରଣ କରିଛି। ବ୍ୟାଙ୍କ ଅଫ୍ ଇଣ୍ଡିଆ ସବୁ ପ୍ରକାର ବ୍ୟାଙ୍କିଙ୍ଗ୍ କ୍ରେଡିଟ୍ କାର୍ଡ, ଇନ୍‌ସ୍ୟୁରାନ୍ସ ଏବଂ ମ୍ୟୁଚୁଆଲ ଫଣ୍ଡ ଆଦିର ସେବା ପ୍ରଦାନ କରୁଛି। ୩୦ଟି ଜିଲାରେ ଏନ୍‌ବିଜି ଅଧୀନରେ ବ୍ୟାଙ୍କର କେନ୍ଦୁଝର, ବାରିପଦା, ସମ୍ବଲପୁର ଏବଂ ଭୁବନେଶ୍ୱର ଜୋନ୍ ସମେତ ୨୫୮ଟି ଶାଖା କାର୍ଯ୍ୟ କରୁଛି। ଏନ୍‌ବିଜି ଓଡ଼ିଶା ୭ ଏସ୍‌ଏମ୍‌ଇସିସି ମାଧ୍ୟମରେ ଏସ୍‌ଏସ୍‌ଏମଇ ଓ ଏବଂ ୭ ଆର୍‌ବିସି ମାଧ୍ୟମରେ ରିଟେଲ ସେବା ପ୍ରଦାନ କରୁଛି।

# ୪ରେ ଶ୍ରୀଦୁର୍ଗାର ଲକି ଡ୍ର ମହୋତ୍ସବ

**ଭୁବନେଶ୍ୱର,୨।୧**

ରାଜ୍ୟର ଅଗ୍ରଣୀ ଗାର୍ମେଣ୍ଟସ ଷ୍ଟୋର 'ଶ୍ରୀଦୁର୍ଗା'ର ବହୁ ପ୍ରତୀକ୍ଷିତ ପାର୍ବଣ ଲକି ଡ୍ର' ମହୋତ୍ସବ ଚଳିତ ବର୍ଷ ଜାନୁଆରୀ ୪ରେ ଆୟୋଜନ ହେବ ବୋଲି ଷ୍ଟୋର କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ବିଶେଷକରି ୨୦୨୩ ଦୁର୍ଗାପୂଜାରେ ଆରମ୍ଭ ହୋଇଥିବା ଲକି ଡ୍ର' ଅଫରର ବିଜେତାଙ୍କ ନାମ ଚଳିତ ବର୍ଷ ଜାନୁଆରୀ ୪ରେ ଘୋଷଣା କରାଯିବ। ଏପରିକି ଶପିଂର ନିଆରା ଅନୁଭୂତିରେ ସାମିଲ ଥିବା ଗ୍ରାହକମାନେ ନିଶ୍ଚିତ ଉପହାର 'ସ୍ୱର୍ଣ୍ଣମୁଦ୍ରା' ଏବଂ ଲକି ଡ୍ର'ରେ ପ୍ରିମିୟମ ବାଇକ 'ହାର୍‌ଲେ ଡେଭିଡ୍‌ସନ୍' ଜିତିବାର ସୁବର୍ଣ୍ଣ ସୁଯୋଗ ରହିଛି। ଉଲ୍ଲେଖଯୋଗ୍ୟ, ପ୍ରତି ୯୯୯ ଟଙ୍କାର କ୍ରୟ ଉପରେ 'ହାର୍‌ଲେ ଡେଭିଡ୍‌ସନ୍' ଭଳି ବାଇକ୍‌ର କୁପନ୍ ଗ୍ରାହକମାନେ ପାଇଛନ୍ତି।

ସେହିଭଳି ଚଳିତ ସପ୍ତାହର ଗୁରୁବାର ଦିନ 'ଶ୍ରୀଦୁର୍ଗା'ର ଭୁବନେଶ୍ୱର ଜନପଥସ୍ଥିତ ଅଶୋକ ନଗର ଷ୍ଟୋରରେ ଉକ୍ତ ଅଫର୍‌ର ବିଜେତାଙ୍କ ନାମ ଘୋଷଣା କରାଯିବ। ତେବେ କୁପନ ପାଇଥିବା ସମସ୍ତ ଗ୍ରାହକମାନଙ୍କୁ ଉକ୍ତ ଦିନ ଷ୍ଟୋରରେ ଉପସ୍ଥିତ ରହିବାକୁ 'ଶ୍ରୀଦୁର୍ଗା' ପକ୍ଷରୁ ଅନୁରୋଧ କରାଯାଇଛି।

ବର୍ତ୍ତମାନ ସମୟରେ ସ୍ୱର୍ଣ୍ଣ କିଣିଲେ,କୌଣସି ବ୍ୟବସାୟ ପ୍ରତିଷ୍ଠାନ ସ୍ୱର୍ଣ୍ଣ ମୁଦ୍ରା ମାଗଣାରେ ଦେଉ ନ ଥିବା ବେଳେ ଶ୍ରୀଦୁର୍ଗା ହେଉଛି, ଏକମାତ୍ର ଶାଢ଼ୀ ଏବଂ ଗାର୍ମେଣ୍ଟସ୍ ଶୋ'ରୁମ, ଯେଉଁଠାରେ ଗ୍ରାହକମାନେ ସ୍ୱର୍ଣ୍ଣ ମୁଦ୍ରା ଜିତିବାର ସୁଯୋଗ ପାଇବେ। ଏପରିକି ସ୍ୱର୍ଣ୍ଣମୁଦ୍ରା ସହିତ ଗ୍ରାହକଙ୍କ ପାଇଁ ଅନେକ ଆକର୍ଷଣୀୟ ପୁରସ୍କାର ମଧ୍ୟ ରହିଛି।

ଦେଶର ସମସ୍ତ ପ୍ରକାର ମନଲୋଭା ଗାର୍ମେଣ୍ଟସ୍ କଲେକ୍ସନ କେବଳ ଗୋଟିଏ ସ୍ଥାନ 'ଶ୍ରୀଦୁର୍ଗା'ରେ ପାଇପାରିବେ। ଶ୍ରୀଦୁର୍ଗା'ର ଭୁବନେଶ୍ୱରସ୍ଥିତ ଅଶୋକ ନଗର, ପାତ୍ରପଡ଼ା ଏବଂ ବ୍ରହ୍ମପୁରସ୍ଥିତ ବଡ଼ବଜାରଠାରେ ଥିବା ଲକ୍ସକ୍ଲୁସିଭ ଶୋ'ରୁମରେ ଉକ୍ତ ସୁବିଧାଗୁଡ଼ିକ ଉପଲବ୍ଧ ରହିଛି।

# ଜିଏସିଏଲ୍ ସହ ବେଦାନ୍ତର ବୁଝାମଣା



**ଭୁବନେଶ୍ୱର,୨।୧(ଅଭୟ ଦାଶ)**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ଏବଂ ଗୁଜରାଟ ଆଲକାଲିସ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ (ଜିଏସିଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି କଷ୍ଟିକ୍-କ୍ଲୋରିନ୍ ଏବଂ ଅନ୍ୟାନ୍ୟ ସହଯୋଗୀ ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ବ୍ୟବସାୟ ସୁଯୋଗ ଅନୁସନ୍ଧାନ ପାଇଁ ବେଦାନ୍ତ ଲିମିଟେଡ୍ (ଆଲୁମିନିୟମ୍ ବ୍ୟବସାୟ) ଜିଏସିଏଲ୍ ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଏପରିକି ଉଭୟ ବେଦାନ୍ତ ଆଲୁମିନିୟମ ଏବଂ ଜିଏସିଏଲ୍ ବ୍ୟବସାୟରେ ମୂଲ୍ୟ ଯୋଗ କରିବାର ସମ୍ଭାବନାକୁ ଏହି ଏମ୍‌ଓୟୁ ଲକ୍ଷ୍ୟ ରଖିଛି। ସେହିଭଳି ସମନ୍ୱୟ ହାସଲ କରିବା ପାଇଁ ସେମାନଙ୍କର କୌଶଳ, ଶକ୍ତି ଏବଂ ସାଧାରଣ ବ୍ୟବସାୟ ଆଗ୍ରହ ଉପରେ ଆଧାର କରି କମ୍ପାନୀ ଏକ ସହଯୋଗୀ ଆଭିମୁଖ୍ୟ ଗ୍ରହଣ କରିଛି। ସେହି ଅନୁଯାୟୀ ଉଭୟ କମ୍ପାନୀ ସହଯୋଗର ସୁଯୋଗକୁ ଅଧିକ ବିସ୍ତୃତ ଭାବେ ଅନୁସନ୍ଧାନ କରିବାକୁ ଚାହାନ୍ତି; ଯଦ୍ୱାରା ପାରସ୍ପରିକ ଲାଭଦାୟକ ଢଙ୍ଗରେ ଉତ୍ସଗୁଡ଼ିକ ଏକାଠି ହୋଇପାରିବ ଏହା ମଧ୍ୟ ବେଦାନ୍ତ ଆଲୁମିନିୟମ୍‌ର ଭୂଲମ୍ବ ଏକୀକରଣ ଦିଗରେ ପ୍ରୟାସ ସହିତ ସୁହାଇବ ବୋଲି କୁହାଯାଇଛି। ବିଶେଷକରି ଏହି ଏମ୍‌ଓୟୁ ସହ ଉଭୟ କମ୍ପାନୀ ମିଳିତ ଉଦ୍ୟୋଗ ପ୍ରକଳ୍ପ ଆକାରରେ କିମ୍ବା ପାରସ୍ପରିକ ଚୁକ୍ତିଭିତ୍ତିକ ବ୍ୟବସ୍ଥା ମାଧ୍ୟମରେ ବ୍ୟବସାୟିକ ସୁଯୋଗକୁ ମିଳିତ ଭାବେ ଅନୁସନ୍ଧାନ କରିବାକୁ ସହମତ ହୋଇଛନ୍ତି।

# ଆଇଓବିର ନୂତନ ସୁବିଧା ଉନ୍ମୋଚିତ

**ଭୁବନେଶ୍ୱର,୨।୧**

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ଆଇଓବି)ର ନୂତନ ସୁବିଧା 'ଅନ୍‌ଲାଇନ ସେଭିଂ ଆକାଉଣ୍ଟ ପୋର୍ଟେବିଲିଟ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ଯେଉଁ ଗ୍ରାହକମାନେ ସେମାନଙ୍କ କ୍ୟାରିୟର କିମ୍ବା ଶିକ୍ଷା ପାଇଁ ବିଭିନ୍ନ ସ୍ଥାନକୁ ଯାଇଥାନ୍ତି ଏବଂ ସେମାନଙ୍କ ଘର ବ୍ୟାଙ୍କ ଆକାଉଣ୍ଟକୁ ବର୍ତ୍ତମାନର ସ୍ଥାନକୁ ସ୍ଥାନାନ୍ତର କରିବା କଷ୍ଟକର ହୋଇଥାଏ। ଏପରିକି ଅନଲାଇନରେ ଉପଲବ୍ଧ ଉକ୍ତ ସୁବିଧା ଗ୍ରାହକମାନଙ୍କୁ ଅସୀମ ଫର୍ମ ପୂରଣ କରିବାର କଠିନ ପ୍ରକ୍ରିୟାକୁ ଏଡ଼ାଇବାରେ ସାହାଯ୍ୟ କରିଥାଏ ଏବଂ ଆକାଉଣ୍ଟ ଟ୍ରାନ୍ସଫର ହେବାର ଅପେକ୍ଷା ଦିନକୁ କମ୍ କରିଥାଏ। ଏ ସମ୍ପର୍କରେ ଆଇଓବିର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଅଜୟ କୁମାର ଶ୍ରୀବାସ୍ତବ କହିଛନ୍ତି, ଗ୍ରାହକଙ୍କ ବ୍ୟାଙ୍କିଙ୍ଗ ଯାତ୍ରାକୁ ଅଧିକ ଦକ୍ଷ ଏବଂ ସହଜ କରିବା ଦିଗରେ ଆମର ନିରନ୍ତର ପ୍ରୟାସର ଏକ ଅଂଶ ଭାବେ ଆମେ ଅନ୍‌ଲାଇନ ସେଭିଂ ଆକାଉଣ୍ଟ ପୋର୍ଟେବିଲିଟି ସେବାକୁ ସାର୍ବଜନୀନ କ୍ଷେତ୍ରରେ ଉପସ୍ଥାପନ କରୁଛୁ। ସେହିଭଳି ଏକ ଅଭିନବ ସମାଧାନ ସହିତ ଟେକ୍ନୋଲୋଜିର ଅଗ୍ରଭାଗରେ ରହିବାକୁ ଆମେ ପ୍ରତିଶ୍ରୁତିବଦ୍ଧ, ଯାହା ଆଜିର ଡିଜିଟାଲ ଯୁଗରେ ଗ୍ରାହକଙ୍କ ବିକାଶଶୀଳ ଆବଶ୍ୟକତାକୁ ପୂରଣ କରିଥାଏ। ବିଶେଷକରି ଏକ ଆକାଉଣ୍ଟ ସ୍ଥାନାନ୍ତର ଆରମ୍ଭ କରିବାକୁ ଗ୍ରାହକମାନେ ବ୍ୟାଙ୍କର ୱେବସାଇଟ୍ (www.iob.in) କୁ ଲଗ୍ ଇନ୍ କରିବା ଏବଂ 'ଟ୍ରାନ୍ସଫର ଅଫ୍ ସେଭିଂ ଆକାଉଣ୍ଟ' ବିଭାଗକୁ ପ୍ରବେଶ କରିବା ଆବଶ୍ୟକ ରହିଛି।

## ଫୁରସତ

# ଗଛ ଭଳି ଖାଦ୍ୟ ପ୍ରସ୍ତୁତ କରେ ସମୁଦ୍ର ସ୍ଲଗ୍



**ୱାଶିଂଟନ:** ସମୁଦ୍ରରେ ଅନେକ ଜୀବ ଅଛନ୍ତି। ବହୁତ ଜୀବଙ୍କ ବାବଦରେ ଏ ପର୍ଯ୍ୟନ୍ତ ବୈଜ୍ଞାନିକମାନେ ଭଲ ଭାବରେ ଜାଣିପାରି ନାହାନ୍ତି। ବୈଜ୍ଞାନିକମାନେ ସମୁଦ୍ରରେ ଏପରି ଏକ ଜୀବକୁ ପାଇଛନ୍ତି, ଯିଏ ଅନ୍ୟ ଜୀବଙ୍କୁ ଖାଇ ଗଛ ପରି ଖାଦ୍ୟ ପ୍ରସ୍ତୁତ କରିଥାଏ। ସମୁଦ୍ର ସ୍ଲଗ୍ ନାମକ ଏକ ଜୀବ ଶରୀରରେ କ୍ଲୋରୋଫିଲ୍ ରହିଛି। ଏହାର ଉପଯୋଗ ସେ ସୂର୍ଯ୍ୟକିରଣ ମାଧ୍ୟମରେ ଖାଦ୍ୟ ପ୍ରସ୍ତୁତ କରିବାରେ ବ୍ୟବହାର କରିଥାଏ। ସମୁଦ୍ର ସ୍ଲଗ୍ ସମ୍ପୂର୍ଣ୍ଣ ଗଛ ପରି ଫଟୋସିନ୍ଥେସିସ ପ୍ରକ୍ରିୟାର ଉପଯୋଗ କରିଥାଏ। ପ୍ରକୃତରେ ଏହି ଜୀବ ଶରୀରରେ ପଥମରୁ କ୍ଲୋରୋଫିଲ୍ ନ ଥାଏ। ସେ ତା' ଜୀବନ କାଳରେ ଅନେକ ବନସ୍ପତି ବୃକ୍ଷ ଖାଇ ଖାଇ କ୍ଲୋରୋଫିଲ୍ ହାସଲ କରିଥାଏ। ଏହି କାରଣରୁ ଏମାନଙ୍କୁ ସମୁଦ୍ର ସ୍ଲଗ୍ କୁହାଯାଏ। ସେ ଅନ୍ୟ ଜୀବଙ୍କୁ ଖାଇ ପଚାଇବା ପରେ ସେଥିରୁ କ୍ଲୋରୋପ୍ଲାଷ୍ଟକୁ ଅଲଗା କରିଥାଏ ଏବଂ ପରେ ନିଜ କୋଷରେ ତାକୁ ସମାହିତ କରିଦିଏ। ଏହାପରେ ସେମାନଙ୍କୁ କେବଳ ସୂର୍ଯ୍ୟ କିରଣର ଆବଶ୍ୟକ ପଡ଼ିଥାଏ। ଏମାନଙ୍କ ପାଖରେ ଏପରି ଅଦ୍ଭୁତ କ୍ଷମତା ଥିବାରୁ ଏମାନଙ୍କୁ ସୌର ଉର୍ଜା ଥିବା ସମୁଦ୍ର ସ୍ଲଗ୍ କୁହାଯାଏ। ସେମାନେ ଏପରି ଖାଦ୍ୟ ପ୍ରସ୍ତୁତ କରିବା ସମୟରେ ସଂଗୃହୀତ କ୍ଲୋରୋପ୍ଲାଷ୍ଟରୁ ଜିନ୍‌କୁ ମଧ୍ୟ ନେଇଥାନ୍ତି। ଏଥିରେ ନିଜ ଡିଏନ୍‌ଏକୁ ମଧ୍ୟ ମିଶାଇଥାନ୍ତି। ଏମାନେ ଜିନ୍ ଟ୍ରାନ୍ସଫର କରିବାର ଅଦ୍ଭୁତ ଉଦାହରଣ ଅଟନ୍ତି। ଅଧିକାଂଶ ସମୁଦ୍ର ସ୍ଲଗ୍ ଆମେରିକା ଏବଂ କାନାଡାର ପୂର୍ବତଟର ଲୁଣି ଦଳ ଏବଂ ପୋଖରୀ ଆଦିରେ ଦେଖିବାକୁ ମିଳିଥାଏ। ଏମାନଙ୍କ ଲମ୍ବ ୨ରୁ ୩ ସେମି ହୋଇଥିବାବେଳେ ଏମାନେ ୬ ସେମି ପର୍ଯ୍ୟନ୍ତ ବଢ଼ିପାରନ୍ତି।

# ଫେବୃଆରୀ ୨୨ରେ ରକୁଲଙ୍କ ବାହାଘର



**ମୁମ୍ବାଇ:** ଅଭିନେତ୍ରୀ ରକୁଲ ପ୍ରୀତ ସିଂ ଦୀର୍ଘଦିନ ଧରି ପ୍ରସିଦ୍ଧ ନିର୍ମାତା-ନିର୍ଦ୍ଦେଶକ ତଥା ଅଭିନେତା ଜ୍ୟାକି ଭଗ୍ନାନୀଙ୍କୁ ଡେଟ୍ କରୁଛନ୍ତି। ଦୁହେଁ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ଏନେଇ ରକୁଲ ଘୋଷଣା କରିଛନ୍ତି। ଚଳିତବର୍ଷ ଫେବୃଆରୀ ୨୨ ତାରିଖରେ ଉଭୟେ ଗୋଆରେ ବିବାହ କରିବେ ବୋଲି ଜଣାପଡ଼ିଛି। ସେମାନେ ନିଜ ବିବାହକୁ ବ୍ୟକ୍ତିଗତ ରଖିବାକୁ ଚାହୁଁଛନ୍ତି। ଦୁହେଁ ବିବାହ ପୂର୍ବରୁ ଏବେ ଛୁଟିଦିନକୁ ଉପଭୋଗ କରୁଛନ୍ତି। ବର୍ତ୍ତମାନ ଉଭୟେ ଥାଇଲାଣ୍ଡରେ ଅଛନ୍ତି। ପୂର୍ବରୁ ୨୦୨୧ ଅକ୍ଟୋବରରେ ରକୁଲ ଏବଂ ଜ୍ୟାକି ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ସେମାନଙ୍କ ସମ୍ପର୍କକୁ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ରକୁଲ ୨୦୦୯ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେ ତାଙ୍କ ଅଭିନୟରେ ଫ୍ୟାନ୍ସଙ୍କ ହୃଦୟ ଜିତିପାରିଛନ୍ତି। ନିକଟରେ ତାଙ୍କୁ 'ମୁଝେ ତୁମ୍‌ସେ ପ୍ୟାର ହୁଆ'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ପାଖରେ ଆଉ ୩ଟି ଫିଲ୍ମ ରହିଛି।

# ୨ଟି ପୋଲରେ ବିଶ୍ୱକୁ ସଂଯୋଗ



**ଏଥେନ୍ସ:** ଗ୍ରୀସ୍‌ର ପଶ୍ଚିମରେ ଏକ ସୁନ୍ଦର ଦ୍ୱୀପ ରହିଛି। ସେହି ଦ୍ୱୀପଟି କେବଳ ୨ଟି ପୋଲ ସାହାଯ୍ୟରେ ଅନ୍ୟ ସ୍ଥାନ ସହିତ ଯୋଡ଼ି ହେଉଛି। ଏଠାରେ ଥିବା ଐତିହାସିକ କାନ୍ଥ, ନ୍ୟାଶନାଲ ପାର୍କ, ଏକ ଚର୍ଚ୍ଚ ଏଠାକାର ସୌନ୍ଦର୍ଯ୍ୟକୁ ଅଧିକ ବଢ଼ାଉଛି। ଏଠାକାର ଜନସଂଖ୍ୟା ଦିଲ୍ଲୀର ଏକ ଜିଲାଠାରୁ ବି କମ୍। ଏଠି କେବଳ ୧୨ଶହ ଲୋକ ହିଁ ବସବାସ କରନ୍ତି। ଦ୍ୱୀପର କ୍ଷେତ୍ରଫଳ ୧୨୯ ବର୍ଗ କି.ମି.। ଏଠାରେ ସ୍ଥାନୀୟ ଶାସନ ଚାଲେ ଏବଂ ମେସୋଲୋନ୍‌ଗି ନଗରପାଳିକା କ୍ଷେତ୍ରର ଅଂଶ ବୋଲି ଧରାଯାଏ। ଦ୍ୱୀପର ପୂର୍ବରେ ପାହାଡ଼ ସହ କ୍ଷେତ ଏବଂ ଘାସ ରହିଛି। ଏଠାରେ ପକ୍ଷୀ ଏବଂ ମାଛଙ୍କ ସଂଖ୍ୟା ବହୁତ ଅଧିକ। ଏଠାକାର ଆର୍ଥିକ ବ୍ୟବସ୍ଥା କୃଷି ଏବଂ ମାଛଚାଷ ଉପରେ ନିର୍ଭରଶୀଳ। ଦ୍ୱୀପରେ ଅଧିକ ଗହଳିଚହଳି ନ ଥିଲେ ସୁଦ୍ଧା ଅନେକ ପୋଲ ଏବଂ ସରୁ ରାସ୍ତା ଭରି ରହିଛି। ମେସୋଲୋନ୍‌ଗି ଆଇଟୋଲିକୋ ଲାଗୁନ ନ୍ୟାଶନାଲ ପାର୍କରେ ବହୁ ପ୍ରଜାତିର ବୃକ୍ଷ ଏବଂ ଜୀବଜନ୍ତୁ ଦେଖିବାକୁ ମିଳିଥାନ୍ତି। ଲାଗୁନ ବିଚ୍‌ରେ ଥିବା ୨ ପୋଲ ଜରିଆରେ ଏହି ଦ୍ୱୀପ ଦୁନିଆ ସହିତ ସଂଯୁକ୍ତ ହୋଇଛି। ପର୍ଯ୍ୟଟକ ଏଠାରେ ପାଦରେ ଚାଲିବାକୁ ଅଧିକ ପସନ୍ଦ କରନ୍ତି।

# ୨ ଯାଆଁଳାଙ୍କ ଜନ୍ମ ଭିନ୍ନ ବର୍ଷରେ

**ଟ୍ରେନଟନ୍:** ଆମେରିକାର ଏକ ରିପୋର୍ଟ ମୁତାବକ, ପ୍ରତିଦିନ ପୃଥିବୀରେ ୩.୮ ଲକ୍ଷ ପିଲା ଜନ୍ମ ହେଉଛନ୍ତି। ନିକଟରେ ନ୍ୟୁ ଜର୍ସିରେ ୨ ଯାଆଁଳା ପିଲା ଜନ୍ମ ହୋଇଛନ୍ତି, ହେଲେ ୨ ଭିନ୍ନ ବର୍ଷରେ। ରିପୋର୍ଟ ଅନୁଯାୟୀ, ନ୍ୟୁ ଜର୍ସିର ଏକ ଦମ୍ପତି ଆଲିଆ କିଓମି ମୋରିସ ଏବଂ ମାଇକେଲ ନିକଟରେ ମା' ବାପା ହୋଇଛନ୍ତି। ଆଲିଆ ନ୍ୟୁ ହାଭେନ ହସ୍ପିଟାଲରେ ୨ ଯାଆଁଳା ଛୁଆ ଗୋଟେ ପୁଅ ଓ ଗୋଟେ ଝିଅକୁ ଜନ୍ମ ଦେଇଛନ୍ତି। ହେଲେ ଦୁହେଁ ଅଲଗା ଅଲଗା ବର୍ଷରେ ଜନ୍ମ ହୋଇଛନ୍ତି। ଅର୍ଥାତ୍ ଜଣେ ଗତବର୍ଷ ଏବଂ ଆଉ ଜଣେ ଏ ବର୍ଷ। ପ୍ରଥମେ ଜନ୍ମ ହୋଇଥିବା ପୁଅ ଗତବର୍ଷ ଡିସେମ୍ବର ୩୧ ତାରିଖ ରାତି ୧୧ଟା ୫୯ମିନିଟରେ ଜନ୍ମ ହୋଇଥିବାବେଳେ ଏହାର ୩ ମିନିଟ୍ ପରେ ଝିଅଟି ନୂଆବର୍ଷ ରାତି ୧୨ଟା ୨ମିନିଟରେ ଜନ୍ମ ହୋଇଛି। ଦୁହିଁଙ୍କ ଓଜନ ପ୍ରାୟ ୩ କିଲୋ ଥିବାବେଳେ ମା' ମଧ୍ୟ ସୁସ୍ଥ ଥିବା ଜଣାପଡ଼ିଛି।



# କଦଳୀ ଚାଷରେ ରୋଗ ନିୟନ୍ତ୍ରଣ

କଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡ଼ିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।



# ଗହମରେ ରୋଗ-ପୋକ ପରିଚାଳନା

ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତିଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବା ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନଦିଅନ୍ତୁ।



# ଖରିଫ ଧାନ ଅମଳ ପରବର୍ତ୍ତୀ ଯତ୍ନ

ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇ ଦେବା ଉଚିତ। ଧାନ ସାଇତିବା ପୂର୍ବରୁ ଅମାରଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାରଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ। ଡାଲୁଅଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରିକୁ କାଦୁଅ କରି ଶେଷ ଓଡ଼ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ। ବିହନରୁ କଣ୍ଡା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ। ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

**ସୋରିଷ:** ଆବଶ୍ୟକତା ନେଇ ଜଳସେଚନ କରନ୍ତୁ। ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ। କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ସୂର୍ଯ୍ୟମୁଖୀ:** ସୂର୍ଯ୍ୟମୁଖୀରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ।

**ଆଳୁ :** ମାଟିର ଆବଶ୍ୟକତାକୁ ଚାହିଁ ୮-୧୦ ଦିନ ଅନ୍ତରରେ ପାଣି ମଡ଼ାନ୍ତୁ। ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଉଚିତ। ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ। ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୨ କି.ଗ୍ରା. ଇଣ୍ଡୋଫିଲ୍ ଏମ୍-୪୫ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ। ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍ସିଲ୍ + ମାନ୍‌କୋଜେବ୍ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ। ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ।

**ପନିପରିବା:** କୋବି ଜାତୀୟ ଫସଲରେ ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତ କରି ତଳି ପକାନ୍ତୁ।

**ତରଭୁଜ:** ତରଭୁଜ ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ। କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ। ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ। ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇଦେବା ଉଚିତ। ଏହାର ଉନ୍ନତ କିସମ ହେଉଛି-ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା ସଙ୍କର କିସମ ମଧ୍ୟରେ ରହିଛି ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍ ଏବଂ ଆଣ୍ଡାମାନ୍।

**ଆମ୍ବ:** ଆମ୍ବବଉଳ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ। ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ। ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍-୪୫ ୧ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ।

-କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର-୩



## ଏ ମାସର କୃଷି ସୂଚନା

## ଡାଲିଜାତୀୟ ଫସଲରେ ବିହନ ବିଶୋଧନ

ଡାଲିଜାତୀୟ ଫସଲରେ ୧ କି.ଗ୍ରା. ବିହନ ପିଛା କାର୍ବୋକ୍ସିନ୍ ୩୭.୫% ସହ ଥିରାମ୍ ୩୭.୫% ମିଶ୍ରିତ ଡି.ଏସ୍. ଫିମ୍ପିନାଶକ ୨ ଗ୍ରାମ୍ ଗୋଳାଇ ବିହନ ବୁଣନ୍ତୁ। ହେକ୍ଟର ପ୍ରତି ୨୫ କି.ଗ୍ରା. ବିହନରେ ୫୦୦ ଗ୍ରାମ୍ ରାଇଜୋବିୟମ୍ ବୀଜାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। ବିହନକୁ ଧାଡ଼ିରେ ବୁଣନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ। ଜମିକୁ ଭଲ ଭାବରେ ଚାଷ କରି ହେକ୍ଟର ପିଛା ୧୦/୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଟିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ।



# ଆଖୁରେ କୋଡ଼ାଖୁସା



ଆଗରୁ ଲଗାଯାଇଥିବା ଆଖୁ ୪୫ଦିନର ହୋଇଯାଇଥିଲେ କୋଡ଼ା ଖୁସା କରି ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାରକୁ ଧାଡ଼ିରେ ପ୍ରୟୋଗକରି ହୁଡ଼ା ଟେକି ଦିଅନ୍ତୁ। ମୂଳି ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ଏକର ପ୍ରତି ୪୦କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ମନ୍ଦା ପ୍ରଣାଳୀରେ ଲଗାଯାଇଥିବା ଆଖୁ ୩୦ରୁ ୪୫ଦିନର ହୋଇଯାଇଥିଲେ ମନ୍ଦା ପିଛା ୧୫ଗ୍ରାମ୍ ୟୁରିଆ ଓ ୧୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାରକୁ ୟୁରିଆ ସାର ହିସାବରେ ବ୍ୟବହାରକଲେ ୟୁରିଆ ସହିତ ନିମ୍ବ ପିଡ଼ିଆ ମିଶାଇ ପ୍ରୟୋଗ କରନ୍ତୁ। ୧୦୦କି.ଗ୍ରା. ୟୁରିଆ ସହ ୨୦କି.ଗ୍ରା. ନିମ୍ବପିଡ଼ିଆ ମିଶାଇବାକୁ ପଡ଼ିଥାଏ। ରାସାୟନିକ ଜୈବିକ ସାରକୁ ୫୦୦କି.ଗ୍ରା. ଗୁଣ୍ଡ ଗୋବରଖତ ସହ ମିଶାଇ ଆଖୁ ଲଗାଇବାର ୩୦ଦିନରେ ଥରେ ଏବଂ ୬୦ଦିନରେ ଆଉ ଥରେ ଆଖୁ ଗଛ ମୂଳରେ ଦିଅନ୍ତୁ।

# ଚିନାବାଦାମରେ ଫୁଲ ଆସୁଥିଲେ...

ଚିନାବାଦାମ ଫସଲରେ ଫୁଲ ଆସିବା ସମୟରେ କୋଡ଼ାଖୁସା କରନ୍ତୁ ନାହିଁ। ଏହି ଫସଲରେ ପତ୍ରକଣା ଓ ପତ୍ରଖିଆ ପୋକ ଲାଗିବା ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଏଣ୍ଡୋସଲଫାନ୍ ମିଶାଇ ସିଞ୍ଚନ କରନ୍ତୁ। ପ୍ରତି ଲିଟର ପାଣିରେ ୨ମି.ଲି. ହିସାବରେ ମନୋକ୍ରୋଟୋଫସ କିମ୍ବା କ୍ଲୋରୋ ପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ।



# ପ୍ରାଣୀଙ୍କ ଯତ୍ନ

ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍‌ଏମ୍‌ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାଙ୍କର ନାଳି ଝାଡା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର୍ ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।





# ଫୁଲଚାଷ

ଗେଣ୍ଡୁ ଫୁଲ ଚାଷ ପାଇଁ ପଟାଳି ପ୍ରସ୍ତୁତକରି ସିରାକୋଲ୍ ବି.ଏମ୍.-୨ ଏବଂ ବି.ଏମ୍.-୩ କିସମର ଗେଣ୍ଡୁଚାରା ଲଗାନ୍ତୁ। ଡେଙ୍ଗାକିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଏବଂ ବାମନ କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୨୦-୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ। ଗୋଲାପ ଚାଷରେ ଉକୁଣିଆ ଓ ଜଉପୋକ ଦମନ ପାଇଁ ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଗେଣ୍ଡୁ ଗଛରେ ପତ୍ରପୋଡ଼ା, କଡ଼ଶଢ଼ା, ଫୁଲଶଢ଼ା ରୋଗ ପାଇଁ କାର୍ବେଣ୍ଡାଜିମ୍ ୧ ଗ୍ରାମ୍ / ମାଙ୍କୋଜେବ୍ ୨.୫ ଗ୍ରାମ୍ /୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଗେଣ୍ଡୁର ନୂଆ ଗେଣ୍ଡୁର କିସମ ମଧ୍ୟରେ ରହିଛି ସିରାକୋଲ୍, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ଅରେଞ୍ଜ, ବି.ଏମ୍.-୨ ଏବଂ ବି.ଏମ୍.-୩। ଚାରା ମାସକର ବା ୪୦ ଦିନ ହୋଇଥିଲେ ଅଗ୍ରମୁକୁଳ ଭାଙ୍ଗି ଦିଅନ୍ତୁ। ମୂଳସାର ଦେବାର ୧ ମାସ ପରେ କୋଡ଼ାଖୁସା କରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଗ୍ଲାଡିଓଲସ୍ ଚାଷ କରୁଥିଲେ ୨ପତ୍ର ଅବସ୍ଥାରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ବର୍ତ୍ତମାନ ମଧ୍ୟ ଗ୍ଲାଡିଓଲସ୍ ଲଗାଇପାରିବେ। ଲଗାଇବା ପୂର୍ବରୁ କନ୍ଦାକୁ ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ।

# ଚାଷୀଙ୍କ ପାଇଁ...

ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହିତ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ୧ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି। ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମି.ଲି. ଏଣ୍ଡୋସଲ୍‌ଫାନ୍ କିମ୍ବା ୫୦୦ ମି.ଲି. ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।



# Classified Everyday
**0674-2580101, 2549949**




## BRIDE WANTED

Suitable Karan/ Khandayat Girl for MBA Boy (Business), Age-36, settle in Bhubaneswar. Contact: 9861074921. D-2160

Wanted a bride (Job/ without Job) for a 43years Govt. Employee SC groom. Contact- 8249993227. D-75311

Handsome Karan Boy 1990, 5'7", B.Tech, MBA Serving Engineer Delhi, "SUNASANSAR". 9937512659, 8249969649. D-75290

Looking a bride [both Bengali/ Odia] for our son Bengali Kayastha, B.Tech, 33/5'8". Working Petroleum MNC, Bangalore, earning Rs.30.00 Lakhs annually, parents settled own house in Cuttack. [M] +91 8917672559. D-2129

Beautiful Khandayat Girl/ 28/ OAS Officer/ Bhubaneswar. 'SUHAG'. 9938199964, 9090486408. D-2165

## GROOM WANTED

Wanted qualified Odia Groom of any caste Service/Business 35-40Yrs. for a beautiful bride Ph.D. continue Bhubaneswar. 8917585202. D-74315



## REAL ESTATE

**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grand Bazar NH-16ରୁ 1K.M. ଏବଂ Sum-2 Hospitalରୁ 2K.M. ମଧ୍ୟରେ ଘରବାଡ଼ି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। 9658562429. D-75287

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289




**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Spa Kerala body Massage best Therapist @699/- Bhubaneswar. Kajal- 9337672475. D-2130

**Asribadaa Panchakarma herbal SPA, Kesharimall, Bhubaneswar. Contact: 8926173473.** D-75091

**Ashirvaad Salon and SPA get good massage for your health tha best therapy. 7077181074.** D-75081

## AFFIDAVIT

I, Sayed Jawaid Hossain, S/o- Late Sayed Iqbal Hossain, resident of Plot No.-141/970/1285, Shaikh Sahi, Jadupur, Bhubaneswar, Bhubaneswar(M.C), Khorda, Odisha-751019, declare by this affidavit No.- 65AA 108626, dtd. 02.01.2024 that now onwards I shall be known as Sayed Jawid Hossain for all future purposes. D-2167

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

I Kedar Nath Mallick, aged 44 years, S/o- Dhruba Charan Mallick, resident of Plot No.335, Jharpada, near Divine Public School, Bhubaneswar, Dist.- Khurda, Odisha-751006, my actual name Kedar Nath Mallick (as per my Aadhaar Card) which has been mentioned as Kedar Nath Malik in my 10th HSC Certificate bearing Roll No.65AD020, declare by this affidavit No.- 68AA911223 date-02 Jan 2024, that now onwards Kedar Nath Malik and Kedar Nath Mallick is one and same person belongs to my name. D-2166

By virtue an affidavit sworn before Notary Public, Bargarh, I, Gunnam Bhaskar Rao, Son of Late Gunnam Ramchandra Rao, resident of Ambsada (Ramkrushna Nagar), P.O- Barahguda, P.S/ Dist.- Bargarh do hereby solemnly declare that the Registered Sale Deed 1956 & ID No.1988 of 1975 dated 01.03.1975 of DSR Bargarh which was purchased by my father Late Gunnam Ramchandra Rao.

Gunnam Bhaskar Rao
Deponent
D-2161

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରୋ ରଙ୍ଗୀନ ଟ୪୨୦/- ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର
ନଂ.-୩, ଇଜିଲାସ ୪ର୍ଥ ମହଲା
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ
ଭୁବନେଶ୍ୱର, ଓ.ଏସ୍.ଏସ୍.କେସ୍
ନଂ.-୧୧୬୯/୨୦୧୮
ଏମ୍/ଏସ୍. ହାଇ-ଟେକ ଇଷ୍ଟେଟ ଆଣ୍ଡ୍ ପ୍ରୋମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ....ବାଦୀ
ବନାମ
ରମେଶ ଚନ୍ଦ୍ର ନିଶଙ୍କ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫
ରୁଲ୍-୨୦ ମୁତାବକ

୨. ସୁରେଶ ଚନ୍ଦ୍ର ନିଶଙ୍କ, ୩. ଲେଖନ ନିଶଙ୍କ ଉଭୟଙ୍କର ପିତା ସ୍ୱର୍ଗତ କମଳ ଲୋଚନ ନିଶଙ୍କ ୯. କୁମୁଦିନୀ ନିଶଙ୍କ ପିତା ସ୍ୱର୍ଗତ କମଳ ଲୋଚନ ନିଶଙ୍କ ସମସ୍ତଙ୍କର ବାସସ୍ଥାନ ସା- ଭାତଖୁରି, ପୋଷ୍ଟ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୦. ନବ କୁମାର ପୃଷ୍ଟି, ପିତା- ଜାମା ସୁବାରାଓ ପୃଷ୍ଟି, ସା- ପ୍ଲଟ୍ ନଂ.- ୩/୩୮, ଆଇ.ଆର୍.ସି. ଭିଲେଜ, ପୋଷ୍ଟ/ଥାନା- ନୟାପଲ୍ଲୀ, ଜିଲ୍ଲା- ଖୋର୍ଦ୍ଧା

ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୩ ଏବଂ ୯ ନୋଟିସ୍ ଜାରି ହୋଇ ମୃତ ଥିବା ହେତୁ, ଏବଂ ପ୍ରତିବାଦୀ ନଂ.-୨ ଏବଂ ୧୦ଙ୍କୁ ନୋଟିସ୍ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୧୧।୦୧।୨୦୨୪ ଦିବା ୩.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲ ଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଭାତଖୁରି, ତହସିଲ-ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.-୩୬, ସାବକ ପ୍ଲଟ୍ ନଂ.-୧୦୭୨, ଏରିଆ- ଏ୦.୨୮୫ଡି., ହାଲ୍ ଖାତା ନଂ.- ୮୮, ହାଲ୍ ପ୍ଲଟ୍ ନଂ.-୧୬୮୦, ଏରିଆ- ଏ୦.୨୮୫ଡି.

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ
ନଂ.୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୨୧୬୮

ମାନ୍ୟବର ଅତିରିକ୍ତ କମିଶନର
ନଂ.-୩, ଇଜିଲାସ ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ
ଭୁବନେଶ୍ୱର, ଓ.ଏସ୍.ଏସ୍.କେସ୍
ନଂ.-୧୧୭୦/୨୦୧୮
ଏମ୍/ଏସ୍. ରାଜଧାନୀ ସିଷ୍ଟମ ଆଣ୍ଡ୍ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍ ....ବାଦୀ
ବନାମ
ରମେଶ ଚନ୍ଦ୍ର ନିଶଙ୍କ ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫
ରୁଲ୍-୨୦ ମୁତାବକ

୨. ସୁରେଶ ଚନ୍ଦ୍ର ନିଶଙ୍କ, ପିତା ସ୍ୱର୍ଗତ କମଳ ଲୋଚନ ନିଶଙ୍କ, ୧୨. ଭ୍ରମରବର ନିଶଙ୍କ, ୧୩. ଉଦୟନାଥ ନିଶଙ୍କ, ୧୪. ବ୍ରଜବନ୍ଧୁ ନିଶଙ୍କ, ପ୍ରତିବାଦୀ ନଂ.-୧୨, ୧୩, ୧୪ ମାନଙ୍କର ପିତା ଗୋପୀନାଥ ନିଶଙ୍କ ସମସ୍ତଙ୍କର ବାସସ୍ଥାନ ସା- ଭାତଖୁରି, ପୋଷ୍ଟ- ଗଙ୍ଗପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୧୨, ୧୩ ଏବଂ ୧୪ ନୋଟିସ୍ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ.-୨ଙ୍କୁ ନୋଟିସ୍ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି। ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୧୧।୦୧।୨୦୨୪ ଦିବା ୩.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଭାତଖୁରି, ତହସିଲ- ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.-୨୬୫, ସାବକ ପ୍ଲଟ୍ ନଂ.-୧୦୭୫, ଏରିଆ- ଏ.୦.୦୮୪,୧/୬ଡି., ହାଲ୍ ଖାତା ନଂ.-୨୫୭, ହାଲ୍ ପ୍ଲଟ୍ ନଂ.-୧୬୮୩, ଏରିଆ- ଏ.୦.୦୮୪, ୧/୬ଡି.

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ
ନଂ.୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ- ୨୧୬୯

ମାନ୍ୟବର ଅତିରିକ୍ତ କମିଶନର
ନଂ.-୩, ଇଜିଲାସ ୪ର୍ଥ ମହଲା,
ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ
ଭୁବନେଶ୍ୱର, ଓ.ଏସ୍.ଏସ୍.କେସ୍
ନଂ.-୧୧୭୧/୨୦୧୮
ଏମ୍/ଏସ୍. ରାଜଧାନୀ ସିଷ୍ଟମ ଆଣ୍ଡ୍ ଇଷ୍ଟେଟ ପ୍ରାଇଭେଟ୍ ଲିମିଟେଡ୍ ....ବାଦୀ
ବନାମ
ସୁଶୀଳାବଳା କର ଏବଂ ଅନ୍ୟମାନେ ....ପ୍ରତିବାଦୀ

ନୋଟିସ୍ ସି.ପି.ସି. ଅର୍ଡର-୫
ରୁଲ୍-୨୦ ମୁତାବକ

୧. ସୁଶୀଳାବଳା କର, ସ୍ୱାମୀ- ସ୍ୱର୍ଗତ ହରିହର କର, ୨. ହିରାଂଶୁ କୁମାର କର, ୩. ହିତାଂଶୁ କୁମାର କର, ଉଭୟଙ୍କର ପିତା ହରିହର କର, ୭. ସୁଜାତା ନରେନ୍ଦ୍ର ସିଂହ, ୮. ସସ୍ମିତା ନରେନ୍ଦ୍ର ସିଂହ, ୯. ନିବେଦିତ ନରେନ୍ଦ୍ର ସିଂହ, ପ୍ରତିବାଦୀ ନଂ.-୭, ୮, ୯ ମାନଙ୍କର ପିତା ସ୍ୱର୍ଗତ ପ୍ରମୋଦ ନରେନ୍ଦ୍ର ଚନ୍ଦ୍ର ପାହାଡ଼ ସିଂହ, ସମସ୍ତଙ୍କର ବାସସ୍ଥାନ ସା/ପୋଷ୍ଟ- ଗଙ୍ଗପଡ଼ା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା
ଉପରୋକ୍ତ ରିଭିଜନ କେସ୍ ବାଦୀ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ଆଇନର ଧାରା ୧୫ (ଖ) ଅନୁଯାୟୀ ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦଙ୍କ ଇଜିଲାସରେ ଦାଖଲ କରିଅଛନ୍ତି। ଯେହେତୁ ପ୍ରତିବାଦୀ ନଂ.-୧ ଏବଂ ୨ ନୋଟିସ୍ ଜାରି ହୋଇ ମୃତ ଥିବା ହେତୁ ଏବଂ ପ୍ରତିବାଦୀ ନଂ.-୩, ୭, ୮ ଏବଂ ୯ଙ୍କୁ ନୋଟିସ୍ ଜାରି ହୋଇ ବିଭିନ୍ନ କାରଣରୁ ଫେରସ୍ତ ଆସିଅଛି ସେଥିପାଇଁ ଉକ୍ତ ବିଜ୍ଞାପନ ମାଧ୍ୟମରେ ସେମାନେ କିମ୍ବା ତାଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ସେମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମାମଲାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୩ ଇଜିଲାସ ୪ର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୧୧।୦୧।୨୦୨୪ ଦିବା ୩.୦୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଉକ୍ତ ମାମଲାର ତଫସିଲଭୁକ୍ତ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ସମ୍ପତ୍ତିର ବିବରଣୀ

ମୌଜା- ଭାତଖୁରି, ତହସିଲ-ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.-୧୬୭, ସାବକ ପ୍ଲଟ୍ ନଂ.-୧୦୭୧, ଏରିଆ- ଏ.୦.୨୧୦ଡି., ହାଲ୍ ଖାତା ନଂ.- ୫୭୬, ହାଲ୍ ପ୍ଲଟ୍ ନଂ.-୧୬୭୯, ଏରିଆ- ଏ.୦.୨୧୦ଡି.

ଏଣୁ ଉପରୋକ୍ତ ମାମଲାର ଉପର ଲିଖିତ ପ୍ରତିବାଦୀମାନେ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ଥାଆନ୍ତି, ତେବେ ସେମାନେ ନିଜେ କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଉପର ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାରେ ପକ୍ଷଭୁକ୍ତ ହେବା ନିମନ୍ତେ ଆପତ୍ତି କରିପାରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଇସଲା କରାଯିବ।

ଅତିରିକ୍ତ କମିଶନର ଅଦାଲତ
ନଂ.୩ଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୨୧୭୦

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ସୁଶ୍ରୀ ସୁହାନି ବେହେରା**

ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଭଗବାନ କରନ୍ତୁ ତୁମ ଚଲାପଥ ହସଖୁସିରେ ଭରିଉଠୁ।
"ଜନ୍ମଦିନର ହାର୍ଦ୍ଦିକ ଅଭିନନ୍ଦନ"
ଧ-୨୧୫୭

# ୬ରୁ ଭିତରକନିକାରେ ବିଦେଶୀ ପକ୍ଷୀ ଗଣନା



**ରାଜନଗର, ୨ା୧ (ଭାସ୍କର ରାଉତରାୟ)**

ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ବିଭିନ୍ନ ଆର୍ଦ୍ରଭୂମିରେ ପାଦ ଥାପି ଥିବା ବିଦେଶୀ ପକ୍ଷୀଙ୍କ ଆସନ୍ତା ୬ ତାରିଖରୁ ଗଣନା କରାଯିବ। ପ୍ରଚଣ୍ଡ ଶୀତ ପ୍ରକୋପରୁ ରକ୍ଷା ପାଇବାକୁ ହିମାଳୟ ପାଦଦେଶ ସମେତ ଅଷ୍ଟ୍ରେଲିଆ, ଫ୍ରାନ୍ସ, ରୁଷିଆ, ମଙ୍ଗୋଲିଆ, ମାଲେସିଆ ପ୍ରଭୃତି ଶୀତପ୍ରଧାନ ଦେଶରୁ ରଙ୍ଗ ବେରଙ୍ଗ ପକ୍ଷୀମାନେ ଭିତରକନିକା ଆର୍ଦ୍ରଭୂମିରେ ପହଞ୍ଚିଛନ୍ତି। ନୀଳ ଆକାଶରେ ପକ୍ଷୀ ଦଳବଦ୍ଧ ହୋଇ ଉଡ଼ିବା, ଖାଦ୍ୟ ସଂଗ୍ରହ କରିବାର ଦୃଶ୍ୟ ପର୍ଯ୍ୟଟକମାନଙ୍କୁ ବେଶ ଆକୃଷ୍ଟ କରୁଛି। ରାଜନଗର ବନ ବିଭାଗ ପକ୍ଷରୁ ୬ ତାରିଖରୁ ଏହି ପକ୍ଷୀ ଗଣନା କରାଯିବ ବୋଲି ରାଜନଗର ଡିଏଫ୍ଓ ସୁଦର୍ଶନ ଗୋପୀନାଥ ଯାଦବ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳଗୁଡ଼ିକରେ ବାସ କରୁଥିବା ବଉଳା କୁମ୍ଭୀରମାନଙ୍କ ଗଣନା ପାଇଁ ଜାନୁଆରୀ ୫ରୁ ୧୩ ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କୁ ଭିତରକନିକା ପରିଭ୍ରମଣ କରିବାକୁ ନିଷିଦ୍ଧ କରାଯାଇଛି। ଏହି ସମୟ ମଧ୍ୟରେ ପକ୍ଷୀ ଓ ବଉଳା କୁମ୍ଭୀରଙ୍କ ଗଣନା ଏକା ସାଙ୍ଗରେ କରାଯିବ।

# ନିଲମ୍ବିତ ହେଲେ ପ୍ରଧାନଶିକ୍ଷକ

## ଛାତ୍ରୀଙ୍କୁ ପ୍ରେମ ନିବେଦନ ମହଙ୍ଗା ପଡ଼ିଲା

**ଯାଜପୁର ଟାଉନ/ଯାଜପୁର ସଦର, ୨ା୧ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି/ସମର ବିଜୟ ଶରଣ)**

ଜଣେ ଛାତ୍ରୀଙ୍କୁ ପ୍ରେମ ନିବେଦନ କରିବା ପ୍ରଧାନଶିକ୍ଷକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏନେଇ ଅଭିଯୋଗ ହେବାପରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ତାଙ୍କୁ ନିଲମ୍ବିତ କରିଛନ୍ତି। ସେ ହେଲେ ଯାଜପୁର ବ୍ଲକ୍ ଅଧୀନ ଛତିଶିଦେବିଲ ଗ୍ରାମରେ ଥିବା ନକ୍ଷେତ୍ରମାଳିନୀ ହାଇସ୍କୁଲର ବୃଷଭାନୁ ନାୟକ। କେବଳ ପ୍ରେମ ନିବେଦନ ନୁହେଁ, ଏପରି କି ସେ ଛାତ୍ରୀଙ୍କ ପ୍ରେମାଳାପ କରି ଅତ୍ୟନ୍ତ ଅଶ୍ଳୀଳ ଭାଷାରେ କଥାବାର୍ତ୍ତା କରିଥିଲେ। ଏହାର ଏକ ଅଡିଓ କ୍ଲିପ୍ ଭାଇରାଲ ହୋଇଥିଲା। ପରେ ଗ୍ରାମର କେତେଜଣ ବ୍ୟକ୍ତି ଜିଲା ଶିକ୍ଷାଧିକାରୀଙ୍କୁ ଏ ସମ୍ବନ୍ଧରେ ଜଣାଇବା ସହ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ।

# ୱାଟକୋ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

**ବ୍ରହ୍ମପୁର, ୨ା୧ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର କମାପଲ୍ଲି ନିକଟରେ ଥିବା ୱାଟକୋ କାର୍ଯ୍ୟାଳୟରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ସେଠାରେ ଥିବା ଅନେକ ଫାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ରାତି ପ୍ରାୟ ୩ଟାରେ ୱାଟକୋ କାର୍ଯ୍ୟାଳୟର ଏକ କୋଠରୀରୁ ନିଆଁ ବାହାରୁଥିବା ସେଠାରେ କାର୍ଯ୍ୟରତ ରାତି ଜଗୁଆଳି ଦେଖି କିରାଣି ଛବି ମହାନ୍ତିଙ୍କୁ ଜଣାଇଥିଲେ। ସେ ଏ ନେଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଭାଗୀୟ ଏସଡ଼ିଓ ପ୍ରଶାନ୍ତ କୁମାର ମିଶ୍ର ଓ ଅନ୍ୟ କର୍ମଚାରୀମାନେ ମଧ୍ୟ ସେଠାରେ ପହଞ୍ଚିଥିଲେ। ବିଦ୍ୟୁତ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛି।

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଖୁଲଣା ସୁନ୍ଦରୀ କଳସ**
ରବି ଟକିଜ ଛକ, ଭୁବନେଶ୍ୱର
ଆବିର୍ଭାବ- ୨୯/୧୨/୧୯୩୮
ତିରୋଧାନ- ୦୩/୦୧/୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।
ଧ-୭୩୮୯

**ଏକାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ନୀଳିମା ଜେନା**
ଜନ୍ମ: ୦୪।୦୨।୧୯୬୯
ସ୍ୱର୍ଗାରୋହଣ: ୦୪।୦୧।୨୦୧୩
(ପୌଷମାସ କୃଷ୍ଣପକ୍ଷ ସପ୍ତମୀ)
ଯେତେ ବର୍ଷ ବିତୁଛି, ସେତେ ବେଶି ମନେ ପଡୁଛ। ଜୀବନ ସାରା ମନେ ପଡୁଥିବ ତୁମର ସ୍ନେହ ଏବଂ ଅବଦାନ।
ତୁମରଃ ସ୍ୱାମୀ: ମାନଗୋବିନ୍ଦ, ପୁଅ: ବାପ୍‌ଲୁ, ବୋହୂ: ମୋନା
ଧ-୨୧୭୧

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ଭାଗୀରଥି ସାହୁ**
ଗ୍ରାମ: ଲୁହାମୁଣ୍ଡା, ବଇଣ୍ଡା, ଅନୁଗୋଳ
ଆବିର୍ଭାବ: ୦୨।୦୨।୧୯୫୫
ତିରୋଧାନ: ୧୫।୧୨।୨୦୨୨
ଆପଣଙ୍କୁ ଆମ୍ଭେମାନେ ବହୁତ ମନେ ପକାଉଛୁ। ଆପଣ ଯେଉଁଠି ବି ଥାଆନ୍ତୁ ଭଲରେ ଥାଆନ୍ତୁ। ଆପଣଙ୍କ ଅମର ଆତ୍ମା ମହାପ୍ରଭୁଙ୍କ ପାଦରେ ଚିର ଶାନ୍ତି ଲାଭ କରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ତ୍ରୀ: ପୁଷ୍ପଲତା, ପୁତ୍ର: ରଣଜିତ୍, ଝିଅ: ମମତା, ସୁଜାତା, ଜ୍ୱାଇଁ: ଅଜୟ, ହରମୋହନ, ଭାଇ: ସୁରଥ, ଭଉଣୀ: ଯମୁନା, ସଞ୍ଜୁ, ମଞ୍ଜୁ, ନାତି: କାହ୍ନା, ସିଟୁ, ଉମେଶ, ନାତୁଣୀ: ଜସ୍ମିନ ଓ ସାହୁ ପରିବାରବର୍ଗ।
ଧ-୨୧୭୨

**୧୫ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ରତ୍ନପ୍ରଭା ଧଳ**
ସ୍ୱାମୀ: ସୁଧାକର ଧଳ
ଜଗନ୍ନାଥରୋଡ୍, ଢେଙ୍କାନାଳ
ତୁମ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଆପଣଙ୍କର ଭାଇ, ଭାଉଜ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୭୫୪୧୪

**ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ସୁବାସିନୀ ସ୍ୱାଇଁ**
ସ୍ୱାମୀ- ଦିଲୀପ୍ କୁମାର ସ୍ୱାଇଁ
N5/287, ଆଇ.ଆର୍.ସି. ଭିଲେଜ୍, ଭୁବନେଶ୍ୱର
ଆବିର୍ଭାବ: ତା.୧୦।୦୪।୧୯୭୬
ତିରୋଧାନ: ତା.୦୯।୧୨।୨୦୧୭
ଏହା ଭିତରେ ୬ବର୍ଷ ଅତୀତ। ତୁମ ସ୍ମୃତି ଆମପାଇଁ ଜୀବନ୍ତ, ତୁମ ଦ୍ୱାରା ଲବ୍ଧ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଭଲପାଇବା ସର୍ବଦା ଆମ ପରିବାର ପାଇଁ ପ୍ରେରଣାର ଉତ୍ସହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁଅ, ସ୍ୱାମୀ, ବନ୍ଧୁ ଓ ପରିବାରବର୍ଗ।
ଚାଷୀଖଣ୍ଡ, ୨୨ମୌଜା, ଜଗତ୍‌ସିଂହପୁର
ଧ-୬୧୯୫୭

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ଟେନିସକୁ ଫେରିଲେ ନାଡାଲ

**ବ୍ରିସ୍‌ବେନ (ଅଷ୍ଟ୍ରେଲିଆ), ୨।୧ (ଏପି):** ପ୍ରତିଯୋଗିତାମୂଳକ ଟେନିସକୁ ଫେରିଛନ୍ତି ସ୍ପାନିଶ ଷ୍ଟାର ଖେଳାଳି ରାଫାଲ ନାଡାଲ। ମଙ୍ଗଳବାର ବ୍ରିସ୍‌ବେନ ଇଣ୍ଟରନ୍ୟାଶନାଲରେ ସେ ତାଙ୍କ ରିଟର୍ନ ମ୍ୟାଚରେ ବିଶ୍ୱର ପୂର୍ବତନ ୩ ନମ୍ବର ର୍ୟାଙ୍କିଙ୍ଗ୍ ଖେଳାଳି ଡୋମିନିକ୍ ଥିମ୍‌ଙ୍କୁ ୭-୫, ୬-୧ରେ ହରାଇ ଦେଇଛନ୍ତି। ଗତବର୍ଷ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନର ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ପରାଜିତ ହେବା ପରଠାରୁ ଏହି ୨୨ ଗ୍ରାଣ୍ଡସ୍ଲାମ ବିଜେତା ଏଲିଟ ଲେଭଲରେ ଏପର୍ଯ୍ୟନ୍ତ ଗୋଟିଏ ହେଲେ ସିଙ୍ଗଲ୍ସ ମ୍ୟାଚ ଖେଳି ନ ଥିଲେ। ୩୭ ବର୍ଷୀୟ ନାଡାଲ ପ୍ରଥମ ସେଟ୍‌ରେ ମାତ୍ର ୬ ଅପ୍ରତ୍ୟାଶିତ ତ୍ରୁଟି କରିଛନ୍ତି ଏବଂ ସର୍ଭିସରେ ୩ ପଏଣ୍ଟ ଡ୍ରପ୍ କରିଛନ୍ତି। ଗତ ୯ଟି ଗେମ୍‌ରେ ନାଡାଲଙ୍କର ଏହା ହେଉଛି ୮ମ ବିଜୟ। ମଙ୍ଗଳବାର ମ୍ୟାଚ ଜିତିବା ଲାଗି ସେ ୮୯ ମିନିଟ ସମୟ ନେଇଥିଲେ। ଦୀର୍ଘ ସମୟ ଧରି ହିପ୍ ଇଞ୍ଜୁରୀରେ ରହିଥିବା ନାଡାଲ ବର୍ତ୍ତମାନ ର୍ୟାଙ୍କିଙ୍ଗ ତାଲିକାର ୬୭୨ତମ ସ୍ଥାନରେ ରହିଛନ୍ତି। ଗତ ୧୨ ମାସ ତାଙ୍କ ପ୍ରଫେସନାଲ କ୍ୟାରିୟରରେ ସବୁଠାରୁ କଠିନ ସମୟ ଥିଲା ବୋଲି ସେ କହିଛନ୍ତି। ପ୍ରତ୍ୟାବର୍ତ୍ତନରେ ମଙ୍ଗଳବାର ମ୍ୟାଚ ତାଙ୍କ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମ୍ୟାଚ ପରେ ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍‌କାରରେ କହିଛନ୍ତି।

## ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳିବ ଭାରତ

**ନୂଆଦିଲ୍ଲୀ, ୨।୧(ପି.ଟି.):** ପ୍ୟାରିସ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିର ଏକ ଅଂଶବିଶେଷ ସ୍ୱରୂପ ଜାନୁଆରୀ ୧୪ରୁ ଏକ ଚତୁଃରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ଖେଳିବ ଭାରତୀୟ ପୁରୁଷ ଦଳ। ଏଥିରେ ଆୟୋଜକ ଦେଶ ଦକ୍ଷିଣ ଆଫ୍ରିକା ବ୍ୟତୀତ ଫ୍ରାନ୍ସ ଓ ନେଦରଲାଣ୍ଡ୍ସ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟ ପୂର୍ବରୁ ବୁଧବାରଠାରୁ ଏକ ୩୯ ଜଣିଆ କୋର୍ ଗ୍ରୁପ୍ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ପରିସରରେ ଆୟୋଜିତ ଜାତୀୟ କୋଚିଂ କ୍ୟାମ୍ପରେ ଟ୍ରେନିଂ ନେବ। ହକି ଇଣ୍ଡିଆ ଏକ ପ୍ରେସ୍ ରିଲିଜ୍ ଜରିଆରେ ସୂଚନା ଦେଇଛି। ଭାରତ ପ୍ୟାରିସ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିସାରିଛି। ୧୧ ଦିନିଆ କ୍ୟାମ୍ପ ପରେ ଭାରତୀୟ ହକି ଦଳ କେପ୍‌ଟାଉନ ଅଭିମୁଖେ ଗସ୍ତ କରିବ। ଦକ୍ଷିଣ ଆଫ୍ରିକାରେ ଟେଷ୍ଟ ଜାନୁଆରୀ ୨୮ରେ ଶେଷ ହେବା ପରେ ଭାରତ ସ୍ୱଦେଶ ଫେରି ଫେବୃଆରୀରେ ଓଡ଼ିଶାରେ ପ୍ରୋ-ଲିଗ୍ ଖେଳିବ। ଏହି ପ୍ରତିଯୋଗିତାରେ ଅଷ୍ଟ୍ରେଲିଆ, ନେଦରଲାଣ୍ଡ୍ସ, ସ୍ପେନ୍ ଓ ଆୟର୍ଲାଣ୍ଡ ସହିତ ଡବଲ ହେଡର ଖେଳିବ ଭାରତ।

## କିଟ୍-କିସ୍, ଓଜିପି ବିଜୟୀ

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ):** ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ର ବୁଧବାର ଅନୁଷ୍ଠିତ ୨ଟି ମ୍ୟାଚରେ କିଟ୍/କିସ୍ ଓ ଓଜିପି କ୍ଲବ ବିଜୟ ହାସଲ କରିଛି। ୟୁନିଟ-୧ ଫୁଟବଲ ଗ୍ରାଉଣ୍ଡରେ ଆୟୋଜିତ ମ୍ୟାଚରେ କିଟ୍/କିସ୍ ୭-୧ ଗୋଲରେ ରାଇଜିଂ ଷ୍ଟୁଡେଣ୍ଟ କ୍ଲବକୁ ପରାସ୍ତ କରିଛି। କିଟ୍/କିସ୍ ପକ୍ଷରୁ କୁନ୍ତି ଭୁମିଆ ୫୪, ୬୧ ଓ ୬୫ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ସିମରନି ଦେହୁରୀ ୭୩ ଓ ୭୭ତମ ମିନିଟରେ ୨ଟି ଏବଂ ଅଧିନାୟିକା ଅଙ୍କିତା ନାୟକ ୪୫+୧ ଓ କୁନି ମୁଣ୍ଡା ୪୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଗଙ୍ଗମୁନି ମୁଣ୍ଡାରି ୨୫ତମ ମିନିଟରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ଦଳ ଏହାର ଫାଇଦା ନେଇପାରି ନ ଥିଲା। ଚୀଦ୍ୱାରସ୍ଥିତ ଓଟିଏମ୍ ପଡ଼ିଆରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ଓଜିପି ୩-୦ ଗୋଲରେ ଆର୍ଡୋର ଫୁଟବଲ ଏକାଡେମୀକୁ ହରାଇ ଦେଇଛି। ଓଜିପି ପକ୍ଷରୁ ସିଲା ସିଂ ୧୯, ସୋନାଲି ଶବର ୪୭ ଓ ସୁନିତା ସ୍ୱାଇଁ ୮୧ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।





କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଓଡ଼ିଶାର ଦୁଇ ଖେଳାଳି କଳାକୌଶଳ ପ୍ରଦର୍ଶନ କରୁଛନ୍ତି।

## ନୂଆ ଆଇନ ପ୍ରଚଳନ କରିବ ଶ୍ରୀଲଙ୍କା କ୍ରିକେଟ

**କଲମ୍ବୋ, ୨।୧ (ପି.ଟି.):** ରାଜନୈତିକ ହସ୍ତକ୍ଷେପ ରୋକିବା ପାଇଁ ସସ୍‌ପେଣ୍ଡ ହୋଇଥିବା ଶ୍ରୀଲଙ୍କା କ୍ରିକେଟ(ଏସ୍‌ଏଲ୍‌ସି) ଖୁବ୍‌ଶୀଘ୍ର ଏକ ନୂଆ ଆଇନ ପ୍ରଚଳନ କରିବ। ଗତ ନଭେମ୍ବରରେ ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେଙ୍କ ଦ୍ୱାରା ଗଠିତ ଏକ କ୍ୟାବିନେଟ୍ କମିଟି ସୋମବାର ଏଥିପାଇଁ ଆବଶ୍ୟକ ସୁପାରିସ କରିଥିଲା। ସୂଚନାଯୋଗ୍ୟ, ଆଇସିସି ସଦସ୍ୟ ରାଷ୍ଟ୍ରଗୁଡ଼ିକ ଲାଗି ଉଦ୍ଦିଷ୍ଟ ନିୟମର ଉଲ୍ଲଂଘନ କରି ତତ୍କାଳୀନ କ୍ରୀଡ଼ାମନ୍ତ୍ରୀ ରୋଶନ ରଣସିଂଘେ ଏସ୍‌ଏଲ୍‌ସିର ପରିଚାଳନା ପାଇଁ ଏକ କାମଚଳା ପ୍ୟାନେଲ ଗଠନ କରିବା ପରେ ଏହି ସବ୍‌କମିଟି ଗଠନ କରାଯାଇଥିଲା। ଆଇସିସି ତୁରନ୍ତ ଏସ୍‌ଏଲସିକୁ ସସ୍‌ପେଣ୍ଡ କରିବା ସହ ଚଳିତ ମାସରେ ଖେଳାଯିବାକୁ ଥିବା ୧୯ ବର୍ଷରୁ ବିଶ୍ୱକପ୍‌କୁ ଦକ୍ଷିଣ ଆଫ୍ରିକା ସ୍ଥାନାନ୍ତର କରିଥିଲା।

# ଆଜିଠୁ ଦ୍ୱିତୀୟ ଟେଷ୍ଟ

**କେପ୍‌ଟାଉନ, ୨।୧(ପି.ଟି)**

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ବୁଧବାର ଆରମ୍ଭ ହେବ। ଭାରତୀୟ ବୋଲର ଏହି ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନର ଲକ୍ଷ୍ୟ ରଖିଥିବା ବେଳେ ରୋହିତ ଶର୍ମାଙ୍କ ନିକଟରୁ ମଧ୍ୟ କିଛି ଚମତ୍କାର ଆଶା ରହିବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍(ଡବ୍ଲ୍ୟୁଟିସି) ପଏଣ୍ଟ ଟେବୁଲରେ ଭାରତ ଷଷ୍ଠ ସ୍ଥାନରେ ରହିଥିବା ବେଳେ ଏହି ମ୍ୟାଚ୍‌ରେ ବିଜୟ ହାସଲ କରି ଦଳ ସାମାନ୍ୟ ଉନ୍ନତି ହାସଲ କରିବାକୁ ଚାହିଁବ। ଭାରତୀୟ ସ୍ପିନ୍ ବୋଲିଂ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଏହି ମ୍ୟାଚ୍‌ରେ ଦଳକୁ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ଏହା ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍‌କୁ ଦୃଢ଼ କରିବ। ତେବେ ପ୍ରସିଦ୍ଧ କ୍ରିଷ୍ଣା ଟେଷ୍ଟ ମ୍ୟାଚ୍ ପାଇଁ ଫିଟ୍ ମନେହେଉ ନ ଥିବା ବେଳେ ତାଙ୍କୁ ଦଳରେ ରଖାଯିବ କି ନାହିଁ ତାହାକୁ ନେଇ ସମସ୍ୟାରେ ରହିଛି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ଭାରତ ନିକଟରେ ଚତୁର୍ଥ ସିମରକୁ ନେଇ ସମସ୍ୟା ଲାଗି ରହିଥିବା ବେଳେ ଶାର୍ଦ୍ଦୁଳ ଠାକୁରଙ୍କୁ ସାମିଲ କରାଯିବାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ଦେଖାଦେଇଛି। ଶାର୍ଦ୍ଦୁଳ ଉଭୟ ବ୍ୟାଟ ଓ ବଲ୍ ଜରିଆରେ ପ୍ରଭାବିତ କରିବାରେ ବିଫଳ ହୋଇଛନ୍ତି। ସମାନ ଭାବରେ ଭାରତୀୟ ଟପ୍ ଅର୍ଡର ବ୍ୟାଟିଂ ବିଫଳତା ଚିନ୍ତାର କାରଣ ରହିଛି। ଶୁବମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ ଓ ଶ୍ରେୟସ ଆୟରଙ୍କ ବ୍ୟାଟିଂ ଆଖିଦୃଶିଆ ରହି ନାହିଁ। ଅନ୍ୟପକ୍ଷରେ ଆୟର ଶର୍ଟ ବଲ୍ ବିପକ୍ଷରେ ଅସହଜ ମନେହେଉଥିବା ବେଳେ ତାଙ୍କୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇପାରେ ମ୍ୟାନେଜମେଣ୍ଟ। ପ୍ରଥମ ଇନିଂସରେ ଲୋକେଶ ରାହୁଲ ଓ ଦ୍ୱିତୀୟ ଇନିଂସରେ ବିରାଟ କୋହଲିଙ୍କ ବ୍ୟାଟିଂକୁ ବାଦ୍ ଦେଲେ ଅନ୍ୟ କୌଣସି ପ୍ରଦର୍ଶନ ଆଖିଦୃଶିଆ ରହିନାହିଁ।



ଶ୍ରୀକର ଭରତ ଓ ଶୁବମନ ଗିଲ୍।

**ମ୍ୟାଚ୍ ସ୍ଥାନ: ନ୍ୟୁ ଲାଣ୍ଡ୍ସ**
**ସମୟ: ଅପରାହ୍ନ ୨.୦୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଚଳିତ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ୩ ମ୍ୟାଚ୍ ଖେଳି ସାରିଥିବା ବେଳେ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ହାସଲ କରିଛି। ବିଗତ ୬ ସପ୍ତାହ ରୋହିତ ଶର୍ମାଙ୍କ ପାଇଁ ଭଲ ଫଳାଫଳ ମିଳି ନ ଥିବା ବେଳେ ସେ ଏହାକୁ ପରିବର୍ତ୍ତନ କରିବା ପାଇଁ ବଦ୍ଧପରିକର।

ସେଞ୍ଚୁରିଅନରେ ଭାରତର ବ୍ୟାଟିଂ ଓ ବୋଲିଂ ଏକ୍ସପୋଜ ହୋଇଥିବା ବେଳେ ଦଳ ଇନିଂସ ଓ ୩୨ ରନ୍‌ରେ ପରାଜିତ ହୋଇଥିଲା। କେପ୍‌ଟାଉନ୍ ପିଚ୍‌ରେ ଘାସ ରହିଥିଲେ ମଧ୍ୟ ଏଥିରେ ସ୍ପିନର ଓ ବ୍ୟାଟରଙ୍କ ପାଇଁ ମଧ୍ୟ ଆବଶ୍ୟକ ସହାୟତା ରହିବ। ନିଜ କ୍ୟାରିୟରର ଶେଷ ଟେଷ୍ଟ ମ୍ୟାଚ୍ ଖେଳୁଥିବା ଡିନ୍ ଏଲଗାର ଏହି ମ୍ୟାଚରେ ଅଧିନାୟକ ରହିବେ। ଏହି ମ୍ୟାଚ୍ ପାଇଁ ଫିଟ୍ ହୋଇଥିବା ରବୀନ୍ଦ୍ର ଜାଡେଜାଙ୍କୁ ଭାରତ ସାମିଲ କରିବ। ତେବେ ପେସ୍ ବୋଲିଂକୁ ନେଇ ଭାରତ ଚିନ୍ତାରେ ରହିଛି। ଶାର୍ଦ୍ଦୁଳ ଠାକୁରଙ୍କ ନିକଟରେ ପେସ୍ ନ ଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ପାଖରେ ଘରୋଇ ମ୍ୟାଚ୍ ଖେଳିବାର ଅନୁଭବ କମ୍ ରହିଛି। ଭାରତ ମୁକେଶ କୁମାର ଓ ଆଭେଶ୍ ଖାନଙ୍କୁ ଏହି ମ୍ୟାଚରେ ଖେଳାଇପାରେ। ତେବେ ଉଭୟ ଖେଳାଳି ମିଳିତ ଭାବରେ ଗୋଟିଏ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏହି ଟ୍ରାକ୍‌ଟି ବ୍ୟାଟିଂ ପାଇଁ ସହଜ ହେବା ନେଇ ଆଶା କରାଯାଉଥିବା ବେଳେ ଭାରତକୁ ନିଜ ବୋଲିଂ ଲାଇନ୍‌ଅପ୍ ସୁଧାରିବାକୁ ପଡିବ। ଅଧିନାୟକ ରୋହିତ ଶର୍ମାଙ୍କୁ ମଧ୍ୟ ନିଜ ବ୍ୟାଟିଂରେ ସୁଧାର ଆଣିବାକୁ ପଡିବ। ବ୍ୟାଟର ଭାବରେ ରୋହିତ ସେନା ଦେଶରେ ମାତ୍ର ଗୋଟିଏ ଶତକ ହାସଲ କରିଛନ୍ତି। ସେଞ୍ଚୁରିଅନରେ ଦ୍ୱିତୀୟ ଇନିଂସରେ ବିରାଟ କୋହଲି ଚମତ୍କାର ଇନିଂସ ଖେଳିଥିବା ବେଳେ କେପ୍‌ଟାଉନ୍‌ରେ ସମାନ ସଫଳତା ଦୋହରାଇବା ନେଇ ଭାରତୀୟ ଫ୍ୟାନ୍ ଆଶା ରଖିବେ।

**୨୦୧୯ ଆଇପିଏଲ୍ ବେଟିଂ**

## ପ୍ରମାଣ ଅଭାବରୁ ମାମଲା ବନ୍ଦ କଲା ସିବିଆଇ

**କେପ୍‌ଟାଉନ, ୨।୧(ପି.ଟି):** ୨୦୧୯ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ବେଟିଂ ମାମଲାକୁ ପ୍ରମାଣ ଅଭାବରୁ ବନ୍ଦ କରିଛି ସିବିଆଇ। ପାକିସ୍ତାନରୁ ମିଳିଥିବା ତଥ୍ୟ ଆଧାରରେ ମେ' ୨୦୨୨ରେ ସିବିଆଇ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯାଇଥିଲା। ସିବିଆଇ ପକ୍ଷରୁ ଦିଲ୍ଲୀର ରୋହିଣୀରେ ରହୁଥିବା ଦିଲୀପ କୁମାର ଓ ହାଇଦ୍ରାବାଦର ଗୁରମ ବାସୁ ଓ ଗୁରମ୍ ସତୀଶଙ୍କ ନାମରେ ପ୍ରଥମ ମାମଲା ରୁଜୁ କରାଯାଇଥିଲା। ଦ୍ୱିତୀୟ ଏଫ୍‌ଆଇଆର୍‌ରେ ରାଜସ୍ଥାନର ସଜ୍ଜନ ସିଂ, ପ୍ରଭୁଲାଲ ମୀନା, ରାମ ଅବତାର ଓ ଅମିତ କୁମାର ଶର୍ମାଙ୍କ ନାମ ରୁଜୁ କରାଯାଇଥିଲା। ଦୁଇ ବର୍ଷ ଧରି ମାମଲାର ତଦନ୍ତ କରିବା ପରେ ପ୍ରମାଣ ନ ମିଳିବା କାରଣରୁ ମଙ୍ଗଳବାର ମାମଲାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଗତ ଡିସେମ୍ବର ୨୩ରେ ସିବିଆଇ ପକ୍ଷରୁ ଦାଖଲ କରାଯାଇଥିବା ଅନ୍ତିମ ରିପୋର୍ଟରେ ପ୍ରମାଣ ମିଳି ନ ଥିବା ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ମାମଲା ବନ୍ଦ କରାଯିବ କି ନାହିଁ ତାହା କୋର୍ଟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିବ। ପୂର୍ବରୁ ସିବିଆଇ ପକ୍ଷରୁ ଦାଖଲ କରାଯାଇଥିବା ଏଫ୍‌ଆଇଆରରେ ଅଭିଯୁକ୍ତମାନେ ପାକିସ୍ତାନୀ ନମ୍ବର ବ୍ୟବହାର କରୁଥିବା କହିଥିଲେ। ଏପରି କି ଅନେକ ବେନାମୀ ଆକାଉଣ୍ଟ ଜରିଆରେ ଲକ୍ଷ ଲକ୍ଷ ଟଙ୍କାର ଦେଣନେଣ ହୋଇଥିବା ଏଫ୍‌ଆଇଆରରେ ଉଲ୍ଲେଖ କରାଯାଇଥିଲା। ଦିଲୀପ କୁମାର ଏକାଧିକ ଆକାଉଣ୍ଟ ଜରିଆରେ ୪୩ ଲକ୍ଷ ଟଙ୍କାର ଦେଣନେଣ କରିଥିବା ବେଳେ ଗୁରମ ସତୀଶ ୬ଟି ଆକାଉଣ୍ଟରୁ ୪.୫୫ କୋଟି ଓ ଗୁରମ ବାସୁ ୫.୩୭ କୋଟି ଟଙ୍କାର ହେରଫେର କରିଥିଲେ।

# ଅଲ୍ ରାଉଣ୍ଡରେ ରାକେଶ ଶୀର୍ଷରେ

**ଜାତୀୟ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଉଦ୍‌ଘାଟିତ**

- **ପୁରୁଷ ଦଳଗତ ବିଭାଗରେ ରେଲୱେକୁ ସ୍ୱର୍ଣ୍ଣ, ସର୍ଭିସେସ୍‌କୁ ରୌପ୍ୟ ଓ ଓଡ଼ିଶାକୁ ବ୍ରୋଞ୍ଜ ପଦକ**
- **ବୁଧବାର ମହିଳା ବିଭାଗ ପ୍ରତିଯୋଗିତା**
- **ଆକର୍ଷଣରେ ରହିବେ ଦୀପା କର୍ମକାର ଓ ପ୍ରଣତି ନାୟକ**

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଜାତୀୟ ସିନିୟର ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ପ୍ରତିଯୋଗିତାର ଅଲ୍‌ରାଉଣ୍ଡ ବିଭାଗରେ ଓଡ଼ିଶାର ରାକେଶ ପାତ୍ର ଚମତ୍କାର ପ୍ରଦର୍ଶନ କରି ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ପୁରୁଷ ଦଳଗତ ବିଭାଗରେ ରେଲୱେ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ସର୍ଭିସେସ ରୌପ୍ୟ ଓ ଆୟୋଜକ ଓଡ଼ିଶା ବ୍ରୋଞ୍ଜ ପଦକ ପାଇଛି। ରେଲୱେ ୨୯୩.୦୦ ପଏଣ୍ଟ ପାଇଛି। ସର୍ଭିସେସ ୨୯୨.୧୦ ଓ ଓଡ଼ିଶା ୨୯୦.୪୦ ପଏଣ୍ଟ ହାସଲ କରିଛି। ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ୍ ଓ ଏଏମ୍/ଏନ୍‌ଏସ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ। ଲୋକାଲ ହିରୋ ରାକେଶ ଅଲ୍ ରାଉଣ୍ଡ ବିଭାଗରେ ମୋଟ ୭୫.୦୫ ପଏଣ୍ଟ ହାସଲ କରି ଶୀର୍ଷସ୍ଥାନ ଅଧିକାର କରିଥିଲେ। ସେ ଫ୍ଲୋର ଏକ୍ସରସାଇଜ୍‌ରେ ୧୨.୧୫, ପୋମେଲ ହର୍ସରେ ୧୧.୩୫, ରିଙ୍ଗ୍ସରେ ୧୪.୧୫, ଭଲ୍ଟରେ ୧୨.୭୫, ପାରାଲାଲ ବାର୍ସରେ ୧୨.୨୦ ଓ ହୋରିଜୋଣ୍ଟାଲ ବାର୍ସରେ ୧୨.୪୫ ପଏଣ୍ଟ ହାସଲ କରିଥିଲେ। ରେଲୱେର ସିଦ୍ଧାର୍ଥ ବର୍ମା ୭୪.୭୫ ପଏଣ୍ଟ ସହ ଦ୍ୱିତୀୟ ଓ ସର୍ଭିସେସର ଗୌରବ କୁମାର ୭୪.୬୫ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବୁଧବାର ଦ୍ୱିତୀୟ ଦିବସରେ ଅଲିମ୍ପିଆନ ଦୀପା କର୍ମକାର ଓ ପ୍ରଣତି ନାୟକ ଆକ୍ସନରେ ଦେଖିବାକୁ ମିଳିବେ।

# ଓଡ଼ିଶାର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ବରୋଦା



ଭଦୋଦରା ଯାତ୍ରା କରିବା ପୂର୍ବରୁ ଓଡ଼ିଶା ରଣଜୀ ଦଳ।

**ରଣଜୀ ଟ୍ରଫି ସିଜନ ୨୦୨୩-୨୪**

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

ରଣଜୀ ଟ୍ରଫି ସିଜନ ୨୦୨୩-୨୪ର ପ୍ରଥମ ୨ ମ୍ୟାଚ ଖେଳିବା ପାଇଁ ଓଡ଼ିଶା ଦଳ ମଙ୍ଗଳବାର ଭଦୋଦରା ଯାତ୍ରା କରିଛି। କାରଣ ଓଡ଼ିଶାର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେଉଛି ବରୋଦା। ଭଦୋଦରାର ମୋତିବାଗ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା-ବରୋଦା ମ୍ୟାଚ ଚଳିତ ମାସ ୫ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଶାନ୍ତନୁ ମିଶ୍ରଙ୍କ ନେତୃତ୍ୱରେ ୧୫ ଜଣିଆ ଓଡ଼ିଶା ଦଳ ସହ ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆ, କୋଚ୍ ଅବକାଶ ଖଗୁଆ, ମ୍ୟାନେଜର ସୁଜିତ ପ୍ରଧାନ, ମେଣ୍ଟର ଦେବାଶିଷ ପାଢ଼ୀ, ଭିଡିଓ ଆନାଲିଷ୍ଟ ଶାରାଦା ବିଶ୍ୱାଳ, ଫିଜିଓ ରୋନି ଚାଟାର୍ଜୀ, ଏସ୍ ଆଣ୍ଡ ସି କୋଚ୍ ପ୍ରତ୍ୟୁଷ ଅଗ୍ରୱାଲ ଓ ସାଇଡ୍-ଆର୍ମ ଥ୍ରୋୟର ରତ୍ନାକର ବେହେରା ଦଳସହ ଭଦୋଦରା ଯାଇଛନ୍ତି। ପ୍ରଥମ ମ୍ୟାଚ ଖେଳି ସାରିବା ପରେ ଓଡ଼ିଶା ଦଳ ଇନ୍ଦୋର ଯାଇ ସେଠାକାର ଇମେରାଲ୍ଡ ହାଇଟ୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ଗ୍ରାଉଣ୍ଡରେ ମଧ୍ୟପ୍ରଦେଶ ବିପକ୍ଷରେ ୧୨ରୁ ୧୫ ପର୍ଯ୍ୟନ୍ତ ଦ୍ୱିତୀୟ ମ୍ୟାଚ ଖେଳିବ।

**ଓଡ଼ିଶା ରଣଜୀ ଦଳ:** ଶାନ୍ତନୁ ମିଶ୍ର (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ସନ୍ଦୀପ ପଟ୍ଟନାୟକ, ଶୁଭ୍ରାଂଶୁ ସେନାପତି, କାର୍ତ୍ତିକ ବିଶ୍ୱାଳ, ଆଶୀର୍ବାଦ ସ୍ୱାଇଁ, ରାଜେଶ ଧୂପର, ଜୟନ୍ତ ବେହେରା, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ସୁନୀଲ କୁମାର ରାଉଳ, ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର, ପ୍ରୟାସ ସିଂ, ସୁମିତ ଶର୍ମା।

# ଚେନ୍ନାଇ ବିପକ୍ଷରେ ଓଡ଼ିଶାର ଦ୍ୱିତୀୟ ଟାଇ

**ଭୁବନେଶ୍ୱର, ୨।୧ (ତପନ ସ୍ୱାଇଁ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋରେ ମଙ୍ଗଳବାର ଅନୁଷ୍ଠିତ ଓଡ଼ିଶା ଜଗରନଟ୍ସ-ଚେନ୍ନାଇ କୁଇକ୍ ଗନ୍ସ ମ୍ୟାଚ ୩୦-୩୦ ପଏଣ୍ଟରେ ଟାଇ ରହିଛି। ଏହା ପୂର୍ବରୁ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ମଧ୍ୟ ଟାଇ ରହିଥିଲା। ଶେଷ ପର୍ଯ୍ୟାୟରେ

**ଅଲ୍‌ଟିମେଟ ଖୋ ଖୋ**

ଓଡ଼ିଶା ଖେଳାଳିମାନେ ଚମତ୍କାର ଡିଫେଣ୍ଡ କରି ଚେନ୍ନାଇକୁ ପଏଣ୍ଟ ଭାଗ କରିବାକୁ ବାଧ୍ୟ କରି ଦେଇଥିଲେ। ଜଗରନଟ୍ସ ପକ୍ଷରୁ ମହେଶ ପି. ୬ ପଏଣ୍ଟ ହାସଲ କରିଥିବାବେଳେ ଚେନ୍ନାଇ କୁଇକ୍ ଗନ୍ସର ରାମଜି କାଶ୍ୟପ ସର୍ବାଧିକ ୩.୪୮ ସେକେଣ୍ଡ ଡିଫେଣ୍ଡ କରିଥିଲେ। ଓଡ଼ିଶା ଜଗରନଟ୍ସ



ଓଡ଼ିଶା ଜଗରନଟ୍ସ ଓ ଚେନ୍ନାଇ କୁଇକ୍ ଗନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଦଳ ଏପର୍ଯ୍ୟନ୍ତ ୬ଟି ମ୍ୟାଚ ଖେଳିଥିବାବେଳେ ୨ଟି ଲେଖାଏ ବିଜୟ, ପରାଜୟ ଓ ମ୍ୟାଚ ଟାଇ ରଖିଛି। ପୂର୍ବ ୨ ମ୍ୟାଚରେ ଦଳ ଡିସେମ୍ବର ୩୦ରେ ଦଳ ଗୁଜରାଟ ଜାଏଣ୍ଟ୍ସଠାରୁ ୨୯-୩୪ ଓ ୩୧ରେ ତେଲୁଗୁ ଯୋଦ୍ଧାସଠାରୁ ୨୮-୨୯ ପଏଣ୍ଟରେ ହାରିଥିଲା। ରାଜସ୍ଥାନ ୱାରିୟର୍ସ ବିପକ୍ଷରେ ୩୫-୨୭ରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଜଗରନଟ୍ସ ପରବର୍ତ୍ତୀ ମ୍ୟାଚକୁ ଚେନ୍ନାଇ କୁଇକ୍ ଗନ୍ସ ସହ ୩୪-୩୪ରେ ଟାଇ ରଖିଥିଲା। ନିଜର ତୃତୀୟ ମ୍ୟାଚରେ ଏହି ଦଳ ମୁମ୍ବାଇ ଖିଲାଡିଜ୍‌କୁ ୩୧-୨୮ରେ ପରାସ୍ତ କରିଥିଲା। ଓଡ଼ିଶା-ଚେନ୍ନାଇ ପୂର୍ବ ମ୍ୟାଚ ବେଶ୍ ରୋମାଞ୍ଚକ ରହିଥିଲା। ଚେନ୍ନାଇ କୁଇକ୍ ଗନ୍ସ ୬ ମ୍ୟାଚରୁ ୪ ବିଜୟ ଓ ୨ ଟାଇ ସହ ୧୬ ପଏଣ୍ଟ ପାଇ ଶୀର୍ଷରେ ନିଜ ସ୍ଥାନ ଦୃଢ଼ କରିଛି। ବୁଧବାର ମୁମ୍ବାଇ ଖିଲାଡିଜ୍ ପ୍ରଥମ ମ୍ୟାଚରେ ତେଲୁଗୁ ଯୋଦ୍ଧାସକୁ ଭେଟିବ।

### ମୁମ୍ବାଇ ୨୬-ଗୁଜରାଟ ୨୬

ଦିବସର ଦ୍ୱିତୀୟ ମ୍ୟାଚ ମଧ୍ୟ ଟାଇ ରହିଛି। ମୁମ୍ବାଇ ଖିଲାଡିଜ୍ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୨୬-୨୬ରେ ଶେଷ ହୋଇଛି। ୬ ମ୍ୟାଚରୁ ଗୁଜରାଟ ୧୪ ଓ ମୁମ୍ବାଇ ୭ ପଏଣ୍ଟ ପାଇଛି।

# ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍

**ମୁମ୍ବାଇ, ୨।୧**

**ମହିଳା ଦିନିକିଆ**

ଭାରତ ବିପକ୍ଷ ଅନ୍ତିମ ଦିନିକିଆ ମ୍ୟାଚ୍‌କୁ ୧୯୦ରନ୍‌ରେ ଜିତି ନେବା ସହ ୩-୦ରେ କ୍ଲିନସୁଇପ୍ କରିଛି ଅଷ୍ଟ୍ରେଲିଆ ମହିଳା ଦଳ। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୭ ଉଇକେଟରେ ୩୩୮ ରନ୍ କରିଥିବା ବେଳେ ଭାରତ ୩୨.୪ ଓଭରରେ ୧୪୮ ରନ୍‌ରେ ଅଲଆଉଟ ହୋଇଥିଲା। ଓପନର ଫିବ୍ ଲିଚଫିଲ୍ଡ ୧୨୫ ବଲ୍ ଖେଳି ୧୧୯ ରନ୍ ସ୍କୋର କରିଥିଲେ। ଏହି ଇନିଂସରେ ୧୬ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟତମ ଓପନର ଆଲିସା ହିଲି ୮୨ଙ୍କ ସହ ପ୍ରଥମ ଉଇକେଟର ୧୮୯ ରନ ଯୋଡିଥିଲେ। ଭାରତ ପକ୍ଷରୁ ଶ୍ରେୟାଙ୍କା ପାଟିଲ ୫୭ ରନ୍ ଦେଇ ୩, ଅମନଜୋତ କୌର ୨ଉଇକେଟ ନେଇଥିଲେ।

୩୩୯ ରନ୍ ଜବାବରେ ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇ ମାତ୍ର ୧୪୮ ରନ୍‌ରେ ଅଲଆଉଟ ହୋଇଥିଲା। ୬ ଜଣ ଖେଳାଳି ୨ ଅଙ୍କ ଛୁଇଁ ପାରି ନ ଥିବା ବେଳେ ସ୍ମୃତି ମନ୍ଧାନା ସର୍ବାଧିକ ୨୯ ରନ୍ ସ୍କୋର କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଜର୍ଜିଆ ୱେୟାରହାମ୍ ୩, ମେଗାନ୍ ଶୁଟ୍, ଆଲାନା କିଙ୍ଗ ଓ ଆନାବେଲ ସଦରଲାଣ୍ଡ ୨ଟି ଲେଖାଏ ଉଇକେଟ ନେଇଥିଲେ। ଲିଚ୍‌ଫିଲ୍ଡଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ସିରିଜ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ୫୦ ଓଭରରେ ୩୩୮/୭ (ଫିବ୍ ଲିଚଫିଲ୍ଡ-୧୧୯, ଆଲିସା ହିଲି-୮୨, ଆସ୍‌ଲେ ଗାର୍ଡନର-୩୦, ଶ୍ରେୟାଙ୍କା ପାଟିଲ-୩/୫୭, ଅମନଜୋତ କୌର-୨/୭୦)। ଭାରତ ୩୨.୪ ଓଭରରେ ୧୪୮/୧୦(ସ୍ମୃତି ମନ୍ଧାନା-୨୯, ଦୀପ୍ତି ଶର୍ମା-୨୫*, ଜେମିମା ରୋଡ୍ରିଗୁଏଜ-୨୫, ଜର୍ଜିଆ ୱେୟାରହାମ-୩/୨୩, ମେଗାନ୍ ଶୁଟ୍-୨/୨୩, ଆଲାନା କିଙ୍ଗ-୨/୨୧)।

## ନ୍ୟାୟ ସଂହିତାରେ...

ପ୍ରଥମ ପୃଷ୍ଠାରୁ...

ଧର୍ମଘଟ ଚଳାଇଛନ୍ତି। ମଙ୍ଗଳବାର ଦ୍ୱିତୀୟ ଦିନରେ ରାଜ୍ୟଗୁଡ଼ିକରେ ଅନୁରୂପ ସ୍ଥିତି ଜାରି ରହିଥିବାରୁ ସାମଗ୍ରୀ ସଙ୍କଟ ଉପୁଜିଲାଣି। ଏନେଇ ଅଲ୍ ଇଣ୍ଡିଆ ମୋଟର ଟ୍ରାନ୍ସପୋର୍ଟ କଂଗ୍ରେସ (ଏଆଇଏମ୍‌ଟିସି) ଅଧ୍ୟକ୍ଷ ଅମୃତଲାଲ ମଦନ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଯେଉଁ ଆଇନ ଗୃହୀତ କରାଇଛନ୍ତି, ତାହା ଡ୍ରାଇଭର ବିରୋଧୀ। ଉକ୍ତ ଆଇନକୁ ବିରୋଧ କରି ଡ୍ରାଇଭରମାନେ ହରତାଳ କରୁଛନ୍ତି। ସେମାନେ ଟ୍ରକ୍ ଚଳାଇବାକୁ ମନା କରୁଛନ୍ତି। ରାସ୍ତାରୁ ୯୫ ଲକ୍ଷ ଟ୍ରକ୍ ହଟିଗଲାଣି। ଫଳରେ ୯୫% ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୋଇଛି। ଡ୍ରାଇଭରମାନଙ୍କ ଯୁକ୍ତି ହେଲା, ସେମାନଙ୍କ ବିନା କୌଣସି ଦୋଷରେ କୁହୁଡ଼ି କିମ୍ବା ଅନ୍ୟ କୌଣସି କାରଣରୁ ଦୁର୍ଘଟଣା ଘଟିଲେ ବି ଚାଳକମାନେ ଦଣ୍ଡିତ ହେବେ। ଏହାବାଦ୍ ଏତେ ଟଙ୍କା ଜରିମାନା ଦେବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ। ଦୁର୍ଘଟଣା ପରେ ଯଦି ଜଣେ ଡ୍ରାଇଭର ପଳାୟନ ନ କରି ସେଠାରେ ଆହତଙ୍କୁ ସାହାଯ୍ୟ କରିବାକୁ ଅଟକିବେ, ସ୍ଥାନୀୟ ଉତ୍ତ୍ୟକ୍ତ ଜନତାଙ୍କ ଆକ୍ରମଣର ଶିକାର ହେବା ଆଶଙ୍କା ଅଧିକ ରହିଛି। ଏଭଳି ସ୍ଥିତିରେ ଗାଡ଼ି ଚଳାଇ ପେଟ ପୋଷିବା କାଠିକର ପାଠ ହୋଇଯିବ ବୋଲି ଟ୍ରକ୍, କ୍ୟାବ ଓ ଅନ୍ୟ କମର୍ସିଆଲ ଭେହିକିଲ୍ ଡ୍ରାଇଭରମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଅଲ୍ ଇଣ୍ଡିଆ ଟ୍ରକ୍ ଅପରେଟର୍ସ ୟୁନିୟନ୍ ସଭାପତି ହ୍ୟାପି ସିଧୁ କହିଛନ୍ତି, ନୂଆ ଆଇନ ଏକ 'କଳା ଆଇନ'। ନ୍ୟାୟ ସଂହିତାରେ ଅନ୍ୟାୟ ବ୍ୟବସ୍ଥା ରହିଛି। ଏହା ପଞ୍ଜାବରେ ଟ୍ରକର୍ସଙ୍କୁ ବରବାଦ କରିଦେବ। ସେହିପରି ମହାରାଷ୍ଟ୍ର ସ୍କୁଲ୍ ବସ୍ ମାଲିକ ସଂଘ ସଭାପତି ଅନିଲ ଗର୍ଗ କହିଛନ୍ତି, ଡିଜେଲ ଯୋଗାଣ ବନ୍ଦ ହେବା ଉପରେ। ଡିଜେଲ ସରିଗଲେ ସ୍କୁଲ ବସ୍ ଚଳାଚଳ ମଧ୍ୟ ବନ୍ଦ ହୋଇଯିବ। ବର୍ତ୍ତମାନ ପଶ୍ଚିମ ଓ ଉତ୍ତର ଭାରତର ୨,୦୦୦ରୁ ଊର୍ଦ୍ଧ୍ୱ ପମ୍ପରେ ତୈଳ ଶେଷ ହୋଇଗଲାଣି। ମହାରାଷ୍ଟ୍ରର ଠାଣେରେ ବିକ୍ଷୋଭକାରୀମାନେ ମୁମ୍ବାଇ-ଅହମଦାବାଦ ଜାତୀୟ ରାଜପଥ ଅବରୋଧ କରି ପୋଲିସ ଉପରକୁ ଠେକାମାଡ଼ କରିଛନ୍ତି। ଏଥିରେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

ଅନ୍ୟପକ୍ଷେ ପାଟନାରୁ ପୁଣେ ସବୁଠି ସମାନ ସ୍ଥିତି ଦେଖିବାକୁ ମିଳିଛି। ଅଚଳାବସ୍ଥା ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀମାନେ ଟ୍ରକ୍ ଅପରେଟର୍ସଙ୍କ ମହାସଂଘ ଏଆଇଏମ୍‌ଟିସି ସହ ଆଲୋଚନା କରିଛନ୍ତି। ଆଲୋଚନା ପରେ ଏଆଇଏମ୍‌ଟିସି ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ସଦସ୍ୟମାନଙ୍କ ସହ ବିଚାରବିମର୍ଶ କରି ନୂଆ ଆଇନ କାର୍ଯ୍ୟକାରୀ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଡ୍ରାଇଭରମାନେ ଧର୍ମଘଟରୁ ଓହରି ଯାଆନ୍ତୁ ବୋଲି ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ଅନୁରୋଧ କରିଛନ୍ତି।

ବିରୋଧୀ କଂଗ୍ରେସ ଟ୍ରକ୍ ଡ୍ରାଇଭରମାନଙ୍କ ସମର୍ଥନରେ ବାହାରିବା ସହ ଏହାଦ୍ୱାରା 'ଚାନ୍ଦା ଅସୁଲି ନେଟ୍‌ୱର୍କ' ଏବଂ 'ସଙ୍ଗଠିତ ଅପରାଧ' ବୃଦ୍ଧି ପାଇବ ବୋଲି ସମାଲୋଚନା କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ସରକାର ଭିତ୍ତିଭୂମି କ୍ଷେତ୍ରରେ ନିବେଶକୁ ବନ୍ଦକରି ଗରିବମାନଙ୍କୁ ଦଣ୍ଡିତ କରୁଛନ୍ତି। କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ମୋଦି ସରକାରଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଏହା ହେଉଛି ଡ୍ରାଇଭର ବିରୋଧୀ ଆଇନ, ଯାହାକି ୧୫୦ ଏମ୍‌ପିଙ୍କୁ ନିଲମ୍ବନ କରି ପାର୍ଲାମେଣ୍ଟରେ ଅଣାଯାଇଥିଲା। ଫଳରେ ଏପରି ଘାତକ ପରିଣାମ ଦେଖିବାକୁ ମିଳିଛି ବୋଲି ରାହୁଲ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଉଲ୍ଲେଖ କରିଇଛନ୍ତି। ସେପଟେ ଏହି ବିବାଦୀୟ ଆଇନକୁ ରଦ୍ଦ କରିବା ପାଇଁ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି।

ଓଡ଼ିଶାରେ ଯଦିଓ ଏହାକୁ ସେତେଟା ବିରୋଧ କରାଯାଇ ନାହିଁ, ତେବେ ବସ୍ ଓ ଟ୍ରକ୍ ମାଲିକ ସଂଘ ନୂଆ ଆଇନରେ ଥିବା ଜେଲଦଣ୍ଡ ବ୍ୟବସ୍ଥାକୁ ହ୍ରାସ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖିଛି। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି, ହିଟ୍ ଆଣ୍ଡ ରନ୍ ମାମଲାରେ ଅଧିକ ଦଣ୍ଡ ବ୍ୟବସ୍ଥା କରାଯାଇଛି। ଏହାକୁ ସଂଘ ବିରୋଧ କରିବ। ଏହାଦ୍ୱାରା ଗାଡ଼ି ଚଳାଇବା ପାଇଁ ଡ୍ରାଇଭର ଅଭାବ ଦେଖାଦେବ। ଦଣ୍ଡକୁ ଦେଖି ଡ୍ରାଇଭରମାନେ ଆଉ ଗାଡ଼ି ଚଳାଇବାକୁ ରାଜି ହେବେ ନାହିଁ। ହିଟ୍ ଆଣ୍ଡ ରନ୍ ମାମଲାରେ ସାଧାରଣଙ୍କ ଆକ୍ରୋଶରୁ ବର୍ତ୍ତିବା ପାଇଁ ଡ୍ରାଇଭର ଗାଡ଼ି ଛାଡି ପଳାଇଲେ ମଧ୍ୟ ଦଣ୍ଡବିଧାନରୁ ଖସିପାରିବେ ନାହିଁ। ସଂଶୋଧିତ ଆଇନରେ ଥିବା ଦଣ୍ଡକୁ ହ୍ରାସ କରିବାକୁ କେନ୍ଦ୍ର ସରକାରଙ୍କୁ ସଂଘ ପକ୍ଷରୁ ଚିଠି ଲେଖାଯାଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଓଡ଼ିଶା ରାଜ୍ୟ ଟ୍ରକ୍ ମାଲିକ ଫେଡେରେଶନ ସାଧାରଣ ସମ୍ପାଦକ ରବି ନାରାୟଣ ଶତପଥୀ କହିଛନ୍ତି ଯେ ଉକ୍ତ ଆଇନକୁ ଠିକ୍ ଭାବେ ନ ବୁଝି କେତେକ ରାଜ୍ୟରେ ଡ୍ରାଇଭରମାନଙ୍କ ମଧ୍ୟରେ ଭୟ ସୃଷ୍ଟି କରାଯାଉଛି। ଏହି ଆଇନରେ ହିଟ୍ ଆଣ୍ଡ ରନ୍ ମାମଲାରେ ଡ୍ରାଇଭରଙ୍କୁ ୨ରୁ ୫ ବର୍ଷ ଜେଲଦଣ୍ଡ ବ୍ୟବସ୍ଥା ରହିଛି। ଥାନାରେ ରିପୋର୍ଟ ନ କଲେ ୧୦ ବର୍ଷ ଯାଏ ଜେଲଦଣ୍ଡ ରହିଛି। ତେବେ ମାମଲାର ଗମ୍ଭୀରତାକୁ ଦେଖି ଆଇନ ଅନୁଯାୟୀ କୋର୍ଟ ଦଣ୍ଡବିଧାନ କରିଥାଆନ୍ତି। ଏହାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ। ତେବେ ଦଣ୍ଡ ହ୍ରାସ ପାଇଁ ସର୍ବଭାରତୀୟ ଟ୍ରକ୍ ଫେଡେରେଶନ ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ସ୍ମାରକପତ୍ର ଦିଆଯାଇଛି ବୋଲି ସେ କହିଛନ୍ତି।

## ପ୍ରଜ୍ଞାପନ ମେଢ଼...

ପଡ଼ିଲେ ରାଜ୍ୟର କୌଣସି କ୍ଷତି ଘଟେ ନାହିଁ। ତେବେ ଅନ୍ୟ ଦିଗକୁ ଦେଖିଲେ ଏହି ପ୍ରଦର୍ଶନରୁ ବଞ୍ଚିତ ହେଲେ ମନେହୁଏ ଯେପରି ଓଡ଼ିଶାକୁ ଭାରତର ଏକ ଅଂଶ ଭାବେ ଧରାଯାଉ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୩ ବର୍ଷରେ ଓଡ଼ିଶା ତାର ଟାବ୍‌ଲୋ ପ୍ରଦର୍ଶନ କରିବାରୁ ବଞ୍ଚିତ ହୋଇଥିବା ବେଳେ ପୂର୍ବରୁ ଏହା କେବେ ଘଟି ନାହିଁ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ମଙ୍ଗଳବାର ଅର୍ଥାତ୍ ଜାନୁଆରୀ ୨ତାରିଖ ଅଫିସ କାର୍ଯ୍ୟକାରୀ ସମୟରେ କେନ୍ଦ୍ରରୁ ସ୍ୱୀକୃତି ପତ୍ର ଆସି ପହଞ୍ଚିବାର ଥିଲା। ଅନ୍ୟ ରାଜ୍ୟଗୁଡ଼ିକୁ ଗତ ଡିସେମ୍ବର ମାସରେ ଏହି ପତ୍ର ପହଞ୍ଚି ସାରିଛି। ପୂର୍ବରୁ ମଧ୍ୟ ଏହିଭଳି ବିଳମ୍ବ ଘଟାଇ ଶେଷ ସମୟରେ କେନ୍ଦ୍ର ତାହାର ଚିଠି ପଠାଇ ନ ଥିବାରୁ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ହୋଇପାରିନାହିଁ। ୨୦୨୪ରେ ମଧ୍ୟ ସେହିଭଳି ଘଟିପାରେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଏହାର ପ୍ରତିକାର କିଭଳି କରାଯାଇପାରେ ବୋଲି ପଚାରିବାରୁ ନିଜ ନାମ ଉଲ୍ଲେଖ ନ କରିବା ପାଇଁ କହି ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ଧରିତ୍ରୀକୁ କହିଛନ୍ତି ଯେ, ପ୍ରତିକାର କେବଳ ରାଜନୈତିକ, ସାମାଜିକ ଚାପରୁ ସୃଷ୍ଟି ହୋଇଥାଏ।









































































# ସ୍କୁଟିକୁ ଧକ୍କାଦେଲା ହାଇଓ୍ୱା, ବାପପୁଅ ମୃତ

## ପୋଲିସ ଗାଡ଼ି ଭଙ୍ଗାରୁଜା, ହାଇଓ୍ୱାକୁ ଜାଳିଦେଲେ

ସୋନପୁର, ୨୧ (ମୃତ୍ୟୁଞ୍ଜୟ ଶତପଥୀ)

ସଡକ ସୁରକ୍ଷା ସପ୍ତାହ ପାଳନ ହେଉଛି। ଜନସାଧାରଣଙ୍କୁ ଟ୍ରାଫିକ୍ ନିୟମ ବିଷୟରେ ସଚେତନ କରାଯାଉଛି। ଏଭଳି ସମୟରେ ମଙ୍ଗଳବାର ସପ୍ତାହର ଦ୍ୱିତୀୟ ଦିନରେ ସୁବର୍ଣ୍ଣପୁର ସହର ବ୍ଲକ ଛକ ଟ୍ରାଫିକ୍ ପୋଷ୍ଟରେ ଦୁର୍ଘଟଣା ଘଟିଛି। ରାତିରେ ସ୍କୁଟିକୁ ହାଇଓ୍ୱା ଧକ୍କାଦେବା ଫଳରେ ବାପ ପୁଅଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାକୁ ନେଇ ସହରରେ ଉତ୍ତେଜନା ପ୍ରକାଶ ପାଇଛି। ମୃତଦେହ ଘଟଣାସ୍ଥଳରେ ପଡି ରହିବା ସହ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଥିଲେ। ସୋନପୁର ଏସ୍‌ଡିପିଓଙ୍କ ବୋଲୋରୋ ଭଙ୍ଗାରୁଜା ସହ ଦୁର୍ଘଟଣା ଘଟାଇଥିବା ହାଇଓ୍ୱାକୁ ଲୋକେ ନିଆଁ ଲଗାଇ ଦେଇଥିଲେ।

ସୂଚନା ଅନୁସାରେ, ତରଭା ଥାନା ବଲାଡି ଅଞ୍ଚଳର ରାଜକୁମାର ମହାକୁଡ(୪୬) ସ୍କୁଟିରେ ନିଜ ପୁଅ ଓମ୍‌ପ୍ରୀତ(୧୭)ଙ୍କ ସହିତ ସୋନପୁର ବସ୍‌ଷ୍ଟାଣ୍ଡ ପଟୁ ବ୍ଲକ ଛକ ସ୍ଥିତ କ୍ଲଷ୍ଟର କଲୋନିକୁ ଯାଉଥିଲେ। ବ୍ଲକ ଛକଠାରେ ବୁଢାରାଜା ପଟୁ ପଟାଭାଡି ଅଭିମୁଖେ ଯାଉଥିବା ଏକ ହାଇଓ୍ୱା ନଂ. ଓଡି୩୧ଏଲ-୩୧୮୦ ସ୍କୁଟିକୁ ଧକ୍କା ଦେଇଥିଲା। ରାଜକୁମାର ଓ ଓମ୍‌ପ୍ରୀତଙ୍କ ଉପରେ ହାଇଓ୍ୱ ଚଢିଯିବା ଯୋଗୁ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତ ରାଜକୁମାର ତରଭା ବ୍ଲକ ଦେଉଳପଦର କୃଷ୍ଣମୋହନ କମ୍ପ ହାଇସ୍କୁଲର ଶିକ୍ଷକ ଥିବା ବେଳେ ଓମ୍‌ପ୍ରୀତ ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ଏକାଦଶ ଶ୍ରେଣୀର ବିଜ୍ଞାନ ଛାତ୍ର। ଦୁର୍ଘଟଣା ପରେ ଡ୍ରାଇଭର ହାଇଓ୍ୱାକୁ ରିଜର୍ଭ ପୋଲିସ ଲାଇନ ସମ୍ମୁଖ ରାସ୍ତାରେ ରଖି ଫେରାର ହୋଇ ଯାଇଥିଲେ। ଉତ୍ତ୍ୟକ୍ତ ଲୋକେ ସେଠାକୁ ଯାଇ ହାଇଓ୍ୱାରେ ନିଆଁ ଲଗାଇ ଦେଇଥିଲେ। ନିଆଁ ହୁ ହୁ ହୋଇ ଜଳିବାରୁ ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା।



ସୋନପୁର ଏସ୍‌ଡିପିଓଙ୍କ ଗାଡି ଭଙ୍ଗାରୁଜା ହୋଇଛି।

ସୋନପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପକ୍ଷରେ ବ୍ଲକ ଛକଠାରେ ଟ୍ରାଫିକ୍ ପୋଲିସଙ୍କ ଉପସ୍ଥିତିରେ ଦୁର୍ଘଟଣା ଘଟିଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ ସୋନପୁର ଏସ୍‌ଡିପିଓ ପ୍ରତାପ ତ୍ରିପାଠୀଙ୍କ ସରକାରୀ ଗାଡି ଓଡି୦୫ଜି-୭୪୬୩କୁ ଭଙ୍ଗାରୁଜା କରିଥିଲେ। ଏହି ସମୟରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏସ୍‌ପି ଅମରେଶ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ସେହି ରାସ୍ତା ଦେଇ ଯାଉଥିବା ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ତେବେ ଟ୍ରାଫିକ୍ ପୋଷ୍ଟରେ ପୋଲିସ ଉପସ୍ଥିତିରେ ହାଇଓ୍ୱା ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଯୋଗୁ ମୂଲ୍ୟବାନ ଜୀବନହାନିକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ରାତି ୯ଟା ୪୦ରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା।

# କପିଳାସ ପୀଠ: ପ୍ରାଚୀନ ପଥର ଭାଙ୍ଗୁଥିବାରୁ ଅସନ୍ତୋଷ

ଢେଙ୍କାନାଳ, ୨୧ (ରତନ ନାୟାର)

ରାଜ୍ୟର ପ୍ରସିଦ୍ଧ ଶୈବପୀଠ ଢେଙ୍କାନାଳ ଜିଲାର କପିଳାସସ୍ଥିତ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖରଙ୍କ ମୁଖ୍ୟ ମନ୍ଦିର ଗର୍ଭଗୃହ ଓ ମା' ପାର୍ବତୀଙ୍କ ମନ୍ଦିର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି। ନିଷ୍ପତ୍ତିର ୫ ମାସ ପରେ କରାଯାଉଥିବା ଏହି ମରାମତି କାର୍ଯ୍ୟକୁ ନେଇ ଆରମ୍ଭରୁ ସେବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କାରଣ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ମନ୍ଦିରର ଚୂନ ଛଡ଼ାଯାଉଥିବା ବେଳେ ପ୍ରାଚୀନ ପଥରଗୁଡିକ ଭାଙ୍ଗିଯାଉଛି। ଏ ସମ୍ପର୍କରେ ସେବାୟତ ଓ ସେବକମାନେ ଏଏସ୍‌ଆଇ, ଜିଲା ପ୍ରଶାସନ ଓ ଜିଲା ଦେବୋତ୍ତର ବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି। ମରାମତି କାମ ସମୟରେ ଅଭିଜ୍ଞ ଯନ୍ତ୍ରୀ, ଅଧିକାରୀମାନେ ଉପସ୍ଥିତ ରହିବା ପାଇଁ ସେବାୟତମାନେ ଦାବି କରିଥିବା ବରିଷ୍ଠ ସେବାୟତ ନିରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।


କପିଳାସ ପୀଠ ଗର୍ଭଗୃହ ମରାମତି କାର୍ଯ୍ୟ ଆରମ୍ଭ।

୨୦୦୫ ମସିହାରୁ ଏଏସ୍‌ଆଇ କପିଳାସ ପୀଠର ଉନ୍ନତୀକରଣ ଦାୟିତ୍ୱ ହାତକୁ ନେଇଛି। କିନ୍ତୁ ଦାୟିତ୍ୱ ନେବାର ଦୀର୍ଘଦିନ ପରେ ମଧ୍ୟ କପିଳାସ ପୀଠର କୌଣସି ଉନ୍ନତିମୂଳକ କାମ ପାଇଁ ମାଟି ଗାଣ୍ଡୁଆଟିଏ ପଡିପାରି ନ ଥିଲା। ସେହିପରି ଏଏସ୍‌ଆଇ ହାତରେ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଥିବାରୁ ନିୟମ ଅନୁଯାୟୀ ରାଜ୍ୟ ସରକାର, ଜିଲା ପ୍ରଶାସନ, ଦେବୋତ୍ତର ବିଭାଗ ଏଠାରେ କୌଣସି ପ୍ରକାର ଉନ୍ନତିମୂଳକ କାର୍ଯ୍ୟ କରିପାରୁନାହାନ୍ତି। ବାରମ୍ବାର ଦାବି ପରେ ଗତ ଜୁନ ୨୭ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କପିଳାସ ପୀଠର ଉନ୍ନତୀକରଣ ନେଇ ସମୀକ୍ଷା କରିଥିଲେ। ଏହି ସମୟରେ ଜିଲା ପ୍ରଶାସନ ଓ ଏଏସ୍‌ଆଇ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଡିସେମ୍ବର ସୁଦ୍ଧା କିଛି ଉନ୍ନତିମୂଳକ କାର୍ଯ୍ୟ ସରିବ ବୋଲି ସେତେବେଳେ ଏଏସ୍‌ଆଇର ଅଧିକାରୀମାନେ ସୂଚନା ଦେଇଥିଲେ। କିନ୍ତୁ କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷାର ୫ମାସ ପରେ ଅର୍ଥାତ ଗତ ଡିସେମ୍ବରରେ ମନ୍ଦିରର ଗର୍ଭଗୃହ ଓ ମା' ପାର୍ବତୀଙ୍କ ମନ୍ଦିର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ଢେଙ୍କାନାଳ ଦାୟିତ୍ୱରେ ଥିବା ଏଏସ୍‌ଆଇ ଅଧିକାରୀ ଡି.ବି. ଗଡ଼ନାୟକ କହିଛନ୍ତି, ଟେଣ୍ଡର ପ୍ରକ୍ରିୟା ଓ ବ୍ୟୟ ଅଟକଳ କାର୍ଯ୍ୟକୁ ନେଇ ବିଳମ୍ବ ହେବାରୁ ମରାମତିରେ ବିଳମ୍ବ ହୋଇଥିଲା। ମରାମତି ସମୟରେ ପ୍ରାଚୀନ ପଥର ଭାଙ୍ଗୁଥିବା ସମ୍ପର୍କରେ ଅବଗତ ରହିଛି। ପୁରୀ ମନ୍ଦିର କାର୍ଯ୍ୟ କରୁଥିବା ଅଭିଜ୍ଞ ଶିଳ୍ପୀମାନେ ଏଥିରେ ନିୟୋଜିତ ହୋଇଛନ୍ତି। ପାରମ୍ପରିକ ଉପାୟରେ ପୀଠର ଉନ୍ନତୀକରଣ କାର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି। ବେଲ ଓ କେନ୍ଦୁ ଅଠା ବ୍ୟବହାର କରାଯିବ। ଆସନ୍ତା ୧୦ ତାରିଖରେ ଯନ୍ତ୍ରୀମାନଙ୍କ ସହ ଉନ୍ନତୀକରଣ କାର୍ଯ୍ୟ ତଦାରଖ କରାଯିବ। ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ କହିଛନ୍ତି, ପ୍ରାଚୀନ ପଥର ଭାଙ୍ଗୁଥିବା ସମ୍ପର୍କରେ କୌଣସି ଅଭିଯୋଗ ନାହିଁ। ଯେହେତୁ ଶୁଣିବାକୁ ପାଇଛୁ, ପୀଠକୁ ଯାଇ ମରାମତି କାର୍ଯ୍ୟ ଉପରେ ଅନୁଧ୍ୟାନ କରିବା ପରେ ଯାହା କହିହେବ।


ଡ. ହରେକୃଷ୍ଣ ମହତାବଙ୍କ ତିରୋଧାନ ଦିବସ ଅବସରରେ ନବୀନ ନିବାସରେ ତାଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

# ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା

ଗଣିଆ, ୨୧ (ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ବଡ଼ମୂଳ ଖଳଖଳା ସେତୁ ନିକଟସ୍ଥ ମା'ବଡ଼ରାଉଳ ଦେବୀଙ୍କ ପୀଠରେ ମଙ୍ଗଳବାର ପୂର୍ବାହ୍ନରେ ରଥସଂହିତା ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଇଛି। ରଥକାଠ ବରଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର ଓ ଭୋଇ ସର୍ଦ୍ଦାର ରବି ଭୋଇ ମଙ୍ଗଳବାର ସକାଳୁ ବଡ଼ରାଉଳ ପୀଠରେ ପହଞ୍ଚିଥିଲେ। ପ୍ରଥମେ ବେଠିଆସାହିସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ହୋମକାର୍ଯ୍ୟ ପରେ ଆଜ୍ଞାମାଳ ନିଆଯାଇ ରଥ ନିର୍ମାଣ ପାଇଁ ଅସନ, ଧଉରା, ଫାସି ଓ ସିମିଳି କାଠ ବୁଧବାରଠାରୁ ଛେଦନ କାର୍ଯ୍ୟ ଆରମ୍ଭ ହେବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। ଚଳିତ ବର୍ଷ ୩ ରଥ ନିର୍ମାଣ ପାଇଁ ସମୁଦାୟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବାବେଳେ ୫୩ଖଣ୍ଡ କାଠ ରଥଖଳାରେ ଗଚ୍ଛିତ ରହିଛି। ଅବଶିଷ୍ଟ ୮୧୨ଖଣ୍ଡ କାଠ ନୟାଗଡ଼ ବନଖଣ୍ଡ ତରଫରୁ ଯୋଗାଇଦେବା ପାଇଁ ଚଳିତ ବର୍ଷ ବ୍ୟବସ୍ଥା କରାଯାଇଛି।

# ଦେବ କୁମାର ବାଲେଶ୍ୱର ଜିଲା ବିଜେଡି ଉପସଭାପତି

## ସଂଗ୍ରାମ ତେଲକୋଇ, କେନ୍ଦୁଝର ସଦର ନିବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର, ୨୧ (ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ଜିଲା ବିଜୁ ଜନତା ଦଳର ଉପସଭାପତି ଭାବେ ନେପୁରାର ଦେବ କୁମାର ଦେଙ୍କୁ ନିଯୁକ୍ତି ଦେଇଛନ୍ତି। ଏ ନେଇ ମଙ୍ଗଳବାର ବିଜେଡି ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସେହିପରି ସଂଗ୍ରାମ କେଶରୀ ପାଇକରାୟଙ୍କୁ କେନ୍ଦୁଝର ଜିଲାର ତେଲ୍‌କୋଇ ଏବଂ କେନ୍ଦୁଝର ସଦର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜୁ ଜନତା ଦଳର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

# ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

ତରଭା, ୨୧ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଦନ୍ତାହାତୀ ଆକ୍ରମଣରେ ହରିଜନ ପଡ଼ାର ଯଦୁନାଥ ସୁନା(୭୨)ଙ୍କ ମୃତ୍ୟୁ ଘଟିଛି। ଶୌଚ ପାଇଁ ରାତିରେ ବାହାରକୁ ବାହାରିଲା ସମୟରେ ତାଙ୍କୁ ହାତୀ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଯଦୁନାଥଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଫରେଷ୍ଟର ଦିନେଶ ମାଝି ମୃତକଙ୍କ ଘରେ ପହଞ୍ଚି ବନ ବିଭାଗ ତରଫରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ୬୦ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ କୁଶଳେଶ୍ୱର ପାଣ୍ଡେ ଓ ସମିତି ସଭ୍ୟ ରାମ ସାହୁ ହରିଶ୍ଚନ୍ଦ୍ର ଯୋଜନାରୁ ମୃତକଙ୍କ ପରିବାର ଲୋକଙ୍କୁ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ସୋନପୁର ବିଧାୟକ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ତରଫରୁ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ପ୍ରଦାନ କରିଛନ୍ତି।



























ଧରିତ୍ରୀ 50 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜାନୁଆରୀ ୩/୨୦୨୪ Bhubaneswar, Wednesday, January 3/ 2024




# ଡବ୍ଲ୍ୟୁଏଫ୍ଆଇ ବିବାଦର ନୂଆ ମୋଡ଼

**ନୂଆଦିଲ୍ଲୀ, ୨।୧ (ପି.ଟି.):** ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ବିବାଦ ନୂଆ ମୋଡ ନେଇଛି। ବିଭିନ୍ନ ରାଜ୍ୟର ବହୁ ଅନ୍ତର୍ଜାତୀୟ ପଦକ ବିଜୟୀ କୁସ୍ତିଯୋଦ୍ଧା ଖେଳର ବିଶ୍ୱ ପରିଚାଳନା ପରିଷଦ(ୟୁଡବ୍ଲ୍ୟୁଡବ୍ଲ୍ୟୁ)ର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଲେଖିଥିବା ଚିଠିରେ ସସ୍‌ପେଣ୍ଡ ହୋଇଥିବା ଡବ୍ଲ୍ୟୁଏଫ୍ଆଇକୁ ପୁନଃ ଅବସ୍ଥାପିତ ଲାଗି ନିବେଦନ କରିଛନ୍ତି। ବଜରଙ୍ଗ ପୁନିଆ, ଭିନେଶ ଫୋଗଟ ଓ ସାକ୍ଷୀ ମଲିକ ଯେଉଁ ଅଭିଯୋଗ ପାଇଁ ଆନ୍ଦୋଳନ ଚଳାଇଛନ୍ତି ତାହାର କିଛିମାନେ ନାହିଁ ବୋଲି ସେମାନେ କହିଛନ୍ତି। ଡବ୍ଲ୍ୟୁଏଫ୍ଆଇର ପୂର୍ବତନ ମୁଖ୍ୟ ତଥା ଭାଜପା ଏମ୍‌ପି ବ୍ରିଜ ଭୂଷଣ ଶରଣ ସିଂ ମହିଳା କୁସ୍ତିଯୋଦ୍ଧାଙ୍କର ଯୌନ ଶୋଷଣ କରୁଥିବାରୁ ତାଙ୍କ ଗିରଫ ଦାବିରେ ଏହି ୩ଜଣ କୁସ୍ତିଯୋଦ୍ଧାଙ୍କ ନେତୃତ୍ୱରେ ଏକ ଆନ୍ଦୋଳନ ଚାଲିଛି। ବର୍ତ୍ତମାନ ଦିଲ୍ଲୀର ଏକ କୋର୍ଟରେ ମାମଲାର ବିଚାର ଚାଲିଥିବା ବେଳେ ବ୍ରିଜ ଭୂଷଣ ଜାମିନରେ ଖଲାସ ହୋଇଛନ୍ତି। ଆଗଧାଡ଼ିର କୁସ୍ତିଯୋଦ୍ଧା ଏବଂ ଭାଜପା ଏମ୍‌ପିଙ୍କ ମଧ୍ୟରେ ବିବାଦ ଯୋଗୁ ବହୁ ଦିନ ହେଲା ଜାତୀୟ କ୍ୟାମ୍ପ ହୋଇପାରି ନାହିଁ। ନବନିର୍ବାଚିତ କ୍ରୀଡ଼ା ପରିଷଦ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ସସ୍‌ପେଣ୍ଡ ହେବାପରେ ଏକ ଆଡହକ୍ ପ୍ୟାନେଲ ବର୍ତ୍ତମାନ କାମଚଳା ଡବ୍ଲ୍ୟୁଏଫ୍ଆଇ ପରିଚାଳନା ଦାୟିତ୍ୱରେ ରହିଛି। ଜଣେ ଏସିଆନ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦକ ବିଜୟୀ କୁସ୍ତିଯୋଦ୍ଧା କହିଛନ୍ତି, ଏହି ୩ଜଣ କୁସ୍ତିଯୋଦ୍ଧା ଭାରତୀୟ କୁସ୍ତିକୁ ନଷ୍ଟ କରିଦେଇଛନ୍ତି। ସେ ନିଜେ ଜଣେ ମହିଳା କୁସ୍ତିଯୋଦ୍ଧା, ବିଦାୟୀ ସଭାପତିଙ୍କ ଦ୍ୱାରା ସେ କେବେ ଯୌନ ଶୋଷଣର ଶିକାର ହୋଇ ନାହାନ୍ତି। ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ପରେ ଏହି ବିବାଦର ପରିସମାପ୍ତି ଘଟିବ ବୋଲି ସେ ମନେ କରିଥିଲେ। କିନ୍ତୁ ଏହି ୩ଜଣ ଭାରତରେ କୁସ୍ତିର କ୍ଷତି ଘଟାଇବା ଲାଗି ଚେଷ୍ଟା ଚଳାଇଛନ୍ତି। ଜଣେ ମହିଳା କୁସ୍ତିଯୋଦ୍ଧା ଭାବେ ସେ ବ୍ୟକ୍ତିଗତ ବହୁ ମହିଳା କୁସ୍ତିଯୋଦ୍ଧାଙ୍କ ସହ ଯୋଗାଯୋଗ କରିଛନ୍ତି କିନ୍ତୁ ସେମାନଙ୍କଠାରୁ ସେ କୌଣସି ଅଭିଯୋଗ ଶୁଣିବାକୁ ପାଇନାହାନ୍ତି। ତେଣୁ ୟୁଡବ୍ଲ୍ୟୁଡବ୍ଲ୍ୟୁ ତୁରନ୍ତ ଏହି ବ୍ୟାପାରରେ ହସ୍ତକ୍ଷେପ କରି ଭାରତରେ ଏକ ସ୍ଥାୟୀ ମହାସଂଘ ପ୍ରତିଷ୍ଠା କରିବା ଦିଗରେ ବିହିତ ପଦକ୍ଷେପ ନେଉ ବୋଲି ଅର୍ଜୁନ ପୁରସ୍କାର ବିଜେତା ଜଣକ ନିବେଦନ କରି କହିଛନ୍ତି। ଏଠାରେ ସୂଚାଇ ଦିଆଯାଇପାରେ କି ଠିକଣା ସମୟରେ ନିର୍ବାଚନ କରା ନଯିବାରୁ ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ଅଗଷ୍ଟ ୨୪ରେ ଡବ୍ଲ୍ୟୁଏଫ୍ଆଇକୁ ସସ୍‌ପେଣ୍ଡ କରିଥିଲା। ଫଳତଃ ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ କୁସ୍ତିଯୋଦ୍ଧାମାନଙ୍କୁ ନିରପେକ୍ଷ ଆଥଲେଟ ଭାବେ ଅଂଶଗ୍ରହଣ କରିବାକୁ ହୋଇଥିଲା। ମହାରାଷ୍ଟ୍ରର ଜଣେ ଜୁନିୟର କୁସ୍ତିଯୋଦ୍ଧା ୟୁଡବ୍ଲ୍ୟୁଡବ୍ଲ୍ୟୁ ସଭାପତି ନିନାଦ ଲାଲୋଭିଚ୍‌ଙ୍କ ନିକଟକୁ ପଠାଇଥିବା ତାଙ୍କର ଏକ ଚିଠିରେ ଜାତୀୟ ଜୁନିୟର ଚାମ୍ପିୟନଶିପ୍ ଆୟୋଜନ ହୋଇ ନ ପାରିବାରୁ ସେମାନଙ୍କ କ୍ୟାରିୟରରେ କିପରି ବାଧା ସୃଷ୍ଟି ହୋଇଛି ତାହା ବର୍ଣ୍ଣନା କରିଛନ୍ତି। କୌତୂହଳ କଥା ବ୍ରିଜ ଭୂଷଣଙ୍କ ବିରୋଧରେ ପ୍ରଥମେ ଯୌନଶୋଷଣ ଅଭିଯୋଗ ଆଣିଥିବା ଜଣେ ନାବାଳିକା ପରବର୍ତ୍ତିକାଳରେ ତାଙ୍କ ଅଭିଯୋଗ ପ୍ରତ୍ୟାହାର କରି ନେଇଥିଲେ। ସେ ୟୁଡବ୍ଲ୍ୟୁଡବ୍ଲ୍ୟୁ ନିକଟକୁ ଲେଖିଥିବା ତାଙ୍କ ଚିଠିରେ ସ୍ୱୀକାର କରିଥିଲେ ଯେ, ଡବ୍ଲ୍ୟୁଏଫ୍ଆଇର ପୂର୍ବତନ ମୁଖ୍ୟଙ୍କ ବିରୋଧରେ ତାଙ୍କ ପିତା ଆଣିଥିବା ଅଭିଯୋଗରେ କୌଣସି ସତ୍ୟତା ନାହିଁ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ